# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୭/୨୦୨୪ (୧୮ ପୃଷ୍ଠା) | Bhubaneswar, Friday, September 27/2024 | Page 18 | ₹ 7.00

୫୦ଶ ଭାଗ ୩୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 304 | ମୂଲ୍ୟ ₹୭/-



DSPL-119

ODISHA
NEW OPPORTUNITIES



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପ୍ରଗତିର ନୂତନ ସୂର୍ଯ୍ୟୋଦୟ
୨୦୩୬ ସୁଦ୍ଧା ହେବ ବିକଶିତ ଓଡ଼ିଶାର ଅଭ୍ୟୁଦୟ

# ଉତ୍କର୍ଷ ଓଡ଼ିଶା

## ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫
## ଲୋଗୋ ଉନ୍ମୋଚନ ସମାରୋହ

## ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା ଙ୍କ ଦ୍ୱାରା

୨୭ ସେପ୍ଟେମ୍ବର ୨୦୨୪ | ଭୁବନେଶ୍ୱର

## ଉତ୍କର୍ଷ ଓଡ଼ିଶା: ଶିଳ୍ପାୟନ ପାଇଁ ନୂତନ ସଂକଳ୍ପ

- ପୂର୍ବ ଭାରତରେ ଓଡ଼ିଶା ଶିଳ୍ପାୟନର କେନ୍ଦ୍ରବିନ୍ଦୁ ହେବ ଓ ପୁଞ୍ଜି ନିବେଶ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆକର୍ଷଣ କରାଯିବ।
- ନିବେଶକଙ୍କ ସହାୟତା ହେତୁ ସିଙ୍ଗଲ୍ ୱିଣ୍ଡୋ କ୍ଲିଅରାନ୍ସ, ପ୍ରକଳ୍ପ ସ୍ଥାପନା ଓ ପରବର୍ତ୍ତୀ ସ୍ଥାପନାର ସମ୍ପୂର୍ଣ୍ଣ ସହାୟତା କରାଯିବ।
- ଅତ୍ୟାଧୁନିକ ଶିଳ୍ପ ଭିତ୍ତିଭୂମି ସ୍ଥାପନା, ପରିବହନ ଓ ଦକ୍ଷତା ବିକାଶ କରାଯିବ।
- ସମୟ ଅନୁସାରେ ନିବେଶ ଆବେଦନ ପ୍ରସ୍ତାବ, ପରିବହନର ସଂଘଟନ ଓ ଅଭିଯୋଗ ଶୁଣାଣି କରାଯିବ।
- ଆମେ ଷ୍ଟାର୍ଟ-ଅପ୍ ଓ ଏମଏସ୍ଏମଇ ସଂସ୍ଥା ମାନଙ୍କର ଉନ୍ନତି ନିମନ୍ତେ ସରଳ ବୈଷୟିକ ପରିବେଶ ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।
- ଲିଙ୍ଗଗତ ସମାନତା ଓ ସାମାଜିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରାଯିବ।
- ଆମେ ଏକ ଟିମ୍ ଓଡିଶା ଭାବରେ କାମ କରିବୁ ଏବଂ ସମସ୍ତଙ୍କର ସହଯୋଗ ଓ ସମର୍ଥନ ଦ୍ୱାରା ନିବେଶକମାନଙ୍କ ନିମନ୍ତେ ଏକ ବାଣିଜ୍ୟିକ ପରିବେଶ ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।
- ଦ୍ରୁତ ଶିଳ୍ପାୟନ ଦ୍ୱାରା ବ୍ୟାପକ ନିଯୁକ୍ତି ସୃଷ୍ଟି କରାଯିବ।

**INVEST IN ODISHA, INVEST IN FUTURE**

OIPR-14005/13/0009/2425

Scarecrow M&CSaatchi/2024/September

Follow us on @investInOdisha /InvestOdisha

# ବୁଡ଼ ପକାଇ ବୁଡ଼ିଗଲେ ୪୬

**ଜୀବୀତ୍‌ପୁତ୍ରିକା ଉତ୍ସବ**
- ମୃତକଙ୍କ ମଧ୍ୟରେ ୩୭ ଶିଶୁ
- ୩ ଶ୍ରଦ୍ଧାଳୁ ନିଖୋଜ



ପାଟନା, ୨୬।୯

ବିହାରରେ ଜୀବୀତ୍‌ପୁତ୍ରିକା ଉତ୍ସବବେଳେ ବୁଧବାର ଅଘଟଣ ଘଟିଯାଇଛି। ରାଜ୍ୟର ୧୫ ଜିଲାର ବିଭିନ୍ନ ନଦୀ ଏବଂ ପୋଖରୀରେ ପବିତ୍ର ବୁଡ଼ ପକାଉଥିବା ସମୟରେ ବୁଡ଼ିଯାଇ ୩୭ ଶିଶୁଙ୍କ ସମେତ ସମୁଦାୟ ୪୬ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ୩ ଜଣ ଶ୍ରଦ୍ଧାଳୁ ନିଖୋଜ ରହିଥିବା ନେଇ ଗୁରୁବାର ବିହାର ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜୀବୀତ୍‌ପୁତ୍ରିକା ଉତ୍ସବର ପ୍ରଥା ଅନୁଯାୟୀ, ବୁଧବାର ଶ୍ରଦ୍ଧାଳୁମାନେ ନିକଟସ୍ଥ ନଦୀ ଏବଂ ପୋଖରୀରେ ପବିତ୍ର ବୁଡ଼ ପକାଇଥିଲେ। ଏହି ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଅଘଟଣ ଘଟିଥିବାନେଇ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ସୂଚନା ଦେଇଛି। ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୋକ ପ୍ରକଟ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ସହାୟତା ଦିଆଯିବ ବୋଲି ଘୋଷଣା କରିଛନ୍ତି। ପୂର୍ବ ଏବଂ ପଶ୍ଚିମ ଚମ୍ପାରଣ, ନାଳନ୍ଦା, ଔରଙ୍ଗାବାଦ, କେମୁର, ବକ୍ସାର, ସିୱାନ୍, ରୋହତାସ୍, ସାରନ୍, ପାଟନା, ବୈଶାଳୀ, ମୁଜାଫରପୁର, ସମସ୍ତୀପୁର, ଗୋପାଳଗଞ୍ଜ ଏବଂ ଅର୍‌ୱାଲ ଆଦି ଜିଲାର ବିଭିନ୍ନ ନଦୀ ଏବଂ ପୋଖରୀରେ ବୁଡ଼ ପକାଉଥିବାବେଳେ ଶିଶୁ ଏବଂ ମହିଳାମାନେ ବୁଡ଼ିଯିବାର ମାମଲା ସାମ୍ନାକୁ ଆସିଛି। ସୂଚନାଯୋଗ୍ୟ, ଜୀବୀତ୍‌ପୁତ୍ରିକା ହେଉଛି ବିହାରର ଅନ୍ୟତମ ବଡ଼ ପର୍ବ। ମହିଳାମାନେ ପିଲାଙ୍କ ସୁଖ ସମୃଦ୍ଧି ପାଇଁ ବ୍ରତ ରଖିଥାନ୍ତି।

# ଘରୋଇ ହିଂସାର ଧର୍ମ ନାହିଁ

## ସୁରକ୍ଷା ଆଇନ ସବୁ ଧର୍ମର ମହିଳାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୬।୯

ଘରୋଇ ହିଂସାର କୌଣସି ଧର୍ମ ନାହିଁ। ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ୨୦୦୫ରେ ପ୍ରଣୀତ ଆଇନ ଏକ ସିଭିଲ୍ (ଦେୱାନି) କୋଡ୍, ଯାହାକି ଭାରତରେ ବସବାସ କରୁଥିବା ସବୁ ଧର୍ମର ମହିଳାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ବୋଲି ଗୁରୁବାର ସୁପ୍ରିମକୋର୍ଟ ରାୟ ଦେଇଛନ୍ତି।



ଭରଣପୋଷଣ ଓ କ୍ଷତିପୂରଣ ପ୍ରଦାନ ସମ୍ପର୍କିତ ଏକ ମାମଲାରେ କର୍ଣ୍ଣାଟକ ହାଇକୋର୍ଟ ଦେଇଥିବା ରାୟକୁ ଜଣେ ମହିଳା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ବି.ଭି. ନାଗରତ୍ନ ଏବଂ ଏନ୍. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣିକରି କହିଛନ୍ତି, ୨୦୦୫ର ଆଇନ ଧର୍ମ ଓ ସାମାଜିକ ପୃଷ୍ଠଭୂମି ନିର୍ବିଶେଷରେ ସମସ୍ତ ଭାରତୀୟ ମହିଳାଙ୍କ କ୍ଷେତ୍ରରେ ଲାଗୁହେବ। ଭାରତୀୟ ସମ୍ବିଧାନ ଦେଶର ସବୁ ମହିଳାଙ୍କୁ ସମାନ ସୁରକ୍ଷା ଅଧିକାର ଦେଇଛି। ତେଣୁ ପୀଡ଼ିତାମାନଙ୍କୁ ଘରୋଇ ସମ୍ପର୍କରୁ ଜାତ ହିଂସାରୁ ପ୍ରଭାବଶାଳୀ ଢଙ୍ଗରେ ସୁରକ୍ଷା ଦେବା ଏହି ସିଭିଲ୍ କୋଡ୍ ପ୍ରଣୟନର ଉଦ୍ଦେଶ୍ୟ।

ଏହା ପୂର୍ବରୁ ପୀଡ଼ିତା ମହିଳା ଜଣକ ପ୍ରୋଟେକ୍ସନ ଅଫ୍ ୱିମେନ୍ ଫ୍ରମ୍ ଡୋମେଷ୍ଟିକ୍ ଭାଓଲେନ୍ସ ଆକ୍ଟ, ୨୦୦୫ର ଧାରା ୧୨ ଅଧୀନରେ ଏକ ପିଟିଶନ ଦାଖଲ କରିଥିଲେ। ୨୦୧୫ ଫେବୃଆରୀରେ ଜଣେ ମାଜିଷ୍ଟ୍ରେଟ୍ ଏହାର ବିଚାରକରି ଭରଣପୋଷଣ ବାବଦକୁ ମାସିକ ୧୨,୦୦୦ ଏବଂ କ୍ଷତିପୂରଣ ରାଶି ୧ ଲକ୍ଷ ଟଙ୍କା ଦେବା ପାଇଁ ତାଙ୍କ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମହିଳାଙ୍କ ସ୍ୱାମୀ ଏହି ରାୟ ବିରୋଧରେ ଉପର କୋର୍ଟରେ ଅପିଲ କରିଥିଲେ। କିନ୍ତୁ ସେ ପିଟିଶନ ଦାଖଲରେ ବିଳମ୍ବ କରିଥିବା ଦର୍ଶାଇ ଅପିଲେଟ କୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହା ପରେ ସେ ଉକ୍ତ ଆଇନର ଧାରା ୨୫ (ରାୟର ଅବଧି ଏବଂ ପରିବର୍ତ୍ତନ ସମ୍ପର୍କିତ) ବଳରେ ଆଉ ଏକ ପିଟିଶନ ଦାଖଲ କରିଥିଲେ। ତାହା ମଧ୍ୟ ଖାରଜ ହୋଇଯାଇଥିଲା। ଫଳରେ ସ୍ୱାମୀ ସେସନ୍ସ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେସନ୍ସ କୋର୍ଟ ଏହାକୁ ଗ୍ରହଣ କରି ଉଭୟ ପକ୍ଷଙ୍କୁ ନିଜ ନିଜ ସପକ୍ଷରେ ପ୍ରମାଣ ରଖିବାକୁ ସୁଯୋଗ ଦେଇଥିଲେ। ଏହାକୁ ନେଇ ମହିଳା ଜଣକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ହାଇକୋର୍ଟ ଗତବର୍ଷ ଏପ୍ରିଲରେ ଧାରା ୨୫ ଅଧୀନରେ ସ୍ୱାମୀଙ୍କ ଆବେଦନର ଶୁଣାଣି କରିବା ପାଇଁ ମାଜିଷ୍ଟ୍ରେଟ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ମହିଳା ସୁପ୍ରିମକୋର୍ଟରେ ଗୁହାରି କରିବା ପାଇଁ ବାଧ୍ୟ ହୋଇଥିଲେ।

ସୁପ୍ରିମକୋର୍ଟ ଖଣ୍ଡପୀଠ କହିଛନ୍ତି, ଜଣେ ବିଚାରପତି ଧାରା ୨୫ (୨) ଅନୁସାରେ ପୁରୁଷ ପକ୍ଷଙ୍କ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ନିଜ ନିଷ୍ପତ୍ତି ଅଧିକାରକୁ ପ୍ରୟୋଗ କରିପାରିବେ। କିନ୍ତୁ ସେଥିରେ ମହିଳା ପକ୍ଷଙ୍କ ସହମତି ରହିବା ଆବଶ୍ୟକ। ମୂଳ ରାୟ ଆଧାରରେ ସ୍ୱାମୀ ଦେଇଥିବା ଅର୍ଥ ରାଶି ପରବର୍ତ୍ତୀ ରାୟ ପରେ ଫେରସ୍ତଯୋଗ୍ୟ ନୁହେଁ। ତେଣୁ ଏହି କ୍ଷେତ୍ରରେ ହାଇକୋର୍ଟ ଏବଂ ଅପିଲେଟ କୋର୍ଟ ପୁରୁଷଙ୍କ ସପକ୍ଷରେ ନେଇଥିବା ନିଷ୍ପତ୍ତି ଭୁଲ୍ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି।

## ୨୧ ଛାତ୍ରୀଛାତ୍ରଙ୍କୁ ଯୌନ ନିର୍ଯାତନା: ୱାର୍ଡେନଙ୍କୁ ଫାଶୀଦଣ୍ଡ

ଇଟାନଗର, ୨୬।୯

୨୦୧୪ରୁ ୨୦୨୨ ମଧ୍ୟରେ ଅରୁଣାଚଳ ପ୍ରଦେଶ ସରକାରଙ୍କ ଦ୍ୱାରା ପରିଚାଳିତ ଏକ ଆବାସିକ ବିଦ୍ୟାଳୟର ହଷ୍ଟେଲରେ ୨୧ ଜଣ ଛାତ୍ରୀଛାତ୍ରଙ୍କୁ ଯୌନ ନିର୍ଯାତନା ଦେଇଥିବା ୟୁମକିନ ବାଗ୍‌ରା ନାମକ ଜଣେ ହଷ୍ଟେଲ ୱାର୍ଡେନଙ୍କୁ ଗୁରୁବାର ଇଟାନଗର ସ୍ଥିତ ଏକ ସ୍ୱତନ୍ତ୍ର କୋର୍ଟ ଫାଶୀଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି ଏହି ମାମଲାରେ ସମ୍ପୃକ୍ତି ଥିବାରୁ ସମ୍ପୃକ୍ତ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶିଙ୍ଗ୍‌ତୁଙ୍ଗ୍ ୟୋର୍‌ପେନ୍ ଓ ହିନ୍ଦୀ ଶିକ୍ଷକ ମାର୍ଗୋମ ଗୋମ୍‌ଦାରଙ୍କୁ ସ୍ୱତନ୍ତ୍ର ଜଜ୍ ଜାୟେପ୍ଲୁ ଚାଇ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ୟୁମକିନ୍ ୬ରୁ ୧୫ ବର୍ଷ ବୟସର ୧୫ ଛାତ୍ରୀ ଏବଂ ୬ ଛାତ୍ରଙ୍କୁ ଯୌନ ନିର୍ଯାତନା ଦେଇଥିଲେ।

## ମନ୍ଦିରରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଲେ ପୂଜକ

ଚେନ୍ନାଇ, ୨୬।୯

ତାମିଲନାଡୁର ଥେନି ଜିଲାର ଏକ ମନ୍ଦିର ମଧ୍ୟରେ ଜଣେ ପୂଜକ ଏକ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିବାର ମାମଲା ସାମ୍ନାକୁ ଆସିଛି। ଉକ୍ତ ମନ୍ଦିର ସମ୍ମୁଖରେ କେତେଜଣ ପିଲା ଖେଳୁଥିବାବେଳେ ଥିଲାଗର ନାମକ ପୂଜକ ସେଥିମଧ୍ୟରୁ ଜଣେ ନାବାଳିକାଙ୍କୁ ମିଠାର ପ୍ରଲୋଭନ ଦେଖାଇ ମନ୍ଦିର ମଧ୍ୟକୁ ନେଇଆସିଥିଲେ। ଏହାପରେ ସେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଘଟଣା ସମ୍ପର୍କରେ ନାବାଳିକା ଜଣଙ୍କ ମୁହଁ ଖୋଲିବା ପରେ ଗୁରୁବାର ତାଙ୍କ ପରିବାର, ସମ୍ପର୍କୀୟ, ଗ୍ରାମବାସୀମାନେ ମନ୍ଦିର ସମ୍ମୁଖକୁ ଆସି ଉକ୍ତ ପୂଜକଙ୍କୁ ଧମକାଇଥିଲେ। ମନ୍ଦିର ନିକଟରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲାଗରଙ୍କୁ ଗିରଫ କରିଛି। ନାବାଳିକାଙ୍କ ଅଭିଭାବକଙ୍କ ଅଭିଯୋଗ କ୍ରମେ ପୋଲିସ ପୋକ୍‌ସୋ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



# ଅଣୁ ଅସ୍ତ୍ର: ପୁଟିନ୍‌ଙ୍କ ଜୁଆଖେଳ

## ପାଶ୍ଚାତ୍ୟକୁ ଧମକ ପରେ ଇୟୁ କହିଲା ଦାୟିତ୍ୱହୀନ ନିଷ୍ପତ୍ତି

ମସ୍କୋ, ୨୬।୯

ୟୁକ୍ରେନ୍ ପକ୍ଷରୁ ରୁଷିଆ ଉପରେ ବଡ଼ ଏୟାରଷ୍ଟ୍ରାଇକ୍ ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଗୁରୁବାର ପାଶ୍ଚାତ୍ୟକୁ ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେଇଛନ୍ତି। ୟୁକ୍ରେନ୍‌କୁ ବ୍ରିଟେନ୍ ଯୋଗାଇ ଦେଇଥିବା କ୍ରୁଜ୍ ମିଶାଇଲକୁ ମଧ୍ୟ ଧ୍ୱଂସ କରିଦିଆଯିବ ବୋଲି ସେ କହିଛନ୍ତି। ମସ୍କୋର ଶୀର୍ଷ ସୁରକ୍ଷା ପରିଷଦରେ ଜରୁରୀ ବୈଠକ ଶେଷକରି ପୁଟିନ୍ ଏହି ଧମକପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ଅନ୍ୟପକ୍ଷେ ୟୁରୋପୀୟ ସଂଘ (ଇୟୁ) ଏହାକୁ ପୁଟିନ୍‌ଙ୍କ ଦାୟିତ୍ୱହୀନ ନିଷ୍ପତ୍ତି ଏବଂ ଜୁଆଖେଳ କହି ପ୍ରତ୍ୟାଖ୍ୟାନ କରିଛି।

ବ୍ରିଟେନ୍ ଓ ଆମେରିକା ସମେତ ପାଶ୍ଚାତ୍ୟ ଶକ୍ତିଗୁଡ଼ିକ ନିଜ କ୍ରୁଜ୍ ମିଶାଇଲଗୁଡ଼ିକୁ ରୁଷିଆ ବିରୋଧରେ ବ୍ୟବହାର ପାଇଁ ୟୁକ୍ରେନ୍‌କୁ ଅନୁମତି ଦେଇଥିବାରୁ ମସ୍କୋର ଚିନ୍ତା ବଢ଼ିବାରେ ଲାଗିଛି। ଏଥିପାଇଁ ରୁଷିଆ ପ୍ରତିକ୍ରିୟାଶୀଳ ହୋଇଉଠିଛି। ଗତ ସପ୍ତାହରେ ବ୍ରିଟେନ୍ 'ଷ୍ଟର୍ମଶାଡୋ' କ୍ରୁଜ୍ ମିଶାଇଲ ବ୍ୟବହାରକରି ରୁଷିଆକୁ ଉଡ଼ାଇବା ପାଇଁ ଅନୁମତି ଦେଇଥିଲା। ଏପରିକି ବ୍ରିଟେନ୍ ପ୍ରଧାନମନ୍ତ୍ରୀ





କିର୍ ଷ୍ଟର୍ମର ୱାଶିଂଟନ୍ ଗସ୍ତକରି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଏନେଇ ଆଲୋଚନା କରିଥିଲେ। ରୁଷିଆ ମାଟିରେ ୟୁକ୍ରେନ୍ ପକ୍ଷରୁ ଯୁଦ୍ଧାସ୍ତ୍ର ବ୍ୟବହାର ନେଇ ଦୁଇନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ରୁଷୀୟ ଗୋଇନ୍ଦା ପୂର୍ବରୁ ଏହାର ସୁରାକ୍ ପାଇ ମସ୍କୋକୁ ନିଜ ଆଣବିକ ସିଦ୍ଧାନ୍ତର ସମୀକ୍ଷା କରିବାକୁ ପରାମର୍ଶ ଦେଇଥିଲା। ଏଭଳି ସ୍ଥିତିରେ ରୁଷିଆ ଆଣବିକ ଅସ୍ତ୍ର ପ୍ରୟୋଗ କରିବା ନେଇ ବିଚାର କରୁଥିବାବେଳେ ଅନ୍ତର୍ଜାତୀୟ ସମୁଦାୟର ମୁଣ୍ଡବ୍ୟଥା ବଢ଼ିବାରେ ଲାଗିଛି। ଇୟୁ ବହିର୍ବ୍ୟାପାର ନୀତି ମୁଖପାତ୍ର ପିଟର ଷ୍ଟାନୋ କହିଛନ୍ତି, ପୁଟିନ୍ ନିଜ ଆଣବିକ ଅସ୍ତ୍ରକୁ ନେଇ ପ୍ରଥମ ଥର ଜୁଆ ଖେଳୁନାହାନ୍ତି। ଏହା ପୂର୍ବରୁ ମଧ୍ୟ ସେ ଅନେକ ଥର ଏପରି ଧମକ ଦେଇଛନ୍ତି। ସଦ୍ୟ ଚେତାବନୀକୁ ଆମେ ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରୁଛୁ।

### ରୁଷିଆ ପାଖରେ ୬,୩୭୨ ଆଣବିକ ଅସ୍ତ୍ର

ସେଣ୍ଟର ଫର୍ ଆର୍ମ୍ସ କଣ୍ଟ୍ରୋଲ ଆଣ୍ଡ୍ ନନ୍-ପ୍ରୋଲିଫେରେଶନ୍ ରିପୋର୍ଟ ଅନୁସାରେ ରୁଷିଆରେ ୬,୩୭୨ ଆଣବିକ ଅସ୍ତ୍ର ରହିଛି। ସେଥିରୁ ୧,୫୭୨ ଅସ୍ତ୍ରକୁ ରଣନୈତିକ ଭୂମିଭିତ୍ତିକ ବାଲିଷ୍ଟିକ୍ ମିଶାଇଲ ଓ ହେଭି ବମ୍ବରଗୁଡ଼ିକରେ ମୁତୟନ କରାଯାଇଛି। ରୁଷିଆ ୮୭୦ ଷ୍ଟ୍ରାଟେଜିକ୍ ୱାରହେଡ୍ସ ଏବଂ ୧,୮୭୦ ନନ୍-ଷ୍ଟ୍ରାଟେଜିକ୍ ୱାରହେଡ୍ସ ମହଜୁଦ ରଖିଛି।

### ଚାଇନାରେ ମସ୍କୋର ଗୁପ୍ତ ଯୁଦ୍ଧ ଡ୍ରୋନ୍ ଫ୍ୟାକ୍ଟ୍ରି

ୟୁକ୍ରେନ୍‌କୁ ଟାର୍ଗେଟ କରିବା ପାଇଁ ଦୂରଗାମୀ ଆକ୍ରମଣ କ୍ଷମତା ସମ୍ପନ୍ନ ଡ୍ରୋନ୍ ନିର୍ମାଣ ସକାଶେ ରୁଷିଆ ଚାଇନାରେ ନିଜର ଏକ ଗୁପ୍ତ ଅସ୍ତ୍ର ଫ୍ୟାକ୍ଟ୍ରି ପ୍ରତିଷ୍ଠା କରିଛି। ରୁଷିଆ ସରକାରଙ୍କ ଯୁଦ୍ଧ ନିର୍ମାଣ କମ୍ପାନୀ ଅଲ୍‌ମାଜ-ଆଣ୍ଟେର ସହଯୋଗୀ ସଂସ୍ଥା ଆଇଇଏମ୍‌ଜେଡ୍ ଚାଇନାରେ ସ୍ଥାନୀୟ ସ୍ପେଶାଲିଷ୍ଟମାନଙ୍କୁ ନେଇ ଗର୍ପିୟା-୩ (ଜି-୩) ନାମକ ଏକ ନୂତନ ମଡେଲର ଡ୍ରୋନ୍ ବିକଶିତ କରୁଛି। ୟୁରୋପୀୟ ଗୋଇନ୍ଦା ସଂସ୍ଥା ସୂତ୍ରରୁ ମିଳିଥିବା ଏହି ତଥ୍ୟ ସମ୍ବଳିତ ଦସ୍ତାବିଜକୁ ରଏଟର୍ସ ସମୀକ୍ଷା କରିଥିବା କହିଛି।

### ୟୁକ୍ରେନ୍‌କୁ ଆମେରିକାର ୮ ବିଲିୟନ୍ ସାମରିକ ସହାୟତା

ନ୍ୟୁୟର୍କ, ୨୬।୯

ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ୱାଶିଂଟନ୍ ଗସ୍ତବେଳେ ଗୁରୁବାର କିଭ୍‌କୁ ଆମେରିକା ପ୍ରତିପକ୍ଷ ଜୋ ବାଇଡେନ୍ ଆହୁରି ୮ ବିଲିୟନ୍ ଡଲାର ମୂଲ୍ୟର ସାମରିକ ସହାୟତା ଘୋଷଣା କରିଛନ୍ତି। ଆକ୍ରମଣକାରୀ ରୁଷିଆ ବିରୋଧୀ ଯୁଦ୍ଧରେ ବିଜୟ ହାସଲ ପାଇଁ ୧୩୦ କି.ମି. ଦୂର ପର୍ଯ୍ୟନ୍ତ ଭେଦ କରିପାରୁଥିବା ଜଏଣ୍ଟ ଷ୍ଟାଣ୍ଡଅଫ୍ ୱିପନ୍ ସମେତ ଏହି ସହାୟତା ୟୁକ୍ରେନ୍‌କୁ ବିଶେଷ ସହାୟକ ହେବ ବୋଲି ରାଷ୍ଟ୍ରପତି ବାଇଡେନ୍ କହିଛନ୍ତି। ୨୦୨୨ ଫେବୃଆରୀରେ ୟୁକ୍ରେନ୍‌କୁ ଆକ୍ରମଣ ଆରମ୍ଭ କରିଥିବା ରୁଷିଆ ଆମେରିକାର ସର୍ବୋଚ୍ଚ ଟାର୍ଗେଟରେ ରହିଛି। ତେଣୁ ଆସନ୍ତା ଜାନୁଆରୀରେ ହ୍ୱାଇଟ୍ ହାଉସ୍ ଛାଡ଼ିବା ପୂର୍ବରୁ ବାଇଡେନ୍ ଏହି ଅତିରିକ୍ତ ସହାୟତା ଘୋଷଣା କରିଛନ୍ତି।

## ପୁରସ୍କାର ନେବାକୁ ମନାକଲେ ଝୁମ୍ପା ଲାହିରୀ



ନ୍ୟୁୟର୍କ, ୨୬।୯

ପୁଲିଜର ପୁରସ୍କାର ବିଜେତା ଲେଖିକା ଝୁମ୍ପା ଲାହିରୀଙ୍କ ନାମ ନୋଗୁଚି ଆୱାର୍ଡ-୨୦୨୪ ପାଇଁ ଚୟନ କରାଯାଇଥିଲା। କିନ୍ତୁ ନ୍ୟୁୟର୍କ ସିଟିର ନୋଗୁଚି ମ୍ୟୁଜିୟମ୍‌ଠାରୁ ପାଇବାକୁ ଥିବା ଏହି ପୁରସ୍କାର ଗ୍ରହଣ କରିବାକୁ ସେ ମନା କରିଦେଇଛନ୍ତି। କାରଣ ପାଲେଷ୍ଟିନୀୟଙ୍କୁ ପ୍ରତୀକାତ୍ମକ ସମର୍ଥନ କରି ଉକ୍ତ ମ୍ୟୁଜିୟମ୍‌କୁ କେଫିୟେହ ହେଡ୍ ସ୍କାର୍ଫ ପିନ୍ଧି ଆସିଥିବା ୩ ଜଣ କର୍ମଚାରୀଙ୍କୁ ସଂଗ୍ରହାଳୟ କର୍ତ୍ତୃପକ୍ଷ ବାହାର କରିଦେଇଛନ୍ତି। ଏହାର ପ୍ରତିବାଦରେ ସେ ପୁରସ୍କାର ଗ୍ରହଣ ନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଝୁମ୍ପାଙ୍କ ବିଚାରଧାରା ଓ ନିଷ୍ପତ୍ତିକୁ ଆମେ ସମ୍ମାନ ଦେଉଛୁ ବୋଲି ମ୍ୟୁଜିୟମ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ପ୍ରକାଶ ଯେ, ୨୦୨୩ ଅକ୍ଟୋବର ୮ରେ ଇସ୍ରାଏଲୀ ସୈନ୍ୟ ଗାଜା ଉପରେ ଆକ୍ରମଣ କରିବା ପରଠୁ ଅନେକ ହଜାର ପାଲେଷ୍ଟିନୀୟ ନିହତ ହେଲେଣି।

# ସଞ୍ଜୟ ରାଉତ୍‌ଙ୍କୁ ୧୫ ଦିନ ଜେଲ

## ମାନହାନି ମାମଲାର ରାୟ ପରେ ଜାମିନ

ମୁମ୍ବାଇ, ୨୬।୯

ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି)ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ରାଉତ୍‌ଙ୍କୁ ଗୁରୁବାର ଏକ ମାନହାନି ମାମଲାରେ ୧୫ ଦିନ ଜେଲ ଦଣ୍ଡାଦେଶ ହୋଇଛି। ଭାଜପା ନେତା କିରିଟ ସୋମୈୟାଙ୍କ ସ୍ତ୍ରୀ ଡ. ମେଧା କିରିଟ ସୋମେୟାଙ୍କ ଆବେଦନର ଶୁଣାଣି କରି ମୁମ୍ବାଇସ୍ଥିତ ମଜଗାଓଁ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଏହି ରାୟ ଶୁଣାଇଛନ୍ତି। ଏଥିସହ ସଞ୍ଜୟଙ୍କୁ ୨୫,୦୦୦ ଟଙ୍କା ଜରିମାନା ମଧ୍ୟ କରିଥିବା ମେଧାଙ୍କ ଓକିଲ ବିବେକାନନ୍ଦ ଗୁପ୍ତା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ମିତ୍ର ଭୟନ୍ଦରରେ



ଟଏଲେଟ୍ ନିର୍ମାଣ ଓ ରକ୍ଷଣାବେକ୍ଷଣରେ ହୋଇଥିବା ଦୁର୍ନୀତି ମାମଲାରେ ମେଧା ଓ ତାଙ୍କ ସ୍ୱାମୀ କିରିଟ ସମ୍ପୃକ୍ତ ଥିବା ନେଇ ସଞ୍ଜୟ ଅଭିଯୋଗ ଆଣିଥିଲେ। ମେଧା ଏହାକୁ ଭିତ୍ତିହୀନ ଓ ତାଙ୍କ ଚରିତ୍ର ସଂହାର ପାଇଁ ଉଦ୍ଦିଷ୍ଟ ଦର୍ଶାଇ ଥାନା ଓ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଦୁର୍ଗାପୂଜା ଛୁଟି, ମୂର୍ତ୍ତି ବିସର୍ଜନକୁ ବିରୋଧ

ଢାକା, ୨୬।୯

ବାଂଲାଦେଶରେ ରହୁଥିବା ହିନ୍ଦୁ ସମୁଦାୟଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଦୁର୍ଗାପୂଜା ପାଖେଇ ଆସୁଥିବାବେଳେ ବାଂଲାଦେଶର କଠୋରପନ୍ଥୀ ଇସ୍‌ଲାମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଏହି ସାର୍ବଜନୀନ ଉତ୍ସବକୁ ବିଭିନ୍ନ ଉପାୟରେ ବିରୋଧ କରାଯାଉଛି। ସେହିପରି ଦୁର୍ଗାପୂଜା ଅବସରରେ ଦେଶବ୍ୟାପୀ ଛୁଟି ଘୋଷଣାକୁ ମଧ୍ୟ ଇସ୍‌ଲାମିକ ସଙ୍ଗଠନଗୁଡ଼ିକ ବିରୋଧ କରିଛନ୍ତି। ଗୁରୁବାର ଏହି ଦାବିକୁ ନେଇ 'ଇନ୍‌ସାଫ କିମ୍‌କାରୀ ଛାତ୍ର ଜନତା' ନାମକ ଏକ କଠୋରପନ୍ଥୀ ଇସ୍‌ଲାମିକ ସଙ୍ଗଠନ ଢାକାର ସେକ୍ଟର-୧୩ ଅଞ୍ଚଳରେ ଶୋଭାଯାତ୍ରା କରିବା ସହ ପ୍ରତିବାଦ ସଭାର ଆୟୋଜନ କରିଛି। ଢାକାର ଏକ ଖେଳ ପଡ଼ିଆରେ ଦୁର୍ଗାପୂଜା ପାଇଁ ହିନ୍ଦୁମାନଙ୍କ ପକ୍ଷରୁ ଚାଲିଥିବା ପେଣ୍ଡାଲ ପ୍ରସ୍ତୁତିକୁ ମଧ୍ୟ ଏହି ସଙ୍ଗଠନ ବିରୋଧ କରିଛି। 'ଇନ୍‌ସାଫ କିମ୍‌କାରୀ ଛାତ୍ର ଜନତା'ର ସଦସ୍ୟମାନେ ବିଭିନ୍ନ ପ୍ରକାର ବ୍ୟାନର ସହ ଗୁରୁବାର ପ୍ରତିବାଦ କରିଛନ୍ତି। ଉକ୍ତ ବ୍ୟାନରରେ ଲେଖାଯାଇଛି, ରାସ୍ତା ବନ୍ଦ କରି ଦୁର୍ଗାପୂଜା ପାଇଁ ଅନୁମତି ନ ଦିଆଯାଉ, ମୂର୍ତ୍ତି ବିସର୍ଜନକୁ ଅନୁମତି ଦିଆଯାଇ ଜଳ ପ୍ରଦୂଷଣକୁ ବଢ଼ା ନ ଯାଉ। ସେହିପରି ଦୁର୍ଗାପୂଜାର ଖର୍ଚ୍ଚ ପାଇଁ ସରକାରୀ ରିଲିଫ୍ ପାଣ୍ଠିର ବ୍ୟବହାରକୁ ରୋକାଯିବା ଆବଶ୍ୟକ ବୋଲି ଏହି ସଙ୍ଗଠନ କହିଛି। 'ଇନ୍‌ସାଫ କିମ୍‌କାରୀ ଛାତ୍ର ଜନତା' ପକ୍ଷରୁ କୁହାଯାଇଛି, ଦେଶରେ ହିନ୍ଦୁମାନଙ୍କର ଜନସଂଖ୍ୟା ୨%ରୁ ମଧ୍ୟ କମ୍। ତେଣୁ ଦୁର୍ଗାପୂଜାକୁ ଦେଶରେ ଛୁଟିଦିନ ଭାବରେ ଘୋଷଣା କରିବାର ଆବଶ୍ୟକତା ନାହିଁ ବୋଲି ଏହି ଇସଲାମିକ ସଙ୍ଗଠନ କହିଛି।

### ଢାକାରେ କଠୋରପନ୍ଥୀ ଇସ୍‌ଲାମିକ୍ ସଙ୍ଗଠନର ବିକ୍ଷୋଭ




**ଫୁରସତ**

# 'ଜିଗ୍‌ରା' ଟ୍ରେଲର ଆଉଟ୍



ଆଲିଆ ଭଟ୍ଟ

**ମୁମ୍ବାଇ:** ଦୃଢ଼ ଏବଂ ନିଖୁଣ ଅଭିନୟ ସହ ଅଭିନେତ୍ରୀ ଆଲିଆ ଭଟ୍ଟ ସର୍ବଦା ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ବଲିଉଡ୍‌ରେ ଅନେକ ହିଟ୍ ଫିଲ୍ମ ଦେଇଥିବା ଆଲିଆ ଖୁବ୍‌ଶୀଘ୍ର ତାଙ୍କର ଆଗାମୀ ଫିଲ୍ମ 'ଜିଗ୍‌ରା' ସହ ବଡ଼ ପରଦାରେ ଧମାଲ ମଚାଇବାକୁ ଯାଉଛନ୍ତି। ଗୁରୁବାର 'ଜିଗ୍‌ରା'ର ନିର୍ମାତାଙ୍କ ପକ୍ଷରୁ ଏହାର ଟ୍ରେଲର ଜାରି କରାଯାଇଛି। ଟ୍ରେଲରରେ ଆଲିଆଙ୍କୁ ଅତ୍ୟଧିକ ଆଗ୍ରେସିଭ ଓ ପ୍ରୋଟେକ୍ଟିଭ୍ ମୋଡ୍‌ରେ ଦେଖିବାକୁ ମିଳିଛି। ଟ୍ରେଲରରେ ଆଲିଆଙ୍କ ଚରିତ୍ର ସତ୍ୟା ନିଜ ଭାଇଙ୍କୁ ବଞ୍ଚାଇବା ପାଇଁ ଯେକୌଣସି ସ୍ତରକୁ ଯାଇପାରନ୍ତି ବୋଲି ଜଣାପଡ଼ିଛି। ଇନ୍‌ଷ୍ଟାଗ୍ରାମରେ ଆଲିଆ 'ଜିଗ୍‌ରା'ର ଟ୍ରେଲର ଶେୟାର କରିବାବେଳେ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ସବୁ ସେଟ୍ ହୋଇସାରିଛି। 'ଜିଗ୍‌ରା'ର ଥିଏଟ୍ରିକାଲ ଟ୍ରେଲର ରିଲିଜ୍ ହୋଇଛି। ଆପଣଙ୍କ ସହ ଅକ୍ଟୋବର ୧୧ରେ ଥିଏଟରରେ ଦେଖାହେବ। ଏହି ଟ୍ରେଲରରେ ଆଲିଆଙ୍କ ଆଙ୍ଗ୍ରି ୱିମେନ ଅନ୍ଦାଜ ଓ ଆକ୍ସନ ଅବତାରକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ଟ୍ରେଲର ପରେ ଏବେ ଆଲିଆଙ୍କ ପ୍ରଶଂସକମାନେ ଉତ୍କଣ୍ଠାର ସହ 'ଜିଗ୍‌ରା'ର ରିଲିଜକୁ ଅପେକ୍ଷା କରି ରହିଛନ୍ତି।

ଭାସନ ବାଲାଙ୍କ ନିର୍ଦ୍ଦେଶିତ ଏହି କ୍ରାଇମ ଥ୍ରୀଲର ମୁଭିରେ ଅଭିନେତା ବେଦାଙ୍ଗ ରାଇନା ଆଲିଆଙ୍କ ଭାଇ ଚରିତ୍ରରେ ଅଭିନୟ କରିଛନ୍ତି। ଆସନ୍ତା ଅକ୍ଟୋବର ୧୧ରେ 'ଜିଗ୍‌ରା' ମୁକ୍ତିଲାଭ କରିବ। ଫିଲ୍ମ ନିର୍ମାତା କରନ୍ ଜୋହରଙ୍କ ସହ ମିଶି ଆଲିଆ ଏହି ଫିଲ୍ମକୁ ପ୍ରସ୍ତୁତ କରିଛନ୍ତି। ଆଗାମୀ ଦିନରେ 'ଲଭ ଆଣ୍ଡ୍ ୱାର' ଫିଲ୍ମରେ ସ୍ୱାମୀ ରଣବୀର କପୁର ଓ ଅଭିନେତା ଭିକି କୌଶଲଙ୍କ ସହ ଆଲିଆଙ୍କୁ ଦେଖିବାକୁ ମିଳିବ।

# ବିଶ୍ୱର ପ୍ରଥମ ୩ଡି ପ୍ରିଣ୍ଟେଡ୍ ହୋଟେଲ

**ଡଲାସ:** ବିଶ୍ୱରେ ଏପରି ଅନେକ ୭ ତାରକା ଏବଂ ୫ ତାରକା ହୋଟେଲ ରହିଛି, ଯାହା ଏତେମାତ୍ରାରେ ବିଳାସପୂର୍ଣ୍ଣ ଯେ, ଲୋକମାନେ ଏହାକୁ ଛାଡ଼ିବାକୁ ମଧ୍ୟ ପସନ୍ଦ କରନ୍ତି ନାହିଁ। ତେବେ ସମ୍ପ୍ରତି ବିଶ୍ୱର ପ୍ରଥମ ୩ଡି ପ୍ରିଣ୍ଟେଡ ହୋଟେଲ ପ୍ରସ୍ତୁତ ହେଉଛି। ଆମେରିକାର ଟେକ୍ସାସସ୍ଥିତ ମାର୍ଫା ସହର ଉପକଣ୍ଠରେ ଏହି ହୋଟେଲର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି, ଯାହାର ନାମ ଏଲ୍ କୋସ୍‌ମିକୋ ରହିଛି। ସେହିପରି ଏହି ହୋଟେଲ ୪୦ ଏକର ଜମିରେ ବ୍ୟାପିଛି। ଏଥିରେ ୩ଡି ପ୍ରିଣ୍ଟେଡ୍ ଟେକ୍ନୋଲୋଜି ସହ ୪୩ ହୋଟେଲ ୟୁନିଟ୍ ଏବଂ ୧୮ଟି ଆବାସିକ ପ୍ଲଟ୍ ନିର୍ମାଣ କରାଯାଉଛି। ଏଲ୍ କୋସ୍‌ମିକୋର ମାଲିକ ଲିଜ୍ ଲେବର୍ଟ କହିଛନ୍ତି, ଏହି ହୋଟେଲ ହେଉଛି ବିଶ୍ୱର ଏକମାତ୍ର ୩ଡି ପ୍ରିଣ୍ଟେଡ୍ ହୋଟେଲ। ୩ଡି ପ୍ରିଣ୍ଟେଡ୍ କମ୍ପାନୀ ଆଇକନ୍ ଏବଂ ଆର୍କିଟେକ୍ କମ୍ପାନୀ ବିୟାର୍କେ ଇନ୍‌ଗେଲ୍ସ ଗ୍ରୁପ୍ ପକ୍ଷରୁ ମିଳିତ ଭାବେ ଏହି ହୋଟେଲକୁ ପ୍ରସ୍ତୁତ କରାଯାଉଛି। ଏହି ହୋଟେଲ ତାଙ୍କ କଳ୍ପନାଠାରୁ ଆହୁରି ଅଧିକ ସୁନ୍ଦର ହେବ ବୋଲି ଲେବର୍ଟ କହିଛନ୍ତି। ଏଥିରେ ୪୬.୫ ଫୁଟ ଚଉଡ଼ା, ୧୫.୪ ଫୁଟ ଉଚ୍ଚତା ଏବଂ ୪.୭୫ ଟନ୍ ଓଜନ ବିଶିଷ୍ଟ ୩ଡି ପ୍ରିଣ୍ଟର୍ ସ୍ଥାପନ କରାଯାଉଛି। ସେହିପରି ନିର୍ମାଣ ହେବାପରେ ହୋଟେଲଟି ଦେଖିବାକୁ ସିଲିଣ୍ଡର ଆକୃତିର ରହିବ ବୋଲି ଲେବର୍ଟ କହିଛନ୍ତି। ବର୍ତ୍ତମାନ ସାମ୍ନାକୁ ଆସିଥିବା ହୋଟେଲ ନିର୍ମାଣର ଫଟୋଗୁଡ଼ିକରେ ଏହା ଖୁବ୍ ଚମତ୍କାର ଦେଖାଯାଉଥିବା ସେ କହିଛନ୍ତି। ୨୦୨୬ ସୁଦ୍ଧା ଏଲ୍ କସ୍‌ମିକୋ ହୋଟେଲ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯିବ। ହୋଟେଲରେ ରହିବା ପାଇଁ ଲୋକଙ୍କୁ ରାତ୍ରି ପିଛା ୨୦୦ରୁ ୪୫୦ ଡଲାର ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡିବ।



ଧରିତ୍ରୀ
DHARITRI



# ସରୋଗେସି ପାଇଁ ମିଳିବ ଛୁଟି

**ମହିଳା କର୍ମଚାରୀଙ୍କୁ ୧୮୦ ଦିନ, ପୁରୁଷଙ୍କୁ ୧୫ଦିନ**

**ରାଜ୍ୟ ସରକାରଙ୍କ ଘୋଷଣା**

ଭୁବନେଶ୍ୱର,୨୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଏଥର ସରୋଗେସି (ଭଡ଼ାରେ ଗର୍ଭଧାରଣ) କରୁଥିବା ମହିଳା କର୍ମଚାରୀଙ୍କୁ ମିଳିବ ଛୁଟି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ମହିଳା ସରକାରୀ କର୍ମଚାରୀଙ୍କୁ ୧୮୦ ଦିନର ମାତୃତ୍ୱ ଛୁଟି ଓ ପୁରୁଷ କର୍ମଚାରୀଙ୍କୁ ୧୫ଦିନର ପିତୃତ୍ୱ ଛୁଟି ପ୍ରଦାନ କରାଯିବ। ସରୋଗେସି ଦ୍ୱାରା ମାତୃତ୍ୱ ଓ ପିତୃତ୍ୱପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଛୁଟି ପ୍ରଦାନ ପ୍ରସ୍ତାବ ସରକାରଙ୍କ ଅଧୀନରେ ବିଚାରାଧୀନ ଥିଲା। ଗୁରୁବାରଠାରୁ ଏହାକୁ କାର୍ଯ୍ୟକାରୀ କରିବାକୁ ଅର୍ଥ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗକୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାର ନିଜ କର୍ମଚାରୀଙ୍କ ଲାଗି ଗତ ଜୁନ୍‌ରେ ଏହି ଛୁଟି ବ୍ୟବସ୍ଥା ଲାଗୁ କରିଛନ୍ତି। ତେବେ ରାଜ୍ୟରେ ଏବେ ଏହା କାର୍ଯ୍ୟକାରୀ ହୋଇଥିବାରୁ ସରୋଗେସି ☞ପୃଷ୍ଠା-୨




# ପାର୍ବଣରେ ମହଙ୍ଗା ମାଡ଼

**ପାର୍ବଣ ଋତୁରେ ଓଡ଼ିଶାବାସୀଙ୍କ ଉତ୍ସାହ ଫିକା ପଡ଼ିବାକୁ ବସିଲାଣି। କାରଣ ବିଭିନ୍ନ ସ୍ଥାନରେ ପିଆଜ କେ.ଜି. ପ୍ରାୟ ୭୦ ଟଙ୍କାରେ ବିକ୍ରି ହେଉଥିବାବେଳେ ମାସକ ମଧ୍ୟରେ ଖାଇବା ତେଲ ଦର ୨୭ ପ୍ରତିଶତ ଯାଏ ମହଙ୍ଗା ହୋଇଛି। କେବଳ ପିଆଜ କି ତେଲ ନୁହେଁ; ଡାଲି, ଆଳୁ ସମେତ ଅନ୍ୟ ଆବଶ୍ୟକ ସାମଗ୍ରୀର ଦରଦାମ ଲୋକଙ୍କୁ ବାଧୁଛି। କଳାବଜାରକାରୀଙ୍କ ଉପରେ କୌଣସି ସରକାରୀ ନିୟନ୍ତ୍ରଣ କାମ କରୁ ନ ଥିବାରୁ ବର୍ତ୍ତମାନ ଖାଉଟିମାନେ ମହଙ୍ଗା ମାଡ଼ରେ ଖର୍ଚ୍ଚ କାଟ କରିବାରେ ଲାଗିଛନ୍ତି।**

## ୭୦ ଛୁଇଁଲାଣି ପିଆଜ

ଭୁବନେଶ୍ୱର, ୨୬।୯ (ଅନିଲ ଦାସ)



ଗତ କିଛିଦିନ ହେବ ଖାଉଟିଙ୍କୁ କଲବଲ କରୁଛି ପିଆଜ। ଖୁଚୁରା ବଜାରରେ ଦର ଆକାଶଛୁଆଁ ହୋଇଛି। ବିକ୍ରି ଉପରେ ଲଗାମ ନ ଥିବାରୁ ଖୁଚୁରା ବ୍ୟବସାୟୀମାନେ ମନଇଚ୍ଛା ଦର କଷିବାରେ ଲାଗିଛନ୍ତି। କେଉଁଠି ପିଆଜ କିଲୋ ୬୦ ତ ପୁଣି କେଉଁଠି ୭୦ ଛୁଇଁଲାଣି। ଶ୍ରମିକ ଶ୍ରେଣୀ, ଦିନମଜୁରିଆ, ନିମ୍ନ ମଧ୍ୟବିତ୍ତ ବର୍ଗର ଲୋକମାନେ ଦରବୃଦ୍ଧିକୁ ନେଇ ପେଷି ହୋଇଗଲେଣି। ପିଆଜ ଏକ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ। ପଖାଳ ସହିତ ପିଆଜ ଟିକେ ☞ପୃଷ୍ଠା-୨

## ଖାଇବା ତେଲ ଦର ୨୭% ଯାଏ ବୃଦ୍ଧି

ଭୁବନେଶ୍ୱର,୨୬।୯ (ଅନୁରାଧା ମହାରଣା)



ପାର୍ବଣ ଋତୁ ଆରମ୍ଭରୁ ଖାଇବା ତେଲର ଲଗାତାର ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇଦେଇଛି। ସରକାରୀ ତଥ୍ୟ ଅନୁଯାୟୀ, ଗତ ଏକମାସ ମଧ୍ୟରେ ସୋରିଷ ତେଲର ମୂଲ୍ୟ ୯.୧୦ ପ୍ରତିଶତ ଏବଂ ପାମୋଲିନ୍ ତେଲର ମୂଲ୍ୟ ୧୪.୧୬ ପ୍ରତିଶତ ବୃଦ୍ଧି ପାଇଛି। ହେଲେ ଖୁଚୁରା ବଜାର ଓ ଅନ୍‌ଲାଇନ୍ ଗ୍ରୋସେରି କମ୍ପାନୀଗୁଡିକର ☞ପୃଷ୍ଠା-୨




## ସିବିଆଇକୁ କବାଟ କିଳିଦେଲା କର୍ଣ୍ଣାଟକ

**ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବିନାହିଁ: ସିଦ୍ଧାରାମାୟା**


ସିଦ୍ଧାରାମାୟା

ବେଙ୍ଗାଲୁରୁ,୨୬।୯

ମହୀଶୂର ଅର୍ବାନ୍ ଡେଭେଲପ୍‌ମେଣ୍ଟ ଅଥରିଟି (ମୁଡା) ଜମି ଆବଣ୍ଟନ ବିବାଦ ମୁଣ୍ଡ ଟେକିଥିବାବେଳେ ଗୁରୁବାର କର୍ଣ୍ଣାଟକର କଂଗ୍ରେସ ସରକାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ଠାରୁ ଜେନେରାଲ କନ୍‌ସେଣ୍ଟ ବା ସାଧାରଣ ସହମତି ପ୍ରତ୍ୟାହାର କରିଛନ୍ତି। ସିବିଆଇ ଉପରେ ଏହି ପ୍ରବେଶ କଟକଣା ଜାରି ହେବା ପରେ ଏଣିକି ତଦନ୍ତକାରୀ ସଂସ୍ଥାକୁ କର୍ଣ୍ଣାଟକ ଯିବାକୁ ହେଲେ ପ୍ରତି ମାମଲା ଲାଗି ସିଦ୍ଧାରାମାୟା ସରକାରଙ୍କ ଅନୁମତି ନେବାକୁ ପଡ଼ିବ।

ବିରୋଧୀ ଭାଜପା ମୁଡା ଜମି ଆବଣ୍ଟନ ମାମଲାର ସିବିଆଇ ତଦନ୍ତ ଦାବି କରିଥିବାବେଳେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ଅଧ୍ୟକ୍ଷତାରେ ବେଙ୍ଗାଲୁରୁରେ ଏକ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ସିବିଆଇଠାରୁ ଜେନେରାଲ କନ୍‌ସେଣ୍ଟ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାର କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରି ବିରୋଧୀଙ୍କ ପଛରେ ଲଗାଉଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା ବୈଠକ ପରେ ରାଜ୍ୟର ଆଇନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏଚ୍.କେ. ପାଟିଲ ଗଣମାଧ୍ୟମକୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଜଳବାୟୁ ପଦକ୍ଷେପରେ ଜନ ଭାଗୀଦାରି**



**ଆଜିର ମନ୍ତବ୍ୟ**

"ଜମ୍ମୁର ପାର୍ବତ୍ୟାଞ୍ଚଳରେ ଆତଙ୍କବାଦର ଛାୟା ଆଚ୍ଛାଦିତ ହେବାକୁ ଦିଆଯିବ ନାହିଁ। ଏଥିପାଇଁ କେନ୍ଦ୍ର ସରକାର ଭିଲେଜ୍ ଡିଫେନ୍ସ ଗାର୍ଡ ନିଯୁକ୍ତି ସମେତ ଅନେକ ଦୃଢ଼ ପଦକ୍ଷେପ ନେଉଛନ୍ତି।

– ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ: ଧଉଳିରୁ କୋଣାର୍କ ପର୍ଯ୍ୟନ୍ତ ଏକ ଐତିହ୍ୟ ବାଇକ୍ ରାଲି, ସମୟ: ସକାଳ ୬ଟା ୩୦। ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି, ରାଉରକେଲା ପକ୍ଷରୁ ଫାକଲ୍ଟି ଡେଭେଲପମେଣ୍ଟ ପ୍ରୋଗ୍ରାମ, ସ୍ଥାନ: ଟେନିସ୍ ସେଣ୍ଟର ଅଡିଟୋରିୟମ୍, କଳିଙ୍ଗ ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ବାର୍ଷିକ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ପୋଷଣ ମାସ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା।
- ଏଫ୍‌ପିଏ ଇଣ୍ଡିଆ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡକ୍ରସ ଟ୍ରେନିଂ ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ ଭବନ, ସମୟ: ମଧ୍ୟାହ୍ନ ୧୨ଟା ୫।
- ବ୍ୟାଙ୍କିଙ୍ଗ୍ କନକ୍ଲେଭ, ସ୍ଥାନ: ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ସମୟ: ଅପରାହ୍ନ ୨ଟା ୩୦।
- ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ୪ର୍ଥ ସମାବର୍ତ୍ତନ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ଚନ୍ଦକା, ସମୟ: ଅପରାହ୍ନ ୪ଟା।
- ଚତୁର୍ଦ୍ଦଶ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଶା ରାଜ୍ୟ ପର୍ଯ୍ୟଟକ ଗାଇଡ୍ ଆସୋସିଏଶନ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଦିଗବାରେଣି ନିକଟସ୍ଥ ବେଳାଭୂମି, ପୁରୀ, ସମୟ: ସକାଳ ୬ଟା ୩୦।
- ଇଂଲିଶ ବିଭାଗ ପକ୍ଷରୁ ଜାତୀୟ ସମ୍ମିଳନୀ, ସ୍ଥାନ: ରୁଷା ସମ୍ମିଳନୀ କକ୍ଷ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ହରିହର ମିଶ୍ରଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ପ୍ରତିମା ମିଶ୍ରଙ୍କ ବାସଭବନ, ପୁରୁଣା ସଦର ଥାନା ଲେନ୍, ପୁରୀ, ସମୟ: ଅପରାହ୍ନ ୩ଟା ୩୦।

## ବାଲେଶ୍ୱର

- ଟଟୋ, ଅଟୋ ସଂଘର ସଭାପତି ଓ ସମ୍ପାଦକ ତରଫରୁ ପାସେଞ୍ଜର ସୁରକ୍ଷା ଓ ନିରାପତ୍ତା ନିମନ୍ତେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଧାରଣା, ସ୍ଥାନ: ଷ୍ଟେଶନ୍ ସମ୍ମୁଖ, ଜଳେଶ୍ୱର, ସମୟ: ସକାଳ ୭ଟା।
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସରକାରୀ ତଫସିଲଭୁକ୍ତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଉଚ୍ଚ ବିଦ୍ୟାଳୟ, ତେଲିପାଳ, ନୀଳଗିରି, ସମୟ: ସକାଳ ୯ଟା।
- କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତା, ସ୍ଥାନ: ଗରସଙ୍ଗ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ପକ୍ଷରୁ ସ୍ୱାଗତ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଭାଜପା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ ସମୟ: ସକାଳ ୮ଟା।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ରହଣିଆ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବୁଢ଼ା ଗଣେଶ ପୂଜା ମଣ୍ଡପ, ପୁରୁଣାବଜାର, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ନର୍ସିଂ କର୍ମଚାରୀଙ୍କ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦୁଝର, ସମୟ: ସକାଳ ୬ ଟା।
- ବ୍ଲକ୍ ତରଫରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ, ସ୍ଥାନ: ହଦଗଡ଼, ଗଡ଼ଚଣ୍ଡୀ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ଅନୁକୂଳ ଚନ୍ଦ୍ରଙ୍କ ମନ୍ଦିରରେ ସତ୍‌ସଙ୍ଗ ଏବଂ ଭଜନ ସମାରୋହ, ସ୍ଥାନ: ହାଟଡିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ସୀତାକୁଣ୍ଡ, ଶାମାଖୁଣ୍ଟା ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୀ ଦିବସ ପାଳନ, ସ୍ଥାନ: ଶ୍ରୀମା ମହିଳା ମହାବିଦ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଦିବ୍ୟାଙ୍ଗ ମହାସଂଘର ସାଧାରଣ ପରିଷଦ ବୈଠକ, ସ୍ଥାନ: ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ: ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ, ବାଙ୍ଗିରିପୋଷି, ସମୟ: ପୂର୍ବାହ୍ନ ୧୧ଟା।
- କୃଷି ଭିତ୍ତିକ ତାଲିମ କର୍ମଶାଳା, ସ୍ଥାନ: ଶହୀଦ ସ୍ମୃତି ଭବନ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାହାଣୀ କପ୍ ଫୁଟବଲ୍ ଟୁର୍ନାମେଣ୍ଟ ତୃତୀୟ ଦିବସର ପ୍ରଥମ ମ୍ୟାଚ ବୌଦ୍ଧ-ଭଦ୍ରକ ଦଳ ଏବଂ ୨ୟ ମ୍ୟାଚ ମୟୂରଭଞ୍ଜ-ଅନୁଗୁଳ ଦଳ, ସ୍ଥାନ:ଆଥ୍‌ଲେଟିକ ଆସୋସିଏସନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ବିଏମ୍‌ସି ପକ୍ଷରୁ ସ୍ୱଚ୍ଛତା ସାଂସ୍କୃତିକ ମହୋତ୍ସବ, ସ୍ଥାନ: ଗାନ୍ଧୀନଗର ଉପରସ୍ଥ ମାର୍ଗ, ସମୟ: ସକାଳ ୬ଟା।
- ବ୍ରହ୍ମପୁର ବରିଷ୍ଠ ନାଗରିକ ମଞ୍ଚର ଧାରଣା,ସ୍ଥାନ: ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ,ସମୟ: ପୂର୍ବାହ୍ନ ୧୧ଟା।
- ମୋହନ ନାୟକଙ୍କ ତିରୋଧାନ ଦିବସ,ସ୍ଥାନ: ଦିବ୍ୟଜୀବନ ସଂଘ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଚିକିଟି ନିର୍ବାଚନ ମଣ୍ଡଳୀ କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ପାତ୍ରପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ, ସ୍ଥାନ: ଭଞ୍ଜନଗର ଟାଉନ ହଲ, ସମୟ: ଅପରାହ୍ନ ୪ଟା।
- ସ୍ୱଚ୍ଛତା ଆଧାରିତ ନାଟକ ପରିବେଷଣ, ବଡ଼ାଖାନା, ସ୍ଥାନ: ଆସିକା ଏନ୍‌ଏସି କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

## କନ୍ଧମାଳ

- ବୟସ୍କଙ୍କୁ ବିସିଜି ଟୀକାକରଣର ଶୁଭାରମ୍ଭ, ସ୍ଥାନ: ଫୁଲବାଣୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ସାଇବାବାଙ୍କ ଶୋଭାଯାତ୍ରା, ସ୍ଥାନ:ବାଜିଚୌକସ୍ଥିତ ସୌଦାମିନୀ ସ୍କୁଲ ଠାରୁ ଶ୍ରୀରାମ ମଣ୍ଡପ, ସମୟ: ଅପରାହ୍ନ ୫ଟା୩୦।
- ନିପୁଣ ଓଡିଶା ମିଶନ ଅଭିଯାନ, ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର, ସମୟ:ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପ୍ରଶାସନର ସ୍ୱଚ୍ଛତା ପକ୍ଷ ଉପଲକ୍ଷେ ସମୂହ ସଫେଇ କାର୍ଯ୍ୟକ୍ରମ: ସ୍ଥାନ: ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ମଦନା ଜରା ନିବାସ, ନୈନ୍ଦିପୁର, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଷୋଡ଼ଶ ଦିବସୀୟ ପୂଜାର ୪ର୍ଥ ଦିବସ, ସ୍ଥାନ: କନକ ଦୁର୍ଗା ପୀଠ ନୟାଗଡ ପୁରୁଣା ସହର ରାଜବାଟୀ ପାଖ, ସମୟ: ସକାଳ ୭ଟା।
- ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ଶିବିର, ସ୍ଥାନ: ଖଣ୍ଡପଡ଼ା ଆର.ସି.ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା୩୦।
- କମ୍ପ୍ୟୁଟର ସେମିନାର, ସ୍ଥାନ: ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୧ଟା।
- ଗାନ୍ଧୀ ବିଚାର, ପ୍ରଚାର ଓ ପ୍ରସାର ଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆବଶ୍ୟକତା ଓ ସର୍ବୋପରି ପ୍ରାସଙ୍ଗିକତା ସମ୍ପର୍କରେ ବିଚାର ଆଲୋଚନା ବୈଠକ, ସ୍ଥାନ:ନୟାଗଡ଼ ଛାୟାପଥ ଲେନ୍, ସମୟ: ଅପରାହ୍ନ ୪ଟା୩୦।
- ଷୋଡ଼ଶ ଦିବସୀୟ ପୂଜାର ୪ର୍ଥ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ରାମଚରିତ ମାନସ ଜ୍ଞାନଯଜ୍ଞ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୭ରୁ ୮ଟା ୩୦।

## ନବରଙ୍ଗପୁର

- ସୋଲାର ବ୍ୟବହାର ନେଇ କୃଷି ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ବିନୋଦ ପାଲେସ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ଲିଭ୍ ଫର ଆଦର୍ଶ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଗୁଣ୍ଡିଚା କଲ୍ୟାଣ ମଣ୍ଡପ, ସେମିଳିଗୁଡା, ସମୟ: ସକାଳ ୯ ଟା ୩୦।
- ଜାତୀୟ ସ୍ୱାସ୍ଥ୍ୟ ମିଶନ, ୟୁନିସେଫ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ ଟା।
- ମାଳିସାହି କ୍ଲଷ୍ଟର ପକ୍ଷରୁ ସୁରଭି କାର୍ଯ୍ୟକ୍ରମ, ସ୍ଥାନ : ପୂଜାରୀପୁଟ ୟୁପି ସ୍କୁଲ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ପୂର୍ଣ୍ଣ ଆହାର ଉପରେ ସଚେତନତା କର୍ମଶାଳା, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ ସଭାଗୃହ, ସମୟ : ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ରଣେଶ୍ୱର ରାମଚଣ୍ଡୀ ପୀଠରେ ଷୋଡଶ ପୂଜା, ସ୍ଥାନ :ଦାନୀପାଲି ସ୍ଥିତ ମନ୍ଦିର, ସମୟ : ସକାଳ ୮ଟା।
- ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ ପ୍ରତିଯୋଗୀତା ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ଝସକେତନ ସାହୁ ସୁଇମିଂ ପୁଲ, ସମୟ : ପୂର୍ବାହ୍ନ ୧୦ଟା।
- ଓଡ଼ିଶା ମାଷ୍ଟର୍ସ ସୁଇମିଂ କ୍ଲବ ପକ୍ଷରୁ ୧୨ତମ ଖଟେଶ୍ୱର ପାଣ୍ଡେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗୀତା ପ୍ରସ୍ତୁତି ବୈଠକ, ସମୟ : ପୂର୍ବାହ୍ନ ୧୧ଟା ୩୦।
- ଜିଲାସ୍ତରୀୟ ସପ୍ତମ ପୋଷଣ ମେଳା, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା ୩୦।

## ସୁବର୍ଣ୍ଣପୁର

- ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ରାମପୁରସ୍ଥିତ ପୂଜାଡୁଙ୍ଗୁରି, ସମୟ: ସକାଳ ୯ଟା।
- ତରଭା ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ରାହାଗିରି ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି ଅଫିସ ସମ୍ମୁଖ, ସମୟ: ସକାଳ ୯ଟା।
- ତରଭା ବ୍ଲକ ବୁଡାଖାଇ ଡଙ୍ଗର ଲୋକ ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବୁଡାଖାଇ ଡଙ୍ଗର ପାଦଦେଶ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାରେ ସମ୍ପାଦିତ କାର୍ଯ୍ୟ ଗୁଡିକର ସାମାଜିକ ସମୀକ୍ଷା, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଜିଲା ଯୋଜନା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ:ସନ୍ଧ୍ୟା ୭ଟା।
- ଭାଗତ ପଠନ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ବ୍ଲକସ୍ତରୀୟ ଜନଶୁଣାଣି, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିପୁଣ ଓଡ଼ିଶା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଶୁଭାରମ୍ଭ, ସ୍ଥାନ: ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଶ୍ରୀଗୌରୀଶଙ୍କର ମନ୍ଦିର ମଣ୍ଡପ, ରାଣୀବନ୍ଧପଡା, ବରଗଡ଼, ସମୟ: ଅପରାହ୍ନ ୩ଟା।
- ନୂଆଁଖାଇ ଭେଟ୍‌ଘାଟ୍ ସମ୍ବର୍ଦ୍ଧନା ସଭା, ସ୍ଥାନ: ସୌଖିନ କଳାକାର ସଂଘ, ବରଗଡ଼, ସମୟ: ଅପରାହ୍ନ ୪ଟା ୪୫।
- କିଶନ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।

## ସୁନ୍ଦରଗଡ଼

- ଆନ୍ତଃଜିଲା ସାହାଣୀ କପ ଫୁଟବଲ ଚାମ୍ପିୟନଶିପର ତୃତୀୟ ଦିବସର ପ୍ରଥମ ମ୍ୟାଚ ଗଜପତି ଓ ନୟାଗଡ଼ ମଧ୍ୟରେ, ସ୍ଥାନ: ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ଷ୍ଟାଡିୟମ: ସମୟ: ଅପରାହ୍ନ ୧ଟା ୪୫।
- ଆନ୍ତଃଜିଲା ସାହାଣୀ କପ ଫୁଟବଲ ଚାମ୍ପିୟନଶିପର ତୃତୀୟ ଦିବସର ଦ୍ୱିତୀୟ ମ୍ୟାଚ ସୁନ୍ଦରଗଡ଼ ଓ ନବରଙ୍ଗପୁର ମଧ୍ୟରେ, ସ୍ଥାନ: ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ଷ୍ଟାଡିୟମ: ସମୟ: ଅପରାହ୍ନ ୩ଟା ୩୦।

## ରାଉରକେଲା

- ଗୋପବନ୍ଧୁ ଜୟନ୍ତୀ ପାଳନ, ସ୍ଥାନ: ଆଦର୍ଶ ପାଠାଗାର, ସମୟ: ସନ୍ଧ୍ୟା ୬ଟା।
- ଗାନ୍ଧୀ ଜୟନ୍ତୀ ନେଇ ପ୍ରତିଯୋଗିତା, ସ୍ଥାନ: ଝିରପାଣି ଓ ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- ଗାନ୍ଧୀ ଜୟନ୍ତୀ ପାଳନ, ସ୍ଥାନ: ବେଦବ୍ୟାସ ସଂସ୍କୃତ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜଗତ ଜ୍ୟୋତି ୟୁଥ କ୍ଲବ ପକ୍ଷରୁ ୩ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ପୁରୁକୁଣ୍ଡା ଖେଳପଡ଼ିଆ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ବିଆରଜି ସଦସ୍ୟଙ୍କ ପାଇଁ ଅଭିମୁଖିକରଣ ଉଚ୍ଚ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ନିମନ୍ତେ ମୋଡ୍ୟୁଲ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ତିଲେଇବଣି, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଗ୍ରାମ୍ୟ ଜଳ ଓ ସ୍ୱଚ୍ଛତା ସମିତି ସଦସ୍ୟଙ୍କ ନିମନ୍ତେ ଏକ ଦିବସୀୟ ଅଭିମୁଖୀକରଣ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ ବାରକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ୩ ଦିନିଆ ଅଭିମୁଖିକରଣ କାର୍ଯ୍ୟକ୍ରମ ଉଚ୍ଚ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ନିମନ୍ତେ ମୋଡ୍ୟୁଲ ତାଲିମ ଶିବିର, ସ୍ଥାନ: ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀଙ୍କ ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭା ଗୃହ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଯାଦବ ସମାଜର ସାଧାରଣ ସଭା, ସ୍ଥାନ: କୋମନା ବ୍ଲକ ତରବୋଡ ପଞ୍ଚାୟତର ବଞ୍ଜାରୀ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ପ୍ରଥମ ପୃଷ୍ଠାରୁ...**

## ସରୋଗେସି ପାଇଁ...

ପାଇଁ ଚାହୁଁଥିବା କର୍ମଚାରୀଙ୍କ ପାଇଁ ବଡ଼ ଖୁସି ଆଣି ଦେଇଛି। ରାଜ୍ୟପାଳଙ୍କ ଆଦେଶକ୍ରମେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପତ୍ର ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ତେବେ ଏଥିପାଇଁ କେଉଁମାନେ ଯୋଗ୍ୟ ହେବେ ସେସମ୍ପର୍କରେ ମଧ୍ୟ ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ଦୁଇରୁ କମ୍ ଜୀବିତ ସନ୍ତାନ ଥିବା ରାଜ୍ୟ ସରକାରୀ ମହିଳା କର୍ମଚାରୀ ସରୋଗେଟ୍ ମାତୃତ୍ୱ ଲାଭ କଲେ ହିଁ ସେମାନେ ୧୮୦ ଦିନର ମାତୃତ୍ୱ ଛୁଟି ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଏଥିସହ ଜଣେ ରାଜ୍ୟ ସରକାରୀ ପୁରୁଷ କର୍ମଚାରୀ, ଯିଏ ଦୁଇରୁ କମ୍ ଜୀବିତ ସନ୍ତାନ ଥାଇ ଅଧିଷ୍ଠାତା ପିତା ବା କମିଶନିଂ ଫାଦର ହୁଅନ୍ତି, ସେ ସନ୍ତାନ ଜନ୍ମ ତାରିଖରୁ ୬ ମାସ ମଧ୍ୟରେ ୧୫ ଦିନର ପିତୃତ୍ୱ ଛୁଟି ଲାଭ କରିବାକୁ ଯୋଗ୍ୟ ବିବେଚିତ ହେବେ। ତେବେ ଏହି ଛୁଟି ଲାଭ କରିବାକୁ ସରୋଗେସି କ୍ଷେତ୍ରରେ ରହିଥିବା ରାଜିନାମା ସହିତ ପଞ୍ଜୀକୃତ ଡାକ୍ତର, ଡାକ୍ତରଖାନାରୁ ପ୍ରାପ୍ତ ଚିକିତ୍ସା ସମ୍ବନ୍ଧିତ ଦସ୍ତାବିଜ ଦେବାକୁ ପଡ଼ିବ।

## ୭୦ ଛୁଇଁଲାଣି...

ହେଲେ କାମ ଚଳିଯାଏ। ହେଲେ ଏବେ ପଖାଳ କଂସାରୁ ପିଆଜ ଉଭାନ ହେଲାଣି। ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱର ଓ କଟକରେ ପିଆଜ କିଲୋ ୬୦ରୁ ୭୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ନୟାଗଡ ୭୦, ବ୍ରହ୍ମପୁର ୬୦, ଢେଙ୍କାନାଳ ୬୦, ମାଲକାନଗିରି ୬୦, କୋରାପୁଟ ୭୦, ନବରଙ୍ଗପୁର ୬୦, ବଲାଙ୍ଗୀର ୬୦, ସମ୍ବଲପୁର ୬୦, ରାଉରକେଲା ୬୦, ବରଗଡ ୬୦, ବାଲେଶ୍ୱର ୬୦, ବାରିପଦା ୬୦, ଜଗତ୍‌ସିଂହପୁର ୬୦ ଏବଂ ରାୟଗଡାରେ ପିଆଜ କିଲୋ ୫୫ ଟଙ୍କା ଦରରେ ବିକ୍ରି ହେଉଛି। ପିଆଜ ମୂଲ୍ୟ ବୃଦ୍ଧି ଯୋଗୁ ହୋଟେଲ, ରେଷ୍ଟୁରାଣ୍ଟରେ ମଧ୍ୟ ଦର ବଢ଼ିଲାଣି। ପ୍ରତ୍ୟେକ ବର୍ଷ ଏଭଳି ସମସ୍ୟା ଦେଖାଦେଉଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇପାରୁ ନାହିଁ। ଆଇଗିଣିଆ ଆଳୁ ଗୋଦାମରେ ନାସିକରୁ ଆସୁଥିବା ପିଆଜ ଦର କିଲୋପିଛା ୫୦ ଟଙ୍କା ଥିବା ବେଳେ ଆନ୍ଧ୍ରରୁ ଆସୁଥିବା ନୂଆ ପିଆଜ କିଲୋ ୩୫ରୁ ୪୦ ଟଙ୍କା ଦରରେ ବିକ୍ରି ହେଉଛି। ହେଲେ ଖୁଚୁରା ବଜାରରେ କିଲୋପ୍ରତି ୧୦ରୁ ୨୦ ଟଙ୍କା ଯାଏ ଚଢ଼ା ଦରରେ ବିକ୍ରି ହେଉଛି। ଖୁଚୁରା ବଜାର ଉପରେ ଯୋଗାଣ ବିଭାଗର ନିୟନ୍ତ୍ରଣ ନାହିଁ। ନୂଆ ପିଆଜ ଆସିବାକୁ ଚାହିଁ ବସିଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବର୍ଷା ଯୋଗୁ ମହାରାଷ୍ଟ୍ରରେ ପିଆଜ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ନାଫେଡ୍ ଜରିଆରେ ଖାଉଟିଙ୍କୁ ୩୫ ଟଙ୍କା ଦରରେ ପିଆଜ ଯୋଗାଇ ଦିଆଯାଉଛି। ନୂଆ ପିଆଜ ଆସିବା ପରେ ଦର ହ୍ରାସ ପାଇବ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଆମ ରାଜ୍ୟରେ ପିଆଜ ଉତ୍ପାଦନ ନାହିଁ। ଯେଉଁ ରାଜ୍ୟ ଉପରେ ନିର୍ଭର କରୁଛୁ, ସେଠାରେ ବର୍ଷା ଯୋଗୁ ଉତ୍ପାଦନ କମିଛି। ଏହି ସମସ୍ୟା କେବଳ ଆମ ରାଜ୍ୟରେ ନାହିଁ, ଅନ୍ୟ ରାଜ୍ୟରେ ମଧ୍ୟ ଦେଖାଦେଇଛି। ନାଫେଡ୍ ଜରିଆରେ ଲୋକଙ୍କୁ ୩୫ ଟଙ୍କାରେ ପିଆଜ ଯୋଗାଇବା ବ୍ୟବସ୍ଥା ହେଉଛି। ଆଗାମୀ ଦିନରେ କିପରି ସମସ୍ୟାର ସମାଧାନ ହୋଇପାରିବ ସେ ନେଇ ଯୋଜନା କରାଯାଉଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସୂଚନା କହୁଛି, ରାଜ୍ୟରେ ପିଆଜ ଉତ୍ପାଦନ ବଢ଼ୁଛି। ହେଲେ ପ୍ରତ୍ୟେକ ବର୍ଷ ଦର ବୃଦ୍ଧିରେ ଘାଣ୍ଟି ହେଉଛନ୍ତି ଖାଉଟି। ବିଡ଼ମ୍ବନା ଯେ ରାଜ୍ୟରେ ଆବଶ୍ୟକତାଠାରୁ ଅଧିକ ପରିମାଣର ପିଆଜ ଉତ୍ପାଦନ ହେଉଥିଲେ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ରାଜ୍ୟ ନିଅଣ୍ଟିଆ କଷଣରେ କଷି ହେଉଛି। ଜାତୀୟ ନମୁନା ସର୍ବେକ୍ଷଣ (ଏନ୍‌ଏସ୍‌ଏସ୍) ଏବଂ ୨୦୨୧ ପ୍ରସ୍ତାବିତ ଜନସଂଖ୍ୟା ଆଧାରରେ ଓଡ଼ିଶାରେ ବାର୍ଷିକ ପ୍ରାୟତଃ ୩.୫୫ ଲକ୍ଷ ମେଟ୍ରିକ୍ ଟନ୍ ପିଆଜ ଆବଶ୍ୟକ ରହିଛି। ତେବେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସୂଚନା ଅନୁଯାୟୀ ୨୦୨୨-୨୩ରେ ୩.୬୮ ଲକ୍ଷ ମେଟ୍ରିକ୍ ଟନ୍ ପିଆଜ ଉତ୍ପାଦନ ହୋଇଛି। କେବଳ ଗୋଟିଏ ବର୍ଷ ନୁହେଁ ରାଜ୍ୟରେ ଲଗାତର ଭାବେ ପିଆଜ ଉତ୍ପାଦନ ବଢ଼ି ଚାଲିଛି। ୨୦୧୬-୧୭ରେ ପିଆଜ ଉତ୍ପାଦନ ବାର୍ଷିକ ୩.୭୮ ଲକ୍ଷ ମେଟ୍ରିକ ଟନ(ଏମ୍‌ଟି) ହୋଇଥିବାବେଳେ ୨୦୧୭-୧୮ରେ ୩.୭୯ ଲକ୍ଷ ଏମ୍‌ଟି, ୨୦୧୮-୧୯ରେ ୩.୭୩ ଲକ୍ଷ ଏମ୍‌ଟି, ୨୦୧୯-୨୦ରେ ୩.୭୫ ଲକ୍ଷ ଏମ୍‌ଟି ଏବଂ ୨୦୨୧ରେ ୩.୫୦ ଲକ୍ଷ ମେଟ୍ରିକ ଟନ୍ ଉତ୍ପାଦନ ହୋଇଛି।

ଜାତୀୟ ସଂସ୍ଥା ସେଣ୍ଟର ଫର୍ କୋଲଡ୍ ଚେନ୍ ଡେଭଲପମେଣ୍ଟ (ଏନ୍‌ସିସିଡି) ଏବଂ ନାବାର୍ଡ ଦ୍ୱାରା ୨୦୧୫ରେ କରାଯାଇଥିବା ସର୍ଭେ ଅନୁଯାୟୀ ରାଜ୍ୟରେ ୩ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତାର ଶୀତଳ ଭଣ୍ଡାରର ଆବଶ୍ୟକତା ରହିଛି। ରାଜ୍ୟରେ ମାତ୍ର ୭ ହଜାର ୩୨୧ ପିଆଜ ସାଇତା ଗୃହ ରହିଛି। ଏଥିରେ କେବଳ ୧ ଲକ୍ଷ ୮୩ ହଜାର ୨୫ ମେଟ୍ରିକ୍ ଟନ୍ ପିଆଜ ରଖାଯାଇ ପାରିବ। ଆଳୁ ଓ ପିଆଜ ଚାଷକୁ ପ୍ରୋତ୍ସାହନ ଦେବାକୁ ଆଳୁ, ପିଆଜ, ପନିପରିବା ଓ ମସଲା ଜାତୀୟ ଉନ୍ନୟନ ଯୋଜନାରେ ରାଜ୍ୟ ସରକାର ହେକ୍ଟର ପିଛା ୫୮ ହଜାର ଓ ପନିପରିବା ଚାଷ ପାଇଁ ହେକ୍ଟର ପିଛା ୨୦ ହଜାର ଟଙ୍କା ସବ୍‌ସିଡ୍ ଦେବା ବ୍ୟବସ୍ଥା କରିଛନ୍ତି। ଏହା ସତ୍ତ୍ୱେ ରାଜ୍ୟର ଚାହିଦା ମେଣ୍ଟାଯାଇ ପାରୁ ନାହିଁ। ଖାଉଟି କାର୍ତ୍ତିକ ସାହୁ କହିଛନ୍ତି, ପିଆଜ ଏକ ଅତ୍ୟାବଶ୍ୟକ ସାମଗ୍ରୀ। ନ ହେଲେ ନ ଚଳେ। ବର୍ଷା ୩ ମାସ ଦର ବଢୁଛି। ସରକାର ଯଦି ପିଆଜ ସଂରକ୍ଷଣ ବ୍ୟବସ୍ଥା କରନ୍ତେ, ତେବେ ଗ୍ରାହକ ଉଚିତ ମୂଲ୍ୟରେ ପାଇପାରନ୍ତେ।

## ଖାଇବା ତେଲ ଦର...

ପୋର୍ଟାଲରେ ସୋରିଷ ତେଲର ମୂଲ୍ୟ ପ୍ରାୟ ୨୭% ବୃଦ୍ଧି ପାଇଛି। ମାସକ ତଳେ ଅନଲାଇନ୍ ଗ୍ରୋସେରି ପୋର୍ଟାଲରେ ଯେଉଁ ସୋରିଷ ତେଲ ଲିଟର ପିଛା ୧୩୯ ଟଙ୍କା ରହିଥିଲା, ତାହା ଏବେ ୧୭୬ ଟଙ୍କା ହୋଇଛି। ଅର୍ଥାତ୍ ମାସକ ମଧ୍ୟରେ ଖାଇବା ତେଲ ଦରରେ ୨୬.୬୧% ବୃଦ୍ଧି ପାଇଛି। କିନ୍ତୁ କେନ୍ଦ୍ର ସରକାରଙ୍କ ଉପଭୋକ୍ତା ବ୍ୟାପାର ବିଭାଗର ମୂଲ୍ୟ ମନିଟରିଂ ଡିଭିଜନର ତଥ୍ୟ ଅନୁଯାୟୀ, ଅଗଷ୍ଟ ୨୫ ପୂର୍ବରୁ ଲିଟର ପିଛା ୧୩୯.୧୯ ଟଙ୍କାରେ ଉପଲବ୍ଧ ସୋରିଷ ତେଲ ଦର ବୃଦ୍ଧି ପାଇ ବର୍ତ୍ତମାନ ୧୫୧.୮୫ ଟଙ୍କାରେ ପହଞ୍ଚିଛି। ଓଡ଼ିଶାର ଖୁଚୁରା ବଜାରରେ ବିଭିନ୍ନ ବ୍ରାଣ୍ଡର ଖାଇବା ତେଲର ଦର ଭିନ୍ନ ଭିନ୍ନ ରହୁଛି। ଦୋକାନୀମାନେ ମଧ୍ୟ ମନଇଚ୍ଛା ଦର ନେଉଛନ୍ତି। ସମାନ ବ୍ରାଣ୍ଡର ତେଲ ଦୋକାନ ଅନୁସାରେ ଅଲଗା ରହୁଥିବା ଦେଖାଦେଇଛି। ସ୍ଥାନୀୟ ୟୁନିଟ୍-୧ ହାଟ ବ୍ୟବସାୟୀ ଦିନେଶ କୁମାର ପାତ୍ରଙ୍କ ସୂଚନାନୁସାରେ, ଭୁବନେଶ୍ୱରରେ ପୂର୍ବରୁ ୧୧୦ରୁ ୧୧୨ ଟଙ୍କାରେ ବିକ୍ରି ହେଉଥିବା ସୂର୍ଯ୍ୟମୁଖୀ ତେଲର ହୋଲସେଲ୍ ଦାମ୍ ୧୨୭ ଟଙ୍କାରେ ପହଞ୍ଚିଛି। ଏହାର ଖୁଚୁରା ଦର ୧୩୦ରୁ ୧୩୨ ଟଙ୍କା ରହିଛି। ଲିଟର ପିଛା ପାମୋଲିନ୍ ତେଲ ୧୨୦ରୁ ୧୨୫ ଟଙ୍କା ଏବଂ ସୋରିଷ ତେଲ ୧୬୦ରୁ ୧୬୫ ଟଙ୍କାରେ ବିକ୍ରି ହେଉଛି। ଭୁବନେଶ୍ୱର ପ୍ରମୁଖ ହାଟଗୁଡ଼ିକର ତେଲ ଦରଠାରୁ ଅନ୍ୟ ସ୍ଥାନର ଖୁଚୁରା ଅଧିକ ପ୍ରାୟ ୧୦ ଟଙ୍କା ରହୁଛି।

ଦେଶର ଅନ୍ୟ ପ୍ରମୁଖ ସହରରେ ମଧ୍ୟ ତେଲ ଦର ବୃଦ୍ଧି ପାଇଛି। ନିର୍ଦ୍ଦିଷ୍ଟ ବ୍ରାଣ୍ଡର ସୋରିଷ ତେଲ ମୁମ୍ବାଇରେ ୧୮୩ ଟଙ୍କା, ଦିଲ୍ଲୀରେ ୧୬୫ ଟଙ୍କା, କୋଲକାତାରେ ୧୮୧ ଟଙ୍କା, ଚେନ୍ନାଇରେ ୧୬୭ ଟଙ୍କା ଏବଂ ରାଞ୍ଚିରେ ୧୬୩ ଟଙ୍କା ମୂଲ୍ୟ ରହିଛି। ସେହିପରି ସୂର୍ଯ୍ୟମୁଖୀ ତେଲ ଲିଟର ପ୍ରତି ୧୧୯.୩୮ରୁ ୧୨୯.୮୮ ଟଙ୍କା, ପାମୋଲିନ୍ ତେଲ ୯୮.୨୮ ଟଙ୍କାରୁ ୧୧୨.୨ ଟଙ୍କା ଏବଂ ସୋୟା ତେଲର ମୂଲ୍ୟ ମାସକରେ ୧୧୭.୪୫ରୁ ୧୨୭.୬୨ ଟଙ୍କାକୁ ବୃଦ୍ଧି ପାଇଛି।

### ଆମଦାନୀ ଶୁଳ୍କ ବୃଦ୍ଧି ମହଙ୍ଗା କଲା

ଖାଇବା ତେଲ ଦର ବୃଦ୍ଧି ନେଇ ଅର୍ଥନୀତି ବିଶେଷଜ୍ଞଙ୍କ ମତ ହେଲା, କେନ୍ଦ୍ର ସରକାର ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରିଥିବାରୁ ଏହା ମହଙ୍ଗା ହୋଇଛି। ଅଶୋଧିତ ସୋୟାବିନ ତେଲ, ଅଶୋଧିତ ପାମୋଲିନ୍ ତେଲ ଏବଂ ଅଶୋଧିତ ସୂର୍ଯ୍ୟମୁଖୀ ତେଲ ଉପରେ ଆମଦାନୀ ଶୁଳ୍କକୁ ଶୂନରୁ ୨୦ ପ୍ରତିଶତ ଏବଂ ଖାଇବା ତେଲ ଉପରେ ୧୨.୫ ପ୍ରତିଶତରୁ ୩୨.୫ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଫଳରେ ସମସ୍ତ ପ୍ରକାରର ଖାଇବା ତେଲ ଦର ବଢ଼ିଛି। ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ଖାଇବା ତେଲର ଆମଦାନୀ ଶୁଳ୍କ ବୃଦ୍ଧି କରିଥିବା ଦର୍ଶାଉଥିଲେ ମଧ୍ୟ ଏହାର ପ୍ରଭାବ ସାଧାରଣ ଖାଉଟିଙ୍କ ଉପରେ ପଡୁଛି।

## ସିବିଆଇକୁ କବାଟ...

ସୂଚନା ଦେଇଛନ୍ତି। ପାଟିଲ କହିଛନ୍ତି, କେନ୍ଦ୍ର ହେଉ କି ସିବିଆଇ ନିଜ କ୍ଷମତାର ବିବେକାନୁମୋଦିତ ଉପଯୋଗ କରୁନାହାନ୍ତି। ତେବେ ସିଦ୍ଧାରାମାୟାଙ୍କ ସ୍ତ୍ରୀଙ୍କ ନାମରେ ୧୪ଟି ସ୍ଥାନ ଆବଣ୍ଟନ ସମ୍ପର୍କିତ ଅଭିଯୋଗ ସହ ଏହି ନିଷ୍ପତ୍ତିର କୌଣସି ସମ୍ପର୍କ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶମେଣ୍ଟ ଆକ୍ଟ, ୧୯୪୬ର ଧାରା ୬ ଅନୁସାରେ ସିବିଆଇକୁ ତଦନ୍ତ ପାଇଁ କୌଣସି ରାଜ୍ୟକୁ ଯିବାକୁ ହେଲେ ଜେନେରାଲ କନ୍‌ସେଣ୍ଟ ନ ଥିଲେ ସମ୍ପୃକ୍ତ ରାଜ୍ୟର ସରକାରଙ୍କ ପୂର୍ବ ଅନୁମତି ନେବାକୁ ପଡ଼ିଥାଏ। ପଶ୍ଚିମବଙ୍ଗ, କେରଳ ଓ ତାମିଲନାଡୁ ଭଳି ଜେନେରାଲ କନ୍‌ସେଣ୍ଟ ପ୍ରତ୍ୟାହାରକାରୀ ଅଣଭାଜପା ଶାସିତ ରାଜ୍ୟଗୁଡ଼ିକର ତାଲିକାରେ କର୍ଣ୍ଣାଟକ ଏବେ ସାମିଲ ହୋଇଛି। ଏକ ସ୍ୱତନ୍ତ୍ର କୋର୍ଟ ସିଦ୍ଧାରାମାୟାଙ୍କ ବିରୋଧରେ ମୁଡା ମାମଲାର ତଦନ୍ତ ଲୋକାୟୁକ୍ତ ପୋଲିସକୁ ଦେବାର ଦିନକ ପରେ କର୍ଣ୍ଣାଟକ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ଭାଜପା ସିଦ୍ଧାରାମାୟାଙ୍କ ଇସ୍ତଫା ଦାବିରେ ବିକ୍ଷୋଭ ଜାରି ରଖିଥିବାବେଳେ ସେ ଏହାକୁ ଉଦ୍ଦେଶ୍ୟ ପ୍ରଣୋଦିତ କହି ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ମନା କରିଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଶନି ନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ ଅଚାନକ ଭାବରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିପାରେ। ଭଲ ସମ୍ପର୍କ ରହିଥିବା ବନ୍ଧୁମାନେ ଜମା ଆପଣଙ୍କ ପାଖ ମାଡ଼ିବେ ନାହିଁ। ଅବଶ୍ୟ ସ୍ୱାସ୍ଥ୍ୟରେ ଉନ୍ନତି ଘଟି ଦୁର୍ବଳତା କେତେକାଂଶରେ ଦୂର ହେବ। ପୁରୁଣା କଥାକୁ ନେଇ ସହକର୍ମୀଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ।

**ବୃଷ** – ଶନିଦୃଷ୍ଟି ପାରିବାରିକ କ୍ଷେତ୍ରର ପରିସ୍ଥିତିକୁ ସାମାନ୍ୟ ବିଗାଡିଲେ ମଧ୍ୟ ନିୟନ୍ତ୍ରିତ ରହିବ। ଆଜି ଅଫିସ କାର୍ଯ୍ୟରେ ଖୁବ୍ ବ୍ୟସ୍ତ ରହିବେ। ଗୃହସଜ୍ଜୀକରଣ, ଯାନବାହନ ମରାମତି ସହ ବ୍ୟବସାୟିକ କାମରେ ଆଂଶିକ ସଫଳତା ମିଳିବ। ଆଜି ଦିନଟିରେ ଶତ୍ରୁତା କରୁଥିବା ଲୋକମାନଙ୍କଠାରୁ ଯଥା ସମ୍ଭବ ଦୂରେଇ ରହିବା ଭଲ ।

**ମିଥୁନ** – ଧନାଧିପତିଙ୍କ ସହ ଲାଭାଧିପତିଙ୍କ ସମ୍ପର୍କ କାରଣରୁ ଆର୍ଥିକ ଦୁରବସ୍ଥା ଦୂରେଇଯିବ। ଈର୍ଷାନ୍ୱିତ ହୋଇ ଭଲ ସମ୍ପର୍କ ନ ଥବା ଲୋକ ଅସୁବିଧାରେ ପକାଇ ପାରନ୍ତି। ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖବର ଜଣେ ବନ୍ଧୁଙ୍କ ଜରିଆରେ ପାଇବେ। ଶିଳ୍ପ, ବ୍ୟବସାୟ ପାଇଁ ଦିନଟି ବହୁତ ଭଲ, ହେଲେ ବିଶେଷ ଶ୍ରମ ଓ ସମୟ ଦେବାକୁ ପଡ଼ିବ।

**କର୍କଟ** – ସ୍ୱଗୃହୀ ରାଶ୍ୟାଧିପ ଓ ଚତୁର୍ଥାଧିପତିଙ୍କ ପ୍ରଭାବରେ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ଆଜିର ଯାତ୍ରା, ଆଲୋଚନା, ବାଣିଜ୍ୟ ପ୍ରଭୃତି ଦିଗରୁ ଲାଭବାନ୍ ହେବେ। ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ସହ ଟକ୍କର ଦେଇ ଆଗକୁ ବଢ଼ିପାରନ୍ତି। କିଏ ଭଲ କହୁ କିମ୍ବା ନ କହୁ ଆପଣ ଯେମିତି ଚିନ୍ତା କରୁଛନ୍ତି, ଠିକ୍ ସେହିପରି ହିଁ କରିବା ଠିକ୍ ହେବ।

**ସିଂହ** – ରବିଙ୍କ ଦୁର୍ବଳତା ସାଙ୍ଗକୁ ପାପଗ୍ରହଙ୍କ ସମ୍ବନ୍ଧ ଯୋଗୁ ଶାରୀରିକ ସ୍ଥିତି କମଜୋର ରହିବ। କର୍ମକ୍ଷେତ୍ରର ସ୍ଥିତି ଭଲ ରହିଥିବାରୁ ପ୍ରତ୍ୟେକ କାମକୁ ଖୁସି ମନରେ କରିବେ। ପାରିବାରିକ ଜୀବନରେ ବୁଝାମଣା ନେଇ ଅଶାନ୍ତିକର ପରିସ୍ଥିତି ଦେଖାଦେବ। ବକେୟା ଟଙ୍କା, ଘର, ଗାଡ଼ି କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ପାଇଁ ମନ ବଳାଇପାରନ୍ତି।

**କନ୍ୟା** – ମୁଖଭାବରେ ବିଳାସକାରକ ଗ୍ରହ ଶୁକ୍ର ଥିବାରୁ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଦୃଢ ମନୋବଳ ହେତୁ କର୍ମକ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପରୋକ୍ଷ ଶତ୍ରୁତା କାରଣରୁ ନିଜ ଲୋକମାନେ ବିଶ୍ୱାସଘାତ କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ପ୍ରଶାସନ କ୍ଷେତ୍ରରେ ସାମାନ୍ୟ ସମସ୍ୟା ରହିବ।

**ତୁଳା** – ଶୁକ୍ରଙ୍କ ସୁପ୍ରଭାବରେ ନୂତନ ସମ୍ପର୍କ, ପତ୍ରପତ୍ରିକା ସମ୍ପାଦନା, ପ୍ରଶାସନିକ ଆଲୋଚନା କ୍ଷେତ୍ର ଉନ୍ନତ ରହିବ। ଆଜି ଯେଉଁ ଭଳି ଚିନ୍ତା କରୁଛନ୍ତି, ଠିକ୍ ସେହିପରି ହିଁ ହେବ। ଆର୍ଥିକ ସ୍ଥିତି ବେଶ୍ ମଜଭୁତ ରହିବ ମାତ୍ର ଖର୍ଚ୍ଚଭାର ବୃଦ୍ଧିଜନିତ ବ୍ୟସ୍ତତା ବୃଦ୍ଧିପାଇବ। ନୂତନ ଯାନବାହନ କିମ୍ବା ମୂଲ୍ୟବାନ୍ ଦ୍ରବ୍ୟଲାଭରୁ ଖୁସି ହେବେ।

**ବିଛା** – ଚଳିତ ସମୟରେ ଅଭିଳାଷ ପୂରଣ ହୋଇ ନ ପାରେ। ଚନ୍ଦ୍ରମଙ୍ଗଳ ଯୋଗ ପ୍ରଭାବରେ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ଊଣା ହେବ ନାହିଁ। ଏକାଦଶସ୍ଥ ଶୁକ୍ର ଓ ଚନ୍ଦ୍ରଙ୍କ ଶୁଭ ସଂସ୍ଥାନରୁ କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉନ୍ନତି କରିବେ। ପରିବାରରେ ମତପାର୍ଥକ୍ୟ କାରଣରୁ ବିଚଳିତ ରହିପାରନ୍ତି।

**ଧନୁ** – ଦୂରଯାତ୍ରା ସହ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭ କରିବେ। ଚନ୍ଦ୍ର ଓ ରାଶ୍ୟାଧିପତିଙ୍କ ସ୍ଥିତିଜନିତ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସିତ ହୋଇ ପାରିବେ ନାହିଁ। ନୂତନ ଯୋଜନାରମ୍ଭ, ବାକି ରହିଥିବା ଟଙ୍କା ପଇସା, କୌଣସି ଆଲୋଚନା ଏବଂ ଆନୁଷ୍ଠାନିକ କାମରେ ସଫଳତା ମିଳିବ। ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ।

**ମକର** – କର୍ମାଧିପତିଙ୍କ ଶୁଭତ୍ୱ କାରଣରୁ ଆଶଙ୍କା ଦୂରୀଭୂତ ହେବା ସାଙ୍ଗକୁ ବହୁ ଜନ ପ୍ରଶଂସିତ ହେବେ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ଲାଭ କରି ମନୋବଳ ବୃଦ୍ଧି ପାଇବ। ଦୀର୍ଘ ସମୟଧରି ବନ୍ଧୁଙ୍କୁ ପ୍ରତୀକ୍ଷା କରି ରହିବାଜନିତ ଯନ୍ତ୍ରଣା ଅନୁଭବ କରିପାରନ୍ତି।

**କୁମ୍ଭ** – ବିଭିନ୍ନ ସମସ୍ୟା ମଧ୍ୟରେ ଜୀବନଯାତ୍ରା ଅବ୍ୟାହତ ରଖିଲେ ସଫଳତାର ଆଶା କରାଯାଇପାରେ। ଶୁକ୍ର ଓ ଚନ୍ଦ୍ରଙ୍କ ପ୍ରଭାବରୁ ବାଣିଜ୍ୟ, ସାହିତ୍ୟ, କ୍ରୀଡ଼ା ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ଚୁକ୍ତିପତ୍ର, ପରିବହନ, ନିର୍ମାଣ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଆନୁଷ୍ଠାନିକ କାମ ସକାଶେ କଠିନ ପରିଶ୍ରମ କରିବାକୁ ପଡ଼ିପାରେ।

**ମୀନ** – ପାପଗ୍ରହ ପ୍ରଭାବରେ ନିଜଲୋକଙ୍କ ବିରୋଧ ସତ୍ତ୍ୱେ କେତେକ କାମ କରିବା ପାଇଁ ନିଷ୍ପତ୍ତି ନେବେ। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ପ୍ରକାଶ କରିବା ଠିକ୍ ହେବନାହିଁ। ବୃତ୍ତି, ବାଣିଜ୍ୟ, କଳା, ସାହିତ୍ୟ, ସାମ୍ବାଦିକତା ପ୍ରଭୃତି କ୍ଷେତ୍ରରେ ପୂର୍ବସ୍ଥିତି ଅକ୍ଷୁଣ୍ଣ ରହିବ। ସଫଳତାର ସହ କୌଣସି ନୂତନ କର୍ମାରମ୍ଭ କରି ଆନନ୍ଦ ଅନୁଭବ କରିପାରନ୍ତି।

ଆଜି ସେପ୍ଟେମ୍ବର ୨୭ ତାରିଖ, ବିଶ୍ୱ ପର୍ଯ୍ୟଟନ ଦିବସ, ଆଶ୍ୱିନ କୃଷ୍ଣପକ୍ଷ ଦଶମୀ ଯୁକ୍ତ ଏକାଦଶୀ ଶୁକ୍ରବାର, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଦଶମୀର ଏକୋଦ୍ଦିଷ୍ଟ ଓ ଏକାଦଶୀର ପାର୍ବଣଶ୍ରାଦ୍ଧ, ମହାଳୟା ବିଧିରେ କରାଯିବ। ସକାଳ ଘ.୦୫.୪୦ ଗତେ ଘ.୦୬.୨୭ ମଧ୍ୟେ, ଘ.୦୭.୧୫ ଗତେ ଘ.୦୮.୩୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୦୮ ଗତେ ଘ.୧୧.୩୭ ମଧ୍ୟେ ରାହୁକାଳ।




# ଖଣି, ଶିଳ୍ପାଞ୍ଚଳରେ ଅଣପୋଲିସ କାର୍ଯ୍ୟରେ ପୋଲିସ

## ଏସ୍‌ପି, ଡିସିପିଙ୍କୁ ଚିଠି ଲେଖିଲେ ଏଡିଜି

**ଭୁବନେଶ୍ୱର,୨୬।୯(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଭରତପୁର ଥାନାରେ ଆର୍ମି ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣା ପାଇଁ ସାରା ଦେଶରେ ଓଡ଼ିଶା ପୋଲିସର ଭାବମୂର୍ତ୍ତି ମଳିନ ପଡ଼ିଛି। ଏଥିସହ ବିଭିନ୍ନ ଥାନାରେ ପୋଲିସର ଦୁର୍ବ୍ୟବହାର ଅଭିଯୋଗ ଆସୁଥିବାରୁ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ଏଭଳି ସ୍ଥିତିରେ ସମସ୍ତ ଏସ୍‌ପି ଓ ଡିସିପିଙ୍କୁ ଅତିରିକ୍ତ ପୋଲିସ ଡିଜି (ଆଇନ ଓ ଶୃଙ୍ଖଳା) ପଠାଇଥିବା ଚିଠିକୁ ନେଇ ପୋଲିସର ଆଉ ଏକ ଗୁମର ପଦାକୁ ଆସିଛି। ରାଜ୍ୟର ଖଣି ଏବଂ ଶିଳ୍ପାଞ୍ଚଳଗୁଡ଼ିକରେ ପରିବହନ ଓ ଅନ୍ୟାନ୍ୟ ଅନଧିକୃତ କାର୍ଯ୍ୟରେ କେତେଜଣ ପୋଲିସ କର୍ମଚାରୀ ଜଡ଼ିତ ଥିବା ଜଣାପଡିବା ପରେ ପୋଲିସ ମୁଖ୍ୟାଳୟ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନିଆଯାଇଛି। ସମ୍ପୃକ୍ତ ପୋଲିସ କର୍ମଚାରୀ ନିଜ କର୍ତ୍ତବ୍ୟ ଛାଡ଼ି କ୍ଷମତାର ଦୁରୁପଯୋଗ କରୁଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ପ୍ରସଙ୍ଗରେ ସବୁ ରେଞ୍ଜ ଆଇଜି, ଡିଆଇଜି, ପୋଲିସ କମିଶନରଙ୍କୁ ଅବଗତ କରାଯାଇଛି। ଗତ ମଙ୍ଗଳବାର ଲେଖାଯାଇଥିବା ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଫିଲ୍ଡ ଡ୍ୟୁଟିରେ ରହୁଥିବା କେତେଜଣ ପୋଲିସ କର୍ମଚାରୀ ଅଣପୋଲିସ କାର୍ଯ୍ୟରେ ଜଡ଼ିତ ରହୁଥିବା ପୋଲିସ ମୁଖ୍ୟାଳୟ ନଜରକୁ ଆସିଛି। ବିଶେଷକରି ଖଣି ଏବଂ ଶିଳ୍ପାଞ୍ଚଳଗୁଡ଼ିକରେ ପରିବହନ ଓ ଅନ୍ୟାନ୍ୟ ଅନଧିକୃତ କାର୍ଯ୍ୟରେ ସେମାନଙ୍କର ସମ୍ପୃକ୍ତି ରହୁଛି। ପୋଲିସ ଡିଜି ଏହି ପ୍ରସଙ୍ଗରେ ଗଭୀର ଚିନ୍ତାପ୍ରକଟ କରିବା ସହ ଗୁରୁତ୍ୱାରୋପ କରିଛନ୍ତି। ଏପରି କାର୍ଯ୍ୟ ପୋଲିସର କର୍ତ୍ତବ୍ୟ ବାହାରେ ବୋଲି ଡିଜିପି କହିଛନ୍ତି। ଏହି ଘଟଣାରେ ପୋଲିସ କର୍ମଚାରୀଙ୍କ କୌଣସି ବି ସହଯୋଗ କିମ୍ବା ପକ୍ଷପାତକୁ ଗମ୍ଭୀରତାର ସହ ନିଆଯିବ। ସବୁ ଫିଲ୍ଡ ଡ୍ୟୁଟିରେ ରହୁଥିବା ପୋଲିସ ଅଫିସରମାନଙ୍କୁ ଏହି ନିର୍ଦ୍ଦେଶନାମା ସଂକ୍ରାନ୍ତରେ ଜାଣି ସଚେତନ ହେବା ସହ ଏହାକୁ ପାଳନ କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଖଣି ଓ ଶିଳ୍ପାଞ୍ଚଳଗୁଡ଼ିକରେ ପରିବହନ କାର୍ଯ୍ୟରେ ନିୟୋଜିତ ହେଉଥିବା ଟ୍ରକ ଆଦି ଗାଡ଼ିକୁ ପୋଲିସ ଅଧିକାରୀମାନେ ବେଆଇନ ଭାବେ ଅଟକାଇ ବିଭିନ୍ନ ଆଳରେ ଟଙ୍କା ନେଉଥିବା ପୂର୍ବରୁ ଅଭିଯୋଗ ରହିଛି। ଏପରିକି କେତେଜଣ ଖଣି ମାଫିଆଙ୍କ ସହ ପୋଲିସ କର୍ମଚାରୀମାନେ ସମ୍ପର୍କ ରଖି ବେଆଇନ କାର୍ଯ୍ୟରେ ସହଯୋଗ କରୁଥିବା ଅଭିଯୋଗ ହୋଇଆସୁଛି।

# ଇଞ୍ଜୁରି ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

**କଟକ,୨୬।୯ (କାର୍ତ୍ତିକ ସାହୁ)**

ହାଇକୋର୍ଟରେ ମେଜରଙ୍କ ବାନ୍ଧବୀଙ୍କ ନାମରେ ଭରତପୁର ଥାନାରେ ହୋଇଥିବା ମାମଲା ଖାରଜ କରିବା ନେଇ ଆଗତ ମାମଲାର ଶୁଣାଣି ଗୁରୁବାର ହୋଇଛି। ଯୁବତୀଙ୍କ ଏମ୍ସ ମେଡିକାଲ ଇଞ୍ଜୁରି ରିପୋର୍ଟ ଦାଖଲ କରିବା ନିମନ୍ତେ କ୍ରାଇମବ୍ରାଞ୍ଚକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୩ରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି। ସୂଚନାନୁସାରେ, ମେଜରଙ୍କ ବାନ୍ଧବୀଙ୍କ ନାମରେ ଭରତପୁର ଥାନାରେ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାକୁ ଖାରଜ କରିବା ନେଇ ମେଜରଙ୍କ ବାନ୍ଧବୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ

### ମେଜରଙ୍କ ବାନ୍ଧବୀଙ୍କ ନାମରେ ମାମଲା ଖାରଜ ଆବେଦନ

କିଛି ଦିନ ହେବ ମେଜର ଓ ତାଙ୍କ ବାନ୍ଧବୀଙ୍କ ପ୍ରତି ପୋଲିସ ନିର୍ଯାତନାକୁ ନେଇ ସାରା ରାଜ୍ୟରେ ହଟଚମଟ ଲାଗିରହିଛି। ଏପରିସ୍ଥଳେ ଭରତପୁର ଥାନା ଘଟଣାରେ ହାଇକୋର୍ଟ ନିଜ ଆଡୁ ରୁଜୁ କରିଥିବା ମାମଲାର ଶୁଣାଣି କରି ଗତ ୨୩ ତାରିଖରେ ମେଜର ଓ ତାଙ୍କ ବାନ୍ଧବୀଙ୍କ ନାମ ସାର୍ବଜନୀନ ନ କରିବାକୁ ଆଦେଶ ଦେଇଛନ୍ତି। ଏପରିକି ବୈଦ୍ୟୁତିକ, ଛାପା ଓ ସାମାଜିକ ଗଣମାଧ୍ୟମରେ ସେମାନଙ୍କ ନାମ ପ୍ରକାଶ ଉପରେ ହାଇକୋର୍ଟ ରୋକ ଲଗାଇଛନ୍ତି।

# ମଙ୍କିପକ୍ସ ନେଇ ସବୁ ରାଜ୍ୟର ମୁଖ୍ୟ ସଚିବଙ୍କୁ ଚିଠି ଲେଖିଲେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ

**ଭୁବନେଶ୍ୱର, ୨୬।୯ (ବନ୍ଦନା ସେଠୀ)**

ଓଡ଼ିଶାରେ ଭୂତାଣୁ ସଂକ୍ରମଣଜନିତ ମଙ୍କିପକ୍ସ ରୋଗରେ ଏବେ ସୁଦ୍ଧା ଜଣେ ହେଲେ ବି ବ୍ୟକ୍ତି ସଂକ୍ରମିତ ହୋଇ ନ ଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଦେଶର ବିଭିନ୍ନ ରାଜ୍ୟରେ ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ ହେଉଥିବାରୁ ଏହାକୁ ନେଇ ସତର୍କ ରହିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସମସ୍ତ ରାଜ୍ୟର ମୁଖ୍ୟ ସଚିବଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଚିଠି ଲେଖିଛନ୍ତି। ବିଶେଷକରି ଏହି ରୋଗକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ପ୍ରଚାର କରିବା ଓ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ଜିଲା ଓ ରାଜ୍ୟସ୍ତରୀୟ ବରିଷ୍ଠ ଅଧିକାରୀଙ୍କୁ ମଙ୍କିପକ୍ସ ସ୍ଥିତିର ସମୀକ୍ଷା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମଙ୍କିପକ୍ସ ଚିହ୍ନଟ ହୋଇଥିବା ସଂକ୍ରମିତ ଏବଂ ସନ୍ଦିଗ୍ଧଙ୍କ ପାଇଁ ଆଇସୋଲେଶନ୍ ବ୍ୟବସ୍ଥା କରିବା, ସଂକ୍ରମିତଙ୍କଠାରୁ ଅନ୍ୟମାନଙ୍କୁ ସଂକ୍ରମଣ ନ ବ୍ୟାପିବା ଲାଗି ବ୍ୟବସ୍ଥା ଏବଂ ପଜିଟିଭ୍ ଚିହ୍ନଟ ହେଲେ କ୍ଲେଡ୍ ଜାଣିବାକୁ ଜିନମ ସିକ୍ୟୁଏନ୍ସିଂ ପାଇଁ ନମୁନା ପଠାଇବାକୁ ନିର୍ଦ୍ଦେଶ ରହିଛି।

# ୨୮ରୁ ବଦଳିବ ପାଗ

**ଭୁବନେଶ୍ୱର,୨୬।୯(ଅନୁରାଧା ମହାରଣା)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ଗୁରୁବାର ପ୍ରବଳ ବର୍ଷା ହୋଇଛି। ଶୁକ୍ରବାର ମଧ୍ୟ କେତେକ ଜିଲାରେ ପ୍ରଳବ ବର୍ଷା ହେବା ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଶୁକ୍ରବାର ଓଡ଼ିଶାର ଅଧିକାଂଶ ଜିଲାରେ ବର୍ଷା ହୋଇପାରେ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ସମେତ ୨୨ ଜିଲାର ବିଭିନ୍ନ ସ୍ଥାନରେ ୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶନିବାରଠାରୁ ରାଜ୍ୟ ପାଣିପାଗରେ ପରିବର୍ତ୍ତନ ଆସିପାରେ। ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର କିଛି ଜିଲାରେ ବର୍ଷା ହେବା ଆଶଙ୍କା ଥିଲେ ମଧ୍ୟ ପାଣିପାଗ କେନ୍ଦ୍ର ପକ୍ଷରୁ କୌଣସି ସତର୍କ ସୂଚନା ଜାରି କରାଯାଇନାହିଁ। ଅନ୍ୟପଟେ ମୌସୁମୀ ଟ୍ରଫ୍ ଲାଇନ୍ ମଧ୍ୟ ମହାରାଷ୍ଟ୍ର ଓ ଆଖପାଖ ଅଞ୍ଚଳ ଏବଂ ବିଦର୍ଭ, ଛତିଶଗଡ଼, ଝାଡ଼ଖଣ୍ଡ, ଗାଙ୍ଗେୟ ପଶ୍ଚିମବଙ୍ଗ ଦେଇ ଉତ୍ତର ବାଂଲାଦେଶ ପର୍ଯ୍ୟନ୍ତ ଲମ୍ବିଛି। ପ୍ରତ୍ୟାବର୍ତ୍ତନ କରୁଥିବା ଦକ୍ଷିଣ ପଶ୍ଚିମ ମୌସୁମୀ ରେଖା ଫିରୋଜପୁର, ଶୀର୍ଷା, ଚୁରୁ, ଆଜ୍‌ମେର, ମାଉଣ୍ଟ ଆବୁ, ଦିଶା, ସୁରେନ୍ଦ୍ରନଗର, ଜୁନାଗଡ଼ ଦେଇ ଫେରୁଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ରାସ୍ତା ଖରାପରୁ ଚାଲିଗଲା ଜୀବନ


ଖଟିଆରେ ଯୁବତୀଙ୍କୁ ଆମ୍ବୁଲାନ୍ସ ପାଖକୁ ନିଆଯାଉଛି।

**ଭବାନୀପାଟଣା,୨୬।୯(ଉତ୍ତମ ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଯୁଗସାଏପାଟଣା ମାଣ୍ଡିଆବିରି ଗାଁରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତା ଖରାପ ଗାଁକୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଖଟିଆରେ ଜଣେ ଯୁବତୀଙ୍କୁ ଜୀବନ ଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଚନ୍ଦ୍ରିକା ଦଳପତି ନାମକ ଯୁବତୀ ଘରେ ଅସୁସ୍ଥ ହୋଇପଡିଥିଲେ। ଏ ନେଇ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଜଣାଇଥିଲେ। ଖବର ପାଇ ଆମ୍ବୁଲାନ୍ସ ଆସିଥିଲା। ହେଲେ ଗାଁ ରାସ୍ତା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡ଼ି ଥିବାରୁ ଆମ୍ବୁଲାନ୍ସ ଆସି ନ ପାରି ୫କି.ମି. ଦୂରରେ ଅଟକି ରହିଥିଲା। ଫଳରେ ପରିବାର ଲୋକେ ବାଧ୍ୟ ହୋଇ ଏକ ଖଟିଆରେ ଯୁବତୀଙ୍କୁ ଧରି ଆମ୍ବୁଲାନ୍ସ ପାଖକୁ ଆସୁଥିଲେ। ହେଲେ ଅଧା ରାସ୍ତାରେ ଯୁବତୀଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ପରେ ପରିବାର ଲୋକେ ମୃତଦେହ ଧରି ଘରକୁ ଫେରିଯାଇଥିଲେ। ଏହି ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ତଦନ୍ତ କରିବେ ବୋର୍ଡ ଅଫ୍ ରେଭିନ୍ୟୁ ସଦସ୍ୟ

## ଚିକିଟି ମଦମୃତ୍ୟୁ ଘଟଣା

**ଭୁବନେଶ୍ୱର,୨୬।୯(ଅନିଲ ଦାସ)**

ଗଞ୍ଜାମ ଜିଲା ଚିକିଟି ବିଷାକ୍ତ ମଦମୃତ୍ୟୁ ଘଟଣାର ତଦନ୍ତ ହେବ। ରାଜସ୍ୱ ପର୍ଷଦ ସଦସ୍ୟ ତଥା ବୋର୍ଡ ଅଫ୍ ରେଭିନ୍ୟୁ ଏହି ଘଟଣାର ତଦନ୍ତ କରିବେ। ଏ ନେଇ ଗୁରୁବାର ଅବକାରୀ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିପାଇଁ ୪ଟି ଟର୍ମ ଅଫ୍ ରେଫରେନ୍ସ ଦିଆଯାଇଛି। କେଉଁ କାରଣରୁ ଏଭଳି ଘଟଣା ଘଟିଲା। ଏହି ଘଟଣା ପାଇଁ କିଏ ଦାୟୀ। ଏହି ଘଟଣାରେ ଅବକାରୀ ବିଭାଗ ଓ ପୋଲିସର ଅବହେଳା ଅଛି କି ନାହିଁ। ଏ ସମସ୍ତ ବିଷୟରେ ତଦନ୍ତ ହେବ। ଏଭଳି ଘଟଣା ଯେପରି ଭବିଷ୍ୟତରେ ପୁନରାବୃତ୍ତି ନ ହେବ ସେ ନେଇ ସରକାରଙ୍କୁ ସଦସ୍ୟ ପରାମର୍ଶ ଦେବା ନେଇ ବିଜ୍ଞପ୍ତିରେ କୁହାଯାଇଛି। ଆସନ୍ତା ୨ ମାସ ମଧ୍ୟରେ ତଦନ୍ତ ଶେଷ କରିବାକୁ କୁହାଯାଇଛି। ଏହି ଘଟଣାର ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗତ ବିଧାନସଭାରେ ସୂଚନା ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଚିକିଟି ବିଷାକ୍ତ ମଦ ପିଇ ୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିଥିଲେ।






ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। – ଶ୍ରୀଅରବିନ୍ଦ



# ଜଳବାୟୁ ପଦକ୍ଷେପରେ ଜନ ଭାଗୀଦାରି



ଲରେନ୍ସ ଟୁବିଆନା
ସିଇଓ, ୟୁରୋପିଆନ କ୍ଲାଇମେଟ୍ ଫାଉଣ୍ଡେଶନ ତଥା ସାଇନ୍ସ ପୋ'ର ପ୍ରଫେସର



ଆନା ଟୋନି
ନ୍ୟାଶନାଲ ସେକ୍ରେଟାରି ଫର କ୍ଲାଇମେଟ୍ ଚେଞ୍ଜ (ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ, ବ୍ରାଜିଲ)

ପ୍ରାୟ ଦଶବର୍ଷ ପୂର୍ବେ ପ୍ୟାରିସ୍‌ରେ ଦେଶମାନେ ଏକାଠି ହୋଇ ଜଳବାୟୁ ବିପର୍ଯ୍ୟୟ ହ୍ରାସ ପାଇଁ ପଦକ୍ଷେପ ନେବାକୁ ଏକମତ ହୋଇଥିଲେ। କିନ୍ତୁ ଶକ୍ତି, ପରିବହନ ଏବଂ କୃଷି ପରି କ୍ଷେତ୍ରକୁ ସବୁଜ କ୍ଷେତ୍ରରେ ରୂପାନ୍ତର କରିବା ପାଇଁ ଆବଶ୍ୟକ ଗଠନମୂଳକ ଅର୍ଥନୈତିକ ସଂସ୍କାର ଉପରେ ଏକ ସ୍ୱଷ୍ଟ ସହମତି ରହିଥିଲେ ମଧ୍ୟ ଆବଶ୍ୟକୀୟ ପୁଞ୍ଜି ବିନିଯୋଗ ଶୀଘ୍ର କରାଯାଉନାହିଁ। ଏହା ପରିବର୍ତ୍ତେ, ଆମର ଶାସନ ବ୍ୟବସ୍ଥାଗୁଡ଼ିକ ଅଧିକ ସ୍ୱଷ୍ଟ ତଥା ଗମ୍ଭୀର ଜଳବାୟୁ ଏବଂ ପରିବେଶ ସଙ୍କଟ ଉପରେ ପର୍ଯ୍ୟାପ୍ତ ପ୍ରତିକ୍ରିୟା ପାଇବା ପାଇଁ ସଂଘର୍ଷ କରୁଛନ୍ତି। ଅନେକ ସରକାର ଦୃଢ଼ ଜଳବାୟୁ ପଦକ୍ଷେପ ପାଇଁ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ଏହା ପ୍ରାୟତଃ ଏକ ସାମାଜିକ ପ୍ରତିକ୍ରିୟା ସୃଷ୍ଟି କରିଥାଏ, କାରଣ ସେଗୁଡ଼ିକୁ ଅନ୍ୟାୟ ଏବଂ ଅସମାନ ଭାବରେ ବିବେଚନା କରାଯାଏ। ନୂଆନୀତିଗୁଡ଼ିକ ବିରୋଧରେ ପୁରୁଣା ନୀତି, ଜାତୀୟ ନୀତି ବିରୋଧରେ ସହରାଞ୍ଚଳ ନୀତି କିମ୍ବା ଗରିବ ଦେଶଗୁଡ଼ିକର ନୀତି ବିରୋଧରେ ଧନୀ ଦେଶଗୁଡ଼ିକ ନୀତି ରହୁଥିବା ଲକ୍ଷ୍ୟ କରାଯାଉଛି। ସୋସିଆଲ ମିଡିଆରେ ଏହିପରି ବିବାଦଗୁଡ଼ିକ ପ୍ରସ୍ତୁତ କରାଯାଉଛି, ଯେଉଁଠାରେ ସେଗୁଡ଼ିକ ଭୁଲ୍ ତଥ୍ୟ, ଉତ୍ତେଜନାମୂଳକ ମନ୍ତବ୍ୟ ଏବଂ ଧ୍ରୁବୀକରଣର କେନ୍ଦ୍ର ପାଲଟିଯାଉଛି।

ଯଦିଓ ପ୍ରମୁଖ ସଂସ୍କାରର ଆବଶ୍ୟକତା ପାଇଁ ଯୁକ୍ତିକୁ ଗ୍ରହଣ କରାଯାଇଛି, ତେବେ ଏହାକୁ କିଭଳି ନିଷ୍ପକ୍ଷଭାବେ କରିବାକୁ ହେବ, ତାହା ସ୍ଥିର କରାଯାଇ ନାହିଁ। ତେବେ ଶୂନ୍ୟ କାର୍ବନ ନିର୍ଗମନ ସ୍ତରକୁ ପରିବର୍ତ୍ତନ କରିବାବେଳେ ଏହି ଆହ୍ୱାନ ଆହୁରି ଜଟିଳ ହୋଇଯିବ। ଅଧିକାଂଶ ଲୋକ ଜଳବାୟୁ ସଙ୍କଟର ସମାଧାନ କରିବା ଲାଗି ଅଧିକ ଗୁରୁତ୍ୱ ଦେଉଛନ୍ତି। ଜି ୨୦ର ୧୮ଟି ଦେଶରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି, ସର୍ଭେରେ ଭାଗ ନେଇଥିବା ୭୧% ଲୋକ କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ବଡ଼ ପଦକ୍ଷେପ ଦରକାର ବୋଲି ଏକମତ ହୋଇଥିଲେ। କିନ୍ତୁ ସରକାରଙ୍କ ପଦକ୍ଷେପ ଉପରେ ସେମାନଙ୍କ ଭରସା ରହୁନାହିଁ। ସର୍ଭେରେ କେବଳ ୩୦% ବିଶ୍ୱାସ କରନ୍ତି ଯେ ସେମାନଙ୍କ ସରକାର ପ୍ରଭାବୀ ଢଙ୍ଗରେ କାର୍ଯ୍ୟ କରିପାରିବେ। ତେବେ ଏହି ପାର୍ଥକ୍ୟକୁ ଦୂର କରିବାର ଗୋଟିଏ ଉପାୟ ହେଉଛି ଜଳବାୟୁ ନୀତି ଏବଂ ସରକାରଙ୍କ ଦ୍ୱାରା ପରିକଳ୍ପିତ ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତା ତଥା କାର୍ଯ୍ୟାନ୍ୱୟନରେ ନାଗରିକମାନଙ୍କୁ ଅଂଶଗ୍ରହଣ କରିବାକୁ ଅନୁମତି ଦେବା। ଟେକ୍ନୋକ୍ରାଟଙ୍କ ଦ୍ୱାରା




ଜଳବାୟୁ ନୀତି ଲାଗୁ କରିବା ପରିବର୍ତ୍ତେ, ସରକାରଗୁଡ଼ିକ ସବୁ ସହଯୋଗୀଙ୍କ ନିଷ୍ପତ୍ତି ଓ ସବୁ ସ୍ତରର ଲୋକଙ୍କ ନିଷ୍ପତ୍ତିକୁ ଗ୍ରହଣ କରିବାର ଦୃଷ୍ଟିକୋଣ ଆପଣାଇବା ଦରକାର, ଯାହା ପରବର୍ତ୍ତୀ ସମୟରେ ସାଧାରଣ ଲୋକଙ୍କୁ ଏକତ୍ରିତ କରିବା ସହ ଭବିଷ୍ୟତର ଏକ ସହଭାଗୀ ଦୃଷ୍ଟିକୋଣ ଗଠନ କରିପାରିବ।

ଭାଗୀଦାରି ପଦ୍ଧତିଗୁଡ଼ିକର ସଫଳ ଉଦାହରଣ ପୂର୍ବରୁ ଦେଖାଯାଇଛି। ଫ୍ରାନ୍ସରେ ସିଟିଜେନ୍ସ ଆସେମ୍ଲି ବା ନାଗରିକ ସଭାଗୁଡ଼ିକ ହେଉଛି ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା। ଏହା ମନୋନୀତ ଜନ ପ୍ରତିନିଧି ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ, ଯେଉଁମାନେ ଜନସାଧାରଣଙ୍କ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ବିଚାର ବିମର୍ଶ କରନ୍ତି ଏବଂ ନୀତିଗତ ସୁପାରିସ କରିଥାନ୍ତି। ବିଭାଜନକାରୀ ପ୍ରସଙ୍ଗ ଦୂରେଇ ସହମତି ବଢ଼ାଇବା ସହିତ ନାଗରିକ ସଭାଗୁଡ଼ିକ ଜନସାଧାରଣଙ୍କୁ ଜଟିଳ ନୀତି ବିଷୟରେ ଶିକ୍ଷା ଏବଂ ନିଷ୍ପତ୍ତି ନେବା ଉପରେ ସିଧାସଳଖ ସୁଯୋଗ ଦିଅନ୍ତି। ଶୂନ୍ୟ କାର୍ବନ ନିର୍ଗମନ ସ୍ତର ହାସଲ କରିବାରେ ଥିବା ସମସ୍ୟାଗୁଡ଼ିକ ପାଇଁ ଏହିସବୁ ବିଷୟ ବିଶେଷ ଗୁରୁତ୍ୱପୂର୍ଣ୍ଣ, ଯାହା ପ୍ରମୁଖ ଅର୍ଥନୈତିକ ପରିବର୍ତ୍ତନକୁ ଅନ୍ତର୍ଭୁକ୍ତ କରିଥାଏ ଓ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଥିବା ବିଭେଦକୁ ଦୂର କରିପାରେ। ନାଗରିକ ସଭାର ସଦସ୍ୟମାନେ ନିର୍ବାଚନ ଚାପ ଏବଂ ଲବିରୁ ମୁକ୍ତ ହୋଇ ନିଷ୍ପତ୍ତି ନିଅନ୍ତି। ଉଲ୍ଲେଖନୀୟ ଉଦାହରଣ ମଧ୍ୟରେ ବିବାହ ସମାନତା ଏବଂ ଗର୍ଭପାତ ଉପରେ ଆୟର୍ଲାଣ୍ଡର ଆସେମ୍ଲିଗୁଡ଼ିକ ଅନ୍ତର୍ଭୁକ୍ତ, ଯାହା ଜାତୀୟ ଜନମତ ସଂଗ୍ରହ କରିବା ସହ ନୂଆ ଆଇନ ଆଣିଥିଲା। ଏହାସହ ଫ୍ରାନ୍ସର କ୍ଲାଇମେଟ ଆସେମ୍ଲି ବା ଜଳବାୟୁ ସଭା ଏହାର ଉଚ୍ଚାଭିଳାଷୀ ଜଳବାୟୁ ବିଲ୍ ଗଠନ କରିବାରେ ସାହାଯ୍ୟ କରିଛି। ନୀତି ନିର୍ଦ୍ଧାରଣରେ ବ୍ରାଜିଲର ଦୀର୍ଘମିଆଦୀ ଭାଗୀଦାରି ଆଭିମୁଖ୍ୟ ମଧ୍ୟ ସଫଳ ହୋଇଛି। ଉଦାହରଣ ସ୍ୱରୂପ, ଏହାର ଜଳବାୟୁ ଯୋଜନା ଏକ ଶାସକୀୟ ଢାଞ୍ଚା ମାଧ୍ୟମରେ ବିକଶିତ ହେଉଛି; ଯେଉଁଥିରେ ବୈଜ୍ଞାନିକ ଗୋଷ୍ଠୀର ସଦସ୍ୟଙ୍କ ସମେତ ସଂଘୀୟ ସରକାରର ଅନେକ ମନ୍ତ୍ରଣାଳୟ, ରାଜ୍ୟ ସରକାର, ବେସରକାରୀ କ୍ଷେତ୍ର ଏବଂ ନାଗରିକ ସମାଜର ପ୍ରତିନିଧି ଅନ୍ତର୍ଭୁକ୍ତ।

ଏହି ସବୁ ପଦ୍ଧତି ଜଳବାୟୁ ନୀତି ପ୍ରସ୍ତାବଗୁଡ଼ିକୁ ଧ୍ରୁବୀକରଣ ଉତ୍ସରୁ ଦୂରେଇ ନେଇ ସହଯୋଗ ଓ ବିଚାର ବିମର୍ଶର ସୁଯୋଗଗୁଡ଼ିକ ପାଇଁ ପଥ ଦେଖାଇପାରେ। ଜି ୨୦ ଦେଶଗୁଡ଼ିକ ମଧ୍ୟରେ ୬୨% ନୀତି ନିର୍ଦ୍ଧାରଣ ପାଇଁ ନାଗରିକ ସଭାର ଉପଯୋଗକୁ ସମର୍ଥନ କରନ୍ତି। ଏହି ସମର୍ଥନକାରୀଙ୍କ ସଂଖ୍ୟା ବ୍ରାଜିଲ, ଭାରତ, ଇଣ୍ଡୋନେସିଆ, ମେକ୍ସିକୋ ଏବଂ ଦକ୍ଷିଣ ଆଫ୍ରିକା ଭଳି ଦେଶଗୁଡ଼ିକରେ ବୃଦ୍ଧି ପାଇ ୭୦ ପ୍ରତିଶତକୁ ଟପିଯାଇଛି । କେନିଆରେ ଏହା ୮୦%ରୁ ଅଧିକ। ୩୦ଟିରୁ ଅଧିକ ଦେଶରେ ୧୭୦ରୁ ଅଧିକ ନାଗରିକ ସଭା ଗଠନ କରାଯାଇଛି ଏବଂ ଏକ ବୈଧ ତଥା ସ୍ୱଚ୍ଛ ସବୁଜ କ୍ଷେତ୍ରକୁ ପରିବର୍ତ୍ତନକୁ ସମର୍ଥନ କରୁଥିବା ଜଳବାୟୁ ପଦକ୍ଷେପକୁ ଗତିଶୀଳ କରିବା ପ୍ରତ୍ୟେକ ନାଗରିକ ସଭାର ଲକ୍ଷ୍ୟ।

ୱାର୍ଲ୍ଡ ସୋସିଆଲ ଫୋରମ୍‌ର ମଡେଲ କାମ କରୁଥିଲେ ବି ଏବକାର ସ୍ଥିତିରେ ପୃଥିବୀ ଓ ଲୋକଙ୍କ ସୁରକ୍ଷା ସକାଶେ ଆମପାଇଁ ଏକ ଗ୍ଲୋବାଲ ସୋସିଆଲ-ଜଳବାୟୁ ଫୋରମ କିମ୍ବା ଗ୍ଲୋବାଲ ସିଟିଜେନ୍ସ ଆସେମ୍ଲି ଦରକାର। ପ୍ରତ୍ୟେକ ଦେଶରୁ ନାଗରିକମାନଙ୍କୁ ଏକାଠି କରିବା ଲାଗି ଏଗୁଡ଼ିକ ଆବଶ୍ୟକ। ଏକ ସାମୂହିକ ପଥ ନିମନ୍ତେ ଯୋଜନା କରିବା ସହ ଆମ ରାଜନୀତିର ପୁନର୍ବିଚାର କରିବା ତଥା ଏକ ବିଶ୍ୱସ୍ତରୀୟ ନୈତିକ ମୂଲ୍ୟାୟନକୁ ଉତ୍ସାହିତ କରିବା ପାଇଁ ଏସବୁ ଦରକାର। ଏକତ୍ରିତ ହେବା, ପରସ୍ପରର ଆଶା ଓ ଆବେଗକୁ ବଝିବା ଏବଂ ସମାନ ଭାବେ ଏକ ସବୁଜ ପରିବର୍ତ୍ତନକୁ ଉତ୍ସାହିତ କରିବା ପାଇଁ ଏହା ଏକ ସୁଯୋଗ ହେବ ; ଯାହା ସମସ୍ତଙ୍କ ପାଇଁ ଲାଭଦାୟକ। ଆମେ କାହାକୁ ପଛରେ ନ ଛାଡ଼ି ଏକତା, ସମାନତା ଏବଂ ନ୍ୟାୟ ଭିତ୍ତିରେ ଏକ ନୂତନ ସାମାଜିକ ଚୁକ୍ତି କରିପାରିବା।

୨୦୧୫ରେ ଫ୍ରାନ୍ସ ଏବଂ ପେରୁ ଏକ ନୂତନ ପଦ୍ଧତି 'ଆକ୍ସନ ଏଜେଣ୍ଡା' ପ୍ରତିଷ୍ଠା କରିଥିଲେ। କାରଣ ସେମାନେ ସ୍ୱୀକାର କଲେ ଯେ, ଜଳବାୟୁ ସଙ୍କଟକୁ ମୁକାବିଲା କରିବା ସକାଶେ ସରକାରୀ ପଦକ୍ଷେପ ତୁଳନାରେ ଆବଶ୍ୟକ ପରିମାଣର ପରିବର୍ତ୍ତନ ଦରକାର। ଏହା ମଧ୍ୟ ନାଗରିକ ସମାଜ ସମେତ ବ୍ୟବସାୟ, ସହର ଏବଂ ସମ୍ପ୍ରଦାୟର ଅତ୍ୟଧିକ ସିଦ୍ଧାନ୍ତ ଉପରେ ନିର୍ଭରଶୀଳ। ୨୦୨୫ରେ ଦେଶଗୁଡ଼ିକ ସେମାନଙ୍କର ପରବର୍ତ୍ତୀ ଜଳବାୟୁ ପ୍ରତିଶ୍ରୁତି ଘୋଷଣା କରିବାକୁ ପ୍ରସ୍ତୁତ ହେଉଥିବାବେଳେ ଜଳବାୟୁ ସଙ୍କଟ ଦୂର କରିବା ପାଇଁ ସାଧାରଣ ନାଗରିକ ଉଭୟ ବ୍ୟକ୍ତିଗତ ତଥା ସାମୂହିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ହେବ। କପ୍ ୩୦ ଏବଂ ତା'ପରେ ପ୍ରତ୍ୟେକଙ୍କ ସ୍ୱର ଶୁଣିବା ପାଇଁ ଏକ ଉତ୍ସର୍ଗୀକୃତ ସୁଯୋଗ ପ୍ରଦାନ କରିବାକୁ ପଡ଼ିବ। ସବୁଜ କ୍ଷେତ୍ରକୁ ପରିବର୍ତ୍ତନ ଦ୍ରୁତ ନୁହେଁ ତଥା ନ୍ୟାୟଯୁକ୍ତ ହେବ ବୋଲି ନିଶ୍ଚିତ କରିବାକୁ ପଡ଼ିବ। ଏଥିରେ ବିଫଳ ହେଲେ, ଆମେ ଆମର ସାଧାରଣ ଲକ୍ଷ୍ୟ ହାସଲ କରିପାରିବୁ ନାହିଁ। ସେଥିପାଇଁ ବ୍ରାଜିଲ କପ୍ ୩୦ (ନଭେମ୍ବର ୨୦୨୫ରେ)କୁ ଲୋକଙ୍କର କପ୍ ଭାବେ ପ୍ରତିପାଦିତ କରିବାକୁ ଏବଂ ପୃଥିବୀର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆମର ଭବିଷ୍ୟତ ଗଠନରେ ଅଂଶଗ୍ରହଣ କରିବାର ସୁଯୋଗ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ।

## ଏଇ ଭାରତରେ

ବୈଜ୍ଞାନିକ ଡ. କଣ୍ଡାସାମି ସର୍ବଣମ୍ ଚାକିରି ଛାଡ଼ି ଏବେ ସଜନା ଚାଷ କରୁଛନ୍ତି। ସର୍ବଣମ୍‌ଙ୍କ ବୟସ ଏବେ ୫୪। ତାଙ୍କ ପ୍ରସ୍ତୁତ ଶଜନା ଶାଗ ଗୁଣ୍ଡ, ସୁପ୍ ଓ କ୍ୟାପ୍‌ସୁଲ ଆମେରିକା, କାନାଡା, ୟୁରୋପ ଏବଂ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ବିକ୍ରି ହେଉଛି। ଏବେ ପ୍ରସ୍ତୁତ ହେଉଥିବା ସଜନା ପାଉଡର, ସୁପ୍‌କୁ କେଜି ପ୍ରତି ୮୦୦ ଟଙ୍କାରେ ବିକ୍ରି କରୁଛନ୍ତି। ତାମିଲନାଡୁ ତିରୁପୁର ଜିଲା ସୋମନକୋଟାଇ ଗାଁରେ ସେ ଏହି ଚାଷ କରୁଛନ୍ତି। ପୂର୍ବରୁ ତାଙ୍କ ପରିବାର ସଜନା ଛୁଇଁ ଉତ୍ପାଦନ କରୁଥିଲେ। ତାହା ସମୟକ୍ରମେ ଲାଭଦାୟକ ନ ହେବା ଯୋଗୁ ସର୍ବଣମ୍ ଶାଗରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ। ଡ. ସର୍ବଣମ୍ ସଏଲ ସାଇଣ୍ଟିଷ୍ଟ ଭାବେ ତାମିଲନାଡୁ କୃଷି ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ। ୨୦୧୭ରେ ସେ ଚାକିରି ଛାଡ଼ି ସଜନା ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ସେ ଏହି ଚାଷ କରୁଛନ୍ତି। ସବୁ ଖର୍ଚ୍ଚ ବାଦ୍ ଏବେ ସେ ମାସକୁ ୪୦ହଜାର ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ସେପ୍ଟେମ୍ବର ୧୯୭୫

- ରାଜ୍ୟରେ ଲୁଣ ଓ ବାଉଁଶ ଶିଳ୍ପରେ କାମ କରୁଥିବା ଶ୍ରମିକଙ୍କର ମଜୁରୀ ହାର ବୃଦ୍ଧି କରିବାକୁ ସର୍ବନିମ୍ନ ମଜୁରୀ ପରାମର୍ଶଦାତା କମିଟି ସୁପାରିଶ କରିଛନ୍ତି।
- ଶିଳ୍ପ ଶ୍ରମିକ ଓ କର୍ମଚାରୀମାନଙ୍କୁ ଶତକଡ଼ା ୪ ଭାଗ ସର୍ବନିମ୍ନ ବୋନସ ଦିଆଯିବା ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଫକରୁଦ୍ଦିନ ଅଲ୍ଲୀ ମହମ୍ମଦ ବୋନସ ଆଇନର ସଂଶୋଧନ କରି ଏକ ଅର୍ଡିନାନ୍ସ ଜାରି କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 9 | | 4 |
| 4 | | 9 | | 7 | | | | 5 |
| | | 6 | | | 1 | | | |
| | | | 2 | | | | | |
| | 8 | | | 1 | | | 3 | |
| 2 | | | | 3 | 6 | | | |
| | 6 | | 7 | | | | 9 | |
| | 4 | 7 | | | | 3 | | |
| 8 | | | | 5 | 3 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 8 | 6 | 3 | 1 | 7 | 5 | 9 |
| 3 | 9 | 1 | 5 | 7 | 4 | 2 | 6 | 8 |
| 7 | 6 | 5 | 2 | 9 | 8 | 3 | 4 | 1 |
| 9 | 7 | 2 | 1 | 8 | 6 | 5 | 3 | 4 |
| 1 | 5 | 6 | 3 | 4 | 2 | 9 | 8 | 7 |
| 4 | 8 | 3 | 9 | 5 | 7 | 1 | 2 | 6 |
| 8 | 1 | 4 | 7 | 2 | 5 | 6 | 9 | 3 |
| 5 | 3 | 7 | 4 | 6 | 9 | 8 | 1 | 2 |
| 6 | 2 | 9 | 8 | 1 | 3 | 4 | 7 | 5 |

ଗତକାଲିର ଉତ୍ତର

# ସଞ୍ଚୟ ଓ ସଂଶୟ



ଗଣେଶ୍ୱର ନାୟକ

ମଣିଷ ଭବିଷ୍ୟତକୁ ଆଖିଆଗରେ ରଖି କାଳେ କିଛି ଖରାପ ବେଳ ଆସିପାରେ ବା ଆଗକୁ କିଛି ବଡ଼ ଖର୍ଚ୍ଚ ପଡ଼ିପାରେ, ତାହାକୁ ସହଜରେ ସମାହିତ କରିବା ପାଇଁ ଦୈନନ୍ଦିନ ଅର୍ଜନରୁ କିଛି କିଛି ସଞ୍ଚୟ କରେ। ସଞ୍ଚୟ ଏକ ଭଲ ଅଭ୍ୟାସ, ଯାହାକୁ ସୁରୁଖୁରୁରେ ଚଳିଯାଉଥିବା ସମୟରେ କେତେବେଳେ ବିଘ୍ନ ଆସିଲେ ତାହାର ଉପଯୋଗ ହୋଇଥାଏ।

ଭାରତ ଏକ ବିକାଶଶୀଳ ରାଷ୍ଟ୍ର। ଏଠାରେ ମୁଣ୍ଡ ପିଛା ଆୟ ଖୁବ୍ କମ୍। ତଥାପି ଲୋକେ ନିଜ ପେଟରୁ କାଟି କିଛି କିଛି ସଞ୍ଚୟ କରିଥା'ନ୍ତି। କୌଣସି ଅନୁଷ୍ଠାନ ସୁଧ ନ ଦେଉ ପଛେ, ସଞ୍ଚିତ ରାଶି ଏକାଥରକେ ମିଳିଲେ ବି କିଛି କାମରେ ତ ଲାଗିଯିବ। ଝିଅପୁଅ ବାହାଘର, ଦେହ ପା' ଖରାପ ହେଲାବେଳେ ଅନେକ କାମରେ ଲାଗିଥାଏ। ବିଶ୍ୱର ସର୍ବଶ୍ରେଷ୍ଠ ଧନୀ ବିଲ୍ ଗେଟ୍‌ସଙ୍କ ମତରେ- ତୁମ ଅର୍ଜନର କୋଡ଼ିଏ ଶତକଡ଼ା ସଞ୍ଚୟ କର, ଅବଶିଷ୍ଟ ଖର୍ଚ୍ଚ କର। ଆମର ଭାବନା ତ ;'ଋଣଂ କୃତ୍ୱା ଘୃତଂ ପିବେତ୍, ଯାବତ୍ ଇଚ୍ଛା ତାବତ୍ ଯିବେତ୍।' ଆମ ପିଲାମାନେ, ଯେଉଁମାନେ ବାହାରେ ଘରୋଇ କମ୍ପାନୀରେ ଭଲ ବେତନ ପାଉଛନ୍ତି, ଘରଭଡ଼ା କାହିଁକି ଦେବେ, ଘର ନିଜର ପାଇଁ କିସ୍ତି ଦେବାକୁ ପସନ୍ଦ କରନ୍ତି। କିନ୍ତୁ କୌଣସି କାରଣରୁ କିଛିଦିନ ପାଇଁ ଚାକିରିରୁ ଅନ୍ତର ହେଲେ ନାନାଦି ଅସୁବିଧାର ସମ୍ମୁଖୀନ ହୁଅନ୍ତି। ତାହାର ମୂଳ ନିୟମ କହୁଛି, ତୁମେ ଯଦି ଚାକିରି କରୁଛ, ଆଗ ଅତିକମ୍‌ରେ ଛ'ମାସର ଦରମା ସଞ୍ଚୟ କର। ତାହା ତୁମକୁ ଗୋଟିଏ ଚାକିରିରୁ ଆଉ ଗୋଟିଏ ଚାକିରି ଖୋଜିବା ସମୟରେ ଅନେକ ସାହାଯ୍ୟ କରିବ।

ଆମ ମଧ୍ୟରେ ଆର୍ଥିକ ସାକ୍ଷରତା ଖୁବ୍ କମ୍। କେଉଁଠି ସଞ୍ଚୟ କଲେ ଭଲ ଅର୍ଜନ ହେବ ବା କୌଣସି ଅନୁଷ୍ଠାନ ଯଦି କୁହେ ଅଳ୍ପଦିନରେ ରାଶି ଦୁଇଗୁଣା ହୋଇଯିବ, ସେହି ଅନୁଷ୍ଠାନ ଠିକ୍ କି ଭୁଲ୍ ତାକୁ ଜାଣିବା ପାଇଁ ସରକାରୀ ସୂଚନା କେନ୍ଦ୍ର ବି ନାହିଁ ଆଖପାଖରେ।

ଆମେ ଦେଖିଲେ ଚିଟ୍‌ଫଣ୍ଡ ମାଧ୍ୟମରେ ଜନସାଧାରଣଙ୍କ ଟଙ୍କା ବୁଡ଼ିଗଲା। ସାଧାରଣ ଜନତା ନିଜ ପୁଅଝିଅ ବିବାହ ପାଇଁ ବା ଭବିଷ୍ୟତ ଲାଗି ରଖିଥିବା ଟଙ୍କା ନ ପାଇ ବହୁ କ୍ଷତି ସହିଲେ, ଯେହେତୁ ସରକାରୀ ଭାବେ ଜନସାଧାରଣଙ୍କ ପାଇଁ କିଛି ସୂଚନା ନ ଥିଲା। ଲୋକେ ବିଶ୍ୱାସ କଲେ ସେହି ସଂସ୍ଥାକୁ, ସେହି ଆର୍ଥିକ ଅନୁଷ୍ଠାନର ଉତ୍ସବକୁ ଯାଉଥିବା ନେତା, ମନ୍ତ୍ରୀଙ୍କ ପାଇଁ। ବେକାରି ସମସ୍ୟା ଯେପରି ଉତ୍କଟ, ସେଥିରେ ଅନେକେ ଏଜେଣ୍ଟ ଭାବେ ଯୋଗଦେଇଥିଲେ। ସେମାନେ ନିଜ ନିଜ ସମ୍ପର୍କୀୟମାନଙ୍କୁ ବା ନିଜ ଚିହ୍ନା ପରିଚିତଙ୍କଠାରୁ ଟଙ୍କା ନେଇ ଜମା ଦେଇଥିଲେ। ସେମାନେ ବା କାହୁଁ ଜାଣିବେ ଏହି ସଂସ୍ଥା ଠକ ବୋଲି। ବିଚରା କିଛି ଏଜେଣ୍ଟ ଲୋକଙ୍କ ରୋଶର ଶିକାର ହୋଇ ଆତ୍ମହତ୍ୟା ମଧ୍ୟ କରିଥିବାର ଖବର ଆସିଛି। ଦେଶରେ ଆର୍ଥିକ ଅରାଜକତାକୁ ଟାଳିବା ପାଇଁ, ଜନସାଧାରଣଙ୍କୁ ସଚେତନ କରିବା ଲାଗି ଆର୍ଥିକ ଗୋଇନ୍ଦା ସୃଷ୍ଟି ହେବା ଉଚିତ୍। ଶେଷରେ ଜନସାଧାରଣଙ୍କ ଉପରେ କେହି କେହି ବିଜ୍ଞ ବ୍ୟକ୍ତି ଦୋଷ ଲଦିଲେ, ସେମାନେ ଲୋଭର ବଶବର୍ତ୍ତୀ ହୋଇ ଟଙ୍କା ଜମା କରିଛନ୍ତି। ବ୍ୟାଙ୍କ ଯେତେବେଳେ ଆଠବର୍ଷରେ ଦୁଇଗୁଣା ଦେଉଛି, ଏମାନେ କିପରି ବର୍ଷକରେ ବା ଦୁଇବର୍ଷରେ ଦେଇପାରିବେ, ଜନସାଧାରଣ କାହିଁକି ତାହା




ଚିନ୍ତା କଲେନାହିଁ? ଏହି କଥା ମଧ୍ୟ ସମସ୍ତେ କହୁଛନ୍ତି ସରକାର ବାହାଦୁର କାହିଁକି ଦେଶରେ ଏଭଳି ଠକାମି ହେଉଛି ବୋଲି ଜାଣିପାରିଲେ ନାହିଁ? ଅବଶ୍ୟ ସରକାର ଚିଟ୍‌ଫଣ୍ଡ ଫେରିପାଇବା ପାଇଁ ଏକ କମିଶନ ବସାଇଛନ୍ତି। କିନ୍ତୁ ଆଇନର ଗଳାବାଟରେ ଏସବୁ ସଂଗଠିତ ହେଲା, ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ଉଚିତ୍।

ଆମେ ଜାଣୁ ଦେଶରେ ଯେତେ ବ୍ୟାଙ୍କ କାମ କରୁଛନ୍ତି, ସମସ୍ତେ ସରକାରଙ୍କ ଅନୁମତିରେ କାମ କରୁଛନ୍ତି। ବ୍ୟାଙ୍କର କେତେବେଳେ ସରକାରୀ ଅନୁମତି କଡ଼ା ହେଉଛି ବା ଲୋକଙ୍କ ଜମା ସଂଗ୍ରହ ବାରଣ ହେଉଛି ଜନସାଧାରଣ ଜାଣିବେ କିପରି? ଭାରତର ଏକ ପ୍ରତିଷ୍ଠିତ ମନ୍ଦିରର ସଂଗ୍ରହ କାହିଁକି ଜମାହେଲା ଏକ ବ୍ୟାଙ୍କରେ, ଯେତେବେଳେ ତାହାର ପରିଚାଳନା କମିଟିକୁ ପ୍ରଶ୍ନ ହେଲା, ସେତେବେଳେ ସାଧାରଣରେ ସେହି ବ୍ୟାଙ୍କ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଲା। କାରଣ ସେହି ବ୍ୟାଙ୍କଟି ଦେବାଳିଆ ବୋଲି ଆଗରୁ କୁଆଡ଼େ ଚିଠି ଆସିଥିଲା। ଆଚ୍ଛା ଜନସାଧାରଣଙ୍କୁ କ'ଣ ଏ ବିଷୟରେ ଜଣାଇବା ଉଚିତ୍ ନୁହେଁ ସରକାରଙ୍କର? ଜନସାଧାରଣ ତ ସେହିବ୍ୟାଙ୍କ କାରବାରରେ ଭାଗୀଦାରି ହେଉଥିଲେ।

ଆମେ ଯେତେ ଟଙ୍କା ବ୍ୟାଙ୍କରେ ରଖିଲେ ମଧ୍ୟ ବ୍ୟାଙ୍କ ଯଦି ବୁଡ଼ିଯାଏ, ତେବେ ଜନସାଧାରଣ ପାଞ୍ଚଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ପାଇବେ। ତାହା ସରକାର ଦେବେନାହିଁ, ସେହି ସଂସ୍ଥା ମଧ୍ୟ ଦେବନାହିଁ, ଦେବ ବୀମା କମ୍ପାନୀ। ଆଗରୁ ଏକ ଲକ୍ଷ ଟଙ୍କା ଥିଲା, ଏବେ ତାହା ପାଞ୍ଚଲକ୍ଷ ହୋଇଛି। ଅର୍ଥାତ୍ ଜନସାଧାରଣଙ୍କ ସମସ୍ତ ଜମା ନୁହେଁ, ପାଞ୍ଚ ଲକ୍ଷ ଟଙ୍କା ଜମାରାଶିର ବୀମା ହୋଇଛି। ମନରେ ବେଳେବେଳେ ପ୍ରଶ୍ନ ଆସେ ଜନ ସାଧାରଣ ନିଜ କଷ୍ଟାର୍ଜିତ ଟଙ୍କା ଜମା ରଖୁଛନ୍ତି, ସେହି ଟଙ୍କା ଭାରତୀୟ ରିଜର୍ଭ ବ୍ୟାଙ୍କ ତିଆରି କରୁଛି ନା ଆଉ କିଏ? ତେଣୁ ଜନସାଧାରଣଙ୍କ ସମସ୍ତ ଜମା ସୁରକ୍ଷିତ ବୋଲି ନିଶ୍ଚିତତା କରିବା ଉଚିତ୍ ନୁହେଁ କି? ଜନସାଧାରଣଙ୍କ ଧନ ଓ ଜୀବନର ସମ୍ପୂର୍ଣ୍ଣ ସୁରକ୍ଷା ତ ରାଷ୍ଟ୍ରର ଦାୟିତ୍ୱ। ଏହା ସମ୍ବିଧାନରେ ନିୟମ ଅଛି।

ଲୋକଙ୍କ ଘରେ ଟଙ୍କା ସଞ୍ଚିତ ହୋଇ ରହିଲେ ତାହା ମୃତବତ୍, ସେହି ଟଙ୍କା ବ୍ୟାଙ୍କରେ ରହିଲେ ବା କାରବାର ହେଲେ ତାହା ଚଳମାନ୍। ଆମ ପକେଟରେ ଯଦି ଶହେ ଟଙ୍କା ବି ରୁହେ, ତେବେ ଶହେ ଚାଳିଶି କୋଟି ଲୋକଙ୍କ ପକେଟ୍‌ରେ ରହିବ ଚଉଦ ହଜାର କୋଟି। ତାହା ଯଦି କୌଣସି ବ୍ୟାଙ୍କରେ ରୁହେ ତେବେ ରାଷ୍ଟ୍ରର ହିତ ତ ହେବ ନିଶ୍ଚୟ। ଲୋକଙ୍କ ଘରେ ରହିଥିବା ଟଙ୍କାକୁ ଯଦି ହିସାବକୁ ନିଆଯାଏ, ତେବେ ତ ଅନେକ ହେବ। ତେଣୁ ଜନସାଧାରଣଙ୍କଠାରୁ ଜମା ସଂଗ୍ରହ କରିବାରେ, ତାହାକୁ ଚଳମାନ କରିବାରେ ବ୍ୟାଙ୍କର ଭୂମିକା ଅନେକ। ଆମ ଅର୍ଜିତ ଧନର ଯଦି ଆମର ହିସାବ ନ ରହିବ ବା ତାହା ଉପରେ ଆମର କର୍ତ୍ତୃତ୍ୱ ନ ରହିବ, ତେବେ ଆମେ ନାନାଦି ଅସୁବିଧାର ସମ୍ମୁଖୀନ ହେଉ। ସେହିପରି କୌଣସି ରାଷ୍ଟ୍ରର ଆର୍ଥିକ କାରବାର ଘରୋଇ ହାତକୁ ଟେକିଦେଲେ ବା ସେହି ରାଷ୍ଟ୍ରର ଆର୍ଥିକ କାରବାର ମୁଖ୍ୟ ସଞ୍ଚାଳକ ବ୍ୟାଙ୍କଗୁଡ଼ିକ ଘରୋଇ ହାତକୁ ଟେକିଦେଲେ, ସେ ଦେଶରେ ଆର୍ଥିକ ଅରାଜକତା ଦେଖାଦେଇପାରେ। ଆମେ ଜାଣୁ ଘରୋଇ ଲୋକ ବ୍ୟାଙ୍କରୁ ଋଣ ନେଇ ଫେରାଉନାହାନ୍ତି, ଆଉ ମାଲିକାନା ନେଲେ ସେମାନେ କ'ଣ କରିବେ ଏଥିରୁ ବେଶ୍ ଅନୁମେୟ।

ଆମ ଦେଶର ସାକ୍ଷରତା ହାର ଅଧିକ ନୁହେଁ, ଆର୍ଥିକ ସଚେତନତା ଖୁବ୍ କମ୍, ମୁଣ୍ଡ ପିଛା ଆୟ ମଧ୍ୟ କମ୍। ଭାରତ ଏକ ବିକଶିତ ନୁହେଁ ବିକାଶଶୀଳ ରାଷ୍ଟ୍ର। ଏଠି ମାନସିକ ଶାନ୍ତି ପ୍ରମୁଖତା ବହନ କରେ। ସମସ୍ତଙ୍କର ଇଚ୍ଛା ଅଳପ ଅଳପ ପଡ଼ିଥାଉ ଦରକାର ବେଳେ କାମରେ ଆସିବ। ଅଧିକ ଲାଭର ଲୋଭ ସମସ୍ତେ ରଖନ୍ତି ନାହିଁ। ସେହି ବିଶ୍ୱାସ ଆଉ ଭରସା ଟିକକୁ ସୁରକ୍ଷାଦେଲେ ରାଷ୍ଟ୍ର ପ୍ରଗତି ପଥରେ ଆଗେଇଯିବ।

ଗୋଗଳ, କାଏମା, ଯାଜପୁର
ମୋ: ୯୭୭୭୭୪୯୭୨୭

# ସର୍ପ ଦଂଶନ ଓ ଅନ୍ଧବିଶ୍ୱାସ



ବୈଷ୍ଣବ ମେହେର

ଗତ କିଛିଦିନ ହେଲା ଲଗାତର ଭାବେ ସର୍ପଦଂଶନ ମୃତ୍ୟୁ ଖବର ଅନେକଙ୍କୁ ଭୟଭୀତ କରୁଛି । ମାସେ ତଳେ କେନ୍ଦୁଝର ଜିଲାର ନିଶ୍ଚିନ୍ତପୁରର ଏକ ଘରୋଇ କୋଚିଂ ସେଣ୍ଟର ହଷ୍ଟେଲରେ ଶୋଇଥିବା ଅବସ୍ଥାରେ ସାପ କାମୁଡ଼ାରେ ୭ରୁ ୧୨ ବର୍ଷ ବୟସର ତିନି ଜଣ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ହେବା ଓ ନିକଟରେ ବୌଦ୍ଧ ଜିଲା ହରଭଙ୍ଗା ଅଞ୍ଚଳରେ ସାପ କାମୁଡ଼ାରେ ଗୋଟିଏ ପରିବାରର ତିନି ଭଉଣୀଙ୍କ ଅକାଳରେ ଜୀବନ ଯିବା ଭଳି ଅପ୍ରତ୍ୟାଶିତ ଅଘଟଣ ନିଶ୍ଚିତ ଭାବରେ ଅତ୍ୟନ୍ତ ଦୁଃଖଦାୟକ।

ବିଶେଷଜ୍ଞଙ୍କ କହିବା ଅନୁସାରେ, ବର୍ଷାଦିନେ ସାପ ଅଣ୍ଡାରୁ ଛୁଆ ବାହାରନ୍ତି ଓ ସାପ ସଂଖ୍ୟାରେ ବୃଦ୍ଧି ଘଟେ । ବିଶେଷ କରି ଏହି ସମୟରେ ବର୍ଷା ଯୋଗୁ ଗାତଗୁଡ଼ିକ ପାଣିରେ ଭରି ଯାଉଥିବାରୁ ସାପମାନେ ବାହାରକୁ ଚାଲି ଆସି ଜନବସତିମୁହାଁ ହୁଅନ୍ତି । ପୁନଶ୍ଚ ଏହି ସମୟରେ ଚାଷ କାର୍ଯ୍ୟ ଚାଲୁଥିବାରୁ ଜମିକୁ ଯାଉଥିବା ଚାଷୀ ପରିବାର ଅଧିକାଂଶରେ ସର୍ପଦଂଶନର ଶିକାର ହେଉଥିବା ଦେଖିବାକୁ ମିଳେ। ସର୍ପଦଂଶନ ଏକ ବିପର୍ଯ୍ୟୟ ଭାବରେ ଉଭା ହୋଇଥିଲେ ହେଁ ଏହାର ସମୁଚିତ ବିଧାନ ଏଯାଏ ହୋଇପାରି ନାହିଁ। ଆମ ରାଜ୍ୟର ଅଧିକାଂଶ ଡାକ୍ତରଖାନାରେ ଏନେଇ ଆବଶ୍ୟକ ଉନ୍ନତ ଚିକିତ୍ସା ସୁବିଧା ନାହିଁ । ଯଦିଓ ଡାକ୍ତରଖାନାଗୁଡ଼ିକରେ ଆଣ୍ଟି ଭେନମ୍ସ ଇଞ୍ଜେକଶନର ଉପଲବ୍ଧତା ରହିଛି କିନ୍ତୁ ଉନ୍ନତମାନର ଚିକିତ୍ସା ଓ ଆଇସିୟୁ ସୁବିଧା ଏବଂ ଠିକ୍ ଡାଇଗ୍ନୋସିସ୍ ହୋଇ ନପାରିବା କାରଣରୁ ଅକାଳରେ ସାପକାମୁଡ଼ା ରୋଗୀଙ୍କ ଜୀବନ ଚାଲିଯାଉଛି । ଅପରପକ୍ଷେ ସାପ କାମୁଡ଼ାରୁ ବର୍ତ୍ତିବା ପାଇଁ ଆମେ କିଭଳି ସତର୍କତା ଅବଲମ୍ବନ କରିବୁ ତା'ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ବର୍ଷାମାସରେ ଘର ଚାରି ପାଖର ଲଟାବୁଦା ସଫା କରିବା ସହ ରାତିରେ ଚଟାଣ ଉପରେ ନ ଶୋଇ ଖଟରେ ମଶାରି ଟାଣି ଶୋଇଲେ ଅନେକାଂଶରେ ସାପ କାମଡ଼ାରୁ ରକ୍ଷା ପାଇହେବ । ଅନ୍ଧାରରେ ବାହାରକୁ ଯିବାକୁ ପଡ଼ିଲେ ଟର୍ଚ୍ଚ ଲାଇଟ ନିଶ୍ଚିତ ବ୍ୟବହାର କରିବା ଦରକାର । ଘର ଚାରିପଟେ କଳା ଫିନାଇଲ, ଗ୍ରାମାକସିନ, ବ୍ଲିଚିଂ ପାଉଡ଼ର ଆଦି ସିଞ୍ଚନ କରିବା ଦ୍ୱାରା ଏହାର ଗନ୍ଧରେ ସାପ ଘରେ ପଶନ୍ତି ନାହିଁ ।

ବିଡ଼ମ୍ବନାର ବିଷୟ ହେଉଛି, ସାପ କାମୁଡ଼ା ପରବର୍ତ୍ତୀ ଅନ୍ଧବିଶ୍ୱାସ । ସାପ କାମୁଡ଼ା ରୋଗୀକୁ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପାଖକୁ ନ ନେଇ ଗୁଣିଆ ପାଖରେ ଝଡ଼ାଫୁଙ୍କା କରାଇବାକୁ ଲୋକେ ଏବେ ବି ପ୍ରାଥମିକତା ଦେଉଛନ୍ତି । କେହି କେହି ସାପ କାମୁଡ଼ା ସ୍ଥାନରେ ଟାଇଟ୍ କରି ରଶି ବାନ୍ଧି ଦିଅନ୍ତି, କାମୁଡ଼ା ଜାଗାକୁ ବ୍ଲେଡ୍‌ରେ କାଟି ରକ୍ତ ବାହାର କରିଦେବା କିମ୍ବା କ୍ଷତ ସ୍ଥାନରେ ନିଆଁ ଚେଙ୍କ ମଧ୍ୟ ଦିଅନ୍ତି। ରୋଗୀକୁ ଲୁଣ, ବିଭିନ୍ନ ଗଛର ଚେର, ପାଦୁକ ପାଣି ଆଦି ଖୁଆନ୍ତି । ଏହା ଦ୍ୱାରା ଅଯଥାରେ ବିଳମ୍ବ ଘଟି ଗୁରୁତର ଅବସ୍ଥାକୁ ଆସିଲା ବେଳକୁ ରୋଗୀକୁ ବଞ୍ଚାଇବା ଆଉ ସମ୍ଭବ ହୁଏ ନାହିଁ । କହିବାକୁ ଗଲେ ସାପ କାମୁଡ଼ା ରୋଗୀ ତା'ର ନିଜ ଲୋକଙ୍କ ଦ୍ୱାରା ହିଁ ଅବହେଳାର ଶିକାର ହୋଇ ଶେଷରେ ମୃତ୍ୟୁ ମୁଖରେ ପଡ଼େ । ଏଭଳି ଅପରିଣାମଦର୍ଶୀ ଘଟଣା ସମାଜର ପ୍ରାୟ ସମସ୍ତ ବର୍ଗର ଲୋକଙ୍କଠାରେ ଦେଖିବାକୁ ମିଳିବା ନିହାତି ଚିନ୍ତାର ବିଷୟ।

ସାପ କାମୁଡ଼ାରେ ୨୦୧୮-୧୯ରେ ଆମ ରାଜ୍ୟରେ ୧୦୨୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦୧୯-୨୦ରେ ୯୫୧, ୨୦୨୦-୨୧ରେ ୧୦୪୪, ୨୦୨୧-୨୨ରେ ୮୪୪ ଓ ୨୦୨୨-୨୩ ମସିହାରେ ୧୦୦୦ ଜଣଙ୍କର ଜୀବନ ଯାଇଥିବା ସରକାରୀ ତଥ୍ୟରୁ ସୂଚନା ମିଳିଛି । ତେବେ ଅନ୍ଧବିଶ୍ୱାସ ଯୋଗୁ ଅନେକ ରୋଗୀଙ୍କୁ ଡାକ୍ତରଖାନା ନିଆଯାଉ ନ ଥିବାରୁ ସାପକାମୁଡ଼ା ମୃତ୍ୟୁ ସଂଖ୍ୟା ଢେର ଅଧିକ ହେଉଥିବା ମଧ୍ୟ ଚର୍ଚ୍ଚା ହୁଏ।

ସର୍ପଦଂଶନର ପ୍ରଥମ ଗୋଟିଏ ଘଣ୍ଟା ଅତ୍ୟନ୍ତ ମୂଲ୍ୟବାନ୍ ବୋଲି ବିଶେଷଜ୍ଞ ମତ ଦିଅନ୍ତି । କୌଣସି ପ୍ରକାର ବିଭ୍ରାନ୍ତିରେ ନ ପଡ଼ି ଯଦି ଏହି ସମୟ ମଧ୍ୟରେ ସମୁଚିତ ଡାକ୍ତରୀ ଚିକିତ୍ସା କରାଯାଇ ପାରିବ ତେବେ ରୋଗୀର ଜୀବନ ବଞ୍ଚିଯିବାର ସମ୍ଭାବନା ଖୁବ୍ ଅଧିକ ଥାଏ । ତେଣୁ ସର୍ପଦଂଶନର ପ୍ରଥମ ଏକ ଘଣ୍ଟାକୁ ଗୋଲ୍‌ଡେନ ଆୱାର ବା 'ସୁବର୍ଣ୍ଣ ଘଣ୍ଟା' ବୋଲି କୁହାଯାଇଥାଏ । କିନ୍ତୁ ଠିକ୍ ଏହି ସମୟରେ ହିଁ ନାନା ବ୍ୟକ୍ତି ନାନା କଥା କହି ରୋଗୀ ଓ ତା'ର ସମ୍ପର୍କୀୟଙ୍କୁ ବିଭ୍ରାନ୍ତ କରିଥାନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସମୟ ଅବଧିରେ କୌଣସି ପ୍ରକାର ବିଭ୍ରାନ୍ତିକର କଥାରେ ନ ପଡ଼ି ସମୁଚିତ ଡାକ୍ତରୀ ଚିକିତ୍ସା କରାଇପାରିଲେ ସର୍ପାଘାତ ରୋଗୀ ଆରୋଗ୍ୟ ହେବାର ସମ୍ଭାବନା ବଢ଼ିଯିବ ।

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## ଚିରନ୍ତନୀ

କେତେ ପରଶର ପରାସ ଲାଗି ଏ ପ୍ରାଣ
ପାଷାଣରୁ ବଳି ହୋଇଛି ତ ବଡ଼ ଟାଣ
ରୂପର ଝଲକେ ନିଭିଛି ଆଖିରୁ ଜ୍ୟୋତି
ଶିଶୁ ଖେଳ ପରା ଲାଗେ ପ୍ରୀତି ଅଭିମାନ।
-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସବୁଜ ଶକ୍ତି ଉତ୍ପାଦନରେ ତତ୍ପରତା

ମହାଶୟ,

ଓଡ଼ିଶାର କେତେକ ସ୍ଥାନରେ ସବୁଜ ହାଇଡ୍ରୋଜେନ/ ଆମୋନିଆ/ ମିଥାନଲ ପ୍ଲାଣ୍ଟ ୨୦୩୦ ସୁଦ୍ଧା ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିମଧ୍ୟରୁ କେତୋଟି ଗୋପାଳପୁର ତଥା ପାରାଦୀପରେ ପ୍ରତିଷ୍ଠା ହେବାର ଅଛି। ତଥ୍ୟ ଅନୁଯାୟୀ ଏକ କେଜି ଗ୍ରୀନ ହାଇଡ୍ରୋଜେନ ଉତ୍ପାଦନ ପାଇଁ ପ୍ରାୟ ୫୦ ୟୁନିଟ ଅକ୍ଷୟ ଶକ୍ତି ଏବଂ ୧୦ ଲିଟର୍ ଡି-ମିନେରାଲାଇଜ୍‌ଡ ଜଳର ଆବଶ୍ୟକତା ରହିଛି। ନିକଟରେ ସମୁଦ୍ରର ଲୁଣି ପାଣିକୁ ବ୍ୟବହାର ଯୋଗ୍ୟ କରିବାପାଇଁ ଖୁବ୍‌ଶୀଘ୍ର ଏକ କମ୍ପାନୀ ଓଡ଼ିଶାରେ ଏକ ଡି-ସାଲାନାଇଜେଶନ ପ୍ଲାଣ୍ଟ ସ୍ଥାପନ ପ୍ରକ୍ରିୟାରେ ଅଛି। ଏହାକୁ ତୁରନ୍ତ ଚୂଡ଼ାନ୍ତ ରୂପ ଦିଆଯାଉ। ଏହି ପରିପ୍ରେକ୍ଷୀରେ, ଗ୍ରୀନ ହାଇଡ୍ରୋଜେନ ପ୍ଲାଣ୍ଟ ନିମନ୍ତେ, ସୌର/ ପବନ/ ବାୟୋମାସରୁ ପରିବେଶ ଅନୁକୂଳ ଶକ୍ତି ଏବଂ ଡି-ସାଲାନାଇଜ୍‌ଡ ଜଳ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଉ।

-ନବନିତ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ୱାର୍ଡ ନଂ.୪୯ ଅନ୍ତର୍ଗତ ଆଇଗିଣିଆ ଶ୍ରୀବିହାରସ୍ଥିତ ଆର୍ଯ୍ୟ ସ୍କୁଲ ନିକଟ କଲୋନୀ ରାସ୍ତାରେ ବର୍ଷା ପାଣି ଜମି ରହିଛି।



ରାଜଧାନୀ ଭୁବନେଶ୍ୱରରେ ଗୁରୁବାର ହୋଇଥିବା ବର୍ଷା ସମୟ ଦୃଶ୍ୟ। (ଫଟୋ- ମନୋରଞ୍ଜନ ମିଶ୍ର)

## ସଂକ୍ଷେପରେ

### ଚୋରି ଅଭିଯୋଗରେ ୨ ଗିରଫ

ବାରଙ୍ଗ/ତ୍ରିଶୂଳିଆ,୨୬।୯(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଅଧୀନ ପାଟପୁର ମୌଜାରେ ୫୬/୨୧୧୨ନଂ. ପ୍ଲଟରେ ହେଉଥିବା ନୂଆ ଘର ନିମନ୍ତେ ବ୍ୟବହୃତ ସାମଗ୍ରୀ ଚୋରି ଅଭିଯୋଗରେ ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପାଟପୁର ଗ୍ରାମର ଟିଙ୍କି ସାମଲ ଓ ମିଟୁ ମାଝୀ। ପୋଲିସ ଏମାନଙ୍କଠାରୁ ଏକ ପାଣିପମ୍ପ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ମଙ୍ଗଳବାର ରାତିରେ ପାଟପୁରରେ ଥିବା ଆଉଟ୍‌ହାଉସରେ ରଖାଯାଇଥିବା ତିଆରି ଜିନିଷ ସହିତ ଏକ ପାଣି ପମ୍ପକୁ କିଛି ଯୁବକ ଚୋରି କରିନେଇଥିବା ପ୍ଲଟ ମାଲିକ ମଧୁସ୍ମିତା ସାହାଣି ସିସିଟିଭି କାମେରାରେ ଦେଖି ସଙ୍ଗେସଙ୍ଗେ ପୋଲିସକୁ ଜଣାଇଥିଲେ। ପୋଲିସ ୩୫୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଟିଙ୍କି ଓ ମିଟୁଙ୍କୁ ଗିରଫ କରିଛି।

### ମାଲିକାଣୀଙ୍କୁ ଆକ୍ରମଣ, ଭଡ଼ାଟିଆ ଗିରଫ

ଭୁବନେଶ୍ୱର,୨୬।୯(ସୂର୍ଯ୍ୟକାନ୍ତ ବେହେରା)

ନିଶାସକ୍ତ ଅବସ୍ଥାରେ ଘର ମାଲିକାଣୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ଭଡାଟିଆଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଅଞ୍ଚଳର ମଗ୍ଗୁଲି ସେଠୀ। ଜାମିନ ନ ମିଳିବାରୁ ମଗ୍ଗୁଲିଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ. ଅଭିଯୋଗକାରିଣୀଙ୍କ ଘରେ ଅଭିଯୁକ୍ତ ଭଡାରେ ରହୁଥିଲେ। ବୁଧବାର ଅଭିଯୋଗକାରିଣୀ ଘରେ ଏକାଟିଆ ଥିବାବେଳେ ଅଭିଯୁକ୍ତ ନିଶାସକ୍ତ ଅବସ୍ଥାରେ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ପ୍ରତିବାଦ କରିବାରୁ ହତ୍ୟା ଧମକ ଦେଇଥିଲେ। ଏନେଇ ପୀଡିତା ଥାନାରେ ଅଭିଯୋଗ କରିଥିଲେ।

# ଆଜି ରିପୋର୍ଟ ଲେଖିବେ ନାକ୍ ଟିମ୍

**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ମୂଲ୍ୟାଙ୍କନର ଦ୍ୱିତୀୟ ଦିନ**

ଭୁବନେଶ୍ୱର,୨୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ୍ କାଉନସିଲ୍ (ନାକ୍) ଟିମ୍ ଦ୍ୱିତୀୟ ଦିନ ଗୁରୁବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍ଥାନ ପରିଦର୍ଶନ କରି ମୂଲ୍ୟାଙ୍କନ କରିଛନ୍ତି। ଉତ୍କର୍ଷ କେନ୍ଦ୍ର, ଲାଇବ୍ରେରି, ଛାତ୍ରୀ ନିବାସ ସମେତ ସ୍ପୋର୍ଟସ କାଉନସିଲ୍, ଇନ୍‌ଡୋର୍ ଗେମ୍ସ, କ୍ୟାଣ୍ଟିନ, ସର୍ପିଂ କମ୍ପ୍ଲେକ୍ସ, ବର୍ଷାଜଳ ଅମଳ ସୁବିଧା, ସୋଲାର ପାନେଲ ୟୁନିଟ୍, ମୁକ୍ତାକାଶ ଜିମ ଔଷଧୀୟ ବୃକ୍ଷ ବଗିଚା ଆଦି ପରିଦର୍ଶନ କରିଥିଲେ। ଏଥିସହ ଆଣ୍ଟିରାଗିଂ ସେଲ, ଆଇସିସି, ଡିଏସ୍‌ଡବ୍ଲ୍ୟୁ ମୁଖ୍ୟଙ୍କ ସମେତ ପରୀକ୍ଷା ନିୟନ୍ତ୍ରଣ, ବିତ୍ତ ନିୟନ୍ତ୍ରକଙ୍କ ସହ ଆଲୋଚନା କରିଥିଲେ। ଶୁକ୍ରବାର ନାକ୍ ଟିମ୍ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଆଦିର ମୂଲ୍ୟାଙ୍କନ ପାଇଁ ରିପୋର୍ଟ ଲେଖିବେ। ଏହାପରେ ଗ୍ରେଡ୍ ପ୍ରଦାନ କରିବ ନାକ।

ସୂଚନାଯୋଗ୍ୟ, ପ୍ରଫେସର ମୃଣାଳିନୀ ଫର୍ଣ୍ଣାଡିଜ୍‌ଙ୍କ ଅଧ୍ୟକ୍ଷତାରେ ସଂଯୋଜକ ପ୍ରଫେସର ଏନ୍ ଭାସୁକି ରାଜା, ସଦସ୍ୟ ପ୍ରଫେସର ବିବେକ କୁମାର, ପ୍ରଫେସର ନିରାଙ୍କର ଶ୍ରୀବାସ୍ତବ, ପ୍ରଫେସର ସହଦ ଅବ୍‌ଦୁଲ ହାଫିଜ ମଇଉଦ୍ଦିନ, ପ୍ରଫେସର ରେଖା ଅଗ୍ରୱାଲ ୨ଟି ଗ୍ରୁପ୍‌ରେ ବିଭିନ୍ନ କେନ୍ଦ୍ର ପରିଦର୍ଶନ ଜାରି ରଖିଛନ୍ତି। ଗ୍ରୁପ୍-୧ ପରୀକ୍ଷା ନିୟନ୍ତ୍ରକ ସେକ୍ସନରେ ପହଞ୍ଚି ସେଠାରେ ଆଲୋଚନା କରିଥିଲେ। ଏଥିସହ ପରୀକ୍ଷା ଫଳାଫଳ ଠିକ୍ ସମୟରେ ପ୍ରକାଶ ହେଉଛି କି ନାହିଁ, ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏହି ସମୟରେ ଗ୍ରୁପ-୨ ରମାଦେବୀ ଚେୟାର ସହ ବୈଠକ କରିଥିଲେ। ଏହାପରେ ଉଭୟ ଗ୍ରୁପ୍ ଅଧଘଣ୍ଟା ଧରି ବିତ୍ତ ନିୟନ୍ତ୍ରକ ଏବଂ କୁଳସଚିବଙ୍କ ସହ ଆଲୋଚନା କରିଥିଲେ। ସେଣ୍ଟ୍ରାଲ ଲାଇବ୍ରେରି, ଦିବ୍ୟାଙ୍ଗଙ୍କ ପାଇଁ ସୁବିଧା ସୁଯୋଗ, ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କ ପାଇଁ ଅଡିଓ ବ୍ଲକ୍ ଅଛି କି ନାହିଁ ତାହା ଦେଖିଥିଲେ। ଏଥିସହ ଗ୍ରୁପ-୧ ବିଏଡ୍ ବିଭାଗ, ଏନ୍‌ସିସି ୟୁନିଟ, ସେଲ୍ଫ ଡିଫେନ୍ସ, ଯୋଗ ସୁବିଧା, ସ୍ୱାସ୍ଥ୍ୟ କେନ୍ଦ୍ର ବୁଲିଥିଲେ। ଗ୍ରୁପ-୨ କେନ୍ଦ୍ରୀୟ ସୁବିଧା ଦେଖିଥିଲେ। ଅସୀମା ହଷ୍ଟେଲ ଏବଂ ଅନ୍ନପୂର୍ଣ୍ଣା ହଷ୍ଟେଲ ଛାତ୍ରୀଙ୍କ ସହ ଆଲୋଚନା କରିବା ସହ ସେଠାର ସୁବିଧା ପଚାରି ବୁଝିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ଅଣଅଧ୍ୟାପକଙ୍କ ସହ ମଧ୍ୟ ଆଲୋଚନା ହୋଇଥିଲା। ଶୁକ୍ରବାର ନାକ ଦଳ ରିପୋର୍ଟ ପ୍ରସ୍ତୁତ କରିବେ। କୁଳପତିଙ୍କ କକ୍ଷରେ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ ହେବ। ଏହାପରେ ନୂଆ ପ୍ରେକ୍ଷାଳୟରେ ପ୍ରସ୍ଥାନ ବୈଠକ କରିବେ ବୋଲି ସୂଚନା ଦିଆଯାଇଛି।



ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଜାତୀୟ ନାଟକ ମହୋତ୍ସବର ଗୁରୁବାର ସନ୍ଧ୍ୟାରେ ପରିବେଷିତ ନାଟକ 'ପରିଚୟ'ର ଏକ ଦୃଶ୍ୟ। (ଫଟୋ- ବିକାଶ ନାୟକ)

## ଏଜି ଛକ ଟ୍ରାଫିକ୍ ପୋଷ୍ଟରେ ଦୁର୍ଘଟଣା, ୪ ଆହତ

ଭୁବନେଶ୍ୱର,୨୬।୯
(ସୂର୍ଯ୍ୟକାନ୍ତ ବେହେରା)



କ୍ୟାପିଟାଲ ଥାନା ଅନ୍ତର୍ଗତ ଏଜି ଟ୍ରାଫିକ ଛକରେ ଗୁରୁବାର ଭୋର ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ବୋଲେରୋ ଓ କାର ମଧ୍ୟରେ ଧକ୍କାହେବାରୁ ଉଭୟ ଗାଡ଼ିରେ ବସିଥିବା ୪ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତଙ୍କ ପରିଚୟ ଜଣାପଡି ନ ଥିବାବେଳେ ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତରେ ସେମାନଙ୍କୁ ଉଦ୍ଧାର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଏଥିସହ ଦୁଇଟି ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ସୂଚନାନୁସାରେ, ସେକ୍ରେଟାରିଏଟ୍ ଆଡୁ ବୋଲେରୋଟି ଏୟାରପୋର୍ଟ ଯାଉଥିବା ବେଳେ କଳ୍ପନା ଆଡୁ ଆସୁଥିବା ଏକ କାର୍ ସହ ଜୋରରେ ଧକ୍କା ହୋଇଥିଲା। ଫଳରେ ବୋଲେରୋଟି କିଛି ବାଟ ଯାଇ ଓଲଟି ପଡ଼ିଥିବାବେଳେ କାର୍‌ଟି ମଧ୍ୟ ଏକ ଡିଭାଇଡରରେ ଜୋର ପିଟିହୋଇଯାଇଥିଲା। ଏଥିରେ ଦୁଇ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ଗାଡ଼ିରୁ ଡ୍ରାଇଭରଙ୍କ ସମେତ ୪ ଜଣଙ୍କୁ ଉଦ୍ଧାରକରି ଥାନାକୁ ଖବର ଦେଇଥିଲେ।

### ପୋଲିସ ଉପରକୁ ଗାଡ଼ି ମଡ଼ାଇବା ଉଦ୍ୟମ, ୨ ଗିରଫ

ଭୁବନେଶ୍ୱର,୨୬।୯
(ସୂର୍ଯ୍ୟକାନ୍ତ ବେହେରା)

ଓମ୍‌ଫେଡ୍ ଛକରେ ବୁଧବାର ରାତିରେ ଯାଞ୍ଚବେଳେ ଜୟଦେବବିହାର ଆଡୁ ଦ୍ରୁତଗତିରେ ଆସୁଥିବା ଏକ ଗାଡ଼ିକୁ ପୋଲିସ ସଙ୍କେତ ଦେଇ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଚାଳକ ଜଣକ ପୋଲିସ ଉପରକୁ ଚଢ଼ାଇବାକୁ ଉଦ୍ୟମକରି ଖସି ପଳାଉଥିଲେ। ପୋଲିସ କିଛି ବାଟ ଗୋଡ଼ାଇ ୨ ଜଣଙ୍କୁ କାବୁ କରିଥିଲା। ଯାଞ୍ଚ ବେଳେ ଉକ୍ତ ଗାଡ଼ିରୁ ଅନ୍ୟ ଏକ ନମ୍ବର ପ୍ଲେଟ୍ ପୋଲିସ ପାଇଥିଲା। ଅଭିଯୁକ୍ତଦ୍ୱୟ ହେଲେ ଜାଭେଦ ଖାନ ଓ ସେକ୍ ରାଜୁ। ଉଭୟଙ୍କ ନାଁରେ ଖଣ୍ଡଗିରି ଥାନାରେ ଆପରାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ତେଣୁ ଜବତ ହୋଇଥିବା ନମ୍ବର ପ୍ଲେଟ୍‌କୁ ସେମାନେ ଟ୍ରାଫିକ ନିୟମ ଉଲ୍ଲଂଘନ କିମ୍ବା ଅପରାଧ ପାଇଁ ବ୍ୟବହାର କରିଥିବା ପୋଲିସ ସନ୍ଦେହକରି ଘଟଣାର ଅଧିକ ଖୋଳତାଡ କରୁଛି।

## ସ୍ୱର୍ଣ୍ଣ ହସ୍ପିଟାଲରେ ଫାର୍ମାସିଷ୍ଟ ଦିବସ ପାଳିତ



ଭୁବନେଶ୍ୱର,୨୬।୯(ଅନୁରାଧା ମହାରଣା)

ସ୍ୱାସ୍ଥ୍ୟ କ୍ଷେତ୍ରକୁ ସୁଦୃଢ଼ ତଥା ଉନ୍ନତ କରିବା ପାଇଁ ସମଗ୍ର ବିଶ୍ୱରେ ସେପ୍ଟେମ୍ବର ୨୫କୁ ଅନ୍ତଃରାଷ୍ଟ୍ରୀୟ ଫାର୍ମାସିଷ୍ଟ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ସ୍ଥାନୀୟ ସ୍ୱର୍ଣ୍ଣ ହସ୍ପିଟାଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ହସ୍ପିଟାଲର ଅଧିକାରୀ, ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତର ଓ ଫାର୍ମାସୀ ବିଭାଗର ସମସ୍ତ ସଦସ୍ୟ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଫାର୍ମାସିଷ୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଔଷଧର ବିଶେଷତ୍ୱ ଉପରେ ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ସ୍ୱର୍ଣ୍ଣ ହେଲଥ୍ କେୟାରର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଡା. ପ୍ରିୟବ୍ରତ ଧୀର, ସ୍ୱର୍ଣ୍ଣ ହେଲଥ୍ କେୟାରର ବିତ୍ତୀୟ ନିର୍ଦ୍ଦେଶକ ସି.ଏ. ବିଧୁ ଭୂଷଣ ନାୟକ, ସ୍ୱର୍ଣ୍ଣ ଗ୍ରୁପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ମହାପାତ୍ର ଏବଂ ସ୍ୱର୍ଣ୍ଣ ହସ୍ପିଟାଲ୍‌ର ଅଧୀକ୍ଷକ ଡା. ଭରତ ଦାସ ଯୋଗଦେଇ ଚିକିତ୍ସା କ୍ଷେତ୍ରରେ ଫାର୍ମାସୀଷ୍ଟଙ୍କ ଅବଦାନକୁ ପ୍ରଶଂସା କରିଥିଲେ।

## ହୋଟେଲରେ ଜୁଆଖେଳ, ୫ ଗିରଫ



ଭୁବନେଶ୍ୱର,୨୬।୯
(ସୂର୍ଯ୍ୟକାନ୍ତ ବେହେରା)



ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଏକ ହୋଟେଲରେ ବେଆଇନ ଭାବେ ଜୁଆଖେଳ ଚାଲିଥିଲା। କୌଣସି ସୂତ୍ରରୁ ଖବର ପାଇ ସ୍ପେଶାଲ ସ୍କ୍ୱାଡ୍ ଓ ନୟାପଲ୍ଲୀ ଥାନା ପୋଲିସ ଟିମ୍ ଗୁରୁବାର ରାତିରେ ଉକ୍ତ ଜୁଆଆଡ୍ଡା ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଜୁଆ ଖେଳରେ ସାମିଲ ଥିବା ୫ଜଣ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗଞ୍ଜାମର ୱାଇ.ନାଗେଶ୍ୱର ରାଓ, ସୁନ୍ଦରଗଡ଼ର କ୍ରିଷ୍ଣା ରୋହିଦାସ ଓ ଉତ୍ତମ ସେଠୀ, କ୍ୟାପିଟାଲ ଥାନା ଅଞ୍ଚଳର ଚିତ୍ତରଞ୍ଜନ ସୁବୁଦ୍ଧି ଓ ସହଦେବ ପ୍ରଧାନ। ଜୁଆଆଡ୍ଡାରେ ବ୍ୟବହୃତ ସାମଗ୍ରୀ, ତାସ, ୧୫ ହଜାରରୁ ଅଧିକ ଟଙ୍କା, ମଦ ବୋତଲ, ବ୍ୟାଙ୍କ ପାସ୍‌ବୁକ୍ ଓ ଗୋଟିଏ କାର୍ ଜବତ ହୋଇଛି। ଧରାପଡ଼ିଥିବା ଅଭିଯୁକ୍ତମାନେ ଗତ ମାସେ ହେବ ଉକ୍ତ ହୋଟେଲର ଏକ ରୁମ୍‌କୁ ବୁକ୍ କରି ଜୁଆ ଖେଳୁଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୨୬।୯(ସୂର୍ଯ୍ୟକାନ୍ତ ବେହେରା)

କୌଣସି କାରଣକୁ ନେଇ ସାଗର ମିଶ୍ର ନାମକ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଭରତପୁର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ରହୁଥିବା ଜଗତ୍‌ସିଂହପୁରର ବିଶ୍ୱବିଜୟ ସିଂ। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇଦିଆଯାଇଛି। ଅନ୍ୟପଟେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସ ଉଦ୍ୟମ ଚଳାଇଛି। ସାଗର ଗତ ୧୫ ତାରିଖ ରାତି ପ୍ରାୟ ୮ଟା ୪୫ରେ ସମ୍ ହସ୍ପିଟାଲ ସମ୍ମୁଖ ଫାଷ୍ଟ ଫୁଡ୍ ଦୋକାନ ଆଗରେ ଜଣେ ବନ୍ଧୁଙ୍କ ସହ ବସିଥିବାବେଳେ ଅଭିଯୁକ୍ତ ବିଶ୍ୱବିଜୟ ଆସି ସାଗରଙ୍କ ସହ ଝଗଡା କରିଥିଲେ। ପରେ ସେ ୧୦ରୁ ଅଧିକ ସହଯୋଗୀଙ୍କୁ ଡକାଇ ସାଗରଙ୍କୁ ମଦ ବୋତଲ ଏବଂ ପଥରରେ ଆକ୍ରମଣ କରିଥିଲେ। ବାପା ଶିଶିର ମିଶ୍ର ଥାନାରେ ଅଭିଯୋଗ କରିଥିଲେ।

**ଶ୍ରୀଶ୍ରୀ ମହାବୀର ପୂଜା କମିଟି, ନୟାପଲ୍ଲୀ**

# ମଣ୍ଡପରେ ପୂଜା ପାଇବେ ମହାବୀର

ଭୁବନେଶ୍ୱର, ୨୬।୯ (ବନ୍ଦନା ସେଠୀ)

ଆଶ୍ୱିନ ମାସ ଆସିଲେ ସବୁ ପୂଜା ମଣ୍ଡପରେ ମା' ଦୁର୍ଗାଙ୍କୁ ଆବାହନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଏ। କିଏ ନିଆରା ତୋରଣ ତିଆରି କରି ମା'ଙ୍କୁ ଆବାହନ କରେ ତ ଆଉ କିଏ ଆଖି ଝଲସାଇଲା ଭଳି ଆଲୋକମାଳାରେ ସାଜସଜ୍ଜାକୁ ଗୁରୁତ୍ୱ ଦିଏ। ତେବେ



**ବିରାଜିବେ ମା'**

ଗତ ୧୪ବର୍ଷ ଧରି ନୟାପଲ୍ଲୀର ଶ୍ରୀଶ୍ରୀ ମହାବୀର ପୂଜା କମିଟି ପକ୍ଷରୁ ଦଶହରାରେ ମହାବୀରଙ୍କୁ ପୂଜା କରାଯାଏ। ଚଳିତବର୍ଷ କମିଟି ପକ୍ଷରୁ କରାଯାଉଥିବା ପୂଜା ୧୫ବର୍ଷରେ ପହଞ୍ଚିଥିବାବେଳେ ପୂଜା ପାଇଁ ମୋଟ୍ ୧୦ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି।

ଚଳିତ ବର୍ଷ କମିଟି ପକ୍ଷରୁ ସୁସଜ୍ଜିତ ଆଲୋକମାଳା ସାଙ୍ଗକୁ ଲାଇଟ୍ ଗେଟ୍‌କୁ ଗୁରୁତ୍ୱ ଦିଆଯାଇଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍‌ଛକଠାରୁ ଆଖଣ୍ଡଳମଣି ମନ୍ଦିର



ପର୍ଯ୍ୟନ୍ତ ଆଲୋକୀକରଣ କରାଯିବ। ମହାବୀରଙ୍କ ମୂର୍ତ୍ତିର ଉଚ୍ଚତା ୧୬ଫୁଟ ରହିଥିବାବେଳେ କୋଲକାତାର କାରିଗର ଏହାର ନିର୍ମାଣ ଦାୟିତ୍ୱ ନେଇଛନ୍ତି। ପ୍ରତିବର୍ଷ ପରି ସପ୍ତମୀ ଦିନ ପୁରୀରୁ ମା' ବିମଳାଙ୍କଠାରୁ ଆଜ୍ଞାମାଳ ଆସିବା ପରେ ମହାବୀରଙ୍କ ପୂଜାର୍ଚ୍ଚନା କରାଯିବ। ରୀତିନୀତିରେ ପୂଜା ହେବା ସହ ଦଶମୀ ଦିନ ୧୦ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ସେହିପରି ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ମେଲୋଡିର କାର୍ଯ୍ୟକ୍ରମ ରହିବ। ଏଥିରେ କଣ୍ଠଶିଳ୍ପୀ ଶକ୍ତି ମିଶ୍ର, ମେଲୋଡି ସଙ୍ଗୀତ ବାଦସାହା କଣ୍ଠଶିଳ୍ପୀ ସୁବାଶିଷ ମହାକୁଡ଼ ସଙ୍ଗୀତ ପରିବେଷଣ କରିବେ। ସେହିପରି ଭଜନ ସନ୍ଧ୍ୟା, ଏଲ୍‌ଏନନ୍ ଲାଫ୍‌ଟର କ୍ଲବ୍ ସଦସ୍ୟଙ୍କ ଦ୍ୱାରା ନୃତ୍ୟ, ଛୋଟ ପିଲାଙ୍କ ନୃତ୍ୟ, ଦାଣ୍ଡିଆ ନୃତ୍ୟ ଆଦି କାର୍ଯ୍ୟକ୍ରମ କରାଯିବ। ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟାରେ ବରିଷ୍ଠ ନାଗରିକ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ସେହିପରି ପୂଜା ପର ଦିନ ପାରମ୍ପରିକ ବାଦ୍ୟର ତାଳେତାଳେ ମହାବୀରଙ୍କୁ ବିଦାୟ ଦିଆଯିବ। ଏହାବାଦ୍ ୟୁନିଟ୍-୮ ଡିଏଭି ସ୍କୁଲ ଛକ ସମ୍ମୁଖ ମଣ୍ଡପରେ ସମସ୍ତ ପୂଜା କମିଟିର ସଭାପତି, ସମ୍ପାଦକ ଓ କର୍ତ୍ତାମାନଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯିବ ବୋଲି କମିଟିର କାର୍ଯ୍ୟକାରୀ ସଭାପତି ମିଳନ କୁମାର ପାଇକରାୟ ଓ ସାଂସ୍କୃତିକ ସମ୍ପାଦକ ସାଗର ବଳବନ୍ତରାୟ ସୂଚନା ଦେଇଛନ୍ତି।

### ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ



ଆମ କମିଟି ପକ୍ଷରୁ ୧୫ବର୍ଷ ହେବ ମହାବୀରଙ୍କ ପୂଜା କରାଯାଉଛି। ଏଥର ପୂଜାରେ ଶାନ୍ତିଶୃଙ୍ଖଳାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ସମେତ ୧ଶହ ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ଏଥିରେ ସ୍ୱଚ୍ଛତା ରକ୍ଷା କରିବା ପାଇଁ ପ୍ରତ୍ୟେକ ସ୍ୱେଚ୍ଛାସେବୀଙ୍କୁ ସ୍ୱତନ୍ତ୍ର ଟି-ଶାର୍ଟ ଏବଂ ଆଇକାର୍ଡ ପ୍ରଦାନ କରାଯିବ। ସେହିପରି ଶୃଙ୍ଖଳିତ ଦର୍ଶନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

-ଶୈଳେନ୍ଦ୍ର ପ୍ରସାଦ ରାୟ, ସାଧାରଣ ସମ୍ପାଦକ

### ପାରମ୍ପରିକ ବାଦ୍ୟରେ ହେବ ଭସାଣି



ପୂଜାରେ ସାଜସଜ୍ଜା ସାଙ୍ଗକୁ ସୁରକ୍ଷା ଏବଂ ମନୋରଞ୍ଜନ ପ୍ରତିଟି ଦିଗକୁ ଆମେ ଧ୍ୟାନ ଦେଇଛୁ। ଡିଜେ କଟକଣା ଥିବାରୁ ଭସାଣିରେ ଢୋଲ ନିସାନ, ପଞ୍ଜାବୀ ଢୋଲ, ଘୋଡ଼ାନାଚ, ବାଘନାଚ, ସିଂହବାଜା, ଦୁଲ୍‌ଦୁଲି ଆଦି ପାରମ୍ପରିକ ବାଦ୍ୟରେ ପବନପୁତ୍ରଙ୍କୁ ବିଦାୟ ଦିଆଯିବ। ସେହିପରି ଶ୍ରଦ୍ଧାଳୁଙ୍କ ପାଇଁ ମଣ୍ଡପ ପାଖରେ ଏକ ସେଲ୍‌ଫି ପଏଣ୍ଟର ବ୍ୟବସ୍ଥା କରାଯିବ।

-ସୁପ୍ରଭାତ ପ୍ରଧାନ, ସହ ସାଧାରଣ ସମ୍ପାଦକ

## ସଂକ୍ଷେପରେ

### ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଲେ ମା' ବନଦୁର୍ଗା



ନିରାକାରପୁର,୨୬।୯ (ମାନସ ଚନ୍ଦ୍ର ପଟ୍ଟନାୟକ)

ଶାରଦୀୟ ପୂଜା ଅବସରରେ ଗୁରୁବାର ରାମେଶ୍ୱର ପଞ୍ଚାୟତରେ ଥିବା ମା' ବନଦୁର୍ଗା ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା'ଙ୍କର ମଙ୍ଗଳଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା ଏବଂ ପରେ ମା'ଙ୍କର ଷୋଡ଼ଶ ଉପଚାରରେ ମଧାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଳଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ତପନ କୁମାର ମହାପାତ୍ର , ବିଷ୍ଣୁପ୍ରିୟା ପଟ୍ଟଯୋଷୀ ସହଯୋଗ କରିଥିଲେ। କଳାହାଣ୍ଡି ଜୁନାଗଡ଼ର ପ୍ରଶାନ୍ତ ପଟ୍ଟଯୋଷୀ, କଳ୍ପନା ପଟ୍ଟଯୋଷୀ, ରୁଚିକା, ମୋନିକା, ଗୁରୁନି ସପରିବାର ଏବଂ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କର ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

### ଟ୍ରେନ୍ ଧକ୍କାରେ ମୟୂର ମୃତ

ବୋଲଗଡ଼, ୨୬।୯ (ଦେବବ୍ରତ ହୋତା)

ବୋଲଗଡ଼ ଟାଉନ ଷ୍ଟେଶନ ନିକଟ ରେଲୱେ ଓଭରବ୍ରିଜଠାରେ ଟ୍ରେନ୍‌ଧକ୍କାରେ ଏକ ମୟୂରର ମୃତ୍ୟୁ ଘଟିଥିବା ବେଳେ ଆଉ ଦୁଇଟି ମୟୂର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ଏକ ଟ୍ରେନ୍ ସହ ରେଳଧାରଣାରେ ଥିବା ତିନୋଟି ମୟୂର ସହ ଧକ୍କା ହୋଇଥିଲା। ଦୁଇଟି ମୟୂର ସାମାନ୍ୟ ଆହତ ହୋଇ ଉଡ଼ି ଯାଇଥିବା ବେଳେ ଗୋଟିଏ ମୟୂରର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ବୋଲଗଡ଼ ବନପାଳ ପହଞ୍ଚି ମୟୂରକୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟକୁ ଆଣିଥିବା ବେଳେ ସେଠାରେ ଡାକ୍ତର ମୟୂରକୁ ମୃତ ଘୋଷଣା କରିଥିଲେ। ମୟୂରର ବ୍ୟବଚ୍ଛେଦ ପରେ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଛି।

### ଲବଙ୍ଗଲତାଙ୍କ ସ୍ମୃତିଚାରଣ

ଜଟଣୀ, ୨୬।୯ (ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ପ୍ରଶାନ୍ତ କୁମାର ପାଇକରାୟଙ୍କ ମାତା ଲବଙ୍ଗଲତା ପାଇକରାୟଙ୍କ ଏକାଦଶାହ ଅବସରରେ ଗୁରୁବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଖୁଦୁପୁରସ୍ଥିତ ବାସଭବନ ଠାରେ ଆୟୋଜିତ ସ୍ମୃତିଚାରଣ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ସ୍ମୃତିଚାରଣ କରିଥିଲେ। ଲବଙ୍ଗଲତା ଜଣେ ମିଷ୍ଟଭାଷୀ, ପରୋପକାରୀ, ସ୍ନେହୀ, ମେଳାପୀ, ଧର୍ମପରାୟଣା ମହିଳା ଏବଂ ଦୀର୍ଘ ବର୍ଷ ସମାଜ ମଙ୍ଗଳ କାର୍ଯ୍ୟରେ ନିୟୋଜିତ ରହି ସମଗ୍ର ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ ବୋଲି ମତପ୍ରକାଶ ପାଇଥିଲା।

# ଲୁକ୍କାୟିତ ପ୍ରତିଭା ବିକଶିତ କରେ ସୁରଭି

ଟାଙ୍ଗୀ, ୨୬।୯ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମୁକ୍ତେଶ୍ୱର ଦେବ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଉଜ୍ଜ୍ୱଳା ଗୋପୀନାଥପୁରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କୁମାର ରାଉତରାୟ, ସରପଞ୍ଚ ଶୁଭ ସନ୍ଧ୍ୟା ସାମନ୍ତରାୟ, ଶିକ୍ଷକ ସଂଘ ସଭାପତି ସଲିଳ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁର ଲୁକ୍କାୟିତ ପ୍ରତିଭା ବିକଶିତ ହୋଇପାରିବ ବୋଲି ମନ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ସିଆର୍‌ସିସି ଅମିତ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରିୟମ୍ବଦା ଜେନା, ଲିଲିପ୍ତା ଜେନା, ପ୍ରସନ୍ନ ମଙ୍ଗରାଜ, ସୁଦୀପ ମଣ୍ଡଳ, ପ୍ରିୟଙ୍କା ମହାପାତ୍ର, ସନ୍ତୋଷ ବେହେରା, ଇତିଶ୍ରୀ ରାଉତ, ସ୍ମିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଲଳିତ ନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସେହିଭଳି ଲକ୍ଷ୍ମୀଧରପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଲକ୍ଷ୍ମୀଧରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଜିଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ସମାଜସେବୀ ଶ୍ରୀବତ୍ସ ପରିଡ଼ା, ଶିଶୁ ମନ୍ଦିର ସମ୍ପାଦକ ଶତ୍ରୁଘ୍ନ ପ୍ରଧାନ, ରମେଶ ନାଇଡୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ବିଭାଗ ବିତର୍କରେ କୌଶଲ୍ୟା ଜେନା ପ୍ରଥମ, ପ୍ରିୟଙ୍କା ପେଣ୍ଟୋଇ ଦ୍ୱିତୀୟ, ସଞ୍ଜୁଲତା ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ପ୍ରବନ୍ଧ ଲିଖନରେ ପ୍ରତିମା ବରାଳ ପ୍ରଥମ, ଲକ୍ଷ୍ମୀପ୍ରିୟା ଜେନା ଦ୍ୱିତୀୟ, ରିୟା ଧଳ ତୃତୀୟ, କୁଇଜ୍‌ରେ ସାଇ କୁମାର ପ୍ରଥମ, ସରସ୍ୱତୀ ବେହେରା ଦ୍ୱିତୀୟ, ରୁବି ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ସିଆର୍‌ସିସି ଦୀନବନ୍ଧୁ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ସାନକୁସୁମୀ ସାମନ୍ତଗୋପୀନାଥପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଟାଙ୍ଗୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଟାଙ୍ଗୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପରିଡ଼ା, ସିଆର୍‌ସିସି ପ୍ରସନ୍ନ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ଚିତ୍ରାଙ୍କନରେ ରୋହିତ ଷଣ୍ଢ, ଗଣିତ ଦୌଡ଼ରେ ପାୟଲ ପ୍ରିୟଦର୍ଶିନୀ ମହାରଣା, ଗଳ୍ପ କଥନରେ ରାଜଲକ୍ଷ୍ମୀ ବେହେରା, ସୃଜନଶୀଳ ଲିଖନରେ ଅର୍ଚ୍ଚିତା ସାହୁ, ଚିତ୍ରକଳାରେ ସ୍ୱାଗତିକା ପେଣ୍ଟୋଇ, ହସ୍ତକଳାରେ ପଦ୍ମାଳୟା ରାଉତ, ସଙ୍ଗୀତରେ ସୁଲଗ୍ନା ରାଉତ, ତର୍କରେ ଭାଗ୍ୟଲକ୍ଷ୍ମୀ ପାତ୍ର, ବକ୍ତୃତାରେ ସାଇ ଅର୍ପିତା ପ୍ରଥମ ସ୍ଥାନ ହାସଲ କରି ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ଟାଙ୍ଗୀ, ୨୬।୯ (ରଘୁନାଥ ସାହୁ)

ଜଣେ କଲେଜ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ନେଇ ଜଙ୍କିଆ ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୩୯/୨୪) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଛାତ୍ରୀଜଣଙ୍କ କଲେଜରୁ ଘରକୁ ଫେରୁଥିବା ବେଳେ ଜଣେ ଯୁବକ ତାଙ୍କୁ ଟଣାଓଟରା କରିବା ସହ ଅସଦାଚରଣ କରିଥିଲେ। ଛାତ୍ରୀ ଜଣଙ୍କ ପାଟି କରିବାରୁ ଯୁବକ ଜଣଙ୍କ ତାଙ୍କୁ ଗାଳିଗୁଲଜ କରିବା ସହ ଘରୁ ଉଠାଇ ନେବାକୁ ଧମକ ଦେଇଥିଲେ। ଏହା ପରେ ଛାତ୍ରୀଜଣଙ୍କ ଘରକୁ ଆସି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ସମ୍ପୃକ୍ତ ଯୁବକ ଥିବା ସମ୍ପର୍କୀୟଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ପଚାରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ଯୁବକଙ୍କ ସମ୍ପର୍କୀୟମାନେ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି।





ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଗୁରୁବାର ଜଟଣୀ ମୁଖ୍ୟ ରାସ୍ତା ହରିଭାଇନା ଛକ ପେଟ୍ରୋଲ ପମ୍ପଠାରେ ପାଣି ଜମି ରହିଛି। ହାଟବଜାର ଛକଠାରେ ବର୍ଷାଜଳ ଜମି ରହିଛି। (ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)

## ମୌଳିକ ସୁବିଧାରୁ ବଞ୍ଚିତ ଗମ୍ଭାରୀ ପଞ୍ଚାୟତବାସୀ

କୃଷ୍ଣପ୍ରସାଦ, ୨୬।୯ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗମ୍ଭାରୀ ପଞ୍ଚାୟତବାସୀ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ନିର୍ବାଚନ ସମୟରେ ନେତାମାନେ ଆସି ପ୍ରତିଶ୍ରୁତି ଦେଉଛନ୍ତି, ହେଲେ ସୁଧୁରୁନି ପଞ୍ଚାୟତବାସୀଙ୍କ ମୌଳିକ ସମସ୍ୟା। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଏବଂ ଗମନାଗମନ କ୍ଷେତ୍ରରେ ଏହି ପଞ୍ଚାୟତ ବହୁ ପଛରେ। ଏହି ପଞ୍ଚାୟତର ଚର୍ତୁଃପାଶ୍ୱରେ ଚିଲିକା ଘେରି ରହିଛି। ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡିଛି। ତେବେ ଜରୁରୀକାଳୀନ ପରିସ୍ଥିତିରେ ଉକ୍ତ ପଞ୍ଚାୟତକୁ ଆମ୍ବୁଲାନ୍ସ ସେବା ଓ ଅଗ୍ନିଶମ ଗାଡ଼ି ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ବିଭିନ୍ନ ସମସ୍ୟା ନେଇ ପଞ୍ଚାୟତବାସୀ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ପଦକ୍ଷେପ ନିଆଯାଉ ନାହିଁ। ଉକ୍ତ ପଞ୍ଚାୟତରେ ୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି। ପଞ୍ଚାୟତବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀ ସାହାୟକ କେନ୍ଦ୍ର, ଜରୁରୀକାଳୀନ ପରିସ୍ଥିତିରେ ଆଶ୍ରୟ ନେବା ପାଇଁ ପଞ୍ଚାୟତ ଅଧିନ ସମସ୍ତ ଗ୍ରାମରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବାକୁ ଦାବି ହେଉଛି। ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ସମିତିସଭ୍ୟା ଜାନକୀ ଜେନା ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ପଞ୍ଚାୟତ ସମିତି ବୈଠକରେ ଦାବି ଉପସ୍ଥାପନ କରିବା ସହ ଏମ୍‌ପି ଡା.ସମ୍ବିତ ପାତ୍ର ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସମସ୍ୟାର ସମାଧାନ ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଯୁବକଙ୍କୁ ହତ୍ୟାକରି ଫିଙ୍ଗିଦେବା ଘଟଣା, ୩ ଗିରଫ

ଟାଙ୍ଗୀ, ୨୬।୯ (ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ହାଟବରଡ଼ି ଗ୍ରାମର ମାଗା ସୁବୁଦ୍ଧିଙ୍କୁ ଗତ ୧୪ ତାରିଖ ରାତିରେ କେତେଜଣ ଦୁର୍ବୃତ୍ତ ହତ୍ୟାକରି ରେଳଲାଇନରେ ଫିଙ୍ଗି ଦେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଥିଲା। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ହାଟବରଡ଼ି ଗ୍ରାମର ଅକ୍ଷୟ ରାଉତରାୟ, ନଣ୍ଟୁ ରାଉତରାୟ ଏବଂ ଅବନୀ ରାଉତରାୟ। ତେବେ ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ପ୍ରକାଶ ଯେ, ହାଟବରଡ଼ି ଗ୍ରାମର ମାଗାଙ୍କ ସହିତ କୌଣସି କାରଣକୁ ନେଇ ଉପରୋକ୍ତ ଅଭିଯୁକ୍ତମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହା ପରେ ଅଭିଯୁକ୍ତମାନେ ଗତ ୧୪ତାରିଖ ରାତିରେ ମାଗାଙ୍କୁ ହତ୍ୟା କରି ଗଙ୍ଗାଧରପୁର ରେଳଷ୍ଟେଶନ ନିକଟ ରେଳଲାଇନରେ ଫିଙ୍ଗି ଦେଇଥିଲେ। ୧୫ତାରିଖ ସକାଳେ ମାଗାଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବରପାଇ ରେଲୱେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୬୪/୨୪) ରୁଜୁ କରିଥିଲା। ଅଭିଯୁକ୍ତମାନଙ୍କ ଗିରଫ ଦାବିରେ ଗ୍ରାମବାସୀ କୁହୁଡ଼ି ଫାଣ୍ଡି ସମ୍ମୁଖ ୧୬ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଟାଙ୍ଗୀ ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହେବା ସହ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ପୋଲିସ ଘଟଣାର ତଦନ୍ତ ଚଳାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି।

## କବି ହରିହର ମିଶ୍ର ଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସାହିତ୍ୟିକ

ବାଲୁଗାଁ, ୨୬।୯ (ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ କବି ହରିହର ମିଶ୍ରଙ୍କ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ମିଶ୍ରଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହା ପରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ଯୁକ୍ତ ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ଦର୍ଶନ ବିଭାଗ ମୁଖ୍ୟ ଡ. କୈଳାସ ଚନ୍ଦ୍ର ମହାରଣା, ଓଡ଼ିଆ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଝରଣା ନାଥ, ସେମିନାର ସଂଯୋଜକ ଡ. ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ଅଧ୍ୟାପକ ଧୋବୀ ଚରଣ ପରିଡ଼ା, ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ପ୍ରଫେସର ହରିହର ମିଶ୍ରଙ୍କ କାଳଜୟୀ ସାହିତ୍ୟର ପ୍ରଭାବ, ଓଡ଼ିଆ ବାଣୀ ଭଣ୍ଡାରକୁ ଅବଦାନ ଓ ଓଡ଼ିଶା ସାହିତ୍ୟ ଏକାଡେମୀରେ ତାଙ୍କର ପ୍ରତିବଦ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ। ସେ ଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସାହିତ୍ୟିକ। ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଜଗତର ଅପୂରଣୀୟ କ୍ଷତି ଘଟିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ଆଇନ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଖୋର୍ଦ୍ଧା, ୨୬।୯ (ପ୍ରଭାତ ପାଣିଗ୍ରାହୀ)

ତାଲୁକ ଆଇନ ସେବା କମିଟି ପକ୍ଷରୁ ଖୋର୍ଦ୍ଧା ଲ' କଲେଜ ଠାରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବସନ୍ତ କୁମାର ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଅଶୋକ କୁମାର ମହାପାତ୍ର, ବିକ୍ରମ କେଶରୀ ଚମ୍ପତି, ରାଧାକାନ୍ତ ରାୟ ସାମନ୍ତ, ଶ୍ରୀକୃଷ୍ଣ ଦଳବେହେରା, ଶିବ ତ୍ରିପାଠୀ, ସୁମନ୍ତ ମିଶ୍ର, ଆଇନ ମହାବିଦ୍ୟାଳୟର ସମ୍ପାଦକ ସୁଧୀର କୁମାର ମାନସିଂହ, ଅଧ୍ୟକ୍ଷ ଡ.ବିବେକାନନ୍ଦ ଛୋଟରାୟ, ଅନ୍ନପୂର୍ଣ୍ଣା ଦେବୀ, ଗୀତାଞ୍ଜଳି ମିଶ୍ର, ଅର୍ଚ୍ଚିତା ମହାରାଣା, ଶୁଭେନ୍ଦୁ ପାଇକରାୟ, ଅନ୍ତରାମ ପ୍ରଧାନ, ଛାତ୍ରୀ ସିପ୍ରାରାଣୀ ପାଢି, ଚିନ୍ମୟୀ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ। ପୀଡ଼ିତା କ୍ଷତିପୂରଣ, ଏସିଡ ଆକ୍ରମଣ ଉପରେ ଆଇନଗତ ବିଦ୍ଧି ବ୍ୟବସ୍ଥା ଏବଂ ଅପରାଧୀଙ୍କ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କଲେଜର ବହୁ ଛାତ୍ରୀଛାତ୍ର ଓ କର୍ମଚରୀମାନେ ଉପସ୍ଥିତ ଥିଲେ। ଶେଷରେ ଅନ୍ନପୂର୍ଣ୍ଣା ଦେବୀ ଧନ୍ୟବାଦ ଦେଇଥିଲେ।

## ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ସାମୟିକ ସ୍ଥଗିତ

ବାଲୁଗାଁ, ୨୬।୯ (ସଂଗ୍ରାମ ପାଇକରାୟ)

ବାଲୁଗାଁ ବଜାର ଦେଇ ଯାଇଥିବା ୫ ନମ୍ବର ଜାତୀୟ ରାଜପଥର ୪ ଲେନ୍‌ବିଶିଷ୍ଟ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି। କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରାସ୍ତାପାର୍ଶ୍ୱରେ ଥିବା ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ୨୭ତାରିଖରୁ ଉଚ୍ଛେଦ ନିମନ୍ତେ ଚିଲିକା ତହସିଲ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିସହ ଡାକବାଜି ଯନ୍ତ୍ର ମାଧ୍ୟମରେ ମଧ ଏନେଇ ଅଞ୍ଚଳବାସୀଙ୍କୁ ଅବଗତ କରାଯାଇଥିଲା। ତେବେ କୌଣସି କାରଣରୁ ଏହି ଉଚ୍ଛେଦ କାର୍ଯ୍ୟକୁ ସାମୟିକ ଭାବେ ସ୍ଥଗିତ ରଖାଯିବା ସହ ପରବର୍ତ୍ତୀ ସମୟରେ ତାରିଖ ଧାର୍ଯ୍ୟ କରାଯାଇ ଜନସାଧାରଣଙ୍କୁ ଅବଗତ କରାଯିବ ବୋଲି ଚିଲିକା ତହସିଲଦାର ଚକ୍ରଧର ପାଢ଼ୀ ଗୁରୁବାର ଏକ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

## ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ

ବୋଲଗଡ଼, ୨୬।୯ (ଦେବବ୍ରତ ହୋତା)

ପାଞ୍ଚଗଡ଼ ମଣ୍ଡଳ ସଭାପତି ସୁମନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ୧୦୯ ନମ୍ବର ବୁଥରେ ସଦସ୍ୟତା ଅଭିଯାନ ସମ୍ପର୍କରେ ଏକ ବୈଠକ ହୋଇଯାଇଛି। ପରେ ଜିଲା ସଦସ୍ୟତା ପ୍ରଭାରୀ ଲୋଚନବିନ୍ଦୁ ପଟ୍ଟନାୟକ, ପର୍ଯ୍ୟବେକ୍ଷକ ରତିକାନ୍ତ ଦାସ ଏବଂ କାର୍ଯ୍ୟକର୍ତ୍ତାମାନେ ଘର ଘର ବୁଲି ସଦସ୍ୟତା ଷ୍ଟିକର ଲଗାଇବା ସହ ଲିଫ୍‌ଲେଟ ବାଣ୍ଟିଥିଲେ। ଅନୁରୂପ ଭାବେ ବୋଲଗଡ଼ ମଣ୍ଡଳ ଦଳାଇସାହି ପଞ୍ଚାୟତର ୭୯ ନମ୍ବର ବୁଥ୍‌ରେ ଜିଲା ସମ୍ପାଦକ ଇଂ.କର୍ପୂର ସାହୁ, ମଣ୍ଡଳ ସଭାପତି ସଞ୍ଜୟ ବେହେରା, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଅଜିତ ମହାପାତ୍ର, ମଣ୍ଡଳ ଉପସଭାପତି ସହଦେବ ସୁବୁଦ୍ଧି, ପୁରୁଷୋତ୍ତମ ସୁବୁଦ୍ଧି, ସଞ୍ଜୟ ମହାପାତ୍ର, ବସନ୍ତ ପରିଡ଼ା, ଦଳାଇସାହି ପଞ୍ଚାୟତ ସଭାପତି ଉପେନ୍ଦ୍ର ସୁବୁଦ୍ଧି, ମଣ୍ଡଳ ସମ୍ପାଦକ ଅଜିତ ପଟ୍ଟନାୟକ ପ୍ରମୁଖ ଏକାଠି ହୋଇ ଷ୍ଟିକର ଲଗାଇବା ସହ ଲିଫ୍‌ଲେଟ ବାଣ୍ଟିଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ସୁଭଦ୍ରା ଯୋଜନା, ସିଏମ୍ କିଶାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ଶତାଧିକ ଲୋକଙ୍କୁ ଭାଜପାର ପ୍ରାଥମିକ ସଭ୍ୟ କରାଯାଇଥିଲା।



ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅବସରରେ ଭାଜପା ନେତା ଓ କର୍ମୀମାନେ।

## ଡିଏଚ୍‌ଏଚ୍‌ରେ ନର୍ସିଂ କର୍ମଚାରୀଙ୍କ ଧାରଣା

- ଜରୁରୀ ସେବାକୁ ବାଦ୍ ଦେଲେ ଅନ୍ୟ ସେବା ବନ୍ଦ
- କାର୍ଯ୍ୟବନ୍ଦ ଚେତାବନୀ, ଦାବିପତ୍ର ପ୍ରଦାନ

ଖୋର୍ଦ୍ଧା, ୨୬।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ କାର୍ଯ୍ୟରତ ନର୍ସିଂ କର୍ମଚାରୀମାନେ ୧୦ଦଫା ଦାବି ନେଇ ପୁଣି ଥରେ ଆନ୍ଦୋଳନ ଜାରି ରଖିଛନ୍ତି। ରାଜ୍ୟ ସଂଘର ଆନ୍ଦୋଳନ ଡାକରାରେ ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନର୍ସିଂ କର୍ମଚାରୀ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ପରିସରରେ ଏକାଠି ହୋଇ ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ। ତେବେ ଜରୁରିକାଳୀନ ସେବାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ସେବା ବନ୍ଦ ରହିଛି। ଶୁକ୍ରବାର କାର୍ଯ୍ୟବନ୍ଦ କରିବାକୁ ସଂଘ ଚେତାବନୀ ଦେଇଥିବା ବେଳେ ଏ ସଂକ୍ରାନ୍ତରେ ଡିଏଚ୍‌ଏଚ୍ ଅଧୀକ୍ଷକ ଏବଂ ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯୋଗ୍ୟତା ଏବଂ ବରିଷ୍ଠତା ଭିତ୍ତିରେ ସିନିୟର ନର୍ସିଂ ପଦବୀକୁ ପଦୋନ୍ନତି, ୧୬ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେବା ଯୋଗାଇ ଆସୁଥିବା ସେବିକାମାନଙ୍କୁ ଏକ ସମୟରେ ଦୁଇଟି ପଦୋନ୍ନତି, ୧୨ ନଭେମ୍ବର ୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରମାନଙ୍କ ୬ବର୍ଷ ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରି ସୀମାରେ ମିଶାଇ ପଦୋନ୍ନତି ଏବଂ ସମସ୍ତ ଆର୍ଥିକ ସୁବିଧା ଦିଆଯାଉ। ଅନ୍ୟ ରାଜ୍ୟ ଭଳି ଏନ୍‌ଏଚ୍‌ଏମ୍ ଅଧୀନରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ନୂତନ ସିଏଚ୍‌ଓମାନଙ୍କୁ ନିଯୁକ୍ତି ଦିଆଯାଉ। ନିୟମିତ ହୋଇ ନ ଥିବା ଅବଶିଷ୍ଟ ନର୍ସିଂ କର୍ମଚାରୀଙ୍କୁ ନିୟମିତ କରାଯାଉ। ଆଦିବାସୀ ଅଞ୍ଚଳରେ କାର୍ଯ୍ୟରତ ସେବିକାମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ଆଦି ଦାବି ରହିଛି। ଜିଲା ନର୍ସିଂ କର୍ମଚାରୀ ସଂଘ ସଭାପତି ପ୍ରତିମା ରାଉତ, ସାଧାରଣ ସମ୍ପାଦିକା ସାଧନା ଗୁମାନସିଂ, ପ୍ରତିମା ସାହୁ, ମଞ୍ଜୁଲତା ବେହେରାଙ୍କ ସମେତ ସମସ୍ତ ନର୍ସିଂ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି।




ଧାରଣାରେ ବସିଥିବା ନର୍ସିଂ କର୍ମଚାରୀମାନେ।

**ସଂକ୍ଷେପରେ**

## ରାଜ୍ୟସ୍ତରୀୟ ସ୍ୱଚ୍ଛତା ସମାରୋହରେ ପୁରୀ ଜିଲା ସମ୍ବର୍ଦ୍ଧିତ

ପୁରୀ,୨୬।୯(ଅଜିତ୍ କୁମାର ମହାନ୍ତି)

ସ୍ୱଚ୍ଛତାକୁ ସାର୍ବଜନୀନ କରିବା ସହ ଗୋଷ୍ଠୀ ସହଭାଗିତାରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ଗୁରୁବାର ପୁରୀ ଜିଲାକୁ ସମ୍ବର୍ଦ୍ଧିତ କରିଛନ୍ତି। ସତ୍ୟବାଦୀଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସ୍ୱଚ୍ଛତା ହିଁ ସେବା ମହୋତ୍ସବରେ ମନ୍ତ୍ରୀ ପାଟିଲ ସ୍ୱଚ୍ଛତାରେ ଜିଲାର ଅବଦାନକୁ ସ୍ୱୀକୃତି ଦେଇ ଗୋଷ୍ଠୀ ସହଭାଗିତାର ସଫଳତା ପାଇଁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସତ୍ୟବାଦୀ ବ୍ଲକ ବିଦ୍ୟାଧରପୁର ପଞ୍ଚାୟତକୁ ମଧ୍ୟ ସ୍ୱଚ୍ଛତା ପାଇଁ ପ୍ରଶଂସା ସୂଚକ ପୁରସ୍କାର ପ୍ରଦାନ କରାଯାଇଥିଲା। ସମାରୋହରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟର ସ୍ୱତନ୍ତ୍ର ଅଧିକାରୀ ଅଶୋକ କୁମାର ମିନା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ସୁଶୀଲ ଲୋହାନି ପ୍ରମୁଖ ଉପସ୍ଥିତ ଥିଲେ।

## ୮ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

କଣାସ,୨୬।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ବସନ୍ତପୁର ଗ୍ରାମର ମହେଶ୍ୱର ପରିଡ଼ାଙ୍କ ଝିଅ ନମିତା ପରିଡ଼ା(୧୩)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ କଣାସ ବ୍ଲକରେ ପ୍ରତିଷ୍ଠିତ ଆଦର୍ଶ ବିଦ୍ୟାଳୟ ୮ମ ଶ୍ରେଣୀରେ ପାଠ ପଢୁଥିଲେ। କିଛିଦିନ ହେବ ସେ ଅସୁସ୍ଥ ଥିଲେ। ମୃତ୍ୟୁ ଖବର ବିଦ୍ୟାଳୟରେ ପହଞ୍ଚିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତ୍ୟୁ ଖବର ପାଇ ଆଦର୍ଶ ବିଦ୍ୟାଳୟ ଓ ବାଣିଶ୍ରୀ ଅନୁଶିକ୍ଷଣ କେନ୍ଦ୍ରରେ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

## ପୋଖରୀରେ ବୁଡ଼ି ନିରଞ୍ଜନଙ୍କ ମୃତ୍ୟୁ

କଣାସ,୨୬।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ପରିସରଭୁକ୍ତ ମଣିଜପୁର ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ନିରଞ୍ଜନ ମହାପାତ୍ର (୪୫)। ସେ ସକାଳୁ ଗ୍ରାମ୍ୟ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଗଭୀର ଜଳକୁ ଚାଲିଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି ପରେ ତାଙ୍କୁ ପୋଖରୀରୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କଣାସ ଥାନା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିବା ଜଣାପଡ଼ିଛି।

# ରାଜ୍ୟସ୍ତରୀୟ 'ସ୍ୱଚ୍ଛତା ହିଁ ସେବା' ମହୋତ୍ସବ

ପୁରୀ/ ସାକ୍ଷୀଗୋପାଳ,୨୬।୯(ଅଜିତ୍ କୁମାର ମହାନ୍ତି/ କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)



ସ୍ୱଚ୍ଛତା ହିଁ ସେବା ମହୋତ୍ସବରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତି ରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଓ ଅନ୍ୟମାନେ।

ସ୍ୱଚ୍ଛତା ସମସ୍ତଙ୍କ ପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା ବୋଲି କହିଛନ୍ତି କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲ। ସତ୍ୟବାଦୀ ବ୍ଲକ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପଡ଼ିଆଠାରେ ରାଜ୍ୟସ୍ତରୀୟ 'ସ୍ୱଚ୍ଛତା ହିଁ ସେବା' ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପାଟିଲ ମହାତ୍ମା ଗାନ୍ଧୀ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ବୋଲି କହିଥିଲେ। ୨୦୧୪ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱଚ୍ଛତା ପାଇଁ ଲାଲ୍‌କିଲ୍ଲାରୁ ଆହ୍ୱାନ ଦେବାବେଳେ କେତେକ ଏହାକୁ ଗ୍ରହଣ କରିପାରି ନ ଥିଲେ। କିନ୍ତୁ ସେ ଏହାକୁ ସେବା ବୋଲି ଅଭିହିତ କରି ସମସ୍ତଙ୍କ ପାଇଁ ସ୍ୱଚ୍ଛତା କେତେ ଜରୁରୀ ତାହା ପ୍ରତିପାଦିତ କରିଛନ୍ତି। ପରିମଳ ପାଇଁ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେବା ସହ ରୋଗରେ ପଡୁଥିଲେ ଓ ମୃତ୍ୟୁବରଣ ମଧ୍ୟ କରୁଥିଲେ। ହେଲେ ବର୍ତ୍ତମାନ ପ୍ରତ୍ୟେକଙ୍କ ଘରେ ଶୌଚାଳୟ ହେବା ଦ୍ୱାରା ସମସ୍ତେ ବିଶେଷ କରି ମହିଳାମାନେ ସର୍ବାଧିକ ଉପକୃତ ହୋଇପାରୁଛନ୍ତି। ଆବାସ ଯୋଜନାରେ ୩କୋଟି ଗୃହ ଯୋଗାଇ ଦିଆଯିବ। ସେଥିରୁ ଗ୍ରାମାଞ୍ଚଳ ପାଇଁ ୨ କୋଟି ଆବାସ ବ୍ୟବସ୍ଥା ରହିଛି ବୋଲି ପାଟିଲ କହିଥିଲେ।

ପ୍ରାରମ୍ଭରେ ରାଜ୍ୟ ଗ୍ରାମ୍ୟଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ସମସ୍ତଙ୍କୁ ସ୍ୱାଗତ କରିବା ସହ ସ୍ୱଚ୍ଛତା ପାଇଁ ସମସ୍ତେ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ। ପ୍ରତି ଘରେ ଶୌଚାଳୟ ସହ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଉଛି। ୨୦୨୫ ଡିସେମ୍ବର ସୁଦ୍ଧା ସମସ୍ତ ଘରକୁ ଟ୍ୟାପ ପାଣି ଯୋଗାଇ ଦିଆଯିବ। ରାଜ୍ୟରେ ୭୫ ହଜାର କିଲୋମିଟର ରାସ୍ତା ନିର୍ମାଣ ହେବ ବୋଲି କହିବା ସହ ଆଗାମୀ ୬ ମାସ ମଧ୍ୟରେ ସର୍ଭେ କରାଯାଇ ୨୦ ଲକ୍ଷ ଗରିବ ଲୋକଙ୍କୁ ଆବାସ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ନାଏକ ସୂଚନା ଦେଇଥିଲେ। ଶେଷରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜଳ ଶକ୍ତି ମନ୍ତ୍ରଣାଳୟର ଓଏସ୍‌ଡି ଅଶୋକ କୁମାର ମିନା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ସୁଶୀଲ ଲୋହାନି ଯୋଗ ଦେଇଥିଲେ। ଏହି ଅବସରରେ ତରଳ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଖୋର୍ଦ୍ଧା ଜିଲା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସୁନ୍ଦରଗଡ଼ ଜିଲା, ଗୋଷ୍ଠୀ ସହଭାଗିତା ପାଇଁ ପୁରୀ ଜିଲା ଓ ସାମଗ୍ରିକ ସ୍ୱଚ୍ଛତା ପାଇଁ ନୂଆପଡ଼ା ଜିଲାକୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସେହିପରି ପଞ୍ଚାୟତସ୍ତରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁନ୍ଦରଗଡ଼ ଜିଲାର କଚରୁ, ଗଞ୍ଜାମ ଜିଲାର ଚମ୍ପାଖଣ୍ଡି, ନୂଆପଡ଼ା ଜିଲାର ଭାଲେଶ୍ୱର, ଯାଜପୁର ଜିଲାର ସୁଜନପୁର ଓ ପୁରୀ ଜିଲାର ବିଦ୍ୟାଧରପୁର ପଞ୍ଚାୟତକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭାସ୍ଥଳରେ ପ୍ରସ୍ତୁତ ୧୦ଗୋଟି ପ୍ରଦର୍ଶନୀ ମଣ୍ଡପକୁ ଅତିଥିମାନେ ବୁଲି ଦେଖିବା ସହ ସ୍ୱଚ୍ଛତା ମିତ୍ରଙ୍କୁ ସୁରକ୍ଷା ପିପିକିଟ୍ ପ୍ରଦାନ କରି ସେମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ପୂର୍ବରୁ ଅତିଥିମାନେ ସୁଆଣ୍ଡୋସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ପରିଦର୍ଶନ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଦ୍ୟାଧରପୁର ପଞ୍ଚାୟତର ବିଭିନ୍ନ ସ୍ୱଚ୍ଛତା ପ୍ରକଳ୍ପ ଦେଖିବା ସହ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ, ଅତିରିକ୍ତ ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂ ରାଠୋର,ଏସ୍‌ପି ପିନାକ ମିଶ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମୀରଞ୍ଜନ ସାହୁ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ରାକେଶ କୁମାର ପଣ୍ଡା, ମନୀଷା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ସେବା ଯୋଜନା ଦିବସ ପାଳିତ

ପୁରୀ ୨୬।୯ (ଅଜିତ୍ କୁମାର ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ଶ୍ରୀ ସଦାଶିବ ପରିସରରେ ରାଷ୍ଟ୍ରୀୟ ସେବା ଯୋଜନା ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ଟୋପି ଓ ବ୍ୟାଜ୍ ପ୍ରଦାନ କରି ସେବା ମନୋଭାବ ଦେଶ ନିର୍ମାଣରେ ଆବଶ୍ୟକ ବୋଲି ନିର୍ଦ୍ଦେଶକ ବନମାଳୀ ବିଶ୍ୱାଳ ନିଜ ଉଦ୍‌ବୋଧନ କହିଥିଲେ। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ସୁଶାନ୍ତ କୁମାର ରାଜ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସହ ନିର୍ଦ୍ଦେଶକ ବିଜୟ ପାଲ କଚ୍ଛୱା, ଅନ୍ୟତମ ଅତିଥି ଭାବେ ନିର୍ମଳା ପାଣିଗ୍ରାହୀ ଯୋଗଦାନ କରି ପିଲାମାନଙ୍କ ଉତ୍ସାହ ବୃଦ୍ଧି ବିଷୟରେ ଆଲୋକପାତ କରିଥିଲେ। ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଓମ୍ ନାରାୟଣ ମିଶ୍ର ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ସ୍ୱଚ୍ଛ ପକ୍ଷରେ ଏନ୍‌ଏସ୍‌ଏସ୍ ବିଭାଗ ପରିସର ଓ ମହୋଦଧି ସଫେଇରେ ସାମିଲ ହୋଇ ପ୍ରଶଂସା ପାଇଛି।

# କବି ହରିହର ମିଶ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା




ପୁରୀ,୨୬।୯
(ଅଜିତ୍ କୁମାର ମହାନ୍ତି)

କୁମାର ଉତ୍ସବ ସମିତି ପକ୍ଷରୁ କବି ହରିହର ମିଶ୍ରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ଥାନୀୟ ଭକ୍ତ ସାଲବେଗ ସମ୍ମିଳନୀ କକ୍ଷରେ ଚକ୍ରଧର ମହାପାତ୍ରଙ୍କ ସଭାପତିତ୍ୱରେ ସ୍ୱର୍ଗତ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ସଭା ଓ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଛି। ସ୍ୱର୍ଗତ ମିଶ୍ରଙ୍କ ବିୟୋଗ ଓଡ଼ିଆ ସାହିତ୍ୟ ଜଗତର ଅପୂରଣୀୟ କ୍ଷତି। ସାରଳା ପୁରସ୍କାର, ବିଷୁବ ସର୍ବୋଚ୍ଚ ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, କୁମାର ଉତ୍ସବ ସମିତି ସମ୍ମାନ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ, ଭାନୁଜୀ ରାଓ ପୁରସ୍କାର, ସମାଜ ସର୍ବୋଚ୍ଚ ପୁରସ୍କାର ପରି ବହୁ ପୁରସ୍କାର ଓ ସମ୍ମାନ ଲାଭ କରିଥିଲେ। ତାଙ୍କ କବିତାର ଶବ୍ଦ ଓ ଭାବରେ ବିଭୋର ଓଡ଼ିଶାର ଅଗଣିତ ପାଠକ, ପାଠିକା। ଅଗ୍ରଣୀ ପତ୍ର ପତ୍ରିକାରେ ତାଙ୍କ ଲେଖା ନିୟମିତ ପ୍ରକାଶ ପାଇ ଆସୁଥିଲା। କବି ମିଶ୍ର ପଦ୍ମଶ୍ରୀ ପାଇବା ନିମନ୍ତେ ଉପଯୁକ୍ତ ଦାବିଦାର ଥିଲେ ବୋଲି ସମିତି ପକ୍ଷରୁ ମତ ପ୍ରକାଶ ପାଇଥିଲା। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ଅଧିବକ୍ତା ବିଭୁପ୍ରସାଦ ତ୍ରିପାଠୀ, ସମାଜସେବୀ ରାଜେଶ କୁମାର ମିଶ୍ର, ଉତ୍କଳ ବିଦ୍ୱୋତ୍ ପରିଷଦର ସଭାପତି ମନୋଜ ରଥ, ବିଦ୍ୟୁଲତା ଆଚାର୍ଯ୍ୟ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀ ଆବାହକ ଅମରେନ୍ଦ୍ର ପାଇକରାୟ, ଜଗନ୍ନାଥ ବଲ୍ଲଭ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଗ୍ରାମ କେଶରୀ ଦାସ, ଗୌରୀ ଶଙ୍କର ସାମନ୍ତରାୟ, କଳ୍ପନା ମୁଦୁଲି, ପ୍ରମୋଦ ପଟ୍ଟନାୟକ, ବନିତା ଦୀକ୍ଷିତ, ଶୁଭଶ୍ରୀ ଜୟସିଂ, ମାନସ୍ମିତ ସାହୁ, ଗୌତମ ସାହୁ, ଦେବରାଜ ଦାସ ଆଦି ଉପସ୍ଥିତ ଥିଲେ। ଶ୍ରଦ୍ଧାଞ୍ଜଳୀ ସଭାକୁ ସ୍ୱାଧୀନ କୁମାର ପଣ୍ଡା ପରିଚାଳନା କରିଥିଲେ।




ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଘ ତରଫରୁ ରାଜ୍ୟର ସମସ୍ତ ସରକାରୀ ଆୟୁଷ ମହାବିଦ୍ୟାଳୟରେ କଳାଦିବସ ପାଳନ କରାଯାଉଛି ।

# ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଘର କଳାଦିବସ ପାଳନ

ପୁରୀ ୨୬।୯ (ଅଜିତ୍ କୁମାର ମହାନ୍ତି)

ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଘ ତରଫରୁ ରାଜ୍ୟର ସମସ୍ତ ସରକାରୀ ଆୟୁଷ ମହାବିଦ୍ୟାଳୟରେ ସେପ୍ଟେମ୍ବର ୨୬ତାରିଖକୁ କଳା ଦିବସ ଭାବରେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ସଂଘ ପକ୍ଷରୁ କଳା ଦିବସ ପାଳନ କରାଯାଇଛି। ସଂଘର ମୁଖପାତ୍ର ଗିରିଧାରୀ ବିଶ୍ୱାଳ କହିଛନ୍ତି, ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଘ ବିଗତ ବର୍ଷରେ ଓଡ଼ିଶାର ସମସ୍ତ ସରକାରୀ ଆୟୁଷ ମହାବିଦ୍ୟାଳୟରେ ଦୀର୍ଘ ୨୫ରୁ ଅଧିକ ଦିନ ଧରି ପ୍ରତିବାଦ ପରେ ବିଫଳ ହେଇ ଗଣତାନ୍ତ୍ରିକ ଅଧିକାର ସହ ୨୦୨୩ ସେପ୍ଟେମ୍ବର ୨୬ ତାରିଖରେ ଭୁବନେଶ୍ୱର ଲୋୟର୍ ପିଏମଜି ଠାରେ ପ୍ରତିବାଦ କରିଥିଲା। ତତ୍କାଳୀନ ରାଜ୍ୟ ସରକାର ଅସହିଷ୍ଣୁ ହୋଇ ଖାକି ରାଜ ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲା। ଛାତ୍ରୀଛାତ୍ରମାନେ ଅତ୍ୟାଚାର ଶିକାର ହୋଇଥିଲେ। ସେହି ଅଗଣତାନ୍ତ୍ରିକ ଅତ୍ୟାଚାରର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ପ୍ରତିବାଦ ସ୍ୱରୂପ ୨୪ ଘଣ୍ଟିଆ କଳା ଦିବସ ପାଳନ କରାଯାଉଛି। ତେବେ ନୂତନ ସରକାର ୧୦୦ ଦିନ ପୂର୍ତ୍ତି ପାଳନରେ ସରକାର ସଫଳ କିନ୍ତୁ ଆୟୁଷ ସମସ୍ୟା ସମାଧାନରେ ବିଫଳ। ନୂତନ ସରକାରଙ୍କୁ ଅନୁରୋଧ କରାଯାଉଛି କି ସଂଘର ସମସ୍ୟାକୁ ନେଇ ସରକାର ଆଲୋଚନା କରନ୍ତୁ ନ ହେଲେ ଆଗାମୀ ଦିନରେ ହେବାକୁ ଥିବା ନୂଆ ଆଡ଼ମିଶନ୍‌କୁ ସଂଘ ପକ୍ଷରୁ ବିରୋଧ କରାଯିବ ବୋଲି ବିଶ୍ୱାଳ କହିଛନ୍ତି। ଅନୁଷ୍ଠିତ କଳା ଦିବସ ପ୍ରତିବାଦ ସଭାରେ ସଂଘର ସାଧାରଣ ସମ୍ପାଦକ ସୁବ୍ରତ କୁମାର ସାମଲ ଓ ଉପସଭାପତି ଅଜିତ କୁମାର ଦଲେଇ ଯୋଗଦେଇ ନିଜ ନିଜର ମତ ଉପସ୍ଥାପନା କରିଥିଲେ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଡା.ଦୟାନିଧି ବେହେରା ସଭାର ସଭାପତିତ୍ୱ କରିଥିଲେ।

# ମହାପ୍ରଭୁଙ୍କ ଦର୍ଶନ କଲେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ

ପୁରୀ,୨୬।୯(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ ଗୁରୁବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ କେନ୍ଦ୍ରମନ୍ତ୍ରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇ ଶ୍ରୀମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ଶ୍ରୀମନ୍ଦିର ଭିତରେ ରତ୍ନସିଂହାସନରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ପରେ ଭିତର ବେଢାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି ପ୍ରାୟ ୧୫ ମିନିଟ୍ ଶ୍ରୀମନ୍ଦିର ଭିତରେ ଅତିବାହିତ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବାବେଳେ ବାଇଶିପାହାଚ ନିକଟରେ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପାଟ ପ୍ରଦାନ କରାଯାଇଥିଲା। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଦେଶର ବିଭିନ୍ନ ଜାଗାରେ ମହାପ୍ରଭୁଙ୍କ ଯାତ୍ରା ହେଉଥିବାବେଳେ ବିଶ୍ୱରେ ମହାପ୍ରଭୁଙ୍କ ଅନେକ ଭକ୍ତ ରହିଛନ୍ତି। ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରି ବେଶ୍ ଆନନ୍ଦ ଓ ନିଜକୁ ଧନ୍ୟ ମନେକରୁଛି। କେନ୍ଦ୍ରମନ୍ତ୍ରୀଙ୍କ ଶ୍ରୀମନ୍ଦିର ଗସ୍ତ ସମୟରେ ତାଙ୍କ ସହ ଓଡ଼ିଶା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଓ ଜିଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପାଲା ଗାୟକ ସମ୍ବର୍ଦ୍ଧିତ



ଅସ୍ତରଙ୍ଗ,୨୬।୯(ମମତା ଜେନା)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ପାଲା ସେମିନାର ଓ ପାଲା ଦାସକାଠିଆ ଉତ୍ସବ 'ଭଞ୍ଜ କଳା ମଣ୍ଡପ' ଭୁବନେଶ୍ୱରଠାରେ ୨ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କାକଟପୁର ଅଞ୍ଚଳର ସୁନାମଧନ୍ୟ ପାଲା ଗାୟକ ଗାୟକ ବାଚସ୍ପତି ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରହାଚାର୍ଯ୍ୟ ଦୀର୍ଘ ୪୨ ବର୍ଷ ଧରି ଉତ୍କଳର ବିଦଗ୍ଧ କଳା 'ପାଲା'କୁ ଜୀବନ ବ୍ରତ ଭାବେ ଗ୍ରହଣ କରି ଓଡ଼ିଶାର ବହୁ ପ୍ରତିଷ୍ଠିତ ପାଲା ମଞ୍ଚ ଓ ସାହିତ୍ୟ ସଂସଦ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ଆୟୋଜିତ ଉତ୍ସବରେ ଅତିଥି ଭାବେ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଗ୍ରହାଚାର୍ଯ୍ୟଙ୍କୁ କାକଟପୁର ଅଞ୍ଚଳବାସୀ ତଥା ସୋମେଶ୍ୱର ସାହିତ୍ୟ ସଂସଦ ସମ୍ପାଦକ ଅଧ୍ୟାପକ ମନୋଜ ସାହୁ କୃତଜ୍ଞତା ଜଣାଇଛନ୍ତି।

# ସମରାଭ୍ୟାସରେ ଆତଙ୍କବାଦୀଙ୍କୁ ଧରିଲା ବ୍ଲୁ ଫୋର୍ସ

କୋଣାର୍କ ୨୬।୯(ଜ୍ୟୋତିରାଜ ମହାନ୍ତି)

ସମୁଦ୍ର ଉପକୂଳ ଆତଙ୍କବାଦୀଙ୍କ କବଳରୁ କିଭଳି ସୁରକ୍ଷା ଓ ସୁରକ୍ଷିତ ରହିବ, ସେନେଇ ଓଡ଼ିଶା ପୋଲିସକୁ ସଶକ୍ତ କରିବା ଲକ୍ଷ୍ୟରେ ପ୍ରତିବର୍ଷ ସମରାଭ୍ୟାସ କରାଯାଉଛି। ଏହି ସମରଭ୍ୟାସ 'ସାଗରକବଚ'ର ଦ୍ୱିତୀୟ ଦିନରେ କୋଣାର୍କ ସୂର୍ଯ୍ୟମନ୍ଦିରରେ ବୋମା ରଖିବା ପୂର୍ବରୁ ୩ ଜଣ ଯୁବକ ନକଲି ଆତଙ୍କବାଦୀଙ୍କୁ ବ୍ଲୁ ଫୋର୍ସ ଧରିଛି। ସୂର୍ଯ୍ୟମନ୍ଦିର ମୁଖ୍ୟ ଦ୍ୱାରରେ ସନ୍ଦେହଜନକ ଭାବେ ୩ ଯୁବକ ପଇଁତରା ମାରୁଥିଲେ। ସେମାନଙ୍କୁ ସନ୍ଦେହ କରି କୋଣାର୍କ ପୋଲିସ ଏହି ୩ ଜଣଙ୍କୁ କାବୁ କରିନେଇଥିଲା। ପଚରାଉଚରା ପରେ ୩ ଯୁବକ ଛଦ୍ମବେଶୀ ଆତଙ୍କବାଦୀ ବୋଲି ଜଣାପଡ଼ିଥିଲା। ତାଙ୍କ ବ୍ୟାଗରୁ ପରିଚୟ ପତ୍ର ଏବଂ ନକଲି ବୋମା ପ୍ୟାକେଟ ମିଳିଥିଲା। କୋଣାର୍କରେ ଆକ୍ରମଣ ଯୋଜନା ସଫଳ କରିବା ପୂର୍ବରୁ କୋଣାର୍କ ପୋଲିସ ହାତରେ ଧରାପଡ଼ିଥିଲେ। ସମରାଭ୍ୟାସ ସାଗରକବଚର ଦ୍ୱିତୀୟ ଦିନରେ ବ୍ଲୁ ଫୋର୍ସର ଓଡ୍ରାଫ୍‌ର ଲିଙ୍ଗରାଜ ସେଠୀ, ସୁମନ୍ତ କୁମାର ଗୌଡ, ହାବିଲଦାର ରଞ୍ଜିତ କୁମାର ସାହୁ ସାମିଲ ହୋଇଥିଲେ। ସମରାଭ୍ୟାସର ପ୍ରଥମ ଦିନରେ କୋଣାର୍କ, ସାମୁଦ୍ରିକ ଥାନା ପୋଲିସ ସାମିଲ ହୋଇ ଚନ୍ଦ୍ରଭାଗା ବେଳାଭୂମି, ସୂର୍ଯ୍ୟମନ୍ଦିର ମୁଖ୍ୟ ଦ୍ୱାରରେ ପଇଁତରା ମାରୁଥିଲେ।



କୋଣାର୍କଠାରେ ସମରାଭ୍ୟାସରେ ଦ୍ୱିତୀୟ ଦିନରେ ବ୍ଲୁ ଫୋର୍ସ ଆତଙ୍କବାଦୀଙ୍କୁ ଧରିବାର କୌଶଳ ପ୍ରଦର୍ଶନ କରୁଛନ୍ତି ।

# ପୁରୀରେ ସ୍ଥିତି ସମୀକ୍ଷା କଲେ ଭାଇସ୍ ଆଡମିରାଲ୍

**ନୌସେନା ଦିବସ ପାଳନ ପ୍ରସ୍ତୁତି**

ପୁରୀ,୨୬।୯(ଅଜିତ୍ କୁମାର ମହାନ୍ତି)

ଡିସେମ୍ବର ୪ ତାରିଖରେ ପୁରୀରେ ନୌସେନା ଦିବସ ଆୟୋଜିତ ହେବ। ତେବେ କାର୍ଯ୍ୟକ୍ରମ ପୂର୍ବରୁ ଭାଇସ ଆଡମିରାଲ୍ ପୁରୀ ଗସ୍ତରେ ଆସି ସ୍ଥିତିର ସମୀକ୍ଷା କରିଛନ୍ତି। ଭାରତୀୟ ନୌସେନାର ଭାଇସ୍ ଆଡମିରାଲ୍ ସମୀର ସକ୍ସେନା ଗୁରୁବାର ଅପରାହ୍ନରେ ନୌସେନା ଅଧିକାରୀମାନଙ୍କ ସହ ଆସି ପୁରୀ ଗୋଲଡେନ ବେଳାଭୂମିର ବ୍ଲୁ ଫ୍ଲାଗ୍ ବିଚ୍ ବୁଲି ଦେଖିଛନ୍ତି। ପୁରୀ ବେଳାଭୂମିକୁ ବୁଲି ଦେଖିବା ସହିତ ପୂର୍ବ ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି। ଭାଇସ ଆଡମିରାଲ ସକ୍ସେନାଙ୍କ ସହିତ ଏକ ୧୫ ଜଣିଆ ନାଭାଲ୍ ଟିମ୍ ମଧ୍ୟ ବେଳାଭୂମିର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହାପୂର୍ବରୁ ପୁରୀ ସମୁଦ୍ର ଉପକୂଳରେ ଭାରତୀୟ ନୌସେନା ଦ୍ୱାରା ଅନୁଧ୍ୟାନ କରାଯାଇଥିଲା।

ସୂଚନା ଯୋଗ୍ୟ କିଛି ଦିନ ତଳେ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲା ପ୍ରଶାସନ ସହ ନୌସେନା ଅଧିକାରୀଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଗତ ଅଗଷ୍ଟ ୧୦ରେ ନୌସେନା ମୁଖ୍ୟଙ୍କ ସହ ନୌସେନାର ଅଧିକାରୀମାନେ ପୁରୀ ଆସି ବେଳାଭୂମିରେ ହାଇଡ୍ରୋଗ୍ରାଫି ସର୍ଭେ କରିଥିବାବେଳେ ବିସ୍ତୃତ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ପୁରୀ ବେଳାଭୂମିରେ ନୌସେନାର ୫ଟି ଯୁଦ୍ଧ ଜାହାଜ ମଧ୍ୟ ଆସିଥିଲା। ନୌସେନା ପକ୍ଷରୁ ୧୯୪୪ ଠାରୁ ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ନୌସେନା ଦିବସ ପାଳିତ ହେଉଛି। ଏହି ସ୍ୱତନ୍ତ୍ର ଦିବସ ବମ୍ବେ, ବିଶାଖାପାଟଣା ଭଳି ବଡ଼ ବଡ଼ ସହରର ସମୁଦ୍ର କୂଳରେ ପାଳିତ ହୋଇ ଆସୁଥିଲା। ତେବେ ଚଳିତ ବର୍ଷ ପୁରୀ ସମୁଦ୍ର ତଟରେ ଏହି ଦିବସ ପାଳନ କରିବାକୁ ନୌସେନା ନିଷ୍ପତ୍ତି ନେଇଛି। ନୌସେନା ଦିବସ ପାଳନ ଅବସରରେ ଜାହାଜ କଳାକୌଶଳ ପ୍ରଦର୍ଶନ କରିବ। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବାର ସମ୍ଭାବନା ରହିଛି। ତେଣୁ ରାଷ୍ଟ୍ରପତିଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ଅପରପକ୍ଷରେ ପୁରୀର ଲୋକମାନେ ସମୁଦ୍ର କୂଳରେ ଉପସ୍ଥିତ ରହି ପ୍ରଥମଥର ପାଇଁ ନୌସେନା ଦିବସରେ ବିଭିନ୍ନ କଳା କୌଶଳ ଦେଖି ଅଭିଜ୍ଞତା ହାସଲ କରିପାରିବେ ବୋଲି ଆଶା କରାଯାଉଛି।



ଭାଇସ୍ ଆଡମିରାଲ୍ ସମୀର ସକ୍‌ସେନା ତାଙ୍କ ଦଳ ସହିତ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ନୈସେନା ଦିବସ ପାଳନ ପ୍ରସ୍ତୁତି ପାଇଁ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।


ଷୋଡ଼ଶପୂଜାର ତୃତୀୟ ଦିବସରେ କଟକ ଚଣ୍ଡୀଙ୍କ ଭୁବନେଶ୍ୱରୀ ବେଶ।


ମା' ଗଡ଼ଚଣ୍ଡୀଙ୍କ ସୁନା ବେଶ।


ମା' ଝାଞ୍ଜିରୀ ମଙ୍ଗଳାଙ୍କ ଷୋଡେଶୀ ବେଶ।


ବାସନ୍ତୀ ଦୁର୍ଗାଙ୍କ ଉଗ୍ରତାରା ବେଶ।


ପୀଠାପୁରସ୍ଥିତ ମା' ଧାକୁଲେଇଙ୍କ ଭୁବନେଶ୍ୱରୀ ବେଶ।


ହରିପୁର ମା' ବିମଳାଙ୍କ କମଳା ବେଶ।


ମା' ଚର୍ଚ୍ଚିକାଙ୍କ ବେଶ।

# ରାସ୍ତା ଉପରେ ହେବନି ଦୁର୍ଗାପୂଜା ତୋରଣ

**କଟକ,୨୬।୯ (କାର୍ତ୍ତିକ ସାହୁ)**

## ହାଇକୋର୍ଟରେ କଟକ ସହର ସମସ୍ୟା



### ୫ ସୁଦ୍ଧା ସରିବ ରାସ୍ତା ମରାମତି

ଶୃଙ୍ଖଳିତ ଦୁର୍ଗାପୂଜା ପାଇଁ ଚଳିତ ବର୍ଷ ତୋରଣ ଓ ମଣ୍ଡପ ନିର୍ମାଣକୁ ନେଇ ହାଇକୋର୍ଟ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ଆଦେଶ ପ୍ରଦାନ କରିଛନ୍ତି। ପୂଜା ସମୟରେ ଟ୍ରାଫିକ୍ ଜାମ୍ ସମସ୍ୟାରୁ ସହରବାସୀଙ୍କୁ ମୁକ୍ତି ଦେବା ପାଇଁ ହାଇକୋର୍ଟ ରାସ୍ତା ଉପରେ ତୋରଣ ଓ ପୂଜା ମଣ୍ଡପ ନିର୍ମାଣ ଉପରେ ରୋକ୍ ଲଗାଇଛନ୍ତି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଭି. ନରସିଂହଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଆସନ୍ତା ଅକ୍ଟୋବର ୫ ତାରିଖ ସୁଦ୍ଧା ରାସ୍ତା ମରାମତି ଶେଷ କରିବାକୁ ପୂର୍ତ୍ତ ବିଭାଗ ସଚିବଙ୍କୁ ଆଦେଶ ମଧ୍ୟ ଦେଇଛନ୍ତି। ଅକ୍ଟୋବର ୩ରେ ପରବର୍ତ୍ତି ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

ପ୍ରକାଶ ଯେ, ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକ୍ରମେ ପୂର୍ତ୍ତ ବିଭାଗ ସଚିବ ଭର୍ଚୁଆଲ ମାଧ୍ୟମରେ ହାଇକୋର୍ଟରେ ହାଜର ହୋଇ କଟକ ସହରର ରାସ୍ତାଘାଟ ମରାମତି ସମ୍ପର୍କରେ ଗୁରୁବାର ସତ୍ୟପାଠ ଦାଖଲ କରିଥିଲେ। ସେହିପରି ମାମଲାର ଶୁଣାଣି ବେଳେ କଟକ ସହରର ରାସ୍ତାଘାଟଗୁଡ଼ିକର ଦୂରବସ୍ଥା ସମ୍ପର୍କରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ମାମଲାର ଶୁଣାଣି ବେଳେ ହାଇକୋର୍ଟ ପୂର୍ତ୍ତ ବିଭାଗର କାର୍ଯ୍ୟ ଉପରେ ଭୀଷଣ ବିରକ୍ତ ପ୍ରକାଶ କରିଥିଲେ। ଏଥିସହ କଟକ ମହାନଗର ନିଗମର କାର୍ଯ୍ୟ ଉପରେ ମଧ୍ୟ ତୀବ୍ର ଅସନ୍ତୋଷ ମଧ୍ୟ ପ୍ରକାଶ କରିଛନ୍ତି। ଦୁର୍ଗାପୂଜା ପୂର୍ବରୁ ୫ ତାରିଖ ସୁଦ୍ଧା ରାସ୍ତା ମରାମତି ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ପୂର୍ତ୍ତ ବିଭାଗ ସଚିବଙ୍କୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଦୁର୍ଗାପୂଜା ସମୟରେ ରାସ୍ତା ଉପରେ ତୋରଣ ଓ ମଣ୍ଡପ ନିର୍ମାଣ ଦ୍ୱାରା ଯାତାୟାତ ପ୍ରଭାବିତ ହେବା ଓ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବା ଦୃଷ୍ଟିରୁ ତୋରଣ ଓ ମଣ୍ଡପ ନିର୍ମାଣ ନ କରିବାକୁ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏଥିପ୍ରତି ଯତ୍ନବାନ ହେବାକୁ ମଧ୍ୟ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଆହୁରି ମଧ୍ୟ ପୂଜା ସମୟରେ ଶବ୍ଦ ପ୍ରଦୂଷଣ ରୋକିବା, ସର୍ବସାଧାରଣ ରାସ୍ତା ଓ ଫୁଟପାଥ୍‌ରେ ବଡ଼ ପୂଜାମଣ୍ଡପ ନିର୍ମାଣ ସହ ବୈଦ୍ୟୁତିକ ଗେଟ୍ ନିର୍ମାଣକୁ ବନ୍ଦ କରିବା, ସାଜସଜ୍ଜା ଓ ଟ୍ରାଫିକ ପରିଚାଳନା ଉପରେ କଟକ ଡିସିପି ହାଇକୋର୍ଟଙ୍କ ନିର୍ଦ୍ଦେଶ ମତେ ସତ୍ୟପାଠ ଦାଖଲ କରିଛନ୍ତି। କଟକ ଜିଲାପାଳ ବେଆଇନ ତୋରଣ ନିର୍ମାଣକୁ ରୋକିବାକୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ହାଇକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ନିୟମ ଉଲ୍ଲଂଘନ କଲେ ପୂଜା ମଣ୍ଡପର ଲାଇସେନ୍ସ ବାତିଲ କରିଦିଆଯିବ ବୋଲି ମଧ୍ୟ ଜିଲାପାଳ ସ୍ପଷ୍ଟ କରିଛନ୍ତି। ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା ମଧ୍ୟ ସତ୍ୟପାଠ ଦାଖଲ କରି ପୂଜା ସମୟରେ ଅଗ୍ନିଶମ ବାହିନୀର ପ୍ରସ୍ତୁତି ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି। ଅପରପକ୍ଷରେ ଏସ୍‌ସିବି ମେଡିକାଲର ବହୁବିଧ ସମସ୍ୟାଗୁଡ଼ିକ ଉପରେ ଏହାର ଖୁବଶୀଘ୍ର ସମାଧାନ କରାଯିବ ବୋଲି ସ୍ୱାସ୍ଥ୍ୟ ସଚିବ ହାଇକୋର୍ଟଙ୍କୁ ଦେଇଥିବା ସତ୍ୟପାଠରେ ଅବଗତ କରାଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପୂର୍ବରୁ ଅଦାଲତଙ୍କ ସମସ୍ତ ନିର୍ଦ୍ଦେଶ ଠିକ୍ ଭାବେ ଅନୁପାଳନ ଲାଗି ହାଇକୋର୍ଟ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ୍ କରିଛନ୍ତି। ସିଏମ୍‌ସି କମିଶନର, ସ୍ୱାସ୍ଥ୍ୟ ଅଧିକାରୀ, ସିଟି ଇଞ୍ଜିନିୟର, ଏସସିବି ଅଧିକ୍ଷକ ମାମଲାର ଶୁଣାଣିବେଳେ ବ୍ୟକ୍ତିଗତ ଭାବେ ଅଦାଲତରେ ଉପସ୍ଥିତ ଥିଲେ। ହାଇକୋର୍ଟ ବାର ସଭାପତି ଆଇନଜୀବୀ ବିଜୟ କୁମାର ଦାଶ, ସରକାରୀ ଓକିଲ ଜ୍ୟୋତିପ୍ରକାଶ ପଟ୍ଟନାୟକ, ଅତିରିକ୍ତ ସରକାରୀ ଓକିଲ ଦେବାଶିଷ ନାୟକ-ଏ, ଆଡଭୋକେଟ କମିଟି ସଦସ୍ୟ ଆଇନଜୀବୀ ମହମ୍ମଦ ଆରିଫ ଉଦିନ ଖାନ, ଆଇନଜୀବୀ ସରୋଜ କୁମାର ପାଢ଼ୀ, ଆଇନଜୀବୀ ଶ୍ରୀଜିତ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# 'ପିଲାଙ୍କ ମାନସିକ ବିକାଶ ଘଟିବ'


ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

**କଟକ,୨୬।୯ (କାର୍ତ୍ତିକ ସାହୁ)**

### ଜିଲାସ୍ତରୀୟ ନିପୁଣ ଓଡ଼ିଶା ମିଶନ ୨୦୨୪ ଶୁଭାରମ୍ଭ

କଟକ ଜିଲାସ୍ତରୀୟ ନିପୁଣ ଓଡ଼ିଶା ମିଶନ ୨୦୨୪ କାର୍ଯ୍ୟକ୍ରମ ଗୁରୁବାର ଅପରାହ୍ନରେ ଶୁଭାରମ୍ଭ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସମଗ୍ର ଶିକ୍ଷା ଦ୍ୱାରା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ନିପୁଣ ଓଡ଼ିଶା ମିଶନର ଲୋଗୋ ଓ ସଙ୍ଗୀତ ଉନ୍ମୋଚିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତାର ବିକାଶ ସହ ଶିକ୍ଷଣ ପଦ୍ଧତିରେ ମାନ ନିର୍ଦ୍ଧାରଣ କରାଯିବା ଉଚିତ ବୋଲି କହିଥିଲେ। ଏହି ମିଶନ ଦ୍ୱାରା ଲକ୍ଷ୍ୟ ରଖାଯାଇଥିବା ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପାଠ ପଢୁଥିବା ପିଲାମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ବଜାୟ ରହିବା ନିମନ୍ତେ ଶିକ୍ଷଣ ତଥା ଗୁଣାତ୍ମକ ଶିକ୍ଷାଦାନ ଜରୁରୀ। ଆଗାମୀ ଦିନରେ ଏହି ମିଶନ ଜରିଆରେ ପିଲାମାନଙ୍କ ମୂଳଦୁଆ ଗଢ଼ିବା ତଥା ଦକ୍ଷତା ହାସଲ କରିବା ସହ ମାନସିକ ବିକାଶ ମଧ୍ୟ ଘଟିବ ବୋଲି ମିଶ୍ର କହିଛନ୍ତି।

ନିପୁଣ ଓଡ଼ିଶା ମିଶନ ସଭାପତି ତଥା ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରି କହିଲେ, ପିଲାମାନଙ୍କ ମୌଳିକ ସାକ୍ଷରତା ହେଉଛି ସେମାନଙ୍କ ମୌଳିକ ଅଧିକାର। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ବଜାୟ ରଖିବା ନିମନ୍ତେ ସରକାରୀ ପ୍ରୋତ୍ସାହନ ସହ ସମାଜର ସମସ୍ତଙ୍କ ମଧ୍ୟରେ ମୁକ୍ତ ଧାରଣା ରହିବା ଉଚିତ୍। ଶିକ୍ଷାଦାନ କ୍ଷେତ୍ରରେ ଲକ୍ଷ୍ୟ ରଖାଯାଇଥିବା ପ୍ରଥମ ଶ୍ରେଣୀଠାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସହ ମାନସିକସ୍ତରରେ ସେମାନଙ୍କୁ ପ୍ରସ୍ତୁତ କରିବା ପାଇଁ ଉନ୍ନତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ଅଛି। ସମୟ ସମୟରେ ଏହାର ସମୀକ୍ଷା କରାଯିବା ଉଚିତ ବୋଲି ମଧ୍ୟ ସେ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜକ ଡ. ସନ୍ତୋଷ କୁମାର ରାଉତ ନିପୁଣ ଓଡ଼ିଶା ମିଶନ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇ ମିଶନ ଜରିଆରେ ଜିଲାରେ ଲକ୍ଷ୍ୟ ରଖାଯାଇଥିବା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମରେ ସାମିଲ ସବୁ ପିଲାମାନଙ୍କ ଯଥାର୍ଥ ଦକ୍ଷତା ବିକାଶ ପାଇଁ ଜିଲା ସମଗ୍ର ଶିକ୍ଷା ତତ୍ପରତାର ସହ କାର୍ଯ୍ୟ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଡିଆଇଇଟି ଅଧ୍ୟକ୍ଷ ନିରଞ୍ଜନ ସାହୁ, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତିଙ୍କ ସମେତ ବିଭିନ୍ନ ବ୍ଲକ ଶିକ୍ଷା ଅଧିକାରୀ, ପାଠ୍ୟକ୍ରମ କର୍ତ୍ତୃପକ୍ଷ ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର ଶିକ୍ଷା ଜିଲା ପ୍ରଶିକ୍ଷଣ ସଂଯୋଜିକା ସରିତା ଶତପଥୀ କାର୍ଯ୍ୟକ୍ରମ ପରିଚାଳନା ଓ ମିଶନ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଭାରତ ସରକାରଙ୍କ ଶିକ୍ଷାପଦ୍ଧତିର ଏହି ମିଶନକୁ ସାକାର କରିବା ପାଇଁ ଓଡ଼ିଶା ସରକାର ଚଳିତ ମାସ ସେପ୍ଟେମ୍ବର ୫ ତାରିଖ ଗୁରୁ ଦିବସଠାରୁ ନିପୁଣ ଓଡ଼ିଶା ମିଶନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି।

## ସଂକ୍ଷେପରେ

### ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀରେ ଚାରାରୋପଣ

**କଟକ ସଦର,୨୬।୯ (ସୁଶାନ୍ତ କୁମାର ଜେନା)**

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ କଟକ ସଦର ଭାଜପା ପକ୍ଷରୁ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ୫ନଂ. ଜିଲାପରିଷଦ ଜୋନ ଅଧୀନ କୁସିଙ୍ଗାଠାରେ ଥିବା ମହୁରା ପୋଖରୀ ହୁଡ଼ାରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମଣ୍ଡଳ ସଭାପତି ଅଭୟ ସ୍ୱାଇଁ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟା ପ୍ରତିଭା ଶତପଥୀ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ଏହି ଅବସରରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବକ୍ତାମାନେ ୧୦୦ ଦିନର ଭାଜପା ସରକାରଙ୍କ ଉପଲବ୍ଧି ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ମନ୍ତ୍ର, ପ୍ରତାପ ଚନ୍ଦ୍ର ମିଶ୍ର, ସୁରେଶ ଜେନା, ରାଧାମୋହନ ମହଲା, ତୋଫାନ ବେହେରା, ସଂଘମିତ୍ରା ବେହେରା, ଗୌତମ ମଲ୍ଲିକ, ନିର୍ମଳ ଦାସ, ନିମେଇଁ ଦାସ ପ୍ରମୁଖ ଯୋଗଦେଇଥିଲେ।

### ଟୋଲଗେଟ୍‌ରେ ପିଟିହେଲା ଅଏଲ ରିଫାଇନେରି ଟ୍ରକ୍, ଚାଳକ ମୃତ

**ଖୁଣ୍ଟୁଣୀ,୨୬।୯ (ସଚ୍ଚିଦାନନ୍ଦ ପଣ୍ଡା)**

ପାରାଦୀପରୁ ଅନୁଗୋଳ ଯାଉଥିବା ଏକ ଅଏଲ ରିଫାଇନେରି ବୋଝେଇ ଟ୍ରକ୍ (ଓଡି ୦୫ ଏଏମ-୧୯୫୦) ଖୁଣ୍ଟୁଣୀଠାରେ ନବନିର୍ମିତ ଟୋଲ ଗେଟ୍‌ରେ ପିଟି ହୋଇଛି। ଫଳରେ ଟ୍ରକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ଢେଙ୍କାନାଳ ଜିଲା ପରଜଙ୍ଗ ଅଞ୍ଚଳର ପ୍ରଶାନ୍ତ ନାୟକ ବୋଲି ଖୁଣ୍ଟୁଣୀ ଥାନା ଆଇଆଇସି ରବି ନାରାୟଣ ବେହେରା କହିଛନ୍ତି। ଗୁରୁବାର ରାତି ୯ଟା ୩୦ରେ ଏହି ୧୪ ଚକିଆ ଟ୍ରକ୍ ପାରାଦୀପରୁ ଆସୁଥିବାବେଳେ ଖୁଣ୍ଟୁଣୀ ଥାନା ନିକଟରେ ଭାରସାମ୍ୟ ହରାଇ ନିର୍ମାଣାଧୀନ ଟୋଲଗେଟ୍ ଡିଭାଇଡର ଉପରେ ଚଢ଼ି ଲୁହା ବିମ୍‌ରେ ପିଟି ହୋଇଯାଇଥିଲା। ଫଳରେ ଟ୍ରକ୍ ଚାଳକ ଚାପି ହୋଇ ଟ୍ରକ ଭିତରେ ପ୍ରାଣ ହରାଇଥିଲେ। ବିରାଟ ଶବ୍ଦ ଶୁଣି ଥାନା ଏବଂ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିବା ପୂର୍ବରୁ ହେଲ୍ପର ଟ୍ରକ୍ ଭିତରୁ ଖସି ପଳାଇଥିଲେ। କ୍ରେନ ଓ ଦମକଳ ବାହିନୀ କଟର ସାହାଯ୍ୟରେ ଟ୍ରକ୍‌ରୁ ଚାଳକଙ୍କ ମୃତଦେହ ବାହାର କରିଛନ୍ତି।

# ସ୍କୁଲ ପଡ଼ିଆରେ ମିନାବଜାର ଅନୁମତିକୁ ବିଶ୍ୱ ଗୋ ସୁରକ୍ଷା ବାହିନୀର ନିନ୍ଦା

**କଟକ ସଦର,୨୬।୯ (ସୁଶାନ୍ତ କୁମାର ଜେନା)**

କିଶନନଗର ତହସିଲ ଅଧୀନ ପ୍ରହରାଜପୁର ସରକାରୀ ସ୍କୁଲ ପଡ଼ିଆରେ ମିନାବଜାର ଆୟୋଜନ ପାଇଁ ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାସଙ୍କ ଅନୁମତିକୁ ବିଶ୍ୱ ଗୋ ସୁରକ୍ଷା ବାହିନୀ ପକ୍ଷରୁ ନିନ୍ଦା କରାଯାଇଛି। ଗୁରୁବାର ଗୋ ସୁରକ୍ଷାବାହିନୀ ରାଜ୍ୟ ସଭାପତି ତଥା ଆଇନଜୀବୀ ସୁରେଶ ପଣ୍ଡା ଏକ ବିବୃତିରେ କହିଛନ୍ତି ପିଲାମାନେ ବ୍ୟବହାର କରୁଥିବା ଖେଳପଡ଼ିଆକୁ ମିନାବଜାର ଆୟୋଜନ ପାଇଁ ତହସିଲଦାର ଅନୁମତି ଦେବା ଓଡ଼ିଶା ହାଇକୋର୍ଟଙ୍କ ୨୦୨୪ ଜୁନ ୧୮ ରାୟକୁ ଖୋଲାଖୋଲି ଉଲ୍ଲଙ୍ଘନ କରୁଛି। ଉକ୍ତ ରାୟରେ ଯେ କୌଣସି ସ୍ଥାନରେ ଗୋଚର ଜମିକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ବିଷୟ ଦୃଷ୍ଟିକୁ ଆସେ, ସେ ସମ୍ପର୍କରେ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କୁ ଅବଗତ କରିବାର ସ୍ୱତନ୍ତ୍ରତା କୋର୍ଟ ପକ୍ଷରୁ ବିଶ୍ୱ ଗୋ ସୁରକ୍ଷା ବାହିନୀକୁ ଦିଆଯାଇଛି। ଏ ସମ୍ପର୍କରେ ତହସିଲଦାର ଦାସଙ୍କୁ ପଚାରିବାରୁ ପ୍ରହରାଜପୁର ମୌଜା ସରକାରୀ ଖାତା ନଂ. ୧୨୪୯, ପ୍ଲଟ ନଂ. ୧୩୭୯ ଗୋଚର ହୋଇଥିଲେ ସୁଦ୍ଧା ଚକବନ୍ଦୀ ପଟ୍ଟାରେ ପ୍ରହରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ବୋଲି ମନ୍ତବ୍ୟ ସ୍ତମ୍ଭରେ ଉଲ୍ଲେଖ ରହିଛି। ଏହାକୁ ରାଜସ୍ୱ ବିଭାଗ ମାନିବ ନାହିଁ ବୋଲି ତହସିଲଦାର କହିଥିଲେ। କେବଳ ସ୍ଥିତିବାନ ପଟ୍ଟାକୁ ଗ୍ରହଣ କରାଯିବ। ତେଣୁ ତହସିଲ ପ୍ରଶାସନ ପକ୍ଷରୁ ଏହା ଉପରେ ମିନାବଜାର ଆୟୋଜନ ପାଇଁ ଅନୁମତି ଦେବାକୁ ସଦର ଉପଜିଲାପାଳଙ୍କୁ ସୁପାରିଶ କରାଯାଇଛି। ଏହି ସ୍କୁଲର ସ୍ଥାୟୀ କୋଠା ଗୋଚର ଜମି ପ୍ଲଟ ନଂ. ୧୩୭୮ ଉପରେ ନିର୍ମାଣ କରାଯାଇଛି ବୋଲି ପଟ୍ଟାରେ ଉଲ୍ଲେଖ ଥିବାରୁ ଆପଣ କ'ଣ ଘର ଭାଙ୍ଗି ଦେବେ କି ଖବରଦାତାଙ୍କ ପ୍ରଶ୍ନର କୌଣସି ସିଧାସଳଖ ଉତ୍ତର ତହସିଲଦାର ଦାସ ଦେଇ ନ ଥିଲେ। ଅନ୍ୟପକ୍ଷରେ ହାଇକୋର୍ଟରେ କଟକ ଜିଲାପାଳ, ଉପଜିଲାପାଳ, କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ, କଟକ ସଦର ବିଡିଓ, ତହସିଲଦାର କିଶନ ନଗର ଓ କଟକ ସଦର ଅଦାଲତ ଅବମାନନା ମାମଲା ଦାଏର କରାଯାଇଛି ବୋଲି ଆଇନଜୀବୀ ପଣ୍ଡା କହିଛନ୍ତି। ଆସନ୍ତା ଅକ୍ଟୋବର ୩ରୁ ୮ ତାରିଖ ମଧ୍ୟରେ ସମସ୍ତ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଅର୍ଦ୍ଧବାର୍ଷିକ ପରୀକ୍ଷା ହେବାକୁ ଯାଉଛି। ଗାଁ ଭିତରେ ମିନାବଜାର ଆୟୋଜନ କଲେ ପିଲାଙ୍କ ପାଠପଢାରେ ବାଧା ସୃଷ୍ଟି ହେବା ନିଶ୍ଚିତ ବୋଲି ବିଶ୍ୱ ଗୋ ସୁରକ୍ଷା ବାହିନୀ ଚିନ୍ତା ପ୍ରକଟ କରିଛି।

# ୨୦ ଲିଟର ବିଦେଶୀ ମଦ ଜବତ, ବେପାରୀ ଗିରଫ

**ଖୁଣ୍ଟୁଣୀ,୨୬।୯ (ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ଥାନା ଅଧୀନ ରାଧାକିଶୋରପୁର ସ୍କୁଲ ନିକଟ ଦୋକାନରୁ ବିଦେଶୀ ମଦ ବିକ୍ରି କରୁଥିବା ଜଣେ ବିକ୍ରେତାଙ୍କୁ ଖୁଣ୍ଟୁଣୀ ପୋଲିସ ଗୁରୁବାର ଗିରଫ କରିଛି। ଦୋକାନରେ ଥିବା ପ୍ରାୟ ୨୦ ଲିଟର ବିଦେଶୀ ମଦକୁ ପୋଲିସ ଜବତ କରିଛି। ଅଭିଯୁକ୍ତ ହେଲେ ରାଧାକିଶୋରପୁର ଗ୍ରାମର ଭାଗୀରଥି ବେହେରା। ଭାଗୀରଥି ସ୍କୁଲ ନିକଟରେ ଦୀର୍ଘଦିନ ଧରି ବିଦେଶୀ ମଦ ବିକ୍ରି କରୁଥିବା ଗ୍ରାମର କେତେଜଣ ଲୋକ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଗୁରୁବାର ରାତି ୯ଟାରେ ଆଇଆଇସି ରବି ନାରାୟଣ ବେହେରା ଓ ଏସ୍‌ଆଇ ବିକାଶ କୁମାର ସେଠୀ ସେଠାରେ ଚଢ଼ାଉ କରି ମଦ ସହ ଭାଗୀରଥିଙ୍କୁ ଗିରଫ କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ୧୯୧/୨୪ରେ ଏକ ମାମଲା ହୋଇଥିବା ଏସ୍‌ଆଇ ବିକାଶ ସେଠୀ କହିଛନ୍ତି।

# ସୁସ୍ଥ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**କଟକ,୨୬।୯ (କାର୍ତ୍ତିକ ସାହୁ)**

### ରୋଟାରୀ କ୍ଲବ କଟକ ପୂର୍ବର ଜାତୀୟ ଗଠନକାରୀ ପୁରସ୍କାର ବିତରଣ ଉତ୍ସବ

ରୋଟାରୀ କ୍ଲବ କଟକ ପୂର୍ବ ତରଫରୁ ଆର୍.ଆଇ ସାକ୍ଷରତା ମିଶନ ଅଧୀନ ଜାତୀୟ ଗଠନକାରୀ ପୁରସ୍କାର ବିତରଣ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ରୋଟାରିଆନ ଡା. ପ୍ରଦୀପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ରୋଟାରୀ ଜୋନାଲ ଚେୟାର ରଘୁନାଥ ଭଞ୍ଜ ଯୋଗଦାନ କରି ସୁସ୍ଥ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଓ ଶିକ୍ଷକଭାବେ ଯୋବ୍ରା ସରକାରୀ ହାଇସ୍କୁଲର ସହକାରୀ ଶିକ୍ଷକ ପୀତବାସ ବିନ୍ଧାଣି, ମାଣିକେଶ୍ୱରୀ ଜେନା, ରେଲୱେ ସରକାରୀ ୟୁପି ସ୍କୁଲର ମମତା ଖଣ୍ଡେଇ, ମୋହନ ଚରଣ ନାୟକ, ବୁଢ଼ୀ ମଙ୍ଗଳା ବିଦ୍ୟାଳୟର ଘଜଲା ତାମ୍ରିନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋଆ ବିଶ୍ୱବିଦ୍ୟାଳୟ ଅଧୀନ ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନର ଅଣୁଜୀବତତ୍ତ୍ୱ ବିଭାଗରେ ସହକାରୀ ଅଧ୍ୟାପକ ଭାବେ ନିକଟରେ ଯୋଗଦାନ କରିଥିବା ରୋଟାରୀଆନ ଡା. ବୀର କିଶୋର ପରିଡ଼ାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିଆନ ଶରତ ଚନ୍ଦ୍ର ସାହୁ ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତି ମାନପତ୍ର ପଠନ କରିଥିଲେ। ସମ୍ପାଦକ ଅମ୍ରିତ୍ ରାଜ ସିଂ କାର୍ଯ୍ୟକ୍ରମ ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ। ଡା. ପି.କେ. ଦାସ ଧନ୍ୟବାଦ ଦେଇଥିଲେ।


କଟକ ଚଣ୍ଡୀ ରୋଡ୍ ଶେଖ୍ ବଜାର ପୂଜା କମିଟିର ନୂତନ କର୍ମକର୍ତ୍ତା।

# ଦଶମୀରେ ହୁଏ ସିନ୍ଦୂର ଖେଳ

**କଟକ,୨୬।୯ (ଶିଳ୍ପା ପ୍ରିୟଦର୍ଶିନୀ)**






**ବିରାଜିବେ ମା'**

ପାଖେଇ ଆସୁଛି ଦୁର୍ଗା ପୂଜା। ଦିନ କେଇଟା ପରେ ଧରାବତାରଣ କରିବେ ମା'ଦୁର୍ଗା। ପୂଜା ମଣ୍ଡପରେ ଜମିବ ଶ୍ରଦ୍ଧାଳୁଙ୍କ ଭିଡ଼। ପୂଜାକୁ ବେଶ ଆଡମ୍ବର ସହ କରିବା ନେଇ ସମସ୍ତ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପୂଜା ଦୌଡ଼ରେ ନିଜକୁ ସାମିଲ କରିଛି କାଜିବଜାର ପୂଜା କମିଟି। ସର୍ବପ୍ରଥମେ ବଙ୍ଗୀୟ ଜମିଦାର ପରିବାର ଏହି ପୂଜା କରି ଆସୁଥିଲେ। ହେଲେ ବିବାଦ ହେବାରୁ ୧୯୭୧ ମସିହା ଠାରୁ କାଜିବଜାର ପୂଜା କମିଟିଠାରେ ଶାରଦୀୟ ଦୁର୍ଗା ପୂଜା ହୋଇ ଆସୁଅଛି। ଚଳିତବର୍ଷ କମିଟି ପକ୍ଷରୁ ପୂଜା ପାଇଁ ୭ଲକ୍ଷ ଟଙ୍କା ବଜେଟ୍ କରାଯାଇଛି। ଚାନ୍ଦି ମେଢ଼ ଦୌଡ଼ରେ ତିନି ନମ୍ବରରେ ରହିଛି ଏହି ପୂଜା କମିଟି। ୧୯୯୭ ରେ ଚାନ୍ଦି ମେଢ଼ କରାଯାଇଥିଲା। ୧୮ ଫୁଟ୍ ଉଚ୍ଚତାର ୧ କୁଇଣ୍ଟାଲ ୪୦କେଜି ଓଜନର ଚାନ୍ଦିରେ ତିଆରି କରାଯାଇଛି ମେଢ଼। ଏହାସହ ୪ଭରି ଓଜନର ମା' ଦୁର୍ଗାଙ୍କର ନୋଥ, ଟିକ, ଟିକିଲି, ସମେତ ମୁଖ ମଣ୍ଡଳର ସମସ୍ତ ଆଭୂଷଣ ସୁନାର ରହିଛି। ୮୦ କେଜି ଓଜନର ଚାନ୍ଦିର ମା'ଦୁର୍ଗା ଓ ପାର୍ଶ୍ୱଦେବ ଦେବୀଙ୍କ ଅଳଙ୍କାର ରହିଛି। ୬ଫୁଟ୍ ଉଚ୍ଚତାର ମା'ଙ୍କ ମୂର୍ତ୍ତି କାରିଗର ବଳରାମ ବେହେରା ଓ ପର୍ଶୁରାମ ବେହେରା ନିର୍ମାଣରେ ଲାଗିଛନ୍ତି। ପୂଜା କମିଟିରେ ବଙ୍ଗୀୟ ପରମ୍ପରାରେ ପୂଜା କରାଯାଇଥାଏ। ମହାସପ୍ତମୀରୁ ଦଶମୀ ଯାଏ ମା'ଙ୍କ ନିକଟରେ ଅନ୍ନ ଭୋଗ ଲାଗି କରାଯାଏ। ଦଶମୀରେ ମା'ଙ୍କ ପାଖରେ ଦହି ପଖାଳ ଭୋଗ ଲାଗି କରାଯିବ ଏବଂ ୧୦ ହଜାର ଲୋକଙ୍କୁ ବଣ୍ଟାଯିବ। ଏହାସହ ଦଶମୀରେ ମହିଳାମାନେ ଏକଜୁଟ ହୋଇ ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେବେ। ଭସାଣି ଯାତ୍ରାରେ ଢୋଲ ଓ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

### ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ



" ପୂଜା ମଣ୍ଡପ କଟକର ପ୍ରମୁଖ ସ୍ଥାନରେ ଅବସ୍ଥାପିତ। ଏହାକୁ ନଜରରେ ରଖି ପୂଜାରେ ଯେପରି ଶ୍ରଦ୍ଧାଳୁ ସୁରୁଖୁରୁରେ ମା'ଙ୍କ ଦର୍ଶନ କରିପାରିବେ ତାହାକୁ ଗୁରୁତ୍ୱ ଦିଆଯାଇଛି। କମିଟି ସଦସ୍ୟମାନେ ଭିଡ଼ ନିୟନ୍ତ୍ରଣ କରିବା ଦାୟିତ୍ୱରେ ରହିବେ।

**ସୁବାସ କୃଷ୍ଣ ସରକାର, ସଭାପତି**

### ଦଶମୀରେ ସିନ୍ଦୂର ଖେଳ ସ୍ୱତନ୍ତ୍ରତା



" ମା' ଦୁର୍ଗା ପାଞ୍ଚ ଦିନ ପୂଜା ପାଇବାପରେ ଯେପରି ଧରାପୃଷ୍ଠରୁ ଖୁସିରେ ବିଦାୟ ନେବେ ସେନେଇ ସିନ୍ଦୂର ଖେଳର ପରମ୍ପରା ରହିଛି। ୩ଶହ ମହିଳା ଏକଜୁଟ୍ ହୋଇ ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେବାର କାର୍ଯ୍ୟକ୍ରମ ରହିଛି।

**ପ୍ରଦୀପ ସିହ୍ନା, ସମ୍ପାଦକ**

# ବାର୍‌ରେ ନାମୀ ବ୍ରାଣ୍ଡରେ ନକଲି ମଦ

## ମଦ ଜବତ: ୫ ଗିରଫ

### କର୍ମଚାରୀ ବନ୍ଧାହେଲେ, ମାଲିକ ଖସିଗଲେ

ନିଶ୍ଚିନ୍ତକୋଇଲି/ମାହାଙ୍ଗା, ୨୬।୯ (ଅଶୋକ କୁମାର ମହାପାତ୍ର/ ଯଯାତି ସିଂ)

ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ଏବଂ ବାର୍‌ରେ ନକଲି ମଦ ବିକ୍ରି ହେବା ଘଟଣା ଗୋଟେ ପରେ ଗୋଟେ ଲୋକଲୋଚନକୁ ଆସୁଛି। କିଛିଦିନ ତଳେ ଭୁବନେଶ୍ୱରରେ ଏକ ମଦଦୋକାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ନକଲି ମଦ ବିକ୍ରି ହେଉଥିବା ଜଣାପଡ଼ିଥିଲା। ଉକ୍ତ ଦୋକାନକୁ ବିଭାଗ ପକ୍ଷରୁ ସିଲ୍ କରାଯିବା ସହ ଦୋକାନରେ ଥିବା ସମସ୍ତ ମଦକୁ ଜେସିବି ମଡ଼ାଇ ନଷ୍ଟ କରାଯାଇଥିଲା। ଏବେ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ବଜାରସ୍ଥିତ ଏସ୍‌ଆର୍ ବାର୍ ଉପରେ ଗୁରୁବାର କଟକ ଅବକାରୀ ବିଭାଗ ଚଢ଼ାଉ କରି ନକଲି ମଦ ଓ ପ୍ରସ୍ତୁତି ପାଇଁ ରଖାଯାଇଥିବା ବହୁ ସାମଗ୍ରୀ ଜବତ କରିଛି। ଏହାବ୍ୟତୀତ ସମ୍ପୃକ୍ତ ବାର୍ ମାଲିକଙ୍କ ଘର ନିକଟରେ ଥିବା ୨ପଡ଼ୋଶୀଙ୍କ ଘରେ ଚଢ଼ାଉ କରି ବିପୁଳ ପରିମାଣର ମଦ ତିଆରି ସରଞ୍ଜାମ, ଲେବୁଲ, ନାମୀଦାମୀ କମ୍ପାନୀର ଠିପି ଓ ସିଲ୍ ଜବତ କରିଛି। ଏନେଇ ଅବକାରୀ ଏସ୍‌ପି ସମ୍ପୃକ୍ତ ବାର୍‌କୁ ସିଲ୍ କରିଥିବାବେଳେ ୫ଜଣଙ୍କୁ ଗିରଫ କରିଛନ୍ତି। ଏସବୁ ସ୍ଥାନରୁ ୧୧ଶହ ଲିଟର ନକଲି ମଦ, ୩ଟି ସ୍କୁଟି ଗାଡି, ୮ହଜାର ପ୍ଲାଷ୍ଟିକ ଠିପି, ୯,୪୦୦ପିସ୍ ଷ୍ଟିକର, ୧ହଜାର ଖାଲି ବୋତଲ, ୫ଟି ମୋବାଇଲ,୧୧୯୦ ପିସ୍ ଲେବୁଲ ଜବତ କରିଛି। ନକଲି ମଦ ପ୍ରସ୍ତୁତ ଓ ବିକ୍ରୟ କରିବା ଅଭିଯୋଗରେ ଅବକାରୀ ବିଭାଗ ସମ୍ପୃକ୍ତ ବାରର ୩ଜଣ କର୍ମଚାରୀ ସମେତ ମୋଟ ୫ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଭଦ୍ରେଶ୍ୱର ଥାନା ଅଧୀନ ପ୍ରହରାଜପୁର ଗ୍ରାମର ସୌମ୍ୟରଞ୍ଜନ ପ୍ରଧାନ(୪୭), ଜଗନ୍ନାଥ ନାୟକ(୪୫), ପବିତ୍ର ଜେନା(୩୩), ଶ୍ରୀନିବାସ ପ୍ରଧାନ(୪୪) ଓ ମାହାଙ୍ଗା ଥାନା ଅଧୀନସ୍ଥ ଖନ୍ଦଲୋ ଗ୍ରାମର ଶରତ ଚନ୍ଦ୍ର ବାରିକ(୩୫)। ତେବେ ବାର୍ ମାଲିକ ଖସିଯିବାରେ ସକ୍ଷମ ହୋଇଛନ୍ତି।

କଟକ ଅବକାରୀ ବିଭାଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅରୁପା ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ୧୦ଜଣିଆ ଦଳ ପ୍ରଥମେ ନକଲି କାରବାର ସମ୍ପର୍କରେ ସୂଚନା ପାଇ ଏସ୍‌ଆର ବାର୍ ମାଲିକଙ୍କ ପ୍ରହରାଜପୁରସ୍ଥିତ ପୈତୃକ ବାସଭବନ ନିକଟସ୍ଥ ୨ଟି ଘର ଉପରେ ଚଢ଼ାଉ କରିଥିଲା। ସେଠାରୁ ପର୍ଯ୍ୟାପ୍ତ ପରିମାଣର ନକଲି ମଦ ଜବତ କରିଥିଲା। ସେଠାରୁ ଆସି ଏସ୍‌ଆର୍ ବାର୍ ଓ ଏହାର ନିକଟରେ ଥିବା ଏକ ଘରୁ ନାମୀଦାମୀ କମ୍ପାନୀ ବ୍ରାଣ୍ଡର ଷ୍ଟିକର, ବୋତଲ, ସିଲ୍ ସମେତ ଅନ୍ୟାନ୍ୟ ଜିନିଷପତ୍ର ଜବତ କରିଥିଲେ। ବାର୍‌ର ୩ଜଣ କର୍ମଚାରୀଙ୍କୁ ବିଭାଗୀୟ ଅଧିକାରୀମାନେ ବାର୍ ଚାବି ମାଗିଥିଲେ ମଧ୍ୟ ସେମାନେ ସହଜରେ ଦେଇ ନ ଥିଲେ। ତେବେ ଅବକାରୀ ବିଭାଗ ଅଧିକାରୀମାନେ ବାର୍ ଭାଙ୍ଗି ପ୍ରବେଶ



ଜବତ ନକଲି ମଦ।

କରିବେ ବୋଲି କହିବାରୁ ମ୍ୟାନେଜର ଚାବି ଦେଇଥିଲେ। ଚାବି ଖୋଲିଲା ପରେ ବାର୍ ଘରୁ ପର୍ଯ୍ୟାପ୍ତ ପରିମାଣର ନକଲି ମଦ ମିଳିଥିଲା। ତେବେ ଅବକାରୀ ବିଭାଗ ସିସିଟିଭି ଫୁଟେଜ ମାଗିବାବେଳେ ସିସିଟିଭି ବନ୍ଦ ଥିବା ଓ ହାର୍ଡଡିସ୍କ ଖୋଲା ହୋଇଯାଇଥିବା ବାର୍ ମ୍ୟାନେଜର କହିଥିଲେ। ଏହାପରେ ବାର୍‌ର ୩ଜଣ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା। ସମସ୍ତ ମଦ ଜବତ କରାଯିବା ପରେ ଅଭିଯୁକ୍ତମାନଙ୍କୁ ସାଲେପୁର ଅବକାରୀ ବିଭାଗକୁ ନିଆଯାଇଥିଲା। ସେଠାରେ ସେମାନଙ୍କୁ ପଚରାଉଚରା କରାଯିବାରେ ସେମାନେ କିପରି ନକଲି ମଦ ତିଆରି କରୁଥିଲେ ତାହାର ଏକ ଡେମୋ ଦେଖାଇଥିଲେ।

ଏନେଇ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ପକ୍ଷରୁ ମାମଲା (ନଂ. ୬୪/୨୦୨୪-୨୫) ରୁଜୁ କରାଯିବା ସହ ଧାରା ୫୨(ଏ)୫୨(ସି)୫୯(ଡି) ଏବଂ ୬୨ ଓଡ଼ିଶା ଅବକାରୀ ଆକ୍ଟ ୨୦୦୮ ଅନୁଯାୟୀ ୫ ଅଭିଯୁକ୍ତଙ୍କୁ ସାଲେପୁର କୋର୍ଟରେ ହାଜର କରାଯାଇଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଶିଶୁଆ ଉପକାରଗାରକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଅବକାରୀ ଜିଲା ଅବକାରୀ ଏସ୍‌ପି କରୁଣାଶଙ୍କର ତିୱାରୀ ଏସ୍‌ଆର ବାର୍‌କୁ ସିଲ୍ କରିଦେଇଛନ୍ତି। ଏନେଇ ତିୱାରୀ ସାଲେପୁର ଅବକାରୀ ବିଭାଗ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ଏସ୍‌ଆର୍ ବାରରେ ନକଲି ମଦ ବିକ୍ରି ହେଉଥିବା ଖବର ତାଙ୍କ ପାଖରେ ପହଞ୍ଚିଥିଲା। ତଦନୁଯାୟୀ ଏହି ଚଢ଼ାଉ କରାଯାଇଛି। ଆଗାମୀ ଦିନରେ ଆଖପାଖରେ ଥିବା ସରକାରୀ ମଦ ଦୋକାନ ଓ ବେଆଇନ ମଦ ଆଡ୍ଡା ଉପରେ ଚଢ଼ାଉ କରାଯିବ ବୋଲି କହିଛନ୍ତି। ଦୀର୍ଘଦିନ ହେବ ଏସ୍‌ଆର୍ ବାର୍ ନକଲି ମଦ କାରଖାନା କରି ନିଜ ବାରରେ ବ୍ୟବସାୟ ଚଳାଇବା ସହ କଟକ ଜିଲାର ବିଭିନ୍ନ ଦୋକାନ, ଯାଜପୁର ଏବଂ ଜଗତ୍‌ସିଂହପୁର ଜିଲାର କେତୋଟି ଦୋକାନରେ ନକଲି ମଦ ବିକ୍ରି କରିଆସୁଥିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏତେଦିନ ଧରି ଏହି ବେଆଇନ କାର୍ଯ୍ୟ ଚାଲୁଥିଲେ ମଧ୍ୟ ଅବକାରୀ ବିଭାଗ କାହିଁକି ଜାଣି ପାରୁ ନ ଥିଲା କିମ୍ବା କେଉଁ ଅବକାରୀ ବିଭାଗ ବାବୁଙ୍କ ଛତ୍ରଛାୟାତଳେ ଏପରି ନକଲି ମଦ କାରବାର ଚାଲିଥିଲା ତାହା ତଦନ୍ତ ସାପେକ୍ଷ। ବାର୍‌ର କର୍ମଚାରୀମାନଙ୍କୁ ବିଭାଗୀୟ ଅଧିକାରୀମାନେ ଗିରଫ କରିଥିବା ବେଳେ ବାର୍‌ର ମାଲିକ ତଥା ନକଲି ମଦ କାରବାରର କିଙ୍ଗପିନ୍‌କୁ କାହିଁକି ଗିରଫ କରାଗଲା ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ଏହି ବାର୍ ନୁହେଁ, କଟକ ଜିଲାର ବହୁ ମଦ ଦୋକାନ ଓ ବାରରେ ନକଲି ମଦ କାରବାର ହେଉଥିବା ଅଭିଯୋଗ ହେଉଛି।

# ଲିଭ୍ ଇନ୍‌ରେ ଥିବା ମହିଳାଙ୍କୁ ହତ୍ୟା

### ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା

ବଣାଇଁ, ୨୬।୯(ପ୍ରଦୀପ ତ୍ରିପାଠୀ

ସ୍ୱାମୀ ଓ ପରିବାରକୁ ଛାଡ଼ି ଜଣେ ମହିଳା ଜଣେ ଯୁବକଙ୍କୁ ଭଲ ପାଇ ତାଙ୍କ ସହିତ ଲିଭ୍ ଇନ୍ ରିଲେଶନରେ ରହୁଥିଲେ। ହେଲେ ସାମାନ୍ୟ ଝଗଡ଼ାକୁ ନେଇ ଯୁବକ ଜଣକ ମହିଳାଙ୍କୁ ହତ୍ୟା କରିଛନ୍ତି। ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ଥାନା କନ୍ୟାଶ୍ରମ ବସ୍ତିରେ ଏହି ଘଟଣା ଘଟିଛି। ଗୁରୁବାର ପୋଲିସ ମୃତଦେହ ଜବତକରି ସ୍ଥାନୀୟ ଲୋକଙ୍କ ସହାୟତାରେ ବ୍ୟବଚ୍ଛେଦ ପାଇଁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ମୃତା ମହିଳା ହେଲେ ଲହୁଣୀପଡ଼ା ଥାନା ଅନ୍ତର୍ଗତ ବେଲକୁଦର ଗ୍ରାମର ଯଶୋମତି ଧୀବର (୪୫)। ପ୍ରାୟ ୪ବର୍ଷ ହେବ ସେ ସ୍ୱାମୀ ଓ ପରିବାରକୁ ଛାଡ଼ି ଗୁରୁଣ୍ଡିଆର ଟ୍ରାକ୍ଟର ଚାଳକ ମନେସ ଲୁଗୁନ୍(୨୯)ଙ୍କ ସହିତ ରହୁଥିଲେ। ଉଭୟେ କାମ କରିବା ସହିତ କନ୍ୟାଶ୍ରମ ବସ୍ତିରେ ଥିବା ମନେସଙ୍କ ଘରେ ଏକାଠି ରହୁଥିଲେ। ଗତ ସୋମବାର ରାତିରେ ଉଭୟେ କାମରୁ ଫେରିବା ପରେ ଘରେ ଝଗଡ଼ା ହୋଇଥିଲା। ସେହିଦିନଠାରୁ ଗୁରୁବାର ସୁଦ୍ଧା ଯଶୋମତିଙ୍କୁ କେହି ଦେଖି ନ ଥିଲେ। ତାଙ୍କୁ ହତ୍ୟା କରାଯାଇଛି ବୋଲି କେହି ଜାଣିପାରି ନ ଥିଲେ। ଯଶୋମତିଙ୍କୁ ଦେଖିବାକୁ ନ ପାଇ ଲୋକଙ୍କ ସନ୍ଦେହ ହେବାରୁ ଥାନାରେ ଜଣାଇଥିଲେ। ଗୁରୁଣ୍ଡିଆ ପୋଲିସ ମନେସ ଲୁଗୁନଙ୍କ ଘରକୁ ଯାଇଥିଲା। ଘର ଭିତରେ ଯଶୋମତିଙ୍କ ମୃତଦେହ ପଡ଼ିଥିଲା। ତାଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ହଣାଯାଇଥିବା କ୍ଷତଚିହ୍ନ ଦେଖିବାକୁ ମିଳିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଲୁଚି ରହିଥିବା ମନେସଙ୍କୁ ଗୁରୁବାର ସନ୍ଧ୍ୟାରେ ଧରି ପଚରାଉଚରା କରୁଛି। ଯଶୋମତିଙ୍କୁ ଭଲ ପାଇ ଲିଭ୍ ଇନ୍‌ରେ ରହୁଥିବା ଓ ଝଗଡ଼ାକୁ ନେଇ ହତ୍ୟାକରିଥିବା ମନେସ ସ୍ୱୀକାର କରିଛନ୍ତି ବୋଲି ପୋଲିସ ସୂଚନା ଦେଇଛି। ଏ ସଂକ୍ରାନ୍ତରେ ଗୁରୁଣ୍ଡିଆ ଥାନାରେ ଏକ ହତ୍ୟା ମାମଲା (ନଂ.୪୭/୨୦୨୪) ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ଥାନାଧିକାରୀଙ୍କ ବିରୋଧରେ ଡିସିପିଙ୍କ ନିକଟରେ ଅଭିଯୋଗ

## ବାଲିପାଟଣା ଥାନାରେ ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର

ଭୁବନେଶ୍ୱର,୨୬।୯(ସୂର୍ଯ୍ୟକାନ୍ତ ବେହେରା)/ବାଲିପାଟଣା (ଅଭିମନ୍ୟୁ ନାୟକ)

ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କ ପ୍ରତି ପୋଲିସ ଉତ୍ତମ ବ୍ୟବହାର କରିବାକୁ ନିର୍ଦ୍ଦେଶ ରହିଛି। ହେଲେ ଉଚ୍ଚ ଅଧିକାରୀ ଦେଉଥିବା ଏହି ନିର୍ଦ୍ଦେଶକୁ କମିଶନରେଟ ପୋଲିସ ପାଳନ କରୁ ନ ଥିବା ଅଭିଯୋଗ ହେଉଛି। ନିକଟରେ ଭରତପୁର ଥାନାରେ ଅଭିଯୋଗକାରୀଙ୍କୁ ନିର୍ଯାତନା ଦେବା ଘଟଣାକୁ ନେଇ କମିଶନରେଟ ପୋଲିସ ବିବାଦ ଭିତରେ ଛନ୍ଦି ହୋଇ ରହିଥିବାବେଳେ ଏହା ଅଧୀନରେ ଥିବା ବାଲିପାଟଣା ଥାନାର ଆଇଆଇସିଙ୍କ ବିରୋଧରେ ମଧ୍ୟ ଏକ ଅଭିଯୋଗ ଆସିଛି। ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢୀ ଅଭିଯୋଗକାରୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଅପମାନଜନକ ବ୍ୟବହାର ପ୍ରଦର୍ଶନ କରୁଥିବା ବାଲିପାଟଣା ବ୍ଲକ ଓକିଲ ସଂଘ ଅଭିଯୋଗ ଆଣି ଡିସିପିଙ୍କୁ ଭେଟିଛି। ଥାନାରେ ଅଧିକାରୀ ଥାଇ ମଧ୍ୟ ଦେଖା କରୁ ନ ଥିବା ସଂଘ ଅଭିଯୋଗ କରିଛି। ଆଇନଜୀବୀ ସମ୍ବିତ ରାୟ ଗତ ୧୫ ତାରିଖରେ ତାଙ୍କ ମା'ଙ୍କୁ ନେଇ ଥାନାରେ ଏକ ଅଭିଯୋଗପତ୍ର ଦେଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରି ନ ଥିଲେ। ଜୋନ୍ ୪ ଏସିପିଙ୍କ ହସ୍ତକ୍ଷେପ ପରେ ଶେଷରେ ଥାନାଧିକାରୀ ମାମଲା ରୁଜୁ କରିଥିଲେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆଇନଜୀବୀ ଶୁଭ୍ରଜିତ ମହାନ୍ତି, ଆଇନଜୀବୀ ପ୍ରୀତିଶ ଦାସ, ଶକ୍ତି ପ୍ରସାଦ ଛୋଟରାୟ ଓ ଅମରେଶ ସ୍ୱାଇଁ ବୁଧବାର ଡିସିପିଙ୍କ ନିକଟରେ ପୃଥକ ଭାବେ ଏପରି ଅଭିଯୋଗ କରିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଡିସିପି ସେମାନଙ୍କୁ ଆଲୋଚନା ପାଇଁ ଶୁକ୍ରବାରକୁ ସମୟ ଦେଇଥିବା ଆଇନଜୀବୀ ସୁଜିତ ରାଉତରାୟ କହିଛନ୍ତି। ଏ ସଂକ୍ରାନ୍ତରେ ବାଲିପାଟଣା ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ କୁହନ୍ତି, ଆଇନଜୀବୀମାନଙ୍କୁ ଆଇନ ରାସ୍ତା ଭଲଭାବରେ ଜଣା। ତେଣୁ ଆଇନ ଅନୁସାରେ ପୋଲିସ ଯାହା ପଦକ୍ଷେପ ନେବାକଥା ତାହା ଯଥାରୀତି ନେଉଛି।

# ପୋଲିସ ସୂଚନାଦାତା ସନ୍ଦେହରେ ଜଣଙ୍କୁ ହତ୍ୟା

ମାଲକାନଗିରି,୨୬।୯(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ବେଜି ଥାନା ଅନ୍ତର୍ଗତ ଭଣ୍ଡାରପଦର ଗ୍ରାମର ସୋୟମ ପାଣ୍ଡୁ (୫୦)ଙ୍କୁ ମାଓବାଦୀମାନେ ବୁଧବାର ପୋଲିସ ସୂଚନାଦତା ସନ୍ଦେହରେ ହତ୍ୟା କରିଛନ୍ତି। ବିଳମ୍ବିତ ରାତିରେ ସଶସ୍ତ୍ର ମାଓବାଦୀ ସୋୟମଙ୍କୁ ଘରୁ ଡାକିନେଇ ନିକଟସ୍ଥ ଜଙ୍ଗଲରେ ମାଡ ମାରିବା ପରେ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିଛନ୍ତି। ତେବେ ଏହି ହତ୍ୟାକାଣ୍ଡର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଭେଜି ଥାନା ପୋଲିସ ତଦନ୍ତ ଚଳାଇଛି।

# ଦିନ ଦ୍ୱିପ୍ରହରେ ବୃଦ୍ଧାଙ୍କୁ ହତ୍ୟା

## ହତ୍ୟାକାରୀଙ୍କୁ ଖୋଜୁଛି ପୋଲିସ

ରେଢାଖୋଲ, ୨୬।୯(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ସହର ଦେହୁରୀ ସାହିରେ ଗୁରୁବାର ଦିନ ଦ୍ୱିପ୍ରହରେ ଘଟିଛି ଏକ ହତ୍ୟାକାଣ୍ଡ । ହତ୍ୟାକାଣ୍ଡର ଶିକାର ହୋଇଛନ୍ତି ୬୫ବର୍ଷୀୟା ବୃଦ୍ଧା ତରଙ୍ଗିନୀ ସାହୁ। ଖବର ପାଇ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ରେଢାଖୋଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଛି। ସାହି ମୁଣ୍ଡରେ ରହୁଥିବା ଜଣେ ବୃଦ୍ଧାଙ୍କୁ ଘର ବାରଣ୍ଡାରେ କିଏ ଓ କିପରି ହତ୍ୟା କରି ଖସି ପଳାଇଲେ ତାହାକୁ ନେଇ ପୋଲିସ ଅନୁସନ୍ଧାନ ଜାରି ରଖିଛି। ସନ୍ଦେହରେ ପୋଲିସ ଜଣଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଏ ନେଇ ରେଢାଖୋଲ ଥାନାରେ ଏକ ହତ୍ୟା ମାମଲା(ନଂ.୨୩୨/୨୪)ରୁଜୁ ହୋଇଛି। ସୂଚନାମତେ ମୃତା ତରଙ୍ଗିନୀ ସାହୁ ଦୀର୍ଘବର୍ଷ ହେବ ରେଢାଖୋଲ ସହର ଦେହୁରୀସାହିରେ ହୀରା ବାହାଦୁର(୮୦) ନାମକ ଜଣେ ନେପାଳୀ ବ୍ୟକ୍ତିଙ୍କ ସହ ରହୁଥିଲେ। ହୀରା ରେଢାଖୋଲ ପାୱାର ଗ୍ରୀଡ କାର୍ଯ୍ୟାଳୟରେ ରାତ୍ର ଜଗୁଆଳିଭାବେ କାର୍ଯ୍ୟ କରୁଥିଲେ। ତେବେ ବୟସାଧିକ ଯୋଗୁ ଗତ କିଛିଦିନ ହେବ ହୀରାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହୁ ନ ଥିଲା। ତାଙ୍କ ଦେହ ଖରାପ ରହୁଥିବା ଖବର ପାଇ ପୂର୍ବରୁ ହୀରାଙ୍କ ପରିବାର ଲୋକେ ବୁଧବାର ଦେହୁରୀ ସାହି ଆସି ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭିମ୍‌ସାର ନେଇଯାଇଥିବା ସାହିରେ ରହୁଥିବା କେତେଜଣ ବ୍ୟକ୍ତି କହିଛନ୍ତି। ଅପରପକ୍ଷରେ ହୀରା ଗଲା ପରେ ସେଠାରେ ତରଙ୍ଗିନୀ ଏକୁଟିଆ ଥିଲେ। ଗୁରୁବାର ସକାଳେ ସେ ଘର ବାହାରେ ବୁଲାବୁଲି କରୁଥିବା ସାହି ଲୋକେ ଦେଖିଥିବା କହିଛନ୍ତି। ତେବେ ପୂର୍ବାହ୍ନ ୧୧ଟା ବେଳେ ଘର ବାରଣ୍ଡାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତରଙ୍ଗିନୀ ପଡିଥିବା ଓ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ସାହି ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ରେଢାଖୋଲ ଡାକ୍ତରଖାନା ନେଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ସବିତାଲତା ସେଠୀ କହିଛନ୍ତି।

# ଗୋଟିଏ ପରିବାରର ୩ ଜଣଙ୍କୁ ଆଜୀବନ

## ବୁଲୁ ବିଷୋୟୀ ହତ୍ୟା ମାମଲା

ଆସିକା,୨୬।୯(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅନ୍ତର୍ଗତ ପୁରୁଣାବୋରି ଗ୍ରାମର ବୁଲୁ ବିଷୋୟୀ(୩୫)ଙ୍କୁ ହତ୍ୟା କରାଯାଇଥିଲା। ଗୁରୁବାର ଆସିକା ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ଏହି ମାମଲାର ବିଚାର କରି ମୋଟ ୫ ଅଭିଯୁକ୍ତଙ୍କ ମଧ୍ୟରୁ ଗୋଟିଏ ପରିବାରର ୩ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସେମାନେ ହେଲେ ପୁରୁଣାବୋରି ଗ୍ରାମର ଖଦାଳ ପ୍ରଧାନ (୭୯), ତାଙ୍କ ପୁଅ ବାବୁ ପ୍ରଧାନ (୩୫) ଏବଂ ଝିଅ ଟିକି (୩୯) । ଅଦାଲତ ଅଭିଯୁକ୍ତମାନଙ୍କୁ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୪ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ୨ ଅଭିଯୁକ୍ତଙ୍କ ମାମଲା ବିଚାରାଧୀନ ରହିଛି ।

୨୦୧୧ ମାର୍ଚ୍ଚ ୧୫ ତାରିଖରେ ପୁରୁଣାବୋରି ଗ୍ରାମରେ ନାମଯଜ୍ଞ ଚାଲିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ବୁଲୁଙ୍କୁ ତାଙ୍କ ଘର ନିକଟରେ ଖଣ୍ଡା, କାତି, ଠେଙ୍ଗା ଆଦିରେ ଆକ୍ରମଣ କରିଥିଲେ । ପରିବାର ଲୋକେ ଗୁରୁତର ଅବସ୍ଥାରେ ବୁଲୁଙ୍କୁ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ ମୃତକଙ୍କ ଦାଦା ନରସିଂହ ବିଷୋୟୀ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୬/୧୧ରେ ମାମଲା ରୁଜୁ କରିଥିଲା । ତତ୍କାଳୀନ ଥାନା ଅଧିକାରୀ ଅଜୟ ବାରିକ ଓ ପ୍ରଦୀପ କୁମାର ବାର୍ଲା ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଥିଲେ । ମାମଲାରେ ମୋଟ ୧୩ଜଣ ସାକ୍ଷୀ ସେମାନଙ୍କ ସାକ୍ଷ୍ୟ ପ୍ରଦାନ କରିଥିଲେ । ଏହାକୁ ଭିତ୍ତିକରି ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁଧାଂଶୁ କୁମାର ପାଣିଗ୍ରାହୀ ଏବଂ ସରକାରଙ୍କ ପକ୍ଷରୁ ସୂର୍ଯ୍ୟପ୍ରକାଶ ରାଓ ମାମଲା ପରିଚାଳନା କରୁଥିଲେ ।

# ଦୋଷୀ ବାପାଙ୍କୁ ଆଜୀବନ ଜେଲ

## ୪ ମାସର ଶିଶୁପୁତ୍ର ହତ୍ୟା ମାମଲା

ବାଲେଶ୍ୱର, ୨୬।୯(ବାଞ୍ଛାନିଧି ଦେ)

୪ମାସର ଶିଶୁପୁତ୍ର ହତ୍ୟା ମାମଲାର ଶୁଣାଣି କରି ଗୁରୁବାର ବାଲେଶ୍ୱର ଓପିଆଇଡି କୋର୍ଟ ଜଜ୍ ବିଶ୍ୱଜିତ୍ ଦାସ ଅଭିଯୁକ୍ତ ବାପା ଦୁଲାରାମ ବାସ୍କେଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଆଜୀବନ ଜେଲଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟ ଅଧିକ ୨ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ସୋର ଥାନା ଅଧୀନ ଆଟପୁର ଗ୍ରାମର ଗୌରୀ ବାସ୍କେଙ୍କ ସ୍ୱାମୀ ୨୦୧୮ରେ ମୃତ୍ୟୁବରଣ କରିଥିଲେ। ପରେ ଗୌରୀ ମୟୂରଭଞ୍ଜ ଜିଲା ଉଦଳା ଥାନା ବାଘମରା ଖୁଣ୍ଟା ଗ୍ରାମର ସମ୍ପର୍କୀୟ ଦିଅର ଦୁଲାରାମ ବାସ୍କେଙ୍କୁ ବିବାହ କରି ସ୍ୱାମୀଙ୍କ ସହ ବାପ ଘରେ ରହୁଥିଲେ। ୨୦୨୨ ଅକ୍ଟୋବରରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଦୁଲାରାମ ସନ୍ତାନ ଚାହୁଁ ନ ଥିବାରୁ ଶିଶୁପୁତ୍ରକୁ ହତ୍ୟା କରିବା ପାଇଁ ବହୁବାର ଉଦ୍ୟମ କରୁଥିଲେ। ୨୦୨୩ ଜାନୁଆରୀ ୧୪ତାରିଖରେ ଶିଶୁପୁତ୍ରକୁ ଘରେ ଶୁଆଇ ଗୌରୀ ବାଡ଼ିକୁ କାଠ ସଂଗ୍ରହ କରିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁଲାରାମ ଶିଶୁପୁତ୍ରକୁ ଘରୁ ନେଇ ପଳାଉଥିବା ବେଳେ ଗୌରୀ ଦେଖି ବିରୋଧ କରିଥିଲେ। ହେଲେ ସେ ଜବରଦସ୍ତ ନେଇ ପଳାଇ ଯାଇଥିଲେ। ଶିଶୁପୁତ୍ର ଓ ସ୍ୱାମୀ ଘରକୁ ନ ଫେରିବାରୁ ୧୯ତାରିଖରେ ସମ୍ପର୍କୀୟଙ୍କ ଫୋନ୍‌ରେ ଗୌରୀ ସ୍ୱାମୀଙ୍କୁ ଫୋନ୍ କରି ପୁଅ ବିଷୟରେ ପଚାରି ବୁଝିଥିଲେ। ପୁଅ ଆଶ୍ରମରେ ଅଛି, ୧୦ ବର୍ଷ ପରେ ଦେଖିବୁ ବୋଲି ସ୍ୱାମୀ କହିଥିଲେ। କିନ୍ତୁ ଶିଶୁପୁତ୍ରକୁ ହତ୍ୟା କରି ସ୍ୱାମୀ ପାଣିସିଆଳି ଗହୀର ବିଲରେ ଫୋପାଡ଼ି ଥିବା ସେଦିନ ସନ୍ଧ୍ୟାରେ ଜାଣିବାକୁ ପାଇଥିଲେ ଗୌରୀ। ଅଭିଯୋଗକ୍ରମେ ଖଇରା ଥାନା ପୋଲିସ ଏକ ହତ୍ୟା ମାମଲା (ନଂ. ୯/୨୩) ରୁଜୁ କରି ଦୁଲାରାମଙ୍କୁ ଗିରଫ କରିଥିଲା। ଏହି ମାମଲାରେ ଗୁରୁବାର ୧୨ଜଣ ସାକ୍ଷୀ, ୧୫ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ସାଇବର ଥାନାରେ ଏତଲା ଦେଲେ ଗାୟିକା ପମି ମିଶ୍ର

## ଗୀତ ଚୋରି ଅଭିଯୋଗ

ଭୁବନେଶ୍ୱର,୨୬।୯(ସତ୍ୟଜିତ୍ ରାଉତ)

ଲୋକପ୍ରିୟ ଗାୟିକା ପମି ମିଶ୍ର ଗାଇଥିବା ଏକ ଗୀତକୁ ଏକ ପ୍ରଯୋଜନା ସଂସ୍ଥା ଚୋରି କରି ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ କରିଛି। ଏହା ଜଣାପଡିବା ପରେ ପମି ଗୁରୁବାର ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ପ୍ରଯୋଜନା ସଂସ୍ଥା ବିରୋଧରେ ସେ ଏତଲା ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପମି କହିଛନ୍ତି, ୨୦୧୦ ମସିହାର ଏକ ଗୀତ (ଆଲୋ ବୋଉଲୋ ବୋଉ ଏମିତି ବୟସ କିଏ ଦେଲାଲୋ)କୁ ଏକ ପ୍ରଯୋଜନା ସଂସ୍ଥା ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ଅପ୍‌ଲୋଡ୍ କରିଛି। କେତେଜଣ ଏହାର ଲିଙ୍କ୍‌କୁ ତାଙ୍କ ପାଖକୁ ହ୍ୱାଟ୍ସଆପ୍ ଜରିଆରେ ସେପ୍ଟେମ୍ବର ୧୭ରେ ପଠାଇବା ପରେ ଏନେଇ ଜଣାପଡିଥିଲା। ପରେ ଉକ୍ତ ଚ୍ୟାନେଲର ମାଲିକଙ୍କୁ ଯୋଗାଯୋଗ କରିବାରୁ ଏହା ତାଙ୍କ ସ୍ତ୍ରୀ ଗାଇଛନ୍ତି ବୋଲି କହିଥିଲେ। ଏପରିକି ଏହା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ରେ ଚେନ୍ନାଇରେ ରେକର୍ଡ ହୋଇଥିବା ସେ କହିଥିଲେ ବୋଲି ପମି କହିଛନ୍ତି। ତେବେ ପମିଙ୍କ ଏତଲା ପରେ ସାଇବର ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି।

# ବ୍ୟବସାୟୀଙ୍କ ସୁନାରୁପା ଅଳଙ୍କାର, ଟଙ୍କା ଲୁଟ

## ୧ କେଜି ସୁନା, ୫ କେଜି ରୁପା ନେଇଥିବା ଅଭିଯୋଗ



ମୋହନା,୨୬।୯(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ମୁଖ୍ୟ ବଜାରରେ ବୁଧବାର ରାତିରେ ବଡ଼ ଧରଣର ଲୁଟ ହୋଇଛି। ବଜାର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଶ୍ରୀହରି ଜୁଏଲର୍ସର ମାଲିକଙ୍କ ନିକଟରୁ ଦୁର୍ବୃତ୍ତ ୧ କେଜି ସୁନା, ୫ କେଜି ରୁପା ଅଳଙ୍କାର ସହ ୭୦ ହଜାର ଟଙ୍କା ଥିବା ବ୍ୟାଗ ଲୁଟି ନେଇଛନ୍ତି। ଏ ନେଇ ଦୋକାନ ମାଲିକ ମୋହନ ଆଚାରୀଙ୍କ ଅଭିଯୋଗ ପ୍ରକାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ସୁନା ବ୍ୟବସାୟୀ ମୋହନ ସବୁଦିନ ଭଳି ବୁଧବାର ରାତି ପ୍ରାୟ ସାଢ଼େ ୯ଟାରେ କର୍ମଚାରୀମାନେ ଯିବାପରେ ସୁନା, ରୁପା ଜିନିଷ ଓ ଟଙ୍କା ଧରି ଦୋକାନ ବନ୍ଦ କରି ଘରକୁ ଯିବାକୁ ବାହାରିଥିଲେ। ସେ ଅଳଙ୍କାର ଏବଂ ଟଙ୍କା ଥିବା ଦୁଇଟି ବ୍ୟାଗ୍‌କୁ ଦୋକାନ ବାରଣ୍ଡାରେ ଥିବା ଟେବୁଲ ଉପରେ ରଖି ତାଙ୍କ ବାଇକ୍‌କୁ ତଳକୁ କାଢୁଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ସୁନା ବ୍ୟବସାୟୀଙ୍କ ବ୍ୟାଗ୍ ଦୁଇଟି ଧରି ଚମ୍ପଟ ମାରିଥିଲେ। ଏ ନେଇ ମୋହନ ତୁରନ୍ତ ମୋହନା ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆଖପାଖରେ ଥିବା ଅନ୍ୟ ଦୋକାନର ସିସିଟିଭି ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଖୋଳତାଡ଼ କରୁଛି। ଏ ନେଇ ମୋହନା ଥାନାରେ ନଂ.୧୮୮/୨୪ରେ ମାମଲା ରୁଜୁକରାଯାଇଥିବା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

# ବେଙ୍ଗାଲୁରୁରେ ହତ୍ୟା ଘଟଣା
# ବ୍ଲାକ୍‌ମେଲିଂ କରୁଥିଲେ ମହାଲକ୍ଷ୍ମୀ

## ହତ୍ୟାକାଣ୍ଡର ରହସ୍ୟ କହିଲେ ମୃତ ଅଭିଯୁକ୍ତଙ୍କ ପରିବାର

ଭଦ୍ରକ,୨୬।୯(ସନାତନ ରାଉତ)

ବେଙ୍ଗାଲୁରୁରେ ବହୁଚର୍ଚ୍ଚିତ ମହାଲକ୍ଷ୍ମୀ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଭଦ୍ରକ ଜିଲା ଧୁଷୁରୀ ଥାନା ଅଧୀନ ଭୂଇଁପୁର ଗାଁର ମୁକ୍ତିରଞ୍ଜନ ରାୟ(୩୨)ଙ୍କ ଆତ୍ମହତ୍ୟା ପରେ ତାଙ୍କ ପରିବାର ଲୋକେ ହତ୍ୟାକାଣ୍ଡର ରହସ୍ୟ ବଖାଣିଛନ୍ତି। ମୁକ୍ତିରଞ୍ଜନଙ୍କ ମା' କହିଛନ୍ତି, ଗତ ମଙ୍ଗଳବାର ରାତି ୧୦ଟାରେ ତାଙ୍କ ବଡ଼ପୁଅ ମୁକ୍ତିରଞ୍ଜନ ଘରେ ପହଞ୍ଚିଥିଲେ। ଘରେ ପହଞ୍ଚିବା ପରେ ସେ ବହୁତ ଚାପରେ ଥିବା ପରି ଜଣାପଡୁଥିଲେ। ଏହାର କାରଣ ପଚାରିବାରୁ ବେଙ୍ଗାଲୁରୁରେ ସେ ଜଣେ ଝିଅକୁ ମାରିଦେଇଥିବା କହିଥିଲେ। ତାଙ୍କ ରୋଜଗାରର ସବୁ ଟଙ୍କା ସେହି ଝିଅ ନେଇଯାଉଥିଲେ। ଏପରି କି ତାଙ୍କ ସୁନାଚେନ, ମୁଦି ସବୁ ସେ ନେଇଯାଇଛନ୍ତି। ସବୁ ଟଙ୍କା ନେଇ ଯାଉଥିବାରୁ ତାଙ୍କ ଘର କାମ ନିର୍ମାଣ ମଧ୍ୟ ଅଧାରେ ରହିଯାଇଛି। ସେହି ଝିଅର ଅତ୍ୟାଚାରରେ ଅତିଷ୍ଠ ହୋଇ ୧୫ଦିନ ତଳେ ତାଙ୍କୁ ତଣ୍ଟି ଚିପି ମୁକ୍ତିରଞ୍ଜନ ମାରିଦେଇଥିବା ମା'ଙ୍କ ଆଗରେ କହିଥିଲେ। ଏଥିସହିତ ବୁଧବାର ଭୋର ୪ଟାରୁ ସ୍କୁଟି ନେଇ ଘରୁ କୁଆଡ଼େ ପଳାଇ ଯାଇଥିଲେ ବୋଲି ତାଙ୍କ ମା' କହିଛନ୍ତି।

ମୁକ୍ତିରଞ୍ଜନଙ୍କ ସାନଭାଇ ଶକ୍ତିରଞ୍ଜନ କହିଛନ୍ତି, ତାଙ୍କ ଭାଇ ୧୦ ବର୍ଷ ଧରି ବେଙ୍ଗାଲୁରୁରେ ରହୁଥିଲେ। ଏକ ଘରୋଇ କମ୍ପାନୀରେ ରିଟେଲର କାମ କରୁଥିଲେ। ସେ ଗତ ୨ବର୍ଷ ହେଲା ଘରକୁ ଆସି ନ ଥିଲେ। ଶକ୍ତିରଞ୍ଜନ ବ୍ରହ୍ମପୁରର ନରେନ୍ଦ୍ରପୁରରେ ଏକ ମେସ୍‌ରେ ରହୁଥିବାରୁ ମୁକ୍ତିରଞ୍ଜନ ତାଙ୍କ ପାଖକୁ ଆସି ଗତ ୧୦ ଦିନ ହେବ ସେଠାରେ ରହୁଥିଲେ। ତେବେ ମଙ୍ଗଳବାର ସେଠାରୁ ଗାଁକୁ ଆସିଥିଲେ। ଏହାର କିଛି ସମୟ ପରେ କର୍ଣ୍ଣାଟକ ପୋଲିସ ପହଞ୍ଚି ଶକ୍ତିରଞ୍ଜନଙ୍କୁ ମେସ୍‌ରୁ ଉଠାଇ ନେଇଥିଲା। ଗାଡ଼ି ଭିତରେ ତାଙ୍କ ଭାଇଙ୍କ ବିଷୟରେ ପଚରାଉଚରା କରିବା ସହ ଅକଥନୀୟ ଅତ୍ୟାଚାର କରିଥିଲା। ତାଙ୍କ ଦାଢ଼ି ଚୁଟି ଉପାଡ଼ିବା ଭଳି ବିଭିନ୍ନ ନିର୍ଯାତନା ମଧ୍ୟ ଦେଇଥିଲା। ପୋଲିସ ତାଙ୍କୁ ବ୍ରହ୍ମପୁରରୁ ବାଲେଶ୍ୱର ସେଠାରୁ ଭଦ୍ରକ ଓ ପରେ ପୁଣି ଭୁବନେଶ୍ୱର ନେଇଥିଲା। ସେଠାରେ ବୁଧବାର ରାତିରେ ମୁକ୍ତିରଞ୍ଜନ ଆତ୍ମହତ୍ୟା କରିଦେଇଛନ୍ତି ବୋଲି ଜଣାଇବା ସହ ଭୁବନେଶ୍ୱର ବସ୍‌ଷ୍ଟାଣ୍ଡରେ ଛାଡ଼ି ଦେଇଥିଲେ ବୋଲି ଶକ୍ତିରଞ୍ଜନ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି, ମୁକ୍ତିରଞ୍ଜନଙ୍କୁ ମହାଲକ୍ଷ୍ମୀ ବ୍ଲାକମେଲିଂ କରୁଥିଲେ। ମହାଲକ୍ଷ୍ମୀଙ୍କ


ମହାଲକ୍ଷ୍ମୀ।


ମୁକ୍ତିରଞ୍ଜନ ରାୟ

ଭାଇ ଜଣେ ଗୁଣ୍ଡା ଶ୍ରେଣୀର ଲୋକ। ତାଙ୍କ ଭାଇଙ୍କଠାରୁ ରୋଜଗାର ଟଙ୍କା ସବୁ ନେଇ ଯାଉଥିଲେ। ଏପରିକି ମିଛ କେସ୍‌ରେ ତାଙ୍କ ଭାଇଙ୍କୁ ପୋଲିସରେ ମଧ୍ୟ ଦେଇଥିଲେ। ତାଙ୍କର କେରଳ ଟ୍ରାନ୍ସଫର ହେଉଥିବା ଜାଣିବା ପରେ ମହାଲକ୍ଷ୍ମୀଙ୍କ ଭାଇ ଓ କେତେଜଣ ଲୋକ ମିଶି ତାଙ୍କୁ ଧମକ ଦେବା ସହ ମାଡ଼ ମଧ୍ୟ ମାରିଥିଲେ ବୋଲି ମୁକ୍ତିରଞ୍ଜନ ତାଙ୍କୁ କହିଥିବା ଗୁରୁବାର ସକାଳେ ଗାଁରେ ପହଞ୍ଚିବା ପରେ ଶକ୍ତିରଞ୍ଜନ ଗଣମାଧ୍ୟମ ଆଗରେ କହିଛନ୍ତି। ପଚରାଉଚରା ବେଳେ ପୋଲିସ ଆଗରେ ମଧ୍ୟ ଏହା ପ୍ରକାଶ କରିଛନ୍ତି। ଅପରପକ୍ଷେ ମୁକ୍ତିରଞ୍ଜନଙ୍କ ମଝିଆ ଭାଇ ସ୍ମୃତିରଞ୍ଜନ ବେଙ୍ଗାଲୁରୁରେ ଅନ୍ୟ ଏକ କମ୍ପାନୀରେ କାମ କରୁଥିବାବେଳେ ତାଙ୍କୁ ସେଠାକାର ପୋଲିସ ହେପାଜତରେ ରଖି ନିର୍ଯାତନା ଦେଉଥିବା ବୁଧବାର ରାତିରେ ଫୋନ୍ ଯୋଗେ ଜଣାଇଥିବା ଶକ୍ତିରଞ୍ଜନ କହିଛନ୍ତି। ଏନେଇ ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲି କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରେ ଆତ୍ମହତ୍ୟା କରିଥିବା ଯୁବକ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡ଼ିଥିଲା। ସେ ଧରାପଡ଼ିଯିବା ଭୟରେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ଜବତ ହୋଇଥିବା ସୁଇସାଇଡ୍ ନୋଟ୍ କୋର୍ଟରେ ଦିଆଯିବ। ବେଙ୍ଗାଲୁରୁ ପୋଲିସ ହତ୍ୟା କେସ୍‌ର ତଦନ୍ତ କରୁଛି। ଏଠାରେ କେବଳ ଆତ୍ମହତ୍ୟା ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ପ୍ରକାଶଥାଉ କି, ମୁକ୍ତିରଞ୍ଜନ କିଛିଦିନ ତଳେ ମହାଲକ୍ଷ୍ମୀ ନାମ୍ନୀ ଜଣେ ମହିଳାଙ୍କୁ ହତ୍ୟା କରି ୫୯ ଖଣ୍ଡ କରି ଫ୍ରିଜ୍‌ରେ ରଖିଥିଲେ। ଏହି ଘଟଣା ପୋଲିସ ନଜରକୁ ଆସିବା ପରେ ମୁକ୍ତିରଞ୍ଜନଙ୍କୁ ଧରିବା ପାଇଁ ବେଙ୍ଗାଲୁରୁ ପୋଲିସ ଜାଲ ବିଛାଇଥିଲା। ଧରାପଡ଼ିଯିବା ଭୟରେ ସେ ଆରଡ଼ି ଫାଣ୍ଡି ଅଧୀନ ଚମ୍ପାସାହି ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା କୁଳେଇପଦା ଶ୍ମଶାନ ନିକଟସ୍ଥ ଏକ ଗଛରେ ବୁଧବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସକାଳୁ ଖବର ପାଇ ଆରଡ଼ି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ନିକଟରେ ତାଙ୍କ ସ୍କୁଟି ଉପରେ ଏକ ଲାପ୍‌ଟପ୍ ବ୍ୟାଗ୍ ଥିଲା। ବ୍ୟାଗ୍ ଭିତରେ ଥିବା ମୁକ୍ତିରଞ୍ଜନଙ୍କ ଏକ ଡାଏରୀରେ ମହାଲକ୍ଷ୍ମୀଙ୍କୁ ହତ୍ୟା କରିଥିବା ଘଟଣା ଉଲ୍ଲେଖ ରହିଥିବା ପୋଲିସ କହିଥିବାବେଳେ ତାଙ୍କ ସୁଇସାଇଡ୍ ନୋଟ୍‌କୁ ସାର୍ବଜନୀନ କରିନାହିଁ। ଧୁଷୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୩/୨୪) ରୁଜୁ କରାଯାଇଛି।




୨୬।୦୯।୨୦୨୪

| | |
|---|---|
| ୩,୨୮,୫୩୭ ଟଙ୍କା | |
| ସୁନା | ୫.୩୮୦ ଗ୍ରାମ୍ |
| ରୁପା | ୧୭୨.୭୪୦ ଗ୍ରାମ୍ |

# ଆଜିଠୁ ଆନ୍ଦୋଳନ ଜୋର୍‌ଦାର କରିବେ ନର୍ସିଂ କର୍ମଚାରୀ

## ଦାବି ନେଇ ବିଚାର କରିବାକୁ ଆନ୍ତଃ ବିଭାଗୀୟ କମିଟି ଗଢିବ ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୨୬।୯ (ବନ୍ଦନା ସେଠୀ)

୧୦ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିବା ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବିଫଳ ହୋଇଛି। ଏସ୍ମା ଲାଗୁ ସତ୍ତ୍ୱେ ଜିଦ୍‌ରେ ଅଟଳ ରହିଛନ୍ତି ନର୍ସିଂ ଅଫିସର। ୨ଦିନର ଆନ୍ଦୋଳନ ପରେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଶୁକ୍ରବାରଠାରୁ ଏହାକୁ ଜୋର୍‌ଦାର କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାରଠାରୁ କେବଳ ଜରୁରିକାଳୀନ ସେବା ଜାରି ରହିଥିଲା। ଶୁକ୍ରବାରଠାରୁ ଜରୁରିକାଳୀନ ସେବାକୁ ମଧ୍ୟ ବନ୍ଦ ରଖାଯିବ। ରାଜ୍ୟର ସମସ୍ତ ନର୍ସିଂ କର୍ମଚାରୀ କାମ ବନ୍ଦ କରି ଆନ୍ଦୋଳନ ଜାରି ରଖିବେ ବୋଲି ସଂଘ ସଭାନେତ୍ରୀ ସୁଚିସ୍ମିତା ଦାଶ ସୂଚନା ଦେଇଛନ୍ତି। ବୁଧବାର ସ୍ୱାସ୍ଥ୍ୟ ସଚିବ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ହୋଇଥିବା ଆଲୋଚନାକୁ ନେଇ ସଂଘ ସନ୍ତୁଷ୍ଟ ନ ଥିବା କହିଛି। ତେଣୁ ସରକାର ଉଚ୍ଚସ୍ତରୀୟ କମିଟି ଗଠନ କରି ଆଲୋଚନା କରିବାକୁ ଦାବି କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ କିମ୍ବା ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଆଲୋଚନାକୁ ଆସିବାକୁ ସଂଘ ଆହ୍ୱାନ କରିଛି। ବାରମ୍ବାର ଦାବି ସତ୍ତ୍ୱେ ପଦକ୍ଷେପ ନିଆଯାଉ ନ ଥିବାରୁ ଏବେ ଯାହା ପରିଣାମ ହେବ ସେ ନେଇ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏପଟେ ୩ ଦିନ ହେବ ନର୍ସିଂ କର୍ମଚାରୀ କାର୍ଯ୍ୟବନ୍ଦ କରିଥିବାରୁ ରାଜ୍ୟର ବିଭିନ୍ନ ମେଡିକାଲରେ ରୋଗୀ ସେବା ବ୍ୟାହତ ହୋଇଛି। ଏପରିସ୍ଥଳେ ଜରୁରିକାଳୀନ ସେବା ବନ୍ଦ କଲେ ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅପରପକ୍ଷେ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ଦାବି ପୂରଣ ପାଇଁ ଗୁରୁବାର ବିଭାଗସ୍ତରୀୟ ଆଲୋଚନା କରାଯାଇଥିଲା। ସରକାର ପରିସ୍ଥିତିର ଅନୁଧ୍ୟାନ କରି ସଂଘ ଦ୍ୱାରା ଉପସ୍ଥାପନ କରାଯାଇଥିବା ବିଭିନ୍ନ ଦାବି ଉପରେ ବିଚାରବିମର୍ଶ କରିବା ପାଇଁ ଏକ ଆନ୍ତଃବିଭାଗୀୟ କମିଟି ଗଠନ କରାଯିବ। ତେଣୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ହୃଦୟଙ୍ଗମ କରି ଆନ୍ଦୋଳନକାରୀ ନର୍ସିଂ ଅଫିସରମାନେ ଆନ୍ଦୋଳରୁ ଓହରି କାର୍ଯ୍ୟରେ ଯୋଗଦେବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ବିଶ୍ୱର ସର୍ବୋତ୍ତମ ସାଂସ୍କୃତିକ କେନ୍ଦ୍ର ତାଲିକାରେ ଏନ୍‌ଏମ୍‌ଏସିସି

ଭୁବନେଶ୍ୱର, ୨୬।୯ (ଅନୁରାଧା ମହାରଣା)



ମୁମ୍ବାଇସ୍ଥିତ ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର (ଏନ୍‌ଏମ୍‌ଏସିସି) ବିଶ୍ୱର ସର୍ବୋତ୍ତମ ସାଂସ୍କୃତିକ କେନ୍ଦ୍ର ତାଲିକାରେ ସ୍ଥାନ ପାଇଛି। ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଜାପାନୀ ପତ୍ରିକା 'ମ୍ୟାଡାମ ଫିଗାରୋ' ପକ୍ଷରୁ ଏହି ତାଲିକା ପ୍ରକାଶ ପାଇଛି। ଏନ୍‌ଏମ୍‌ଏସିସି ମୁମ୍ବାଇ ସହରର ବାନ୍ଦ୍ରା କୁର୍ଲାରେ ଅବସ୍ଥିତ। ଭାରତୀୟ ସଂସ୍କୃତିକୁ ଦୃଷ୍ଟିରେ ରଖି ଏହାକୁ ପଦ୍ମ ଫୁଲ ଆକାରରେ ଡିଜାଇନ କରାଯାଇଛି। ମ୍ୟାଡାମ ଫିଗାରୋ ପତ୍ରିକା ଲେଖିଛି ଯେ, ବିଶ୍ୱର କଳାକୁ ଭାରତକୁ ଆଣିବା ଏବଂ ଭାରତର କଳାକୁ ବିଶ୍ୱ ମଞ୍ଚକୁ ନେବାର ମହତ ଉଦ୍ଦେଶ୍ୟ ନେଇ ଏନ୍‌ଏମ୍‌ଏସିସିକୁ ୨୦୨୩ ମସିହାରେ ନୀତା ଓ ମୁକେଶ ଅମ୍ବାନୀ ପ୍ରତିଷ୍ଠା କରିଥିଲେ। ଏହାର ଅନେକ ପ୍ରେକ୍ଷାଳୟ ଓ ଆର୍ଟହାଉସ୍‌ରେ ଭାରତୀୟ କଳାକାରମାନଙ୍କ ପ୍ରଦର୍ଶନୀଠାରୁ ଆରମ୍ଭ କରି ଶାସ୍ତ୍ରୀୟ ଗାୟନ-ବାଦନ-ନୃତ୍ୟ, ବ୍ରଡ୍‌ୱେ ମ୍ୟୁଜିକାଲ ଏବଂ ଥିଏଟର ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେଉଛି। ଏନ୍‌ଏମ୍‌ଏସିସି ବ୍ୟତୀତ ଏହି ତାଲିକାରେ ନ୍ୟୁୟର୍କର ରିଚାର୍ଡ ଗିଲ୍ଡର୍ ସେଣ୍ଟର, ଲସ୍ ଆଞ୍ଜେଲସ୍‌ର ଇନ୍‌ଟ୍ୟୁଟ୍ ଡୋମ୍, ଆମଷ୍ଟରଡ୍ୟାମ୍‌ର ଡେଡ୍ ଏଣ୍ଡ୍ ଗ୍ୟାଲେରି, ହଂକଂର ସୋଥବାୟସ ମେଶନ, ବ୍ୟାଙ୍କକ୍‌ର ବ୍ୟାଙ୍କକ୍ ଆର୍ଟ ବିନାଲେ ଏବଂ ଜର୍ମାନୀର ଡାର୍କ ମ୍ୟାଟର ସ୍ଥାନ ପାଇଛି।

# ୩୩କେଭି ବିଦ୍ୟୁତ ଆଘାତରେ ଯୁବକ ମୃତ

ଭୁବନେଶ୍ୱର, ୨୬।୯ (ସତ୍ୟଜିତ୍ ରାଉତ)

## ଆମ୍ବ ଗଛଡାଳ ହାଣୁଥିବା ବେଳେ ଅଘଟଣ

୩୩ କେଭି ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଭୁବନେଶ୍ୱର ଚକେଇସିଆଣୀ ପୁରୁଣା ପୋଲ ନିକଟରେ ଗୁରୁବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ମୃତ ଯୁବକ ହେଲେ ଏଠାରେ ରହୁଥିବା ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ କରଚୁଲି ଗ୍ରାମର ତପବ୍ରତ ନାୟକ (୩୨)। ଘଟଣାସ୍ଥଳରେ ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ତପବ୍ରତଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ସୂଚନା ଅନୁଯାୟୀ, ତପବ୍ରତ ୨ ପୁଅ ଓ ସ୍ତ୍ରୀଙ୍କ ସହ ଚକେଇଟିଆଣୀ କେନାଲ ରୋଡ୍‌ରେ ରହୁଥିଲେ। ସେ ପୁରୁଣା ପୋଲ ନିକଟରେ ଥିବା ସିମେଣ୍ଟ ନନ୍ଦ ଆଦି ତିଆରି କାରଖାନାରେ କାମ କରୁଥିଲେ। ଉକ୍ତ ରାସ୍ତା ନିକଟରେ ଥିବା ଏକ ଆମ୍ବଗଛର ଡାଳ ତଳକୁ ନଇଁ ଆସିଥିବାରୁ ଗାଡ଼ି ଯାତାୟାତ ସହ ବିଦ୍ୟୁତ୍ ପାର୍କିଂ ସମସ୍ୟା ଉପୁଜିଥିଲା। ଏଥିପାଇଁ ସନ୍ଧ୍ୟାରେ ତପବ୍ରତ ଉକ୍ତ ଗଛରେ ଚଢ଼ି ଡାଳ କାଟୁଥିଲେ। ଏହି ସମୟରେ ୩୩ କେଭି ତାରକୁ ଛୁଇଁଥିବା ଏକ ଡାଳକୁ ସେ କାଟୁଥିବା ବେଳେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଘଟଣାସ୍ଥଳରେ ହିଁ ତପବ୍ରତଙ୍କ ଜୀବନ ଚାଲିଯାଇଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଏତଲା ହୋଇ ନ ଥିଲା। ଅନ୍ୟପକ୍ଷରେ ଉକ୍ତ କାରଖାନାର ମାଲିକଙ୍କ ନିର୍ଦ୍ଦେଶରେ ତପବ୍ରତ ଗଛରେ ଚଢ଼ି ଡାଳ କାଟୁଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅଭିଯୋଗ ମାମଲା ରୁଜୁ କରାଯିବା ସହ ଘଟଣାରେ ସମ୍ପୃକ୍ତ ସମସ୍ତଙ୍କୁ ପଚରାଉଚରା କରାଯାଇ ତଦନ୍ତ କରାଯିବ ବୋଲି ଅତିରିକ୍ତ ଥାନାଧିକାରୀ ରଞ୍ଜନ ନାୟକ କହିଛନ୍ତି।

# ମୋ ବସ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣାରେ ଚାଳକ ଗିରଫ

ବାରଙ୍ଗ, ୨୬।୯ (ଲିଙ୍ଗରାଜ ରାଉତ)

ରଘୁନାଥପୁର ଗ୍ରାମ ମୁଣ୍ଡରେ ମୋ ବସ୍ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଥିବା ଘଟଣାରେ ନନ୍ଦନକାନନ ଥାନା ପୋଲିସ ମୋ ବସ୍ ଚାଳକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଯାଜପୁର ଜିଲା ବଡ଼ଚଣା ଅଞ୍ଚଳର ପ୍ରଦୀପ୍ତ କୁମାର ବେହେରା(୩୭)। ପୋଲିସ ମୋ ବସ୍ ଓ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରିଛି। ବୁଧବାର ଅପରାହ୍ନ ୪ଟା ସମୟରେ ମୃତକ ନିରଞ୍ଜନ ପଣ୍ଡା ରଘୁନାଥପୁର ଗ୍ରାମ ମୁଖ୍ୟ ରାସ୍ତାସ୍ଥିତ ମାଉସୀ ମା' ମନ୍ଦିର ଛକ ନିକଟରେ ଏକ ସ୍କୁଟି ଯୋଗେ ଯାଉଥିଲେ। ଏହି ସମୟରେ ମୋ ବସ୍ ଚାଳକ ନିରଞ୍ଜନଙ୍କୁ ଧକ୍କା ଦେବା ସହ ତାଙ୍କ ଉପରେ ଗାଡ଼ି ଚଢ଼ାଇ ସେଠାରୁ ଖସି ପଳାଇଥିଲେ। ଦୁର୍ଘଟଣାରେ ଗୁରୁତର ଆଘାତ ହୋଇଥିବାରୁ ତାଙ୍କୁ ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ନିରଞ୍ଜନଙ୍କ ସ୍ତ୍ରୀ ସସ୍ମିତା ନାୟକଙ୍କ ନନ୍ଦନକାନନ ଥାନାରେ ଏକ ଲିଖିତ ଅଭିଯୋଗ ଫଳରେ ପୋଲିସ ୨୭୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରି ଚାଳକଙ୍କୁ କାବୁ କରିଛି।

# ପ୍ରାଣୀ ଚିକିତ୍ସକ ହେଉଛନ୍ତି ଶ୍ରେଷ୍ଠ ଚିକିତ୍ସକ : ମନ୍ତ୍ରୀ ଗୋକୁଳାନନ୍ଦ



ନବନିଯୁକ୍ତ ପ୍ରାଣୀଚିକିତ୍ସକଙ୍କ ପ୍ରାଥମିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ବିଭାଗୀୟ ଅଧିକାରୀମାନେ।

## ନବନିଯୁକ୍ତ ୮୨ଜଣ ପ୍ରାଣୀ ଚିକିତ୍ସକଙ୍କ ପ୍ରାଥମିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୬।୯ (ବନ୍ଦନା ସେଠୀ)

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗରେ ନବନିଯୁକ୍ତ ୮୨ଜଣ ପ୍ରାଣୀ ଚିକିତ୍ସକଙ୍କ ପ୍ରାଥମିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବନିଯୁକ୍ତ ପ୍ରାଣୀ ଚିକିତ୍ସକମାନେ ଯୋଗ୍ୟତା ତାଲିକା ଭିତ୍ତିରେ ସେମାନଙ୍କ ପସନ୍ଦ ଅନୁଯାୟୀ ନିଜ ଚାକିରି ସ୍ଥାନ ବାଛିଥିଲେ। ଅପରାହ୍ନରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ନବନିଯୁକ୍ତ ପ୍ରାଣୀ ଚିକିତ୍ସକଙ୍କୁ ଦିଗ୍‌ଦର୍ଶନ ଦେଇ କହିଲେ, ପ୍ରାଣୀ ଚିକିତ୍ସକମାନଙ୍କୁ ଶ୍ରେଷ୍ଠ ଚିକିତ୍ସକର ଆଖ୍ୟା ଦିଆଯାଏ। କାରଣ ସେମାନେ ପ୍ରାଣୀମାନଙ୍କୁ ରୋଗ ସମ୍ପର୍କିତ ପ୍ରଶ୍ନ ନ ପଚାରି ସେମାନଙ୍କର ଚିକିତ୍ସା କରିଥାନ୍ତି। ସେହିପରି ପ୍ରାଣୀ ଚିକିତ୍ସକମାନେ ମୂକ ପ୍ରାଣୀମାନଙ୍କ ଚିକିତ୍ସା କରୁଛନ୍ତି, ଯାହାକି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ସେମାନଙ୍କୁ ଯଥେଷ୍ଟ ଯତ୍ନବାନ ହେବାକୁ ପଡ଼ିବ ବୋଲି ମନ୍ତ୍ରୀ କହିଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଲେ, ପ୍ରାଣୀ ଚିକିତ୍ସକମାନେ ପ୍ରଥମରୁ ଗ୍ରୁପ୍-ଏ ଶ୍ରେଣୀରେ ନିଯୁକ୍ତି ପାଉଛନ୍ତି। ତେଣୁ ସେମାନଙ୍କର ଦାୟିତ୍ୱ ବୃଦ୍ଧି ପାଇଛି। କର୍ତ୍ତବ୍ୟ ସମ୍ପାଦନରେ ସେମାନେ ଯଥେଷ୍ଟ ଆନ୍ତରିକତା ଓ ନିଷ୍ଠା ପ୍ରଦର୍ଶନ କରିବା ଆବଶ୍ୟକ।

ଏହି ଅବସରରେ ବିଭାଗ ପକ୍ଷରୁ ଓଡ଼ିଶାରେ ପ୍ରାଣୀ ପ୍ରଜାତିମାନଙ୍କର ଲିପିବଦ୍ଧକରଣ (ଡକ୍ୟୁମେଣ୍ଟେଶନ୍) ପାଇଁ ନ୍ୟାଶ୍‌ନାଲ ବ୍ୟୁରୋ ଅଫ୍ ଆନିମଲ ଜେନେଟିକ୍ ରିସୋର୍ସର କାର୍ଯ୍ୟକର୍ତ୍ତାଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ଏଥିରେ ଯୋଗଦେଇ କହିଲେ, ଓଡ଼ିଶାର ପ୍ରାଣୀ ପ୍ରଜାତି ଆମ ସଂସ୍କୃତି ସହ ଜଡ଼ିତ। ରାଜ୍ୟରେ ୧.୮୧ କୋଟି ପଶୁସମ୍ପଦ ଏବଂ ୨.୭୨ କୋଟି କୁକ୍କୁଟ ଜାତୀୟ ପକ୍ଷୀ ଅଛନ୍ତି। ଏମାନଙ୍କ ମଧ୍ୟରୁ କେବଳ ୧୨ଟି ପ୍ରଜାତିର ପଞ୍ଜୀକରଣ ହୋଇପାରିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ବୈଠକରେ ବ୍ୟୁରୋର ନିର୍ଦ୍ଦେଶକ ଡ. ବି.ପି. ମିଶ୍ର ଯୋଗଦେଇ, ଆଗାମୀ କିଛିଦିନ ମଧ୍ୟରେ ରାଜ୍ୟର ସମସ୍ତ ପ୍ରାଣୀ ପ୍ରଜାତିଙ୍କ ପଞ୍ଜୀକରଣ କରାଯିବ ବୋଲି କହିଥିଲେ। ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା ବୈଠକରେ ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟଟନକୁ ନୂଆ ଦିଗନ୍ତ ଦେଉଛି ପୂର୍ବତଟ ରେଳପଥ

ଭୁବନେଶ୍ୱର, ୨୬।୯
(ଅନୁରାଧା ମହାରଣା)



ଓଡ଼ିଶା, ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ପୂର୍ବ ଛତିଶଗଡ଼ ଅଞ୍ଚଳର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ବିବିଧ ପରିବେଶ ଏବଂ ଐତିହାସିକ ସ୍ଥଳୀଗୁଡ଼ିକ ବିଶ୍ୱ ପର୍ଯ୍ୟଟକଙ୍କୁ ଆକର୍ଷଣ କରୁଛି। ପୂର୍ବତଟ ରେଳପଥ ଭାରତୀୟ ରେଳର ଏକ ପ୍ରମୁଖ ଜୋନାଲ ରେଳପଥ ଭାବରେ ଏହି ଅଞ୍ଚଳର ପର୍ଯ୍ୟଟନ କ୍ଷମତାକୁ ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଉଜ୍ଜ୍ୱଳ ଜଳରାଶି ସହ ଏସିଆର ସବୁଠାରୁ ବଡ଼ ଚିଲିକା ହ୍ରଦକୁ ପୂର୍ବତଟ ରେଳପଥ ବାଲୁଗାଁ ଏବଂ ଚିଲିକା ଷ୍ଟେଶନ ମାଧ୍ୟମରେ ସାରା ବିଶ୍ୱ ସହ ସଂଯୋଗ କରୁଛି। କୋରାପୁଟ-ରାୟଗଡ଼ା ଏବଂ କୋଟଭାଲସା-କିରାଣ୍ଡୁଲ ଲାଇନରେ ଅବସ୍ଥିତ ବିଭିନ୍ନ ସୁନ୍ଦର ଜଳପ୍ରପାତ ଏବଂ ପ୍ରାକୃତିକ ମନୋରମ ଭରା ଦୃଶ୍ୟ ଦେଖାଯାଏ। ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକ ସହ ଆରକୁ ଘାଟିକୁ ଟ୍ରେନ ଯାତ୍ରା ପର୍ଯ୍ୟଟନର ଏକ ନୂଆ ଅନୁଭବ ପ୍ରଦାନ କରୁଛି। ପୁରୀର ସ୍ୱର୍ଣ୍ଣିମ ବେଳାଭୂମି ଓ କୋଣାର୍କ ସୂର୍ଯ୍ୟମନ୍ଦିର ବିଶ୍ୱ ସ୍ତରରେ ପରିଚିତ ହୋଇଥିବାବେଳେ ପୂର୍ବତଟ ରେଳପଥ ପକ୍ଷରୁ ଏହି ପର୍ଯ୍ୟଟନ ସ୍ଥଳଗୁଡ଼ିକର ସାଂସ୍କୃତିକ ମାର୍ଗକୁ ସଂଯୋଗ କରାଯାଇଛି। ବିଶେଷ ଟ୍ରେନ୍ ସେବା ସହିତ ରଥଯାତ୍ରା ସମୟରେ ଅତ୍ୟଧିକ ରେଳ ସଂଯୋଗ କରାଯାଇଛି। ଗଞ୍ଜାମର ଗୋପାଳପୁର ବେଳାଭୂମି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବାବେଳେ ପୂର୍ବତଟ ରେଳପଥ ଆକର୍ଷଣୀୟ ରେଳ ମାର୍ଗରେ ତାହାକୁ ସଂଯୋଗ କରିଛି। ଅନ୍ୟପଟେ ଜଗତ୍‌ସିଂହପୁରର ସିଆଳି ବେଳାଭୂମି ଏକ ସୁନ୍ଦର ଶାନ୍ତ ପର୍ଯ୍ୟଟନ ସ୍ଥଳରେ ପରିଣତ ହୋଇଛି। ଏହି ସ୍ଥାନକୁ ପୂର୍ବତଟ ରେଳପଥ ଦ୍ୱାରା ସଂଯୋଗ କରାଯାଇ ଏହାର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରାଯାଉଛି। କେନ୍ଦ୍ରାପଡ଼ାର ଭିତରକନିକା ଭାରତର ସବୁଠାରୁ ବଡ ହେନ୍ତାଳ ବଣ ଭାବେ ପରିଗଣିତ ହେଉଥିବାବେଳେ ଲୁଣିପାଣି ଘଡ଼ିଆଳ କୁମ୍ଭୀରଙ୍କ ପାଇଁ ଉପଯୁକ୍ତ ଅବସ୍ଥିତି ପ୍ରଦାନ କରୁଛି। ଭଦ୍ରକ ଓ କଟକରୁ ପର୍ଯ୍ୟଟକମାନେ ଏହି ପ୍ରାକୃତିକ ପରିବେଶପୂର୍ଣ୍ଣ ଅଭୟାରଣ୍ୟରେ ସହଜରେ ପହଞ୍ଚିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। କେନ୍ଦୁଝର ଜିଲାର ପାହାଡ଼, ଘନ ଜଙ୍ଗଲ ଓ ପ୍ରାଚୀନ ମନ୍ଦିର ବିଶେଷକରି ଖଣ୍ଡାଧାର ଜଳପ୍ରପାତ, ଘଟଗାଁ, ଗୋନାସିକା ଓ ସୀତାବିଞ୍ଜି ଲୋକପ୍ରିୟ ସ୍ଥାନଗୁଡ଼ିକୁ ପୂର୍ବତଟ ରେଳପଥ ସଂଯୋଗ ବୃଦ୍ଧି କରିଛି। ଫଳରେ ପର୍ଯ୍ୟଟକମାନେ ସହଜରେ ଦୂରଦୂରାନ୍ତ ଅଞ୍ଚଳରୁ ପହଞ୍ଚିପାରୁଛନ୍ତି। ଯାଜପୁରର ପବିତ୍ର ବିରଜା ମନ୍ଦିର ଓ ଭଦ୍ରକର ଆରଡ଼ି ସହିତ ଦୀର୍ଘ ସମୁଦ୍ର ତଟ ଓ ପୋର୍ଟକୁ ରେଳ ସଂଯୋଗ ଯାତାୟାତକୁ ସହଜ କରିଛି। ଅନ୍ୟପଟେ ଢେଙ୍କାନାଳର କପିଳାସ ମନ୍ଦିର, ଅନୁଗୋଳର ସାତକୋଶିଆ ଗଣ୍ଡ ଓ ଦେବଗଡ଼ର ପାହାଡ଼ଗୁଡିକର ସୁନ୍ଦରତା ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପୂର୍ବତଟ ରେଳପଥ ଦୂରଦୂରାନ୍ତରୁ ଯାତ୍ରା ସୁବିଧା ପ୍ରଦାନ କରୁଛି। ସେହିପରି ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ପରମ୍ପରା ସହ ମନ୍ଦିର ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ହୀରାକୁଦ ଡ୍ୟାମ, ହରିଶଙ୍କର ଓ ନୃସିଂହନାଥ ମନ୍ଦିର ପରିଭ୍ରମଣରେ ରେଳଯାତ୍ରା ସହାୟକ ହେଉଛି। ପୂର୍ବତଟ ରେଳପଥର ରେଳସେବା ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି ଓ ଅନ୍ୟାନ୍ୟ ଜିଲାଗୁଡିକୁ ସହଜ ଗମନାଗମନ ସୁବିଧା ଯୋଗାଇ ଦେଇଆସୁଛି। ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶକୁ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବାରେ ପୂର୍ବତଟ ରେଳପଥ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସୂଚନା ଦିଆଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀପକ



@ ରମେଶ



@ ଶୁଭ୍ରାଂଶୁ



@ ଶୁଭମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏସ୍‌ସିବିରେ ଏକ୍‌ମୋ ଚିକିତ୍ସା ସଫଳ



କଟକ, ୨୬।୯ (ଶିଲ୍ପା ପ୍ରିୟଦର୍ଶିନୀ)

## ୯ ଦିନ ଚିକିତ୍ସା ପରେ ସୁସ୍ଥ ହେଲେ ଦିଲୀପ

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ସିଟିଭିଏସ୍ ବିଭାଗରେ ସଫଳ ହୋଇଛି ଏକ୍‌ମୋ ଚିକିତ୍ସା। ଅନୁଗୋଳ ଅଞ୍ଚଳର ଦିଲୀପ କୁମାର ମହାରଣା(୫୩) ପାଇଛନ୍ତି ନୂଆ ଜୀବନ। ଗତ ୪ ତାରିଖରୁ ଦିଲୀପ ଏଚ୍-୧ଏନ୍-୧ (ଥଣ୍ଡା ଜନିତ) ଭୂତାଣୁ ସଂକ୍ରମଣରେ ଆକ୍ରାନ୍ତ ହୋଇ ଆକ୍ୟୁଟ୍ ରେସ୍ପିରାଟୋରୀ ଡିଷ୍ଟ୍ରେସ ସିଣ୍ଡ୍ରୋମରେ ଆକ୍ରାନ୍ତ ହୋଇଥିଲେ। ଦିଲୀପ ପ୍ରଥମେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ପରେ ଉକ୍ତ ଘରୋଇ ହସ୍ପିଟାଲରୁ କଟକ ଏସ୍‌ସିବି ମେଡିକାଲର ସିଟିଭିଏସ୍ ବିଭାଗରେ ଥିବା ଏକ୍‌ମୋ ୟୁନିଟ୍‌ରେ ଗତ ୧୭ ତାରିଖରେ ଦିଲୀପଙ୍କୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ଏସ୍‌ସିବି ମେଡିକାଲରେ ଏକ ଡାକ୍ତରୀ ଟିମ୍ ଗଠନ କରାଯାଇ ଭି-ଭି ଟାଇପ୍ ଫେମୋରୋ ଜୁଗୁଲାର ଏକ୍‌ମୋ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ପରେ ଚିକିତ୍ସାର ଦ୍ୱିତୀୟ ଦିନରେ ଟ୍ରାକିଓଷ୍ଟୋମୀ କରାଯାଇଥିଲା ଏବଂ ଏହାର ୪୮ ଘଣ୍ଟା ମଧ୍ୟରେ ସେ ଗୋଡ଼ ହାତ ଚଳାଇ ଥିଲେ। ୯ଦିନ ଚିକିତ୍ସା ପରେ ଗୁରୁବାର ଦିଲୀପଙ୍କ ଏକ୍‌ମୋ ଚିକିତ୍ସା ବନ୍ଦ କରାଯାଇଛି ଏବଂ ମେକାନିକାଲ ଭେଣ୍ଟିଲେଟର ସହାୟତାରେ ରଖାଯାଇଛି। ସିଟିଭିଏସ୍ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ମନୋଜ କୁମାର ପଟ୍ଟନାୟକଙ୍କ ସହ ଡା. ସୁବ୍ରତ କୁମାର ନାୟକ, ଡା. ଦେବାଶିଷ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚିକିତ୍ସା ଜାରି ରହିଛି।

## ସଂକ୍ଷେପରେ

### ମହିଳାଙ୍କୁ ବ୍ଲାକ୍‌ମେଲ, ଗଞ୍ଜାମରୁ ଯୁବକ ଗିରଫ

ଭୁବନେଶ୍ୱର,୨୬।୯(ସୂର୍ଯ୍ୟକାନ୍ତ ବେହେରା)

ଜଣେ ମହିଳାଙ୍କୁ ବ୍ଲାକ୍‌ମେଲ କରିବା ସହ ତାଙ୍କ ସ୍ୱାମୀ ଓ ପୁଅକୁ ହତ୍ୟା ଧମକ ଦେବା ମାମଲାରେ ତମାଣ୍ଡୋ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମର ଝଟକ ବେହେରା (୨୪)। ପୀଡିତା ମହିଳା ଜଣକ ନିଜ ପରିବାର ସହିତ ତମଣ୍ଡୋ ଥାନା ଅଞ୍ଚଳରେ ରୁହନ୍ତି। ଅଭିଯୁକ୍ତ ଝଟକ ହେଉଛନ୍ତି ତାଙ୍କ ସମ୍ପର୍କୀୟ। ସେ ଗତ ଦୁଇ ମାସ ତଳେ ମହିଳାଙ୍କ ଘରକୁ ଆସି ରହୁଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ହୋଇଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ଝଟକ ମହିଳାଙ୍କ ସହ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ମହିଳା ଜଣକ ବିରୋଧ କରିବାରୁ ସେ ତାଙ୍କ ସହ ସ୍ୱାମୀ ଓ ପୁଅଙ୍କୁ ହତ୍ୟା କରିଦେବାକୁ ଧମକ ଦେବା ସହିତ ଗାଳିଗୁଲଜ କରୁଥିଲେ। ଏପରିକି ସମାଜରେ ତାଙ୍କ ନାମରେ ଅପପ୍ରଚାର କରି ସମ୍ମାନହାନି କରିବାର ଧମକ ଦେଇ ବ୍ଲାକ୍‌ମେଲ କରିଥିଲେ। ଏନେଇ ପୀଡିତା ମହିଳା ଜଣକ ଗତ ୨୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗଞ୍ଜାମ ଜିଲା ଅନ୍ତର୍ଗତ ଶିକୁଳା ତନ୍ତୀସାହିସ୍ଥିତ ଘରେ ସ୍ଥାନୀୟ ପୁରୁଷୋତ୍ତମପୁର ପୋଲିସ ସହାୟତାରେ ଚଢ଼ାଉ କରି ଅଭିଯୁକ୍ତ ଝଟକଙ୍କୁ ଗିରଫ କରିଥିଲା। ଗୁରୁବାର କୋର୍ଟ ଚାଲାଣ ପରେ ଜାମିନ ନମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ ଦିବାକର ନାୟକ ଅସୁସ୍ଥ

ଭୁବନେଶ୍ୱର, ୨୬।୯(ବନ୍ଦନା ସେଠୀ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ଜାତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ଦିବାକର ନାୟକ ଗୁରୁତର ଅସୁସ୍ଥ ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ସୁରେଶ ପାଣିଗ୍ରାହୀ, ସିପିଆଇ (ଏମଏଲ)ର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକର ରାଜ୍ୟ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଭୁବନେଶର ସିପିଆଇ ଜୋନ୍ ସମ୍ପାଦକ ସୁର ଜେନା ପ୍ରମୁଖ ଏସ୍‌ସିବି ମେଡିକାଲକୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ନେଫ୍ରୋଲୋଜି ବିଭାଗରେ ଚିକିତ୍ସିତ ହୋଇଥିବା ଦିବାକରଙ୍କୁ ସାକ୍ଷାତ୍ କରିବା ସହ ତାଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ଡାକ୍ତରଙ୍କ ସହ କଥା ହୋଇଥିଲେ। ଦିବାକରଙ୍କ ଡାଏଲିସିସ ଚାଲିଥିବାବେଳେ ସେ ପ୍ରଫେସର ଅରୁଣା ଆଚାର୍ଯ୍ୟ ଓ ଡା. ରାକେଶ ରାଉତଙ୍କ ଅଧୀନରେ ଚିକିତ୍ସିତ ହେଉଥିବା ସୂଚନା ଦିଆଯାଇଛି।

## ଡୁମୁଡୁମାରେ ପାଚେରି ଭୁଶୁଡ଼ି ଶ୍ରମିକ ମୃତ୍ୟୁ ଘଟଣା

# ବିଏମ୍‌ସିକୁ ରିପୋର୍ଟ ମାଗିଲେ ଶ୍ରମ କମିଶନର

ଭୁବନେଶ୍ୱର, ୨୬।୯ (ବନ୍ଦନା ସେଠୀ)

ଡ୍ରେନ୍ କାମବେଳେ ଡୁମୁଡୁମା ରଘୁନାଥ ନଗରରେ ପାଚେରି ଭୁଶୁଡ଼ି ୨ଜଣ ଶ୍ରମିକ ଆହତ ହୋଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ତେବେ ଏହି ଘଟଣାକୁ ବିଏମ୍‌ସି ପକ୍ଷରୁ ଘଟଣାକୁ ଚପାଇ ଦିଆଯାଉଥିବାବେଳେ ଏବେ ମାମଲାର ତଦନ୍ତ କରିବେ ଶ୍ରମ କମିଶନର। କେଉଁ ପରିସ୍ଥିତିରେ ଶ୍ରମିକଙ୍କ ମୃତ୍ୟୁ ହେଲା, ଏଥିପାଇଁ କିଏ ଦାୟୀ ସେ ନେଇ କାରଣ ଖୋଜିବ। ଡ୍ରେନ୍ କାମବେଳେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ନା ନାହିଁ, ତାହାର ମଧ୍ୟ ଅନୁଧ୍ୟାନ କରାଯିବ। ଏନେଇ ଶ୍ରମ କମିଶନଙ୍କ ପକ୍ଷରୁ ବିଏମ୍‌ସିକୁ ରିପୋର୍ଟ ତଲବ କରାଯାଇଛି। ସମ୍ପୃକ୍ତ ଠିକାଦାର ଏବଂ ବିଏମ୍‌ସି କେଉଁ ପରିସ୍ଥିତିରେ କାମ କରାଉଥିଲେ ସେନେଇ ଖୁବ୍‌ଶୀଘ୍ର ରିପୋର୍ଟ ଦେବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୫ରେ ଡୁମୁଡୁମା ରଘୁନାଥନଗରରେ ଏକ ଡ୍ରେନ୍ କାମ ଚାଲିଥିଲା। ଗାର୍ଡୱାଲ ପାଇଁ ଖୋଳାଯାଉଥିବାବେଳେ କଡ଼ରେ ଥିବା ପାଚେରି ଭୁଶୁଡିପଡ଼ିଥିଲା। ଫଳରେ ସେଠାରେ କାମ କରୁଥିବା ୨ଜଣ ଶ୍ରମିକ ପାଚେରି ତଳେ ଚାପିହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜଣଙ୍କର ଦୁଇଟି ଯାକ ଗୋଡ଼ ଭାଙ୍ଗିଯାଇଥିବାବେଳେ ମୁଣ୍ଡରେ ଆଘାତ ଲାଗିଥିଲା ଓ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଥିଲେ। ପରେ ଗୁରୁତର ଆହତ ହୋଇଥିବା ଶ୍ରମିକଙ୍କୁ ଶ୍ୟାମପୁର ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ୨ଦିନ ଧରି ଚିକିତ୍ସା ଚାଲିବା ପରେ ସେପ୍ଟେମ୍ବର ୭ରେ ତାଙ୍କର ମୃତ୍ୟୁ ହୋଇଥିଲା। ମେଡିକାଲରୁ ଖବର ପାଇ ଖଣ୍ଡଗିରି ପୋଲିସ ଏକ ଅପମୃତ୍ୟୁ ମାମଲା(୨୨୨/୨୪)ରୁଜୁକରି ଘଟଣାର ତଦନ୍ତ କରୁଛି। ମୃତ ଶ୍ରମିକଙ୍କର ନାମ କୋରା ସ୍ୱାଇଁ। ତାଙ୍କ ଘର ଗଞ୍ଜାମ ଶେରଗଡ଼ର ଠୁଲୁବୁଲାରେ ବୋଲି ଜଣାପଡ଼ିଛି।




ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା ରାଜ୍ୟସ୍ତରୀୟ ପାଲା ସମ୍ମାନ ଓ ପାଲା ଦାସକାଠିଆ ଉତ୍ସବରେ ଗୁରୁବାର ପାଲା ପରିବେଷଣ କରାଯାଉଛି।

# ରାସ୍ତାଘାଟ, ଡ୍ରେନ୍ ସମସ୍ୟା ନେଇ ପ୍ରସଙ୍ଗ ଉଠାଇବେ ଭାଜପା କର୍ପୋରେଟର

**ଆଜି ବିଏମ୍‌ସି ମାସିକିଆ ବୈଠକ**

■ଦଳୀୟ କନ୍ଦଳରୁ ବାହାରି ପାରୁ ନାହାନ୍ତି ବିଜେଡି କର୍ପୋରେଟର

ଭୁବନେଶ୍ୱର, ୨୬।୯ (ବନ୍ଦନା ସେଠୀ)

ବିଏମ୍‌ସିର ମାସିକିଆ ବୈଠକ ଶୁକ୍ରବାର ଅନୁଷ୍ଠିତ ହେବ। ଏଥର ବୈଠକରେ ରାସ୍ତାଘାଟ, ଡ୍ରେନ୍ ସମସ୍ୟା ଆଦିକୁ ନେଇ ମେୟର ଓ କମିଶନରଙ୍କୁ ଘେରିବା ପାଇଁ ଶାସକ ଦଳ ଭାଜପା କର୍ପୋରେଟରମାନେ ପ୍ରସ୍ତୁତି କରିଛନ୍ତି। ଅପରପକ୍ଷେ ଗତ ସାଧାରଣ ନିର୍ବାଚନରେ ବିଜେଡି ସରକାର ଗଡ଼ ପତନ ହେବାପରେ ଦଳ ଭିତରେ ଯେଉଁଭଳି ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିଛି ତାହାକୁ ନେଇ ବିଜେଡି କର୍ପୋରେଟରମାନେ ଚିନ୍ତାରେ ଅଛନ୍ତି। କେତେବେଳେ ବିଜେଡି କର୍ପୋରେଟର ନିଜ ଦଳର ବିଧାୟକଙ୍କୁ ଅଙ୍ଗୁଳି ଦେଖାଇଲାଣି ତ ଆଉ କେତେବେଳେ ପରସ୍ପର ସହିତ କଥା କଟାକଟି ଚାଲିଛି। ଦଳର ଅବସ୍ଥା ଓ ସେଥିରେ ନିଜର ସ୍ଥିତି ବଜାୟ ରଖିବା ପାଇଁ କ'ଣ କରିବେ ସେ ନେଇ ଏବେ ବିଜେଡି କର୍ପୋରେଟରେ ବ୍ୟସ୍ତ। ତେଣୁ ଏଭଳିସ୍ଥିତିରେ ସେମାନଙ୍କୁ ଭୋଟ୍ ଦେଇ ଜନପ୍ରତିନିଧି ସଜାଇଥିବା ଲୋକଙ୍କ ପାଇଁ କ'ଣ କାମ କରିବେ, ନିଜ ୱାର୍ଡରେ କେଉଁ ସମସ୍ୟାକୁ ବିଏମ୍‌ସି ମାସିକିଆ ବୈଠକରେ ଉପସ୍ଥାପନ କରିବେ ତାହାର ହିସାବ ପାଉ ନାହାନ୍ତି ବୋଲି ଜଣେ ବିଜେଡି କର୍ପୋରେଟର କହିଛନ୍ତି। ସେହିପରି ୱାର୍ଡ ନଂ. ୨୯ କର୍ପୋରେଟର ଅପରୂପ ନାରାୟଣ ରାଉତ କହିଛନ୍ତି, ବର୍ଷାଦିନ ସରିବାକୁ ବସିଥିବାବେଳେ ବିଏମ୍‌ସି ପକ୍ଷରୁ ଏଯାଏ ସମସ୍ତ ଡ୍ରେନ୍‌ରେ ସ୍ଲାବ୍ ବସିପାରିଲା ନାହିଁ। ସେହିପରି ଡ୍ରେନ ସଫେଇ ଏବଂ ମରାମତି କାମ ମଧ୍ୟ ସରିଲାନି। ସହରର ରାସ୍ତାଘାଟ ଅବସ୍ଥା ନ କହିବା ଭଲ। ତେଣୁ ଏ ସବୁକୁ ନେଇ ପ୍ରଶ୍ନ କରାଯିବ। ସେହିପରି ୱାର୍ଡ ନଂ. ୩୭ର କର୍ପୋରେଟର ବନ୍ଦିତା ପାଲ ତାଙ୍କ ଅଞ୍ଚଳର ସମସ୍ୟା କଥା ଉଠାଇବେ ବୋଲି କହିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ରାସ୍ତା ଚଉଡ଼ା ପାଇଁ ଡିମାର୍କେସନ୍ ହୋଇ ସାରିଥିଲେ ମଧ୍ୟ ଏଯାବତ୍ ଏନେଇ ଉଚ୍ଛେଦ ହେଉନାହିଁ। ସେହିପରି କର୍ପୋରେଟରଙ୍କୁ ପୁଚ୍ଛି ନ କରି ବିଏମ୍‌ସି ଅନେକ କାର୍ଯ୍ୟ ୱାର୍ଡରେ କରୁଛି। ଅଧିକାଂଶ ସରକାରୀ ସ୍ଥାନ ଜବରଦଖଲରେ ଥିବାବେଳେ ଏହାକୁ ଉଚ୍ଛେଦ କରିବା ପାଇଁ ମଧ୍ୟ କୌଣସି ଯୋଜନା କରୁନଥିବାରୁ ଏନେଇ ବୈଠକରେ ଉପସ୍ଥାପନ କରିବେ ବୋଲି ସେ କହିଛନ୍ତି। ଏହାବାଦ୍ ଅନ୍ୟାନ୍ୟ ସମସ୍ୟା ନେଇ କର୍ପୋରେଟରମାନେ ବୈଠକରେ ପ୍ରସଙ୍ଗ ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି।

# ନିଖିଳ ଓଡ଼ିଶା ବୈଧମାପ ବିଜ୍ଞାନ ଅଧିକାରୀ ସଂଘର ସାଧାରଣ ଅଧିବେଶନ

ଭୁବନେଶ୍ୱର,୨୬।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ନିଖିଳ ଓଡ଼ିଶା ବୈଧମାପ ବିଜ୍ଞାନ ଅଧିକାରୀ ସଂଘର ୩୯ତମ ବାର୍ଷିକ ସାଧାରଣ ଅଧିବେଶନ ଖଣ୍ଡଗିରିସ୍ଥିତ ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଅଧିବେଶନକୁ ଉଦଘାଟନ କରିଥିଲେ। ବିଭାଗକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମନ୍ତ୍ରୀ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗ କାମନା କରିବା ସହ ଖାଲି ପଡ଼ିଥିବା ପଦବୀ ପୂରଣ, ଲାବରେଟୋରିଗୁଡ଼ିକୁ ଆଧୁନିକୀକରଣ ଏବଂ ଅନ୍ୟାନ୍ୟ ଦାବି ଉପରେ ବିହିତ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ନିୟନ୍ତ୍ରକ, ବୈଧମାପ ବିଜ୍ଞାନ ସନ୍ତୋଷ କୁମାର ନାୟକ, ଅତିରିକ୍ତ ନିୟନ୍ତ୍ରକ ତ୍ରିଲୋଚନ ଦାଶ, ବରିଷ୍ଠ ଯୁଗ୍ମ ନିୟନ୍ତ୍ରକ ହରିଶଙ୍କର ପଟ୍ଟନାୟକ ଉପସ୍ଥିତ ସଭ୍ୟମାନଙ୍କୁ ଅଧିକ କାର୍ଯ୍ୟଦକ୍ଷତାର ସହ କର୍ତ୍ତବ୍ୟ ସମ୍ପାଦନ ପାଇଁ ପରାମର୍ଶ ଦେଇଥିଲେ। ସଂଘ ସଭାନେତ୍ରୀ ସାଗରିକା ସାବତ ଏବଂ ସାଧାରଣ ସମ୍ପାଦକ ରାଜକିଶୋର ମଲ୍ଲିକ ମନ୍ତ୍ରୀଙ୍କ ନିକଟରେ ସଂଘର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଉପନିୟନ୍ତ୍ରକ ପ୍ରିୟବ୍ରତ ଜେନା ମଞ୍ଚ ପରିଚାଳନା, ଉତ୍କଳ କେଶରୀ ମହାନ୍ତି ଓ ନିର୍ଦ୍ଦେଶାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଚନ୍ଦ୍ରଶେଖରପୁରରେ ପୂଜା ଜୁଏଲର୍ସର ନୂଆ ଷ୍ଟୋର

ଭୁବନେଶ୍ୱର,୨୬।୯ (ଅଭୟ ଦାଶ)



ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ପୂଜା ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ (ନୂଆ ଷ୍ଟୋର) ନିକଟରେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ଡିଷ୍ଟ୍ରିକ୍ଟ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଜସ୍ମିନ୍ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଅଭିନେତା ଅଭିଷେକ ଗିରି, ଚିନ୍ମୟ ମିଶ୍ର, ଦିବ୍ୟା, ସାୟଲ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଜୟ ପାଢ଼ୀ ଏବଂ ପ୍ରଯୋଜକ ସ୍ମିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଉଦ୍‌ଘାଟନୀ ଅବସରରେ ଗ୍ରାହକଙ୍କ ଖୁସିକୁ ଦ୍ୱିଗୁଣିତ କରିବା ପାଇଁ ପୂଜା ଜୁଏଲର୍ସ ପକ୍ଷରୁ ବିଶେଷ ରିହାତି ସମ୍ପର୍କରେ ଘୋଷଣା କରାଯାଇଥିଲା। ଏପରିକି ସୁନା ଏବଂ ରୁପା ଗହଣାର ମେକିଂ ଚାର୍ଜ ଉପରେ ଫ୍ଲାଟ୍ ୫୦% ରିହାତି ପ୍ରଦାନ କରାଯାଉଛି। ଏହାସହ ଫ୍ୟାନ୍ସି ଆଇଟମ୍ ଉପରେ ମଧ୍ୟ ଫ୍ଲାଟ୍ ୩୦%ର ଆକର୍ଷଣୀୟ ରିହାତି ରହିଛି।

ଏ ସମ୍ପର୍କରେ ପୂଜା ଜୁଏଲର୍ସର ମୁଖ୍ୟ ପରିଚାଳିକା ଅନିତା ଚୌଧୁରୀ କହିଥିଲେ, ଦୀର୍ଘ ୨୦ ବର୍ଷର ସଫଳ ଯାତ୍ରା ପରେ ଆମେ ଆମର ଦ୍ୱିତୀୟ ଆଉଟ୍‌ଲେଟ୍‌ର ଆନୁଷ୍ଠାନିକ ଶୁଭାରମ୍ଭ କରିଛୁ। ଏପରିକି ପ୍ରଥମ ଷ୍ଟୋରର ସଫଳତା ଏବଂ ଗ୍ରାହକଙ୍କ ବିଶ୍ୱାସକୁ ବଳବତ୍ତର ରଖିବା ପାଇଁ ପୂଜା ଜୁଏଲର୍ସ ଆଉ ଏକ ପାଦ ଆଗେଇଛି। ଏହି ଷ୍ଟୋର ମାଧ୍ୟମରେ ଆମେ ଭୁବନେଶ୍ୱରବାସୀଙ୍କ ସୁନା, ରୁପା ଗହଣାର ଆବଶ୍ୟକତା ସାଙ୍ଗକୁ ଫ୍ୟାନ୍ସି ଜୁଏଲରିର ଚାହିଦାକୁ ମଧ୍ୟ ପୂରଣ କରିବା ସହ ସେମାନଙ୍କ ବିଶ୍ୱାସଭାଜନ ହୋଇପାରିବୁ ବୋଲି ସେ ମତପ୍ରକାଶ କରିଛନ୍ତି।

# ଟାଇମ୍ସ ନାଓ ସ୍କୁଲ ର୍‍ୟାଙ୍କିଙ୍ଗ୍‌ରେ ଏକାମ୍ର ବାଟିକା

ଭୁବନେଶ୍ୱର,୨୬।୯ (ଅଭୟ ଦାଶ)




କୋଲକାତାର ଟାଇମ୍ସ ନାଓ ସର୍ବେକ୍ଷଣରେ ଭୁବନେଶ୍ୱରର ପ୍ରାକ୍ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଏକାମ୍ର ବାଟିକା ୧ ନମ୍ବର ସ୍ଥାନ ହାସଲ କରିଛି। ଏହି ସର୍ବେକ୍ଷଣରେ ପଶ୍ଚିମବଙ୍ଗ, ବିହାର, ଓଡ଼ିଶା, ଝାଡ଼ଖଣ୍ଡ ଏବଂ ଆସାମକୁ ନେଇ ଭାରତର ପୂର୍ବାଞ୍ଚଳ ରାଜ୍ୟରେ ସର୍ବାଧିକ ପ୍ରଦର୍ଶନ କରୁଥିବା ବିଦ୍ୟାଳୟଗୁଡ଼ିକୁ ସାମିଲ କରାଯାଇଥିଲା। ଟାଇମ୍ସ ନାଓ ନେଟ୍‌ୱର୍କ ପ୍ରତ୍ୟେକ ରାଜ୍ୟର ଅଗ୍ରଣୀ ବିଦ୍ୟାଳୟ ଏବଂ ବିଭିନ୍ନ ଜୋନ୍ ମଧ୍ୟରେ ଶୀର୍ଷ ଅନୁଷ୍ଠାନଗୁଡ଼ିକୁ ଚିହ୍ନିବା କ୍ଷେତ୍ରରେ କାର୍ଯ୍ୟ କରୁଛି। ଟାଇମ୍ସ ନାଓ ଅଧୀନରେ ଥିବା ଏକ ନିରପେକ୍ଷ ସର୍ବେକ୍ଷଣକାରୀ ସଂସ୍ଥା ଟେନ୍‌ଫୋଲ୍ଡ ଦ୍ୱାରା କରାଯାଇଥିବା ଏକ ସମ୍ପୂର୍ଣ୍ଣ ଏବଂ ଯତ୍ନଶୀଳ ସର୍ବେକ୍ଷଣରୁ ଏହି ଫଳାଫଳ ସାମ୍ନାକୁ ଆସିଛି। ଭୁବନେଶ୍ୱରରେ ବାଲ୍ୟକାଳର ଶିକ୍ଷା ପାଇଁ ଏକ ଅଗ୍ରଣୀ ଅନୁଷ୍ଠାନ ଏକାମ୍ର ବାଟିକା ବର୍ତ୍ତମାନ ପ୍ରାଥମିକ ଶ୍ରେଣୀରେ ସ୍ଥାନ ପାଇଛି। ଏହି ସମ୍ମାନଜନକ ସ୍ୱୀକୃତି ବିଦ୍ୟାଳୟର ନବସୃଜନ,ସାମଗ୍ରିକ ଶିକ୍ଷା ଏବଂ ଶିକ୍ଷାଗତ ଯୋଗ୍ୟତା ପ୍ରତି ଅଦମ୍ୟ ପ୍ରତିବଦ୍ଧତାକୁ ଆଲୋକିତ କରିଛି।

ସେହିଭଳି ବିଦ୍ୟାଳୟର ଚେୟାରମ୍ୟାନ୍ ମେଘନା ସିଂଦେଓଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଏକାମ୍ର ବାଟିକା ବାଲ୍ୟଶିକ୍ଷାରେ ଉତ୍କର୍ଷର ଏକ ମଡେଲ ଭାବେ ପ୍ରତିଷ୍ଠିତ ହୋଇ ୨ ବର୍ଷ ମଧ୍ୟରେ ଏହି ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି।

ବିଦ୍ୟାଳୟଟି ଏକ ପୋଷଣ, ଶିଶୁ କେନ୍ଦ୍ରିତ ଶିକ୍ଷଣ ପରିବେଶ ଯୋଗାଇବା ପାଇଁ ଉତ୍ସର୍ଗୀକୃତ ରହିଛି, ଯାହାକି ଯୁବ ଶିକ୍ଷାର୍ଥୀମାନଙ୍କର ବୌଦ୍ଧିକ, ଭାବପ୍ରବଣ ଏବଂ ସାମାଜିକ ଅଭିବୃଦ୍ଧିକୁ ଏହାର ପାଠ୍ୟକ୍ରମରେ ଏକୀକୃତ କରିବା ସହ ସମର୍ଥିତ ରହିଛି।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ, ସହାୟକ ଉପକରଣ ବଣ୍ଟନ

ତ୍ରିଶୂଳିଆ,୨୬।୯(ତୁଷାରକାନ୍ତ ବେହେରା)




ବାରଙ୍ଗ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଆନୁକୂଲ୍ୟରେ ଗୋଷ୍ଠୀ ସମ୍ବଳ ଗୃହ ଓ ନରଣପୁର ଉ.ପ୍ରା. ବିଦ୍ୟାଳୟରେ ଗୁରୁବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ଚିହ୍ନଟକରଣ ଓ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବି.ଆର୍.ସି.ସି. ତଥା ସହ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ରଥ ଏଥିରେ ପୌରୋହିତ୍ୟ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଆଲିମ୍‌କୋର ବିଶେଷଜ୍ଞ ଦଳ ଅଡିଓଲୋଜିଷ୍ଟ ଆଲୋକ କୁମାର ସାହୁ, ପ୍ରସ୍ଥୋଟିକ ଧନଞ୍ଜୟ ମହାରଣା, ଟେକ୍ନିସିଆନ ସୁଧୀର କୁମାର ଓ ହର୍ଷିତ ତିୱାରୀ ପ୍ରମୁଖଙ୍କ ଦ୍ୱାରା ଚିହ୍ନଟକରଣ କରାଯାଇଥିଲା। ଅତିଥି ଭାବେ ସହ ଶିକ୍ଷା ଅଧିକାରୀ ଯମୁନାମଣି ହେମ୍ବ୍ରମ, ସେକ୍ସନ ଅଫିସର ସତ୍ୟଭାମା ଦାସ ପ୍ରମୁଖ ଅତିଥିବୃନ୍ଦ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରିବା ସହ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାରେ ସକ୍ରିୟ ସହଯୋଗ କରିବାକୁ ଅଭିଭାବକଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବଳ ଶିକ୍ଷକ ମଞ୍ଜୁଲତା ଭୂୟାଁ, ତପସ୍ୱିନୀ ସାହୁ, ବଂଶୀଧର ବେହେରା ପରିଚାଳନା କରିଥିବାବେଳେ ଭିନ୍ନକ୍ଷମ ସ୍ୱେଚ୍ଛାସେବୀ ଚାରୁଲତା ସାହୁ, ଲକ୍ଷ୍ମୀପ୍ରିୟା ବେହେରା, ଭୀମସେନ ଦାସ, ନରଣପୁର ଉ.ପ୍ରା. ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ବିଇଓ ଅଫିସ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

# ଇଲିଆନାଙ୍କୁ 'ସପ୍ତମ ଗଣେଶ ପରିଜା ସମ୍ମାନ'

ଭୁବନେଶ୍ୱର,୨୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

**'ଗଣେଶ ପରିଜା ଗଳ୍ପ ସମ୍ମାନ' ପାଇଲେ ଗାଳ୍ପିକ ସୁବ୍ରତ**

ବିଶିଷ୍ଟ ଗବେଷକ ତଥା ଲେଖକ ଗଣେଶ ପ୍ରସାଦ ପରିଜାଙ୍କ ପଞ୍ଚବଂଶ ସ୍ମୃତି ଦିବସ ପରିପ୍ରେକ୍ଷୀରେ ଶାରଳା ସ୍ମାରକ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଗୁରୁବାର ଗଣେଶ ପରିଜା ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ସ୍ମାରକର କାର୍ଯ୍ୟକାରୀ ସଭାପତି ପ୍ରଫେସର ଡା. ନିମାଇଁ ଚରଣ ପରିଜାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସନ୍ଧ୍ୟାକୁ ସମ୍ବାଦର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସୁବକ୍ତା ତଥା ବିଶିଷ୍ଟ ଗବେଷକ ଡ. କୃଷ୍ଣ କେଶବ ଷଡ଼ଙ୍ଗୀ 'ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ' ଶୀର୍ଷକ ବିଷୟ ଉପରେ କହିଥିଲେ। ସାହିତ୍ୟିକ ଦାଶ ବେନହୁରୁ ଓ ଚାଟାର୍ଡ ଆକାଉଣ୍ଟାଣ୍ଟ ଶରତ ଚନ୍ଦ୍ର ଭଦ୍ର ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଇଲିଆନା ଚିତାରିସ୍ତିଙ୍କୁ 'ସପ୍ତମ ଗଣେଶ ପରିଜା ସମ୍ମାନ ୨୦୨୪'ରେ ସମ୍ମାନିତ କରାଯାଇଥିଲା। ସେହିଭଳି ପ୍ରଥମଥର ପାଇଁ 'ଗଣେଶ ପରିଜା ଗଳ୍ପ ସମ୍ମାନ'ରେ ଯୁବ ଗାଳ୍ପିକ ସୁବ୍ରତ କୁମାର ସେନାପତିଙ୍କୁ ସମ୍ମାନିତ କରାଯାଇଥିଲା। ଗଣେଶ ପ୍ରସାଦ ପରିଜାଙ୍କ ପୁଅ ଦେବ ପ୍ରସାଦ ପରିଜା ପିତାଙ୍କ ସ୍ମୃତି ଚାରଣ କରିଥିବା ବେଳେ ଯୁବ ସାହିତ୍ୟିକ ଶତ୍ରୁଜିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବ ଭାଷାତତ୍ତ୍ୱବିତ୍ ଡ. ଦେବଶିଷ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମ୍ବାଦିକ ଅପୂର୍ବ କୁମାର ମହାନ୍ତି ମାନପତ୍ର ପାଠ କରିଥିବା ବେଳେ କବି ନୀଳିମା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ଉପରେ ହେବନି ଦୁର୍ଗାପୂଜା ତୋରଣ

କଟକ,୨୬।୯ (କାର୍ତ୍ତିକ ସାହୁ)

■ହାଇକୋର୍ଟରେ କଟକ ସହର ସମସ୍ୟା

■୫ ସୁଦ୍ଧା ସରିବ ରାସ୍ତା ମରାମତି

ଶୃଙ୍ଖଳିତ ଦୁର୍ଗାପୂଜା ପାଇଁ ଚଳିତ ବର୍ଷ ତୋରଣ ଓ ମଣ୍ଡପ ନିର୍ମାଣକୁ ନେଇ ହାଇକୋର୍ଟ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ଆଦେଶ ପ୍ରଦାନ କରିଛନ୍ତି। ପୂଜା ସମୟରେ ଟ୍ରାଫିକ୍ ଜାମ୍ ସମସ୍ୟାରୁ ସହରବାସୀଙ୍କୁ ମୁକ୍ତି ଦେବା ପାଇଁ ହାଇକୋର୍ଟ ରାସ୍ତା ଉପରେ ତୋରଣ ଓ ପୂଜା ମଣ୍ଡପ ନିର୍ମାଣ ଉପରେ ରୋକ୍ ଲଗାଇଛନ୍ତି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଭି. ନରସିଂହଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଆସନ୍ତା ଅକ୍ଟୋବର ୫ ତାରିଖ ସୁଦ୍ଧା କଟକ ସହରର ରାସ୍ତା ମରାମତି ଶେଷ କରିବାକୁ ପୂର୍ତ୍ତ ବିଭାଗ ସଚିବଙ୍କୁ ଆଦେଶ ମଧ୍ୟ ଦେଇଛନ୍ତି। ଅକ୍ଟୋବର ୩ରେ ପରବର୍ତ୍ତି ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

ପ୍ରକାଶ ଯେ, ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକ୍ରମେ ପୂର୍ତ୍ତ ବିଭାଗ ସଚିବ ଭର୍ଚୁଆଲ ମାଧ୍ୟମରେ ହାଇକୋର୍ଟରେ ହାଜର ହୋଇ କଟକ ସହରର ରାସ୍ତାଘାଟ ମରାମତି ସମ୍ପର୍କରେ ଗୁରୁବାର ସତ୍ୟପାଠ ଦାଖଲ କରିଥିଲେ। ସେହିପରି ମାମଲାର ଶୁଣାଣି ବେଳେ କଟକ ସହରର ରାସ୍ତାଘାଟଗୁଡ଼ିକର ଦୂରବସ୍ଥା ସମ୍ପର୍କରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ମାମଲାର ଶୁଣାଣି ବେଳେ ହାଇକୋର୍ଟ ପୂର୍ତ୍ତ ବିଭାଗର କାର୍ଯ୍ୟ ଉପରେ ଭୀଷଣ ବିରକ୍ତ ପ୍ରକାଶ କରିଥିଲେ। ଏଥିସହ କଟକ ମହାନଗର ନିଗମର କାର୍ଯ୍ୟ ଉପରେ ମଧ୍ୟ ତୀବ୍ର ଅସନ୍ତୋଷ ମଧ୍ୟ ପ୍ରକାଶ କରିଛନ୍ତି। ଦୁର୍ଗାପୂଜା ପୂର୍ବରୁ ୫ ତାରିଖ ସୁଦ୍ଧା ରାସ୍ତା ମରାମତି ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ପୂର୍ତ୍ତ ବିଭାଗ ସଚିବଙ୍କୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଦୁର୍ଗାପୂଜା ସମୟରେ ରାସ୍ତା ଉପରେ ତୋରଣ ଓ ମଣ୍ଡପ ନିର୍ମାଣ ଦ୍ୱାରା ଯାତାୟାତ ପ୍ରଭାବିତ ହେବା ଓ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବା ଦୃଷ୍ଟିରୁ ତୋରଣ ଓ ମଣ୍ଡପ ନିର୍ମାଣ ନ କରିବାକୁ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏଥିପ୍ରତି ଯତ୍ନବାନ ହେବାକୁ ମଧ୍ୟ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଆହୁରି ମଧ୍ୟ ପୂଜା ସମୟରେ ଶବ୍ଦ ପ୍ରଦୂଷଣ ରୋକିବା, ସର୍ବସାଧାରଣ ରାସ୍ତା ଓ ଫୁଟପାଥ୍‌ରେ ବଡ଼ ପୂଜାମଣ୍ଡପ ନିର୍ମାଣ ସହ ବୈଦ୍ୟୁତିକ ଗେଟ୍ ନିର୍ମାଣକୁ ବନ୍ଦ କରିବା, ସାଜସଜ୍ଜା ଓ ଟ୍ରାଫିକ ପରିଚାଳନା ଉପରେ କଟକ ଡିସିପି ହାଇକୋର୍ଟଙ୍କ ନିର୍ଦ୍ଦେଶ ମତେ ସତ୍ୟପାଠ ଦାଖଲ କରିଛନ୍ତି। କଟକ ଜିଲାପାଳ ବେଆଇନ ତୋରଣ ନିର୍ମାଣକୁ ରୋକିବାକୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ହାଇକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ନିୟମ ଉଲ୍ଲଂଘନ କଲେ ପୂଜା ମଣ୍ଡପର ଲାଇସେନ୍ସ ବାତିଲ କରିଦିଆଯିବ ବୋଲି ମଧ୍ୟ ଜିଲାପାଳ ସ୍ପଷ୍ଟ କରିଛନ୍ତି।



ଲାଇସେନ୍ସ ବାଧ୍ୟତାମୂଳକ କରିବା, ୮ ଘଣ୍ଟା ଡ୍ୟୁଟି ସମେତ ବିଭିନ୍ନ ଦାବି ନେଇ ବରଗଡ଼ରୁ ପଦଯାତ୍ରାରେ ଆସିଥିବା ପଶ୍ଚିମ ଓଡ଼ିଶା ଜେସିବି ଚାଳକ ସଂଘର ସଦସ୍ୟମାନେ ଗୁରୁବାର ଲୋୟର ପିଏମ୍‌ଜିରେ ଧାରଣା ଦେଇଛନ୍ତି।

**୫୧୦ ଲିଟର ଦେଶୀ ମଦ ଜବତ : ଜଣେଗିରଫ**

ବାଙ୍କୀ, (ଜ୍ଞାନେନ୍ଦ୍ର ମୋହନ ମିଶ୍ର ): ଜିଲା ଅବକାରୀ ଏସ୍‌ପି କରୁଣାଶଙ୍କର ତିୱାରୀଙ୍କ ନିର୍ଦ୍ଦେଶରେ ଗୁରୁବାର ବାଙ୍କୀ ଅବକାରୀ ଅଧିକାରୀ ସୌମ୍ୟ ରଞ୍ଜନ ମାଝୀ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ବିଶେଷସୂତ୍ରରୁ ଖବରପାଇ ଡମପଡ଼ା ବ୍ଲକ ଗୋପାଳପୁର ପଞ୍ଚାୟତର ହରିହର ଭେଟ ନିକଟରୁ ଏକ ଟାଟା ସୁମୋ ଗାଡ଼ି କାବୁ କରିଥିଲେ। ସେଥିରୁ ଯାଞ୍ଚ ସମୟରେ ୫୧୦ ଲିଟର ଚୋରା ଦେଶୀ ମଦ ମିଳିଥିଲା। ପ୍ରଶାନ୍ତ କୁମାର ବେହେରାକୁ ଗିରଫ କରି କୋର୍ଟ ଚାଲାଣ କରାଯିବା ସହ ଗାଡ଼ିକୁ ଜବତ କରାଯାଇଛି। ଚଢ଼ାଉରେ ବାଙ୍କୀ ଅବକାରୀ ଏସ୍‌ଆଇ ନିର୍ମଳ ବେହେରା, ଶଙ୍କର ସିଂ ଓ ପୂର୍ଣ୍ଣେଶ୍ୱର ମାଝି ପ୍ରମୁଖ ସାମିଲ ହୋଇଥିଲେ।


**ଷୋଳପୂଜାର ତୃତୀୟ ଦିନ:** ମା' ଭଟ୍ଟାରିକାଙ୍କ ଭୁବନେଶ୍ୱରୀ ବେଶ।


ଟିଗିରିଆସ୍ଥିତ ମା' ବିନ୍ଧାଣୀମାଙ୍କ ମହାଲକ୍ଷ୍ମୀ ବେଶ।


ନୂଆପାଟଣାସ୍ଥିତ ମା' କଳାପାଟଙ୍କର କମଳା ବେଶ


ହାଟମାଳସ୍ଥିତ ଦୁର୍ଗାଦେବୀଙ୍କର ନାରାୟଣୀ ବେଶ।

## ସଂକ୍ଷେପରେ

### ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

**ଆଠଗଡ,୨୬।୯(ସତ୍ୟ ପ୍ରସାଦ ରଥ):**

ଆଠଗଡ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥିମାନେ ମିଲେଟ ଉପରେ ଗୁରୁତ୍ୱ ଦେଇଥିଲେ। ସେମାନେ କହିଥିଲେ, ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବା ପାଇଁ ଆଞ୍ଚଳିକ ତଥା ମିଲେଟ ବା କ୍ଷୁଦ୍ର ଖାଦ୍ୟଶସ୍ୟ ସାମିଲ କରିବା ଆବଶ୍ୟକ। ଶିଶୁର ଅଭିବୃଦ୍ଧି ନିରୀକ୍ଷଣ କରିବା ସହ ଆଦ୍ୟ ଶୈଶବ ଏବଂ ପ୍ରାକ ବିଦ୍ୟାଳୟ ଶିକ୍ଷା ପାଇଁ ଯତ୍ନବାନ ହେବାକୁ ପଡ଼ିବ। ପାରିପାର୍ଶ୍ୱିକ ସୁରକ୍ଷା ପାଇଁ ମାଟି, ପାଣି ଓ ପରିବେଶର ଯତ୍ନ ନେବାକୁ ହେବ । ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟ ଖାଇବା ସହ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବା ଦରକାର। ଏହାଦ୍ୱାରା ସୁସ୍ଥ ଜୀବନ କରିବା ସହ ସୁସ୍ଥ ରାଷ୍ଟ୍ର ଗଠନ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଆଠଗଡ଼ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଡ. ବିଜୟ କୁମାର ମିଶ୍ର, ଶିଶୁ ରୋଗ ବିଶେଷଜ୍ଞ ଡ.ମାନସ କୁମାର ପାଣି, ଚିକିତ୍ସାଳୟ ଜୁନିୟର ମ୍ୟାନେଜର ପୂଜାଲିନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପୃଷ୍ଟି ପୁନର୍ବାସ କେନ୍ଦ୍ରର ପରାମର୍ଶଦାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାମଲ ଏହାକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ଚିକିତ୍ସାଳୟର ନର୍ସ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

### ଗୋପାଳ ସ୍ମୃତି ବିଦ୍ୟାପୀଠରେ ପ୍ରହରାଜଙ୍କ ଜୟନ୍ତୀ ପାଇଁ ମିଳିଲାନି ଅନୁମତି

**କଟକ ସଦର,୨୬।୯(ସୁଶାନ୍ତ କୁମାର ଜେନା):**

ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ପ୍ରଣେତା ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଶୁକ୍ରବାର ପାଳନ କରାଯିବ। ଏହି ସରକାରୀ କାର୍ଯ୍ୟକ୍ରମ ପାଳନ ପାଇଁ ସ୍ୱର୍ଗତ ପ୍ରହରାଜଙ୍କ ଦ୍ୱାରା ସ୍ଥାପିତ ସିଦ୍ଧେଶ୍ୱରପୁରସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠରେ ଅନୁମତି ମିଳିବାରେ ବିଳମ୍ବ ଘଟିବାରୁ ଶେଷରେ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଳନ ପାଇଁ ସ୍ଥିର କରାଯାଇଛି। ନିମନ୍ତ୍ରଣ ପତ୍ର ଛାପିବା ପାଇଁ ସାହିତ୍ୟ ଏକାଡେମୀକୁ ସ୍ଥାନର ନାମ ସମ୍ପର୍କରେ ଜଣାଇ ଦିଆଗଲା ବୋଲି ପ୍ରହରାଜ ପ୍ରତିଭା ପୂଜା ପରିଷଦର ସଭାପତି ପ୍ରତାପ ଚନ୍ଦ୍ର ବେହେରା ଓ ପୀତାମ୍ବର ମହାପାତ୍ର ଜଣାଇଛନ୍ତି। ପ୍ରତିବର୍ଷ ବିଦ୍ୟାପୀଠରେ ପାଳନ ପାଇଁ କେବଳ ସନ୍ଧ୍ୟାରେ ଅନୁମତି ମିଳିବା ଭଳି ସର୍ତ୍ତ ରଖାଯିବାରୁ ଛାତ୍ରୀଛାତ୍ର ଯୋଗଦେବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେଣୁ ଅନ୍ୟ ଉପାୟ ନ ପାଇ ଘରୋଇ ବିଦ୍ୟାଳୟରେ ସଭା ଆୟୋଜନ କରାଗଲା ବୋଲି ସଭାପତି ବେହେରା କହିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଗୃହୀତ ନିର୍ଦ୍ଧାରଣ ସଂଖ୍ୟା ୧୯୫୪୭/୨୬।୯।୨୦୧୬ ଅନୁଯାୟୀ ସରକାରୀସ୍ତରରେ ପୂଜ୍ୟପୂଜା କାର୍ଯ୍ୟକ୍ରମ ଆୟୋଜନ କଲେ ଜିଲା ଶିକ୍ଷାଧିକାରୀ ଅନୁମତି ଦେଇପାରିବେ। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତଙ୍କୁ ପଚାରିବାରୁ, ପ୍ରହରାଜ ଜୟନ୍ତୀ ପାଳନ ସମ୍ପର୍କରେ ବୁଝିବେ ବୋଲି କହିଥିଲେ।

# ବିକଳ୍ପ ବ୍ୟବସ୍ଥାରେ ମେଡିକାଲ କର୍ତ୍ତୃପକ୍ଷ

## ନର୍ସିଂ ଅଫିସରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**କଟକ,୨୬।୯(ଶିଳ୍ପା ପ୍ରିୟଦର୍ଶିନୀ):**

୧୦ଦଫା ଦାବି ନେଇ ରାଜ୍ୟବ୍ୟାପୀ ନର୍ସିଂ ଅଫିସର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହିକ୍ରମରେ ନର୍ସିଂ ଅଫିସରମାନେ ଏସ୍‌ସିବି ମେଡିକାଲ ସମେତ ଶିଶୁଭବନ ଓ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରାଜ୍ୟସରକାରଙ୍କ ସହ ବୁଧବାର ହୋଇଥିବା ଆଲୋଚନାରେ କିଛି ସୁଫଳ ମିଳିପାରି ନ ଥିବାରୁ ଆନ୍ଦୋଳନ ଜାରି ରହିଛି। ଶୁକ୍ରବାରଠାରୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ। ତେବେ ନର୍ସିଂ ଅଫିସରଙ୍କ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନଜରରେ ରଖି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯିବା ନେଇ ନିର୍ଦ୍ଦେଶ ଦିଆଯାଇଛି। ଆନ୍ଦୋଳନ ସମୟରେ ସ୍ୱାସ୍ଥ୍ୟସେବା ଯେପରି ବିଶେଷଭାବେ ବ୍ୟାହତ ନ ହେବ ସେଥିପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କ ତରଫରୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

ସ୍ୱାସ୍ଥ୍ୟବିଭାଗର ନିର୍ଦ୍ଦେଶ ପରେ ସମସ୍ତ ମେଡିକାଲରେ ଏନେଇ ଜରୁରିକାଳୀନ ବୈଠକ ଡକାଯାଇ ଉକ୍ତ ବିଷୟରେ ଆଲୋଚନା କରାଯାଇଛି। ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ତଥା ସୁପରିଣ୍ଟେଣ୍ଡେଣ୍ଟଙ୍କ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ କହିଛନ୍ତି, ନର୍ସିଂ ଅଫିସରଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ନେଇ ମେଡିକାଲ ପକ୍ଷରୁ ସମସ୍ତ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମେଡିକାଲରେ ଚୁକ୍ତିଭିତ୍ତିରେ ଥିବା ୧୩୦ ଜଣ ନର୍ସଙ୍କୁ କାର୍ଯ୍ୟରେ ନିୟୋଜିତ କରାଯିବା ସହ ନର୍ସିଂ ଛାତ୍ରୀଛାତ୍ରଙ୍କ ସମେତ ଇଣ୍ଟର୍ନ ଓ ପିଜି ଛାତ୍ରୀଛାତ୍ର କାର୍ଯ୍ୟରେ ନିୟୋଜିତ ରହିବେ। ଏହାସହ ମେଡିକାଲର ପ୍ରଫେସରମାନଙ୍କୁ ସମସ୍ତ ୱାର୍ଡରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯିବା ସହ ସମସ୍ତଙ୍କ ଛୁଟି ବାତିଲ କରାଯାଇଛି ବୋଲି ଦାସ ସୂଚନା ଦେଇଛନ୍ତି। ସେହିପରି ଶିଶୁଭବନରେ ସ୍ୱାସ୍ଥ୍ୟବିଭାଗର ନିର୍ଦ୍ଦେଶ ମୁତାବକ ସମସ୍ତ ବ୍ୟବସ୍ଥା କରାଯାଇଥିବା ମେଡିକାଲର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି। ଅନ୍ୟପଟେ ବାଙ୍କୀ, ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଏବଂ କଟକ ଜିଲା ମୁଖ୍ୟଚିକିତ୍ସାଳୟରେ ଶୁକ୍ରବାରଠାରୁ ରୋଗୀ ଗୁରୁତର ନ ଥିଲେ କିମ୍ବା ଜେନେରାଲ ଆଡମିଶନ କରାଯିବ ନାହିଁ। ବାଙ୍କୀ ଓ ଆଠଗଡ଼ ଉପଖଣ୍ଡରେ ଫାର୍ମାସିଷ୍ଟମାନେ ନର୍ସିଂ ଅଫିସରଙ୍କ ଦାୟିତ୍ୱ ତୁଲାଇବା ସହ ଜେନେରାଲ ଓଟିକୁ ବନ୍ଦ କରାଯାଇଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଘରୋଇ ନର୍ସିଂ କଲେଜରୁ ନର୍ସିଂ ଛାତ୍ରୀଛାତ୍ରଙ୍କୁ ଡକାଯାଇଛି। ସେମାନଙ୍କୁ ମେଡିକାଲରେ ନର୍ସିଂ ଅଫିସରଙ୍କ କାର୍ଯ୍ୟରେ ନିୟୋଜିତ କରାଯିବା ନେଇ ବ୍ୟବସ୍ଥା କରାଯାଇଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମକରନ୍ଦ ବେଉରା କହିଛନ୍ତି, ସ୍ୱାସ୍ଥ୍ୟବିଭାଗର ନିର୍ଦ୍ଦେଶକ୍ରମେ ମେଡିକାଲଗୁଡ଼ିକରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଯେପରି ରୋଗୀ ସେବାରେ କୌଣସି ସମସ୍ୟା ସୃଷ୍ଟି ନ ହୁଏ ତାକୁ ଗୁରୁତ୍ୱ ଦିଆଯାଇଛି ବୋଲି ବେଉରା କହିଛନ୍ତି। ସେହିପରି ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ଅନୁଷ୍ଠାନରେ ନର୍ସିଂ ଅଫିସରଙ୍କ ଆନ୍ଦୋଳନକୁ ନଜରରେ ରଖି ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡା. ଦୀପକ ରାଉତରାୟଙ୍କ ସୂଚନା ଅନୁସାରେ ମେଡିକାଲରେ ଯେପରି ରୋଗୀ ସେବା ବ୍ୟାହତ ନ ହେବ ତାକୁ ନଜରରେ ରଖି ଘରୋଇ ନର୍ସିଂ ସ୍କୁଲ ଆଣ୍ଡ କଲେଜରୁ ୩୦ ଜଣ ଲେଖାଏଁ ଅର୍ଥାତ୍ ମୋଟ ୬୦ଜଣ ନର୍ସିଂ ଛାତ୍ରୀଛାତ୍ରଙ୍କୁ ଡକାଯାଇଛି ବୋଲି ରାଉତରାୟ କହିଛନ୍ତି।

# ମା' ଭଟ୍ଟାରିକାଙ୍କ ଚେତନାରଥ ପରିକ୍ରମା


ଚେତନା ରଥକୁ ପୂଜାର୍ଚ୍ଚନା କରାଯାଉଛି।

**ବଡ଼ମ୍ବା,୨୬।୯(ମାୟାଧର ମଲ୍ଲିକ)**

ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ଶାରଦୀୟ ଦୁର୍ଗାପୂଜାର ତୃତୀୟ ପର୍ବ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ପୀଠରେ ସକାଳୁ ସୂର୍ଯ୍ୟ ପୂଜା, ବରୁଣ ପୂଜା ପରେ ଚଣ୍ଡୀପାଠ ଓ ଅପରାଜିତା ସ୍ତୋତ୍ର ପାଠ କରାଯାଇ ସକାଳର ଖେଚୁଡ଼ି ଧୂପ କରାଯାଇଥିଲା। ଏହାପରେ ଭକ୍ତମାନଙ୍କ ତରଫରୁ ମା' ଭଟ୍ଟାରିକାଙ୍କୁ ୧୦୮ ମନ୍ଦାର ଫୁଲରେ ମୁଖ୍ୟ ପୂଜକ ଶିରିଶ ରଣା ପୁଷ୍ପା ଅଭିଷେକ କରିଥିଲେ। ପାଳିଆ ସେବାୟତ ଶ୍ରୀନିବାସ ମହାପାତ୍ର ପୂଜାରେ ସହାୟତା କରିଥିଲେ। ମା'ଙ୍କ ପୀଠରେ ୭ ବର୍ଷ ଧରି ଚାଲିଥିବା ମାତୃ ଶକ୍ତି ଜାଗରଣ ବିଶ୍ୱ ଶାନ୍ତି ଯଜ୍ଞର ସଫଳ କାମନା କରି ଆଜ୍ଞା ମାଳ ସାଧୁ ସନ୍ଥ ଭକ୍ତମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମା' ଭଟ୍ଟାରିକାଙ୍କ ଚେତନା ରଥ ପରିକ୍ରମା ଗାଡିକୁ ପୂଜକ ଶ୍ରୀନିବାସ ମହାପାତ୍ର ପୂଜାର୍ଚ୍ଚନା କରି ମନ୍ଦାର ମାଳକୁ ଗାଡିରେ ସ୍ଥାପନ କରିଥିଲେ। ଏହାପରେ ମା' ଭଟ୍ଟାରିକା ଯଜ୍ଞ କମିଟିର ମାର୍ଗଦର୍ଶକ ସନ୍ଥ ସେବକ ଭକ୍ତ ଲଳିତ ନାରାୟଣ ଦାସଙ୍କ ପରିଚାଳନାରେ ଉକ୍ତ ଚେତନା ରଥ ବଡ଼ମ୍ବାର ଶଶାଙ୍ଗ, ଓଗାଳପୁର୍, କରଡ଼ିବନ୍ଧ, ଖଳିପ, ଜାନିଶାହି, ଡମଣଗାଡ଼ିଆ ,ଅମାନ୍ତିଆ, ବେଲିଆପାଳ, ଗୋପାଳପୁର ଛକ, ବିଶ୍ୱନାଥପୁର୍ କଣ୍ଡ, ଗମେଇ ଆଦି ଗ୍ରାମ ପରିକ୍ରମା କରିଥିଲା। ଉକ୍ତ ଚେତନା ରଥ ପରିକ୍ରମାରେ ମାଟି କୃଷ୍ଣ ଦାସ, ହରି ଓମ ବାବା, ମାନଗୋବିନ୍ଦ ଦାସ, କମିଟି ସଭ୍ୟ ବିଚିତ୍ର ବାରିକ ପ୍ରମୁଖ ସହଯୋଗ କରିଥିଲେ। ଚେତନା ରଥ ବଡ଼ମ୍ବାର ପ୍ରତି ଗ୍ରାମକୁ ପରିକ୍ରମା କରିବା ସହ ପୀଠରେ ମହାଷ୍ଟମୀଠାରୁ ଦଶମୀ ପର୍ଯ୍ୟନ୍ତ ଦୀର୍ଘ ୩ ଦିନ ଧରି ମାତୃଶକ୍ତି ଜାଗରଣ ଯଜ୍ଞ ଅନୁଷ୍ଠିତ ହେବ ବୋଲି ସଭାପତି ପ୍ରସନ୍ନ କୁମାର ସ୍ୱାଇଁ କହିଛନ୍ତି।

# ବିଧାୟକଙ୍କ ଜନଶୁଣାଣି ଶିବିରରେ ୩୫୦ ଅଭିଯୋଗ



ବିଧାୟକ ପ୍ରକାଶ ସେଠୀ ଓ ଅନ୍ୟମାନେ ଅଭିଯୋଗ ଶୁଣୁଛନ୍ତି।

**ନେମାଳ,୨୬।୯ (କିରଣ ଶଙ୍କର ନାୟକ):**

କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ତତ୍ତ୍ୱାବଧାନରେ ଏକ ଜନଶୁଣାଣି ଶିବିର ଗୁରୁବାର ନେମାଳ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ନିଶ୍ଚିନ୍ତକୋଇଲି ବ୍ଲକ ତଥା କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନ ୨୫ନଂ. ଜୋନ୍‌ର କଳାମିଶ୍ରି, ଜନାର୍ଦ୍ଦନପୁର, ସାନ୍ତପୁର, ବନ୍ଧୁପୁର, ପାଳଦା, ତିଲକଣା ଓ ନେମାଳ ଆଦି ପଞ୍ଚାୟତର ଲୋକେ ଯୋଗଦେଇ ସେମାନଙ୍କ ଅଭିଯୋଗ କରିଥିଲେ। ଏହି ଅବସରରେ ୩୫୦ଟି ଅଭିଯୋଗ ହୋଇଥିଲା। କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ବିଡିଓ ବିରଞ୍ଚି ନାରାୟଣ ବେହେରା, ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ନେମାଳ ସରପଞ୍ଚ ସସ୍ମିତା ମହାନ୍ତିଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ଶିବିରରେ ଆବାସ ଯୋଜନା, ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ରାସ୍ତାଘାଟ, ପାନୀୟ ଜଳ, ବର୍ଷା ଜଳ ନିଷ୍କାସନ, ବିଦ୍ୟୁତ ସମସ୍ୟା ସମ୍ପର୍କିତ ଅଭିଯୋଗ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ମଣ୍ଡଳ ସଭାପତି ରଞ୍ଜନ ନନ୍ଦ, ମଣ୍ଡଳ ସଭାପତି ଅକ୍ଷୟ ମହାନ୍ତି, ଶାନ୍ତପୁର ସରପଞ୍ଚ ରମାକାନ୍ତ ନାୟକ, ମୀନକେତନ ମହାନ୍ତି, ଶଶୀକାନ୍ତ ମହାନ୍ତି, ରବୀନ୍ଦ୍ର ପୃଷ୍ଟି, ସୁଶୀଲ କୁମାର ଦାସ, ପୁଷ୍ପିତା ପଣ୍ଡା, ମୁକ୍ତାର ଅଲ୍ଲୀ, ମନ୍ମଥନାଥ ସ୍ୱାଇଁ, କଳ୍ପନା ଲେଙ୍କାଙ୍କ ସମେତ ବହୁ ଦଳୀୟ କର୍ମୀ ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ ।

## 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

**ଚୌଦ୍ୱାର,୨୬।୯(ଆଶୁତୋଷ ଦାସ):**

ଚୌଦ୍ୱାର ପୌରପାଳିକା ପକ୍ଷରୁ ଗତ ୧୭ତାରିଖରୁ ଆରମ୍ଭ ହୋଇଛି ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ । ଏହି ପରିପ୍ରେକ୍ଷୀରେ ଗୁରୁବାର ସଫେଇ କାର୍ଯ୍ୟକ୍ରମ ସହିତ ସଚେତନତା ସଭା ପୌରପାଳିକା ୧୭ନମ୍ବର ୱାର୍ଡରେ ଅନୁଷ୍ଠିତ ହୋଇଯାଇଛି। ନୂଆସାହି ୱାର୍ଡ ସଫେଇ କରାଯିବା ସହିତ ଅପରାହ୍ନରେ ଏକ ସଚେତନତା ସଭା ମହିଳା ଆରୋଗ୍ୟ କଲ୍ୟାଣ ସମିତି ଗୃହରେ ହୋଇଥିଲା। ଅନୁଷ୍ଠିତ ସଭାରେ ପୌରପାଳିକାର ସାନିଟାରୀ ନୋଡାଲ ଅଫିସର ବିଚିତ୍ରା ନନ୍ଦ ସ୍ୱାଇଁ, ସାନିଟାରୀ ଏକ୍ସପର୍ଟ ପୀୟୁଷ କୁମାର ସାହ, ପୂର୍ଣ୍ଣ ଚନ୍ଦ୍ର ପାଣି ପ୍ରମୁଖ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱଚ୍ଛସାଥୀ ମନୋରମା ନାୟକ, ସ୍ୱଚ୍ଛ ସୁପର ଭାଇଜର କାଜଲ ଭଟ୍ଟ, ସସ୍ମିତା ସାହୁ, ସ୍ନିଗ୍ଧାରାଣୀ ସ୍ୱାଇଁ, ସ୍ନିଗ୍ଧାରାଣୀ ଶର୍ମା, ଟୁନୀ ବିଶ୍ୱାଳ, କବିତା ଦାସ, ମାମିନା ମାଝି, ଆରୋଗ୍ୟ କଲ୍ୟାଣ ସମିତି ସଭାପତି ମାମିନା ରାଉତରାୟ, ମଥୁରା ନନ୍ଦ ବେହେରାଙ୍କ ସମେତ ମହିଳା ମହାସଂଘର ସଦସ୍ୟାମାନେ ଉପସ୍ଥିତ ଥିଲେ।

## ଭାଇଚାରା, ନିଃସ୍ୱାର୍ଥପର ସେବା ହିଁ ରୋଟାରି କ୍ଲବ୍‌ର ଲକ୍ଷ୍ୟ

**ମଙ୍ଗୁଳି– ଜଗତପୁର/ ଚୌଦ୍ୱାର,୨୬।୯ (ମାନସ ସାମଲ/ଆଶୁତୋଷ ଦାସ)**

ରୋଟାରୀ କ୍ଲବ କଟକ ଅଭିନବ ପକ୍ଷରୁ ଟାଙ୍ଗୀ–ଚୌଦ୍ୱାର ବ୍ଲକ ଆଗ୍ରାହାଟ ଓ ନଖରା ପଞ୍ଚାୟତରେ ଗୁରୁବାର ଏକାଧିକ ଜନ ହିତକର କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ୨୫ ଜିଲା ଗଭର୍ନର ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ଯୋଗଦେଇଥିଲେ। କୁଜିବର ଗ୍ରାମସ୍ଥିତ ସାଧୁସୁନ୍ଦର ପୀଠରେ ଚାରାରୋପଣ, ଗ୍ରାମ ମୁଖ୍ୟରାସ୍ତା ପାର୍ଶ୍ୱରେ ନେତାଜୀ ପାଠାଗାର ଓ ଅଙ୍ଗନୱାଡ଼ି ପିଲାଙ୍କ ପାଇଁ ନିରାପଦ ପାନୀୟ ଜଳର ବ୍ୟବସ୍ଥା ପରେ ନଖରା ଗ୍ରାମସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ନିରାପଦ ପାନୀୟ ଜଳ ପ୍ରକଳ୍ପକୁ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଭାଇଚାରା ଓ ନିଃସ୍ୱାର୍ଥପର ସେବା ହିଁ ରୋଟାରୀ କ୍ଲବର ଲକ୍ଷ୍ୟ ବୋଲି ସେ କହିଥିଲେ। କ୍ଲବ ସଭାପତି ବିଶ୍ୱନାଥ ପଣ୍ଡା, ସମ୍ପାଦକ ସୁଧାଂଶୁ ଶେଖର ଜେନା, ଜୀବନ ପଟ୍ଟନାୟକ, ଆଲୋକ ସାହୁ, ରାଜଲକ୍ଷ୍ମୀ ପାତ୍ର, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ହୃଷୀକେଶ ରାଉତ ପ୍ରମୁଖ ଯୋଗଦେଇଥିଲେ। ରୋଟାରୀ କମ୍ୟୁନିଟି ସେଣ୍ଟର କୁଜିବର ସଦସ୍ୟ ପୂର୍ଣ୍ଣିମା ମହାରଣା, ମହେଶ୍ୱର ସାହୁ, ଉମେଶ ସାହାଣୀ, ଆଲୋକ ବାରିକ୍, ପାଠାଗାର ସଭାପତି ମଧୁସୂଦନ ବିଶ୍ୱାଳ, ସତ୍ୟଭାମା ମହାରଣା, ଅନ୍ତର୍ଯ୍ୟାମୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ବାସୁଦେବ ସାହୁ ଉପସ୍ଥିତ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ।

## ବାଙ୍କୀ ସହରରୁ ଜବରଦଖଲ ଉଚ୍ଛେଦ ପାଇଁ ବିଜ୍ଞପ୍ତି

**ବାଙ୍କୀ,୨୬।୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର ):**

ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦର ମୁଖ୍ୟ ବଜାରର ବିଭିନ୍ନ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ବାଙ୍କୀ ବିଜ୍ଞାପିତ ଅଞ୍ଚଳ କ୍ଷେତ୍ର ପରିଷଦର ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ ନୋଟିସ (ନଂ.୨୪୯୩ /୨୫–୯–୨୪)ରେ ଏହା ଦର୍ଶାଯାଇଛି। ନୃସିଂହ ଛକଠାରୁ ବ୍ରହ୍ମେଇ ମୁଖ୍ୟଦ୍ୱାର, ନୃସିଂହ ଛକଠାରୁ ପୋଷ୍ଟ ଅଫିସ ଛକ, ମେଡିକାଲ ଛକଠାରୁ କଚେରି ଛକ, ଆଦିମାତା ଛକଠାରୁ ସାହାଡାପଦା ଗଳି ଓ କମାରଶାଳ ଗଳି ପର୍ଯ୍ୟନ୍ତ ରାସ୍ତାରେ ସରକାରୀ ଜାଗା ଓ ଡ୍ରେନ ଆଦି ଅବରୋଧ କରି ବେଆଇନ ଭାବେ ନିର୍ମାଣ କାର୍ଯ୍ୟ କରାଯାଇଛି। ନିଜ ବ୍ୟକ୍ତିଗତ ଦୋକାନ କିମ୍ବା ଏନ୍‌ଏସି ଘର ଭଡା ନେଇ ଆଗକୁ ବଢ଼ାଇ ଦେଇଛନ୍ତି। ଏହାଦ୍ୱାରା ମୁଖ୍ୟରାସ୍ତା ସଙ୍କୁଚିତ ହୋଇ ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ହେଉଛି। ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣାମାନ ଘଟୁଛି । ଡ୍ରେନ ଉପରେ ବେଆଇନ ଭାବେ ନିର୍ମାଣ ଦ୍ୱାରା ଡ୍ରେନ ସଫା ସୁଚାରୁ ରୂପେ ହୋଇନ ପାରି ଜଳ ନିଷ୍କାସନରେ ବାଧା ଉପୁଜୁଛି। ଏଥିପାଇଁ ଜଳବନ୍ଦୀ ଭଳି ସମସ୍ୟା ସୃଷ୍ଟି ହୋଇଛି । ଏନେଇ ପ୍ରଶାସନ ପକ୍ଷରୁ ୭ଦିନ ଭିତରେ ତଥା ଅକ୍ଟୋବର ୧ ସୁଦ୍ଧା ବେଆଇନ ନିର୍ମାଣ ଉଠେଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ମାଳତି ମୁଣ୍ଡିଆ ଅସ୍ତିତ୍ୱ ହରାଇଲାଣି

## ବେଆଇନ ଭାବେ ମୋରମ, ମେଟାଲ ଚାଲାଣ

**ବାଙ୍କୀ,୨୬।୯ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ବାଙ୍କୀ ଗଡ଼ ମାଳତୀ ମୁଣ୍ଡିଆରୁ ବେଆଇନ ଭାବେ ଜେସିବି ସାହାଯ୍ୟରେ ମୋରମ୍ ଓ ମେଟାଲ ଖୋଳାଯାଇ ଚୋରା ଚାଲାଣକରି ବିକ୍ରି କରାଯାଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏଥିପ୍ରତି ବାଙ୍କୀ ପ୍ରଶାସନ କୌଣସି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଗ୍ରାମ୍ୟ ଶ୍ମଶାନକୁ ମଧ୍ୟ ଖଣି ବ୍ୟବସାୟୀମାନେ ଛାଡୁ ନାହାନ୍ତି। ଜେସିବି ଲଗାଇ ମୁଣ୍ଡିଆ ତାଡ଼ି ହାଇୱା, ଟ୍ରାକ୍ଟର ଦ୍ୱାରା ମୋରମ ଓ ମେଟାଲ ଚୋରାରେ ବାହାରକୁ ଚାଲାଣ କରୁଛନ୍ତି। ଏଥିଯୋଗୁ ମାଳତୀ ମୁଣ୍ଡିଆ ନିଜର ଅସ୍ତିତ୍ୱ ହରାଇ ବସାଇଲାଣି। ରାତି ତମାମ୍ ମୋରମ ଚାଲାଣ ହେବା ଦ୍ୱାରା କଳାପଥରକୁ ବାଙ୍କୀ ମୁଖ୍ୟ ବଜାର ସଂଯୋଗ ରାସ୍ତା ଉପରେ ମୋରମ ଜମାଟ ହୋଇ ପଡ଼ି ରହିବା ଯୋଗୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏଥିପ୍ରତି ଦୃଷ୍ଟିଦେବାକୁ ରାଜ୍ୟ ସରକାର ଓ ବାଙ୍କୀ ପ୍ରଶାସନ ଦୃଷ୍ଟିଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



ମୁଣ୍ଡିଆରୁ ବ୍ୟବସାୟୀମାନେ ମୋରମ ଓ ମେଟାଲ୍ ଖନନ କରି ନେଇଯାଇଛନ୍ତି।

# ସୂର୍ଯ୍ୟ ମନ୍ଦିରରେ ଆଣ୍ଠୁଏ ପାଣି, ବର୍ଷାରେ ଭିଜିଲେ ପର୍ଯ୍ୟଟକ

କୋଣାର୍କ,୨୬।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କରେ ଲଗାଣ ବର୍ଷା ଯୋଗୁ ଗୁରୁବାର ସୂର୍ଯ୍ୟମନ୍ଦିର ପରିସର ଜଳାର୍ଣ୍ଣବ ହୋଇପଡ଼ିଥିଲା। ଦୀର୍ଘ ସମୟ ଧରି ମନ୍ଦିର ଉତ୍ତର କୋଣରେ ଆଣ୍ଠୁଏ ପାଣି ଜମି ରହିବା ଫଳରେ ମନ୍ଦିର ପରିଦର୍ଶନରେ ଆସିଥିବା ପର୍ଯ୍ୟଟକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପାଣିରେ କାରୁକାର୍ଯ୍ୟ ବୁଡ଼ି ରହିବାରୁ ସୂକ୍ଷ୍ମ କାରୁକାର୍ଯ୍ୟ ସବୁ ନଷ୍ଟ ହେବାକୁ ବସିଲାଣି। ସୂର୍ଯ୍ୟମନ୍ଦିର ଭିତରେ ଆଶ୍ରୟସ୍ଥଳୀ ନ ଥିବାରୁ ପର୍ଯ୍ୟଟକମାନେ ନାଟ୍ୟ ମନ୍ଦିର ନିକଟରେ ଥିବା ବରଗଛ ତଳେ ଆଶ୍ରୟ ନେଇଥିଲେ। ହେଲେ ପ୍ରବଳ ବର୍ଷା ଯୋଗୁ ବରଗଛ ତଳେ ଛିଡ଼ା ହୋଇଥିବା ପର୍ଯ୍ୟଟକ ସମ୍ପୂର୍ଣ୍ଣ ଭିଜି ଏଣେତେଣେ ଦୌଡୁଥିବା ଦେଖିବାକୁ ମିଳିଥିଲା। କେତେଜଣ ପର୍ଯ୍ୟଟକ ମନ୍ଦିର ବୁଲି ନ ପାରି ନିରାଶରେ ଫେରି ଯାଇଥିଲେ। ମନ୍ଦିର ଭିତରୁ ଜଳ ନିଷ୍କାସନ ପାଇଁ ୪ଟି ସେନସର ପମ୍ପ ରହିଛି। ହେଲେ ଏସବୁ ଠିକ୍ ସମୟରେ ଉପଯୋଗ ହେଉ ନ ଥିବାରୁ ଜଳ ନିଷ୍କାସନ ନ ହୋଇ ଜମି ରହୁଛି। ଏଏସ୍ଆଇ ଏହାର ସ୍ଥାୟୀ ପ୍ରତିକାର କରୁ ନ ଥିବାରୁ ପର୍ଯ୍ୟଟକ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଏଏସ୍ଆଇର ମନମୁଖି ଓ ଖାମଖିଆଲି ନୀତି ଯୋଗୁ ଏବେ ବୁହେଁ ପ୍ରତିବର୍ଷ ଏପରି ଅବସ୍ଥା ଦେଖିବାକୁ ମିଳୁଛି। ଯଦି ଏହାର ସ୍ଥାୟୀ ପ୍ରତିକାର ନ କରାଯାଏ, ତେବେ ପ୍ରତ୍ୟେକ ବର୍ଷା ସମୟରେ ଏପରି ପାଣି ଜମିବା ସହ ମନ୍ଦିର ପ୍ରତି ବିପଦ ସୃଷ୍ଟି ହେବ। ଏଏସ୍ଆଇ ମନ୍ଦିରରୁ ଟିକେଟ୍ ଆକାରରେ କୋଟି କୋଟି ଟଙ୍କା ଆଦାୟ କରୁଥିବାବେଳେ ଏସବୁ ସମସ୍ୟା ପ୍ରତି ଦୃଷ୍ଟି ନ ଦେବା ହେତୁ ମନ୍ଦିର କାରୁକାର୍ଯ୍ୟ ନଷ୍ଟ ହେଉଛି। ଏଥିସହ ଆଗାମୀ ବର୍ଷା ଋତୁରେ ପର୍ଯ୍ୟଟକ କୋଣାର୍କ ମନ୍ଦିର ବୁଲିବାକୁ ଆସି ନ ପାରନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ସେହିପରି ଲଗାଣ ବର୍ଷାରେ କୋଣାର୍କ ବଜାର ମୁଖ୍ୟରାସ୍ତା ଉପରେ ପାଣିର ସୁଅ ଛୁଟିଥିଲା। ଫଳରେ କୋଣାର୍କ ବସଷ୍ଟାଣ୍ଡ, ମେଡିକାଲ ଛକ, ଥାନା ଛକ, ମାଧିପୁର ଛକ ରାସ୍ତାରେ ବର୍ଷାପାଣି ଜମି ରହିବାରୁ ଯାତାୟାତରେ ସମସ୍ୟା ଦେଖାଦେଇଛି।



କୋଣାର୍କ ସୂର୍ଯ୍ୟମନ୍ଦିରରେ ଆଣ୍ଠୁଏ ପାଣିରେ ପର୍ଯ୍ୟଟକ ବୁଲୁଛନ୍ତି । ।

# ସହରର ସ୍କୁଲ ଛୁଟି ଘୋଷଣା କଲେ ଜିଲାପାଳ

ପୁରୀ, ୨୬।୯(ଅଜିତ୍ ମହାନ୍ତି)

**ଲଘୁଚାପ ବର୍ଷାରେ ଅସ୍ତବ୍ୟସ୍ତ ପୁରୀବାସୀ**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ବୁଧବାର ରାତିରୁ ପୁରୀରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ତେବେ ଗୁରୁବାର ସକାଳୁ ପୁରୀରେ ବର୍ଷାର ପରିମାଣ ବୃଦ୍ଧି ପାଇଥିଲା। ଦିନତମାମ ବର୍ଷା ଲାଗି ରହିଥିଲା। ଫଳରେ ପୁରୀରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଲଘୁଚାପ ଜନିତ ବର୍ଷାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ପୁରୀ ଜିଲାକୁ ୟେଲୋ ୱାର୍ନିଂ ଘୋଷଣା କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ପୁରୀସହରର ସମସ୍ତ ସ୍କୁଲ ଛୁଟି ଘୋଷଣା କରାଯାଇଥିଲା। ଅପରପକ୍ଷରେ ଗୁରୁବାର ମୂଷଳ ଧାରଣ ବର୍ଷା କାରଣରୁ ପୁରୀ ସହରର କିଛି ଅଞ୍ଚଳ ଏବଂ ବିଶେଷକରି ତଳିଆ ଅଞ୍ଚଳରେ ବର୍ଷା ଜଳ ଜମିବା ଦେଖିବାକୁ ମିଳିଥିଲା। ଅନେକ ଶ୍ରଦ୍ଧାଳୁ ବର୍ଷା ସତ୍ତ୍ୱେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ବର୍ଷାରେ ଭିଜି ଅନେକ ଶ୍ରଦ୍ଧାଳୁ ସିଂହଦ୍ୱାର ସମ୍ମୁଖରେ ଠିଆହୋଇ ପତିତପାବନଙ୍କ ଦର୍ଶନ କରିଥିଲେ। ପ୍ରବଳ ବର୍ଷା କାରଣରୁ ସମୁଦ୍ରକୂଳ ରାସ୍ତାରେ ପ୍ରବଳ ପାଣି ଜମିବା ଫଳରେ ଯାତାୟତରେ ପର୍ଯ୍ୟଟକଙ୍କୁ ସମସ୍ୟା ହୋଇଥିଲା। ସେହିପରି ବର୍ଷା ପାଣି ସହ ଡ୍ରେନ୍ର ପାଣି ମଧ୍ୟ ସମୁଦ୍ରରେ ମିଶୁଥିବା ଦେଖିବାକୁ ମିଳିଛି। ଲଘୁଚାପ କାରଣରୁ ସମୁଦ୍ର ଅଶାନ୍ତ ରହିଥିବା ସତ୍ତ୍ୱେ ଅନେକ ପର୍ଯ୍ୟଟକ ସମୁଦ୍ରରେ ଅମାନିଆ ଭାବରେ ଗାଧୋଉଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷରେ ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ମାଛ ମାରିବା ନିମନ୍ତେ ସମୁଦ୍ର ମଧ୍ୟକୁ ଡଙ୍ଗା ନେଇ ଯିବାକୁ ବାରଣ କରାଯାଇଥିଲା।

# ଭତ୍ତା, ଭିନ୍ନକ୍ଷମଙ୍କୁ ଉପକରଣ ବାଣ୍ଟିଲେ ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା,୨୬।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଭତ୍ତା ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ପଞ୍ଚାୟତ ସମିତି ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ବିଧବା, ସ୍ୱାମୀ ପରିତ୍ୟକ୍ତା, ବୃଦ୍ଧା ବୃଦ୍ଧଙ୍କୁ ଭତ୍ତା ବାଣ୍ଟିଥିଲେ। ଏଥିସହ ଭିନ୍ନକ୍ଷମଙ୍କୁ ଶ୍ରବଣ ଯନ୍ତ୍ର, ହୁଇଲ ଚେୟାର ଆଗି ବିଭିନ୍ନ ଉପକରଣ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୬୮ ଜଣ ବିଧବା, ୧୧ ଜଣ ସ୍ୱାମୀ ପରିତ୍ୟକ୍ତା, ୭୪ ଜଣ ଭିନ୍ନକ୍ଷମ, ୩୩ଜଣ ବୃଦ୍ଧାବୃଦ୍ଧଙ୍କ ସମେତ ମୋଟରେ ୨୮୬ ଜଣଙ୍କୁ ଭତ୍ତା ଓ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଛି। ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ମହାରଣା, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜୟକୃଷ୍ଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମାରୋହରେ ବ୍ଲକର ବିଭିନ୍ନ ପଞ୍ଚାୟତର ବହୁ ସରପଞ୍ଚ, ସମିତି ସଭ୍ୟ ଓ ନେତୃବୃନ୍ଦମାନେ ଓ ବ୍ଲକର ବିଭିନ୍ନ ପଦସ୍ଥ ଅଧିକାରୀମାନେ ଯୋଗଦେଇଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ନିମାପଡ଼ା,୨୬।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟାଙ୍କୁ କେହି ଅପହରଣ କରିନେଇଥିବା ତାଙ୍କ ବାପା ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ଗତ ମଙ୍ଗଳବାର ସନ୍ଧ୍ୟାରେ ନାବାଳିକା ଜେରକ୍ସ କରିବାକୁ ସ୍ଥାନୀୟ ନହନ୍ତରା ଛକକୁ ଯାଇଥିଲେ। ରାତି ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। କେହି ଅଜଣା ଯୁବକ ଘରକୁ ଫୋନ କରି ଝିଅ ତାଙ୍କ ପାଖରେ ଥିବା କହିଥିଲେ। ଅପହରଣକାରୀର ପରିଚୟ ମାଗିବାରୁ ଫୋନ କଟିଯାଇଥିଲା। ଫୋନ କରିଥିବା ଯୁବକ ଜଣଙ୍କ ତାଙ୍କ ଝିଅକୁ ଅପହରଣ କରିଥିବା ନାବାଳିକଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି।

### ବିଡିଓଙ୍କୁ ଏମ୍ବିକେ, ସିଆର୍ପି କର୍ମୀଙ୍କ ଦାବିପତ୍ର ପ୍ରଦାନ

କଣାସ,୨୬।୯
(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ କାର୍ଯ୍ୟ କରୁଥିବା ଏମ୍ବିକେ ଓ ସିଆର୍ପି କର୍ମୀ ୬ ମାସ ହେଲା ଦରମା ପାଇ ନାହାନ୍ତି। ଏଥିପାଇଁ ସେମାନେ ଗୁରୁବାର କଣାସ ବିଡିଓ ନାରାୟଣ ସାହୁଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୭ ଦିନ ମଧ୍ୟରେ ଯଦି ଦରମା ନ ମିଳେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଦାବିପତ୍ରରେ ଦର୍ଶାଇଛନ୍ତି। ଏହି ଦାବିପତ୍ର କଣାସ ବ୍ଲକ ସିଡିପିଓଙ୍କୁ ମଧ୍ୟ ପ୍ରଦାନ କରିଥିବା ଜଣାପଡ଼ିଛି।

### ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ

ପୁରୀ,୨୬।୯(ଅଜିତ୍ କୁମାର ମହାନ୍ତି)

ପୁରୀ କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍ ମହାବିଦ୍ୟାଳୟ ପରିସରରେ ବୁଧବାର ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଫାର୍ମାସିଷ୍ଟ ମିଟିଂ ଗ୍ଲୋବାଲ ହେଲ୍ଥ ନିଡସ୍ ଶିର୍ଷକ ଏକ ବିଷୟ ବସ୍ତୁକୁ କେନ୍ଦ୍ର କରି ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ଗୁଣ୍ଡିଚା ମନ୍ଦିରଠାରୁ ଆରମ୍ଭ ହୋଇ ବଳଗଣ୍ଡି ଛକରେ ସରିଥିଲା। ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀରୋଗ ଓ ପ୍ରସୂତୀ ବିଭାଗ ପୂର୍ବତନ ଏଡିଏମ୍ଓ, ଡ. ଆର ଏନ୍. ତୋଷ, ସମ୍ମାନିତ ଅତିଥି ଭାବେ କଲେଜର ଚେୟାରପର୍ସନ ଅନିମା ଦାସ ଯୋଗଦେଇ ଶୋଭାଯାତ୍ରାକୁ ଉଦ୍ଘାଟନ କରିଥିଲେ। ଏଥିରେ କଲେଜରର ବହୁ ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଶୋଭାଯାତ୍ରାକୁ କଲେଜ ନିର୍ଦ୍ଦେଶକ ସନ୍ତୋଷ ମହାପାତ୍ର, ଉପାଧ୍ୟକ୍ଷ ସଞ୍ଜୟ କୁମାର ନାୟକ, ଅଧ୍ୟାପକ ଅନୁପ ପାତ୍ର, ଅସିତ୍ ଷଡ଼ଙ୍ଗୀ, ଅଫିସ ପରିଚାଳକ ସରୋଜ ବିହାରୀ ମିଶ୍ର ଓ ତୃପ୍ତି ରଞ୍ଜନ ପାଢ଼ୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଦେବାଳୟ ନିକଟରେ ନିମ୍ନମାନର ଘିଅଦୀପ ବିକ୍ରି ଅଭିଯୋଗ

ଅସ୍ତରଙ୍ଗ,୨୬।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

- ଭେଜାଲ କିଣୁଛନ୍ତି ଉପଭୋକ୍ତା, ହେଉନି ଯାଞ୍ଚ
- ଅସ୍ତରଙ୍ଗ ବଜାରରେ ମିଳୁଛି ଅପମିଶ୍ରିତ ଦ୍ରବ୍ୟ

ରାଜ୍ୟରେ ଏବେ ନକଲି ଖାଦ୍ୟ ଦ୍ରବ୍ୟ କାରଖାନା ଧରା ପଡ଼ିବା ଓ ଅପମିଶ୍ରଣ ହେବା ଜଣାପଡୁଛି। ବଜାରରୁ କିଣୁଥିବା ସାମଗ୍ରୀ ଅସଲି କି ନକଲି ତାହା ମଧ୍ୟ ଜାଣିବା ସହଜ ହେଉନି। ଫଳରେ ଗ୍ରାହକ ଏବେ ଚିନ୍ତାରେ ଅଛନ୍ତି। ଅନେକବାର ନକଲି ଖାଇବା ତେଲ, ଘିଅ, କ୍ଷୀରଗୁଣ୍ଡ, ସାବୁନ, ହଳଦୀ ଗୁଣ୍ଡ, ମସଲା ଗୁଣ୍ଡ, ବିଲାତି ସସ୍, ମୃଦୁ ପାନୀୟ ଜଳ ଆଦି ଅପମିଶ୍ରଣ ହେଉଛି। ଏବେ ଦହି, ରାବିଡ଼ି ମଧ୍ୟ ଅପମିଶ୍ରଣ ହେଉଥିବା ଜଣାପଡ଼ିବା ପରେ ଗ୍ରାହକ ସାମଗ୍ରୀ କିଣିବାବେଳେ ସନ୍ଦେହରେ ପଡୁଛନ୍ତି। ଏହାସହ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଥିବା ଦେବାଳୟରେ ବିକ୍ରି ଘିଅ ଦୀପ ଅସଲି ଘିଅରେ ପ୍ରସ୍ତୁତ କି ନାହିଁ ତାହା ସ୍ପଷ୍ଟ ଜଣାପଡୁନାହିଁ, ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ଭାବାବେଗ ସୃଷ୍ଟି ହୋଇଛି।

ବିଶେଷକରି ଖାଦ୍ୟ ଦ୍ରବ୍ୟ ଅପମିଶ୍ରଣ ଚିନ୍ତାର କାରଣ ପାଲଟିଛି। ସହଜେ ଧାନଠୁ ଆରମ୍ଭ କରି ପନିପରିବାରେ ରାସାୟନିକ ସାର ଓ ବିଷର ପ୍ରୟୋଗ ଯୋଗୁ ଅପମିଶ୍ରିତ ଖାଦ୍ୟ କିଣି ଖାଇବାକୁ ଗ୍ରାହକ ବାଧ୍ୟ ହେଉଛନ୍ତି। ଏ ସବୁ ସତ୍ତ୍ୱେ ପ୍ରଶାସନ ବା ବିଭାଗ ପକ୍ଷରୁ ଅସ୍ତରଙ୍ଗ ଅଞ୍ଚଳରେ ଯାଞ୍ଚ ହେଉନି। ଯାଞ୍ଚ କଡ଼ାକଡ଼ି ନ ମିଳୁଥିବା ନକଲି ଦ୍ରବ୍ୟ ବେପାରୀ ଅନାୟାସରେ ଲୋକଙ୍କୁ ବିକ୍ରି କରି ମୁନାଫା କମାଉଛନ୍ତି। ଗ୍ରାହକଙ୍କ ଭାବାବେଗକୁ ଲକ୍ଷ୍ୟ ରଖି ନକଲି କାରବାର ଉପରେ ରୋକ ଲଗାଇବାକୁ ନିୟମିତ ଯାଞ୍ଚ ଓ ନକଲି ଦ୍ରବ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଏହା ଉପରେ ରୋକ ଲଗାଯାଇପାରିବ ବୋଲି ଉପଭୋକ୍ତାମାନେ ଦାବି କରିଛନ୍ତି।

### ପୋଖରୀରେ ବୁଡ଼ି ନାବାଳକ ମୃତ

ଅସ୍ତରଙ୍ଗ/କାକଟପୁର,୨୬।୯
(ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅଧୀନ ଗଙ୍ଗପୁର ଗାଁରେ ଜଣେ ନାବାଳକଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ପୋଖରୀରୁ ନାବାଳକଙ୍କୁ ଉଦ୍ଧାର କରି ପରିବାର ଲୋକେ ବାଙ୍ଗୁରୀଗାଁ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅସ୍ତରଙ୍ଗ ଥାନା ପୋଲିସ ଏନେଇ ୯/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ସମାରୋହ

ନିମାପଡ଼ା,୨୬।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା କଲେଜ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ସମାରୋହ ମଙ୍ଗଳବାର ପାଳିତ ହୋଇଛି। ଏହି ଅବସରରେ ଜାତୀୟ ସେବା ଯୋଜନାର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶପଥ ପାଠ, କଲେଜ ପରିସରରେ ସଫେଇ, ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ କଲେଜ ଅଧ୍ୟକ୍ଷା ଶିକ୍ଷାବିତ୍ ପୁଷ୍ପିତା ରାଜଗୁରୁ, ଡ. ରବୀନ୍ଦ୍ରନାଥ ପାଢ଼ୀ, ଅଧ୍ୟାପକ ଡ. ଅରୁଣ କୁମାର ଦାଶ, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଡ. ବିଷ୍ଣୁପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ଏହି ସମାରୋହର ତାତ୍ପର୍ଯ୍ୟ, ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିବା ବେଳେ ସ୍ୱେଚ୍ଛାସେବୀଙ୍କ ସ୍ଥାୟୀ ଭବିଷ୍ୟତ, ଆହ୍ୱାନ ଓ ଦାୟିତ୍ୱ ସମ୍ପର୍କରେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ସ୍ୱେଚ୍ଛାସେବୀମାନେ ଭବିଷ୍ୟତକୁ ସରସ, ସୁନ୍ଦର କରି ଗଢ଼ିତୋଳିବା ପାଇଁ ନିଷ୍ଠାର ସହ ଯବାନ ହୋଇ କାର୍ଯ୍ୟ କରିବାକୁ ଜାତୀୟ ସେବା ଯୋଜନାର ଅଧିକାରୀ ସାହୁ ସ୍ୱେଚ୍ଛାସେବୀଙ୍କୁ ଆହ୍ୱାନ ଦେଇ ପ୍ରତିଜ୍ଞା କରାଇଥିଲେ।



ମା' ବାଙ୍କୀ ମୁହାଣ ରାମଚଣ୍ଡୀଙ୍କ ଭୁବନେଶ୍ୱରୀ ବେଶ ।

# ୨୦୦ ବର୍ଷର ବରଗଛ ଉପୁଡ଼ିଲା

**୬ ଘଣ୍ଟା ଯାତାୟାତ ବନ୍ଦ**

ଗୋପ,୨୬।୯(ଭାରତୀ ଭୂଷଣ ଉପାଧ୍ୟାୟ)

ବର୍ଷା ପବନ ଯୋଗୁ ଗୋପ ଗୋପାଳପୁର ନିକଟରେ ଥିବା ଏକ ୨୦୦ ବର୍ଷର ପୁରୁଣା ବରଗଛ ଗୁରୁବାର ଉପୁଡ଼ି ପଡ଼ିଛି। ଫଳରେ ପାଟେଲିଆ-କପିଳେଶ୍ୱର ରାସ୍ତାରେ ଦୀର୍ଘ ୬ ଘଣ୍ଟା ଧରି ଯାତାୟାତ ବନ୍ଦ ରହିଥିଲା। ଗୋପ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗଛ କାଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ଗୋପ ବ୍ଲକ ଅଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିବା ସହ ପବନ ବହିବା ଯୋଗୁ ଅନେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିଥିବା ଜଣାପଡ଼ିଛି।



ଲଗାଣ ବର୍ଷାରେ ଉପୁଡି ପଡିଥିବା ଗଛ ।

# 'ସ୍ୱାଭିମାନ ଭାରତ ଅଭିଯାନ ଓ ଉଦ୍ୟମିତା ପ୍ରୋତ୍ସାହନ' ଆଲୋଚନାଚକ୍ର

ପିପିଲି,୨୬।୯
(ପ୍ରଭାତ କୁମାର ମହାପାତ୍ର)

ପିପିଲି ମହାବିଦ୍ୟାଳୟ ପରିସରରେ ସ୍ୱଦେଶୀ ଜାଗରଣ ମଞ୍ଚ ପୁରୀ ଜିଲା ଆନୁକୂଲ୍ୟରେ ବୁଧବାର 'ସ୍ୱାଭିମାନ ଭାରତ ଅଭିଯାନ-ଉଦ୍ୟମିତା ପ୍ରୋତ୍ସାହନ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ କଲେଜ ଅଧ୍ୟକ୍ଷ ତପନ କୁମାର ଦାଶଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଜାଗୃତି ସାଂସ୍କୃତିକ ଯୁବ ସଂଗଠନର ସଭାପତି ପ୍ରଭାତ କୁମାର ମହାପାତ୍ର ଯୁବବର୍ଗ ଚାକିରି ଖୋଜିବା ପରିବର୍ତ୍ତେ ନିଜେ ଉଦ୍ୟୋଗ ପ୍ରତିଷ୍ଠା କରି ଚାକିରି ଦେବାର ସଙ୍କଳ୍ପ ନେଇ ୨୦୪୭ ଭାରତ ଭିଜନକୁ ସଫଳ କରାଇପାରିବେ ବୋଲି କହିଥିଲେ।

ଭାରତର ୩୭ କୋଟି ଯୁବବର୍ଗ ମଧ୍ୟରୁ ମାତ୍ର ୭% ଯୁବକ ଚାକିରି ଉପରେ ନିର୍ଭରଶୀଳ। ତେଣୁ କୃଷି, ହସ୍ତଶିଳ୍ପ, କଳା, ବାଣିଜ୍ୟ, ବ୍ୟବସାୟକୁ ନିଜସ୍ୱ ଶକ୍ତିରେ ଉଦ୍ୟମିତାରେ ପ୍ରତିଷ୍ଠା କରିବାକୁ ପଡ଼ିବ। ପିପିଲିର ଆଇଟି ସେକ୍ଟରରେ ସଫଳ ଯୁବ ଉଦ୍ୟୋଗୀ ଇଂ ଜେନାମଣି ଆଶିଷ ରଞ୍ଜନ ଜେନାଙ୍କ ସଫଳ କାହାଣୀ ଶୁଣିବା ସହିତ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏନ୍ସିସି ଅଫିସର କ୍ୟାପ୍ଟେନ ଆଦିତ୍ୟ ପ୍ରସାଦ ରଥ, ପ୍ରଶାସନିକ ଅଧିକାରୀ ଭବେଶ ପ୍ରସାଦ ତ୍ରିପାଠୀ, ଓଡ଼ିଆ ଅଧ୍ୟାପକ ଲୋକନାଥ ସେଠୀ ପ୍ରମୁଖ ଯୋଗଦେଇ ପାଠପଢ଼ା ସହ ବିଭିନ୍ନ କ୍ଷେତ୍ରରେ ସଫଳ ଉଦ୍ୟୋଗୀ ହେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ଏହି ଅବସରରେ ଯୁବ ଉଦ୍ୟୋଗୀ ଇଂ ଜେନାମଣି ଆଶିଷ କୁମାର ନିଜ ଜୀବନରେ ଅନେକ ବାଧାବିଘ୍ନ ସତ୍ତ୍ୱେ ସଫଳତା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ୱଦେଶୀ ଜାଗରଣ ମଞ୍ଚ ପୁରୀ ଜିଲା ସଂଯୋଜକ ରାଜେଶ କୁମାରଙ୍କ ସହ ଏବିଭିପି ସଂଯୋଜକ ବିଭୁ ଦାସ ପରିଚାଳନା କରିଥିଲେ।

# ମହିଳାଙ୍କ ନେତୃତ୍ୱରେ ଓଡ଼ିଶାରେ ଦ୍ରୁତ ବିକାଶ ହେବ

ନିମାପଡ଼ା,୨୬।୯(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ରାଜ୍ୟରେ ମହିଳାମାନଙ୍କ ନେତୃତ୍ୱରେ ଦ୍ରୁତ ବିକାଶ ହେବ। ଓଡ଼ିଶା ଅଧିକ ସମୃଦ୍ଧ ହେବ। ମହିଳାମାନଙ୍କୁ ବାଦ୍ ଦେଇ ରାଜ୍ୟରେ ପ୍ରଗତି ଅସମ୍ଭବ। ଓଡ଼ିଶାର କଳା ଓ କାରିଗରି ଓଡ଼ିଆ ଅସ୍ମିତାର ପରିଚୟ ବୋଲି ନିମାପଡ଼ା ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମତବ୍ୟକ୍ତ କରିଛନ୍ତି। ନିମାପଡ଼ାଠାରେ ଏସ୍ବିଆଇର ସମାହାର, ମେଗା ଋଣ ମେଳା ଓ ମହା ସରକାରୀ ଋଣ ପ୍ରୋତ୍ସାହନ ଯୋଜନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିଡ଼ା ଏହା କହିଛନ୍ତି। ସମାରୋହରେ ପରିଡ଼ା ଏସ୍ଏଚ୍ଜି ଗ୍ରୁପ ମହିଳାଙ୍କୁ ଋଣ ଅର୍ଥରାଶି, ଅନ୍ୟାନ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଓ ପ୍ରଧାନମନ୍ତ୍ରୀଙ୍କ ଯୋଜନାରେ ଋଣ ପ୍ରଦାନ କରିଥିଲେ। ୪୦ଟି ସ୍ମାର୍ଟ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ରର ଉଦ୍ଘାଟନ ଉପମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ କରିଥିଲେ। ନିମାପଡ଼ା କଲେଜ ମହିଳା ଛାତ୍ରୀ ନିବାସ, ଇନ୍ଦିରା ଗାନ୍ଧୀ ମହିଳା କଲେଜ, ଚାରିଛକ ମହିଳା କଲେଜ, ନିମାପଡ଼ା ସରକାରୀ ଜବରା ବାଳିକା ଉଚ୍ଚ ବିଦ୍ୟାଳୟକୁ ଛାତ୍ରୀମାନଙ୍କ ପାଇଁ ସାନିଟାରୀ ନାପକିନ୍ ଭେଣ୍ଡିଂ ମେଶିନ ଓ ପ୍ୟାଡ଼ ମେଶିନ ପ୍ରଦାନ କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଶୁଭାରମ୍ଭ କରିଥିଲେ। ମେଳାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ପିଏମ୍ ବିଶ୍ୱକର୍ମା ଯୋଜନା, ପିଏମ୍ଏଫ୍ଏମ୍ଇ ଯୋଜନା, ପିଏମ୍ଇଜିପି ଯୋଜନା, ପିଏମ୍ ସୁନିଧି ଯୋଜନା, ପିଏମ୍ଏମ୍ୱାଇ ଯୋଜନା ସମେତ ବିଭିନ୍ନ ସରକାରୀ ଯୋଜନାରେ ବିଭିନ୍ନ ହିତାଧିକାରୀଙ୍କୁ ଷ୍ଟେଟବ୍ୟାଙ୍କ ପକ୍ଷରୁ ମହିଳାମାନେ ଓ ଅନ୍ୟାନ୍ୟ ହିତାଧିକାରୀମାନେ ସ୍ୱାବଲମ୍ବୀ ରୋଜଗାରକ୍ଷମ, ଆତ୍ମନିର୍ଭରଶୀଳ ହେବା ପାଇଁ ୪୦ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିବା ଏସ୍ବିଆଇ ନିମାପଡ଼ା ଶାଖା ପରିଚାଳକ ସୂଚନା ଦେଇଛନ୍ତି। ଏସ୍ବିଆଇ ଓ ପୁରୀ ଆର୍ବିଓ ପକ୍ଷରୁ ଆୟୋଜିତ ଏହି ମେଳାରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସର୍କଲ ଚିଫ୍ ଜେନେରାଲ ମ୍ୟାନେଜର ଦିନେଶ ଫୃଥି, ଭୁବନେଶ୍ୱର ଜେନେରାଲ ମ୍ୟାନେଜର ପୁନମ ବାଲାମ୍ଏମ୍, ଡେପୁଟି ଜେନେରାଲ ମ୍ୟାନେଜର ପ୍ରଶାନ୍ତ କୁମାର, ପୁରୀର ରିଜିଓନାଲ ମ୍ୟାନେଜର ଭରତଚନ୍ଦ୍ର ସାହୁ, ନିମାପଡ଼ା ଶାଖା ମୁଖ୍ୟ ପ୍ରବନ୍ଧକ ଦେବାନନ୍ଦ ସେଠୀ ପ୍ରମୁଖ ଯୋଗଦେଇଥିଲେ। ମେଳାରେ ବହୁ ସଂଖ୍ୟାରେ ଏସ୍ଏଚ୍ଜି ଗ୍ରୁପ ମହିଳା, ଅନ୍ୟାନ୍ୟ ହିତାଧିକାରୀ, ଏସ୍ବିଆଇର ବିଭିନ୍ନ ଶାଖାର ପଦସ୍ଥ ଅଧିକାରୀମାନେ ଯୋଗଦେଇଥିଲେ। ମେଳା ପରିସରରେ ବିଭିନ୍ନ ଏସ୍ଏଚ୍ଜି ଗ୍ରୁପର ପ୍ରଦର୍ଶନୀ ଷ୍ଟଲକୁ ଉପମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ।




ମେଳାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉଦ୍ଘାଟନ କରୁଛନ୍ତି।

## ସଂକ୍ଷେପରେ

### ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ୨୦୪ତମ ଜୟନ୍ତୀ

**ଖୋର୍ଦ୍ଧା,୨୬।୯(ପ୍ରଭାତ ପାଣିଗ୍ରାହୀ):** ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ୨୦୪ତମ ଜୟନ୍ତୀ ଅଲ୍ ଇଣ୍ଡିଆ ଡିଏସ୍‌ଓ ଖୋର୍ଦ୍ଧା ଶାଖା କମିଟି ପକ୍ଷରୁ ଜେମାଦେଇସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଅତିଥିମାନେ ବିଦ୍ୟାସାଗରଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କମିଟି ସମ୍ପାଦକ ଅବିନାଶ ପ୍ରଧାନଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଏସ୍‌ଓର ପୂର୍ବତନ ରାଜ୍ୟ ଉପସଭାପତି ଜୟନ୍ତ କୁମାର ମହାନ୍ତି, ଖୋର୍ଦ୍ଧା କମିଟି ସଭାପତି ଶ୍ରୀକାନ୍ତ ନାୟକ, ଛାତ୍ର ନେତା ରାକେଶ କାଣ୍ଡି, ଚନ୍ଦନ କୁଣ୍ଠୁ, ସାଜନ ନାୟକ, ସୂର୍ଯ୍ୟକାନ୍ତ ଜେନା, ବିଶ୍ୱନାଥ ଜେନା, ମନ୍ଦାକିନୀ ସାହୁ ପ୍ରମୁଖ ବିଦ୍ୟାସାଗରଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

### ସଫେଇ, ସଚେତନତା କାର୍ଯ୍ୟକ୍ରମ

**ବେଗୁନିଆ,୨୬।୯(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଏବଂ ପଞ୍ଚାୟତ ସମିତି ପକ୍ଷରୁ ନେହେରୁ ଯୁବକେନ୍ଦ୍ର ସହଯୋଗରେ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରୋଜେକ୍ଟ ପଏଣ୍ଟର ଅଧକ୍ଷ ଡ. ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ସଭାପତିତ୍ୱରେ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ଅତିଥି, ମଣ୍ଡଳ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ନେହେରୁ ଯୁବକେନ୍ଦ୍ରର ଜିଲା କାର୍ଯ୍ୟକ୍ରମ ଅଧିକାରୀ ବିପିନ କୁମାର ଯୋଗଦେଇ ପରିବେଶକୁ ସ୍ୱଚ୍ଛ ଓ ପରିଷ୍କାର ରଖିଲେ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ସଭା ପ୍ରାରମ୍ଭରେ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଅତିଥିମାନେ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ବିକ୍ରମ କେଶରୀ ସାମନ୍ତରାୟ ଓ ତ୍ରିଲୋଚନ ମୁଦୁଲି ପରିଚାଳନା କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

**ବେଗୁନିଆ,୨୬।୯(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ରାଧାକାନ୍ତପୁର ପଞ୍ଚାୟତ ଚକାପଦା ଗ୍ରାମସ୍ଥିତ ରାମଚଣ୍ଡୀ ପୂଜା କମିଟି ପକ୍ଷରୁ ଗ୍ରାମବାସୀଙ୍କ ସହଯୋଗରେ ମା' ରାମଚଣ୍ଡୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇ ନିକଟ ପୋଖରୀରୁ କଳସ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରି ଯଜ୍ଞସ୍ଥଳରେ କଳସ ସ୍ଥାପନ କରିଥିଲେ। ପରେ ଯଜ୍ଞ ଓ ଚଣ୍ଡୀପାଠ ସହ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଶୁକ୍ରବାର ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

### ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବେଗୁନିଆ,୨୬।୯(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ କଣ୍ଟାବାଡ଼ ଗ୍ରାମସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷକଙ୍କ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ନାରାୟଣ ମାନସିଂହଙ୍କ ସଂଯୋଜନାରେ ଆଲୁମ୍ନି କମିଟିର ସଭାପତି ଶିବ ନାରାୟଣ ମିଶ୍ର, ଶିକ୍ଷାବିତ୍ ନଳିନୀକାନ୍ତ ପଣ୍ଡା, କୈଳାସ ନାଥ ସୁବୁଦ୍ଧି, ଶିକ୍ଷକ ବଂଶୀଧର ପାଣିଗ୍ରାହୀ, ପରିଚାଳନା କମିଟି ସଭାପତି ପ୍ରଭାତ ନାୟକ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ସୀମାଞ୍ଚଳ ପାଇକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସରସ୍ୱତୀ ସାହୁଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ବିଦାୟୀ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଶିକ୍ଷକ ଆଖଣ୍ଡଳମଣି ପ୍ରସାଦ ପଟ୍ଟନାୟକ, ମାନସ ସେଠୀ, ଶିକ୍ଷୟିତ୍ରୀ ଉମା ବେହେରା ପ୍ରମୁଖ ନୂତନ ଭାବେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଭାରତୀ ମହାନ୍ତି ଓ କନିଷ୍ଠ କିରାଣି ଶୁଭଙ୍କା ପ୍ରଧାନଙ୍କୁ ସ୍ୱାଗତ ଜଣାଇଥିଲେ।

### ପ୍ରମୋଦଙ୍କ ସ୍ମୃତିଚାରଣ

**ନିରାକାରପୁର,୨୬।୯(ମାନସଚନ୍ଦ୍ର ପଟ୍ଟନାୟକ):** ରାମେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରମୋଦ ତ୍ରିପାଠୀଙ୍କ ଦ୍ୱାଦଶ ତିଥିରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ସ୍ୱର୍ଗତ ତ୍ରିପାଠୀ ରାମେଶ୍ୱର ପଞ୍ଚାୟତରେ ୩ ଥର ସରପଞ୍ଚ ଏବଂ ଥରେ ସମିତିସଭ୍ୟ ଥିଲେ। ଅତିଥି ଭାବେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ରାମଚନ୍ଦ୍ର ମହାପାତ୍ର, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଶୁଭମ ଦାଶ, ବିଶ୍ୱ ଭୂଷଣ ଛୋଟରାୟ, ନିକୁଞ୍ଜ କିଶୋର ପଟ୍ଟନାୟକ, ଦିଲୀପ ହୋତା, ବିପିନ ଜୟସିଂ, ଗିରିଶ ମହାରଣା, କୃଷ୍ଣଚନ୍ଦ୍ର ନରେନ୍ଦ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। ପ୍ରଫୁଲ୍ଲ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଆଜି ରିପୋର୍ଟ ଲେଖିବେ ନାକ୍ ଟିମ୍

**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ମୂଲ୍ୟାଙ୍କନର ଦ୍ୱିତୀୟ ଦିନ**

**ଭୁବନେଶ୍ୱର,୨୬।୯(ଶର୍ମିଷ୍ଠା ପାଣିଗ୍ରାହୀ)**

ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ୍ କାଉନସିଲ୍ (ନାକ୍) ଟିମ୍ ଦ୍ୱିତୀୟ ଦିନ ଗୁରୁବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍ଥାନ ପରିଦର୍ଶନ କରି ମୂଲ୍ୟାଙ୍କନ କରିଛନ୍ତି। ଉତ୍କର୍ଷ କେନ୍ଦ୍ର, ଲାଇବ୍ରେରି, ଛାତ୍ରୀ ନିବାସ ସମେତ ସ୍ପୋର୍ଟସ କାଉନସିଲ୍, ଇନ୍‌ଡୋର୍ ଗେମ୍ସ, କ୍ୟାଣ୍ଟିନ, ସପିଂ କମ୍ପ୍ଲେକ୍ସ, ବର୍ଷାଜଳ ଅମଳ ସୁବିଧା, ସୋଲାର ପାନେଲ ୟୁନିଟ୍, ମୁକ୍ତାକାଶ ଜିମ ଔଷଧୀୟ ବୃକ୍ଷ ବଗିଚା ଆଦି ପରିଦର୍ଶନ କରିଥିଲେ। ଏଥିସହ ଆଣ୍ଟିରାଗିଂ ସେଲ, ଆଇସିସି, ଡିଏସ୍‌ଡବ୍ଲ୍ୟୁ ମୁଖ୍ୟଙ୍କ ସମେତ ପରୀକ୍ଷା ନିୟନ୍ତ୍ରଣ, ବିତ୍ତ ନିୟନ୍ତ୍ରକଙ୍କ ସହ ଆଲୋଚନା କରିଥିଲେ। ଶୁକ୍ରବାର ନାକ୍ ଟିମ୍ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଆଦିର ମୂଲ୍ୟାଙ୍କନ ପାଇଁ ରିପୋର୍ଟ ଲେଖିବେ। ଏହାପରେ ଗ୍ରେଡ୍ ପ୍ରଦାନ କରିବ ନାକ। ସୂଚନାଯୋଗ୍ୟ, ପ୍ରଫେସର ମୃଣାଳିନୀ ଫର୍ଣ୍ଣାଡିଜ୍‌ଙ୍କ ଅଧ୍ୟକ୍ଷତାରେ ସଂଯୋଜକ ପ୍ରଫେସର ଏନ୍ ଭାସୁକି ରାଜା, ସଦସ୍ୟ ପ୍ରଫେସର ବିବେକ କୁମାର, ପ୍ରଫେସର ନିରାଙ୍କର ଶ୍ରୀବାସ୍ତବ, ପ୍ରଫେସର ସହଦ ଅବ୍‌ଦୁଲ ହାଫିଜ ମଇଉଦ୍ଦିନ, ପ୍ରଫେସର ରେଖା ଅଗ୍ରୱାଲ ୨ଟି ଗ୍ରୁପ୍‌ରେ ବିଭିନ୍ନ କେନ୍ଦ୍ର ପରିଦର୍ଶନ ଜାରି ରଖିଛନ୍ତି। ଗ୍ରୁପ୍-୧ ପରୀକ୍ଷା ନିୟନ୍ତ୍ରକ ସେକ୍ସନରେ ପହଞ୍ଚି ସେଠାରେ ଆଲୋଚନା କରିଥିଲେ। ଏଥିସହ ପରୀକ୍ଷା ଫଳାଫଳ ଠିକ୍ ସମୟରେ ପ୍ରକାଶ ହେଉଛି କି ନାହିଁ, ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏହି ସମୟରେ ଗ୍ରୁପ-୨ ରମାଦେବୀ ଚେୟାର ସହ ବୈଠକ କରିଥିଲେ। ଏହାପରେ ଉଭୟ ଗ୍ରୁପ୍ ଅଧଘଣ୍ଟା ଧରି ବିତ୍ତ ନିୟନ୍ତ୍ରକ ଏବଂ କୁଳସଚିବଙ୍କ ସହ ଆଲୋଚନା କରିଥିଲେ। ସେଣ୍ଟ୍ରାଲ ଲାଇବ୍ରେରି, ଦିବ୍ୟାଙ୍ଗଙ୍କ ପାଇଁ ସୁବିଧା ସୁଯୋଗ, ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କ ପାଇଁ ଅଡିଓ ବ୍ଲକ୍ ଅଛି କି ନାହିଁ ତାହା ଦେଖିଥିଲେ। ଏଥିସହ ଗ୍ରୁପ-୧ ବିଏଡ୍ ବିଭାଗ, ଏନ୍‌ସିସି ୟୁନିଟ, ସେଲ୍ଫ ଡିଫେନ୍ସ, ଯୋଗ ସୁବିଧା, ସ୍ୱାସ୍ଥ୍ୟ କେନ୍ଦ୍ର ବୁଲିଥିଲେ। ଗ୍ରୁପ-୨ କେନ୍ଦ୍ରୀୟ ସୁବିଧା ଦେଖିଥିଲେ। ଅସୀମା ହଷ୍ଟେଲ ଏବଂ ଅନ୍ନପୂର୍ଣ୍ଣା ହଷ୍ଟେଲ ଛାତ୍ରୀଙ୍କ ସହ ଆଲୋଚନା କରିବା ସହ ସେଠାର ସୁବିଧା ପଚାରି ବୁଝିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ଅଣଅଧ୍ୟାପକଙ୍କ ସହ ମଧ୍ୟ ଆଲୋଚନା ହୋଇଥିଲା। ଶୁକ୍ରବାର ନାକ ଦଳ ରିପୋର୍ଟ ପ୍ରସ୍ତୁତ କରିବେ। କୁଳପତିଙ୍କ କକ୍ଷରେ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ ହେବ। ଏହାପରେ ନୂଆ ପ୍ରେକ୍ଷାଳୟରେ ପ୍ରସ୍ଥାନ ବୈଠକ କରିବେ ବୋଲି ସୂଚନା ଦିଆଯାଇଛି।

# ସ୍ୱଚ୍ଛତା ପାଇଁ ଶପଥ ନେଲେ, ସଚେତନ କଲେ




**ବୋଲଗଡ,୨୬।୯(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାନପଦର ପଞ୍ଚାୟତରେ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁଙ୍କ ପୌରୋହିତ୍ୟରେ ଗୁରୁବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭା ଓ ଶପଥପାଠ କାର୍ଯ୍ୟକ୍ରମ ହୋଇଥିଲା। ସଭାରେ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସମରେନ୍ଦ୍ର ପଣ୍ଡା, ଗ୍ରାମ ରୋଜଗାର ସେବକ ସୁଶାନ୍ତ କୁମାର ପଣ୍ଡା, ବ୍ଲକ ନିର୍ବାହୀ ଯନ୍ତ୍ରୀ ସୋନାଲି ମଲ୍ଲିକ, ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଏବଂ ମିଶନଶକ୍ତି କାର୍ଯ୍ୟନିର୍ବାହୀ କମିଟିର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ। ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ସମସ୍ତଙ୍କୁ ସ୍ୱଚ୍ଛତା ଶପଥପାଠ କରାଇଥିଲେ। ଏହି ଅବସରରେ ସାନପଦର ବସ୍‌ଷ୍ଟାଣ୍ଡ, ଦୁର୍ଗାମଣ୍ଡପ ଛକ ଓ ପଞ୍ଚାୟତ କାର୍ଯ୍ୟାଳୟର ଚତୁଃପାର୍ଶ୍ୱ ସଫା କରାଯାଇଥିଲା। ସାନପଦର ହାଇସ୍କୁଲ ନିକଟ ପଡ଼ିଆରେ ଚାରାରୋପଣ କରାଯାଇଥିଲା।

# ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

**ନିରାକାରପୁର,୨୬।୯(ମାନସ ଚନ୍ଦ୍ର ପଟ୍ଟନାୟକ)**

ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲଳିତା ପାଟପୁର କ୍ଲଷ୍ଟରସ୍ତରୀୟ ସାନ ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ସିଆର୍‌ସିସି ପଞ୍ଚାନନ ଭୁଜବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ସେଠୀ ଅତିଥି ପରିଚୟ ପ୍ରଦାନ ସହ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିଭାବେ ୧୨ନମ୍ବର ଜୋନର ଜିଲାପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ଲେଣ୍ଡୋ ସରପଞ୍ଚ ବିନୋଦିନୀ ଦାଶ, ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ, ଲେଣ୍ଡୋ ହାଇସ୍କୁଲର ପ୍ରଧାନ ଶିକ୍ଷକ ନିମନ୍ତ କୁମାର ମାଝୀ, ଡିଆ ସ୍କୁଲର ପ୍ରଧାନ ଶିକ୍ଷକ ରେଣୁବାଳା ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ସାମନ୍ତସିଂହାର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭୌତିକ ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ଆୟୋଜିତ ଏହି ସୁରଭି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରରେ ଥିବା ୧୩ଟି ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ଶିଳ୍ପକଳା, ହସ୍ତାକ୍ଷର, ଗଣିତ, କୁଇଜ୍, ଦୌଡ଼ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର ପରିଚାଳନା କରିଥିଲେ। ଝୁମି ସାହୁ, ପ୍ରଭାତୀ ସାହୁ, ଉନ୍ନୀତା ହରିଚନ୍ଦନ, ନିବେଦିତା ସାହୁ, ସଞ୍ଜୁକ୍ତା ପଟ୍ଟନାୟକ, ରବି ଭୋଇ, ମାନସ ବଳିୟାରସିଂହ, ଧରଣୀଧର ମହତରାୟ, ସୁଶାନ୍ତ ସ୍ୱାଇଁ, ରମେଶ ସିଂହ, ରାମଚନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ରେଙ୍ଗଟା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂହ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ କବାଡ଼ି ଚୟନ ପ୍ରକ୍ରିୟାରେ ବୋଲଗଡ଼ର ୪ ଛାତ୍ରୀଛାତ୍ର

**ବୋଲଗଡ଼,୨୬।୯(ଦେବବ୍ରତ ହୋତା)**

ସୁନ୍ଦରଗଡ଼ ଜିଲା କୁତ୍ରାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ୨୮ ତାରିଖ ଶନିବାର ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବାଳିକା ଓ ବାଳକ କବାଡ଼ି ଦଳ ପାଇଁ ଖେଳାଳି ଚୟନ ପ୍ରକ୍ରିୟାରେ ବୋଲଗଡ଼ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟର ୪ଜଣ ଛାତ୍ରୀଛାତ୍ର ଭାଗ ନେବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବ୍ଲକ କ୍ରୀଡ଼ା ସଙ୍ଗଠନ ଦ୍ୱାରା ଆୟୋଜିତ ବ୍ଲକସ୍ତରୀୟ ଖେଳାଳି ଚୟନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ଖୋର୍ଦ୍ଧା ଜିଲା ଗୁରୁଜଙ୍ଗ ଷ୍ଟାଡିୟମରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଏହି ଛାତ୍ରୀଛାତ୍ରମାନେ ଉନ୍ନତ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ। ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ ୧୦ଟି ବ୍ଲକର ୩୪୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ତେବେ ବୋଲଗଡ଼ ବ୍ଲକ ପିତୁକୁଳିସ୍ଥିତ ରଘୁନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ତପସ୍ୱିନୀ ନାୟକ ଓ ଟିକାତଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସ୍ନେହଲତା ସାହୁ ବାଳିକା ବିଭାଗରେ ଏବଂ ବାଙ୍କୋଇସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଆଭାସ ମଲ୍ଲିକ ଓ ଅସରଳାସ୍ଥିତ ହରିହର ଦେବ ବିଦ୍ୟାପୀଠର ଛାତ୍ର ଆୟୁଷ୍ମାନ ପ୍ରଧାନ ରାଜ୍ୟସ୍ତରୀୟ ବାଳକ ବିଭାଗ କବାଡି ଦଳ ଚୟନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରି ବୋଲଗଡ଼ ବ୍ଲକ ପାଇଁ ସୁନାମ ଆଣିବେ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ତଥା ମଣ୍ଡଳ କ୍ରୀଡ଼ା ସଙ୍ଗଠନ ସଭାପତି ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ସମ୍ପାଦକ ମାନସ କୁମାର ବେହେରା ଏବଂ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶା ପ୍ରକଟ କରିବା ସହ ସଫଳତା କାମନା କରିଛନ୍ତି।

# ବେଗୁନିଆ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ




ସମାରୋହରେ ମଞ୍ଚାସୀନ ଅତିଥି।

**ବେଗୁନିଆ,୨୬।୯(ହରପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ମହାବିଦ୍ୟାଳୟର ସଭାଗୃହ ପରିସରରେ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସମାରୋହକୁ ଅଧକ୍ଷା ଡ. ସବିତାଞ୍ଜଳି ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଡ. ସତ୍ୟଜିତ୍ ଦାସ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ସୋମନାଥ ବିଷୋୟୀ, ସଲିଳ କୁମାର ବଡ଼ଜେନା ଏବଂ ଅଧ୍ୟାପିକା ନମିତାରାଣୀ ମହାରଣା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଯୁକ୍ତ ୩ ବର୍ଷର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ନୂତନ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟର ନୀତି, ନିୟମ, ଅନୁଭୂତି ଏବଂ ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦେବାକୁ ଦିଗଦର୍ଶନ ଦିଆଯାଇଥିଲା। ଅଧ୍ୟାପକ ନବକିଶୋର ବିଷୋୟୀ ଧନ୍ୟବାଦ ଦେଇଥିଲେ।

# ୨ ଜଣଙ୍କୁ ୧ବର୍ଷ ଜେଲଦଣ୍ଡାଦେଶ

**ଚୁକ୍ତିନାମା ଅନୁଯାୟୀ ଭଡ଼ା ନ ଦେବା ମାମଲା**

**ବାଲୁଗାଁ,୨୬।୯(ସଂଗ୍ରାମ ପାଇକରାୟ)**

ଖୋର୍ଦ୍ଧା ଜିଲା ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଯୁଧିଷ୍ଠିର ଦଳେଇ ଏକ ମାମଲାର ବିଚାର କରି ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ଚିଲିକା ବ୍ଲକ ଅଧୀନ ସୋରଣ ମାନସିଂହପୁର ଗ୍ରାମର ଭିକାରୀ ବେହେରା ଓ ଦୁଖୀ ବେହେରା। ଏଥିସହ ପ୍ରତ୍ୟେକଙ୍କୁ ୧ ହଜାର ଟଙ୍କା ଜରିମାନାର ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଆଉ ଏକ ମାସ ଜେଲଦଣ୍ଡ ସହିତ ଗୃହ ମାଲିକଙ୍କୁ କ୍ଷତିପୂରଣ ବାବଦରେ ୫ ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ରହିଛି। ସୂଚନା ମୁତାବକ, ମାନସିଂହପୁର ଗ୍ରାମର ବୁଧିବାମନ ବେହେରାଙ୍କ ଘରେ ୨୦୧୩ ମସିହାରେ ଉପରୋକ୍ତ ଅଭିଯୁକ୍ତଦ୍ୱୟ ଭଡାରେ ରହିଥିଲେ। ତେବେ ଚୁକ୍ତିନାମା ଅନୁଯାୟୀ ଭଡ଼ା ଦେବାରେ ଖିଲାପ କରିବାରୁ ୨୦୧୫ ମସିହାରେ ଘର ମାଲିକ ଏନେଇ ଖୋର୍ଦ୍ଧା କୋର୍ଟରେ ଆଶ୍ରୟ ନେଇଥିଲେ। ୨୦୧୯ ମସିହାରେ ମାମଲା ଗୃହ ମାଲିକଙ୍କ ସପକ୍ଷରେ ଯାଇଥିଲା ଏବଂ ୨୦୨୨ ନଭେମ୍ବର ୨୫ରେ ପ୍ରଶାସନ ଉପସ୍ଥିତିରେ ଭଡାଟିଆଙ୍କୁ ଘରୁ ବେଦଖଲ କରାଯାଇ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ପୋଲିସ ପ୍ରଶାସନ ଯିବା ପରେ ଉକ୍ତ ଦିନ ରାତିରେ ପୁଣି ଅଭିଯୁକ୍ତଦ୍ୱୟ ପହଞ୍ଚି ଜୋର୍ ଜବରଦସ୍ତ ତାଲା ଭାଙ୍ଗି ଘରେ ପଶିଥିଲେ ଏବଂ ଘର ମାଲିକଙ୍କ ପରିବାରକୁ ମାରଣାସ୍ତ୍ର ଦେଖାଇ ଧମକ ଦେଇଥିଲେ। ଏନେଇ ଘର ମାଲିକ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ। ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଏହି ମାମଲାର ବିଚାର ହୋଇ ସମସ୍ତ ସାକ୍ଷ୍ୟପ୍ରମାଣକୁ ଆଧାର କରି ବିଚାରପତି ଯୁଧିଷ୍ଠିର ଦଳେଇ ଏହି ଶୁଣାଣି କରିଛନ୍ତି । ସରକାରଙ୍କ ପକ୍ଷରୁ ଏହି ମାମଲା ଆଇନଜୀବୀ କୈଳାସ ଚନ୍ଦ୍ର ନାଥ ପରିଚାଳନା କରିଥିଲେ ।

## ବଦଳିଲେ ଟାଙ୍ଗୀ ବିଡିଓ

**ଟାଙ୍ଗୀ,୨୬।୯(ରଘୁନାଥ ସାହୁ)**

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ୪୩ଜଣ ବିଡିଓଙ୍କ ବଦଳି ତାଲିକା ପ୍ରକାଶ ପାଇଛି। ଟାଙ୍ଗୀ ବିଡିଓ ରେସ୍‌ମା ଟେଟେଙ୍କୁ ଯାଜପୁର ଜିଲାର ସୁକିନ୍ଦା ବ୍ଲକକୁ ବଦଳି କରାଯାଇଛି। ତେବେ ଟାଙ୍ଗୀ ବ୍ଲକର ବିଡିଓ ପଦବୀ ପୂରଣ ପାଇଁ ଏହି ତାଲିକାରେ ନାମ ପ୍ରକାଶ ପାଇ ନ ଥିବା ଜଣାପଡିଛି।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ




**ବାଣପୁର,୨୬।୯:(ଦିଲୀପ କୁମାର ସ୍ୱାଇଁ)**

ଭାରତ ପର୍ଯ୍ୟଟନ ବିଭାଗ ଓ ଆନ୍ତରାକିଆରୀସ୍ଥିତ ନାରାୟଣ ମାନସିଂହ ହାଇସ୍କୁଲର ମିଳିତ ଆନୁକୂଲ୍ୟରେ ଶାଳିଆ ଡ୍ୟାମଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ଡ୍ୟାମର ଚତୁଃପାର୍ଶ୍ୱ ସଫେଇ କରିଥିଲେ। ସ୍ୱଚ୍ଛତା କାର୍ଯ୍ୟକ୍ରମର ସଂଯୋଜକ ସୁଶାନ୍ତ କୁମାର ଦାସ, ପର୍ଯ୍ୟଟନ ବିଭାଗ ଭୁବନେଶ୍ୱର ଶାଖାର ଜଗନ୍ନାଥ ବେହେରା, ପ୍ରଧାନ ଶିକ୍ଷକ ନୀରୋଦ ପ୍ରସାଦ ସାମନ୍ତରାୟ, ପ୍ରତିମା କୁମାରୀ ଦେବୀ, ଅଭିମନ୍ୟୁ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଗିରିଗୋବର୍ଦ୍ଧନ ପୂଜା, ବନ ପୂଜନ

**କଳାପଥର/ବୋଲଗଡ,୨୬।୯ (ଗଙ୍ଗାଧର ସାହୁ/ଦେବବ୍ରତ ହୋତା)**

ଠଣାପଲ୍ଲୀ ଗ୍ରାମବାସୀଙ୍କ ଦ୍ୱାରା କୋଶୋଳସୁନି ଜଙ୍ଗଲର ପାହାଡ଼ ଉପରେ ଅବସ୍ଥିତ ଗିରିଧାରୀ ଦେବଙ୍କ ପୀଠରେ ବନ ମହୋତ୍ସବ ଅବସରରେ ଗିରିପୂଜା ଓ ବନ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବର୍ଷାକୁ ସ୍ୱାଗତ କରିବା, ଭଲ ଫସଲ, ସବୁଜ ଶ୍ୟାମଳ ଜଙ୍ଗଲ ସମ୍ପଦ ବୃଦ୍ଧି ପାଇବାକୁ ମୁଖ୍ୟତଃ ଏହି ପୂଜା କରାଯାଇଥାଏ। ଗ୍ରାମ ପରିଚାଳନା କମିଟି, ବନ ସୁରକ୍ଷା ସମିତି ପକ୍ଷରୁ ଏହି ଅବସରରେ ଗିରିଧାରୀ ଠାକୁରଙ୍କ ପାଖରେ ମାଜଣା, ପୂଜାର୍ଚ୍ଚନା, ହୋମ କରାଯାଇଥିଲା। ପୂଜକ ତୋଫାନ ମହାପାତ୍ର, କୃପାସିନ୍ଧୁ ହୋତା, ଫକୀର ପ୍ରଧାନ, ଭାଗୀରଥି ଦାଶ, ରାଜ ବେହେରା, ଅର୍ଜୁନ ମହାପାତ୍ର, ଦାଶରଥି ସାହୁ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟ ସମାପନ ହୋଇଥିଲା।



# ଆଜି ବୋଲଗଡ଼ ପଞ୍ଚାୟତ ସମିତିର ୪ର୍ଥ ଅଧିବେଶନ

**ବୋଲଗଡ଼,୨୬।୯(ଦେବବ୍ରତ ହୋତା)**

ବୋଲଗଡ଼ ପଞ୍ଚାୟତ ସମିତିର ଚତୁର୍ଥ ଅଧିବେଶନ ଶୁକ୍ରବାର ବୋଲଗଡ଼ ବ୍ଲକ ରାଜୀବଗାନ୍ଧୀ ସେବାକେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ବୈଠକରେ ବିଧାୟକ ପ୍ରଦୀପ ସାହୁ ଓ ଏମ୍‌ପିଙ୍କ ପ୍ରତିନିଧି ରବୀନ୍ଦ୍ର କୁମାର ସୁବୁଦ୍ଧି ଯୋଗଦେବେ। ଏଥିସହ ବ୍ଲକର ୧୯ଟି ପଞ୍ଚାୟତ ନିର୍ବାଚିତ ଜନପ୍ରତିନିଧି ଓ ସମସ୍ତ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିବେ। ତେବେ ଏହି ସମିତି ବୈଠକକୁ ସୂଚାରୁଭାବେ ପରିଚାଳନା ପାଇଁ ବ୍ଲକ ଅଧକ୍ଷା ହୁଲାସ ପ୍ରଧାନଙ୍କ ଆବାହକତ୍ୱରେ ବୁଧବାର ଏକ ପ୍ରସ୍ତୁତି ବୈଠକ ରାଜାସୁନାଖଳାସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରଦୀପ ସାହୁ ଅତିଥିଭାବେ ଯୋଗଦେଇ ବୋଲଗଡ଼ ଅଞ୍ଚଳର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଜିଲାପରିଷଦ ସଭ୍ୟ ସୁବାସ ରାୟଗୁରୁ, ଶୁଭେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ବୋଲଗଡ଼ ଅଞ୍ଚଳର ସାମଗ୍ରିକ ବିକାଶ ନେଇ ପଞ୍ଚାୟତ ସମିତି ବୈଠକରେ ପ୍ରସ୍ତାବ ଦେବା ପାଇଁ ଆହ୍ୱାନ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ବିଧାୟକ ପ୍ରଦୀପ କୁମାର ସାହୁ ଉଦ୍‌ବୋଧନ ଦେଉଛନ୍ତି।

**କାଲିଫର୍ଣିଆ ମନ୍ଦିରରେ 'ହିନ୍ଦୁ ଫେରିଯାଅ' ସ୍ଲୋଗାନ, ଭଙ୍ଗାରୁଜା**

ଆମେରିକାର କାଲିଫର୍ଣିଆସ୍ଥିତ ସାକ୍ରାମେଣ୍ଟୋ ବିପିଏସ୍ ସ୍ୱାମୀ ନାରାୟଣ ମନ୍ଦିର ସମ୍ମୁଖରେ ଥିବା ଏକ ବୋର୍ଡରେ ଗୁରୁବାର ହିନ୍ଦୁ ବିରୋଧୀ ସ୍ଲୋଗାନ ଦେଖିବାକୁ ମିଳିଛି। ଉକ୍ତ ବୋର୍ଡରେ କେତେଜଣ ଦୁର୍ବୃତ୍ତ ହିନ୍ଦୁ ଫେରିଯାଅ ଲେଖିବା ସହ ମନ୍ଦିର ମଧ୍ୟରେ ଭଙ୍ଗାରୁଜା କରିଛନ୍ତି। ମନ୍ଦିରରେ ସାକ୍ରାମେଣ୍ଟୋ କାଉଣ୍ଟି ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ଅଭିଯୁକ୍ତମାନେ ମନ୍ଦିରର ପାଣି ଲାଇନ ମଧ କାଟି ଦେଇଥିବା ପୋଲିସ କହିଛି। ଆମେରିକାରେ ୧୦ ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଏପରି ଘଟଣା ଦେଖିବାକୁ ମିଳିଛି।



# ବିଲ୍‌କିସ୍ ମାମଲା: ଗୁଜରାଟ ସରକାରଙ୍କୁ ସୁପ୍ରିମକୋର୍ଟ ଝଟ୍‌କା



ନୂଆଦିଲ୍ଲୀ, ୨୬।୯

ଗୁଜରାଟର ବହୁଚର୍ଚ୍ଚିତ ବିଲ୍‌କିସ୍ ବାନୋ ମାମଲାର ୧୧ ଦୋଷୀଙ୍କୁ ମୁକୁଳାଇବା ପାଇଁ ଗୁଜରାଟ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଜାନୁଆରୀ ୮ରେ ସୁପ୍ରିମକୋର୍ଟ ରଦ୍ଦ କରିଥିଲେ। ରାୟର ସମୀକ୍ଷା ପାଇଁ ଗୁଜରାଟ ସରକାର ସୁପ୍ରିମକୋର୍ଟରେ ଆବେଦନ କରିଥିଲା, ଯାହାକୁ ଗୁରୁବାର ଅଦାଲତ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ବିବି ନାଗରତ୍ନା ଏବଂ ଜଷ୍ଟିସ୍ ଉଜ୍ଜ୍ୱଲ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି, ଗୁଜରାଟ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟଙ୍କର ଯେଉଁ ପୂର୍ବ ଆଦେଶକୁ ଚ୍ୟାଲେଞ୍ଜ କରାଯାଇଛି, ଉକ୍ତ ଆଦେଶ ସହ ସଂଲଗ୍ନ ଥିବା ଦସ୍ତାବିଜଗୁଡ଼ିକୁ ଖଣ୍ଡପୀଠ ଭଲଭାବେ ଅଧ୍ୟୟନ କରିଛନ୍ତି। ସେଥିରେ ତ୍ରୁଟି ନ ଥିବା ସ୍ୱଷ୍ଟ ହୋଇଥିବାରୁ ଗୁଜରାଟର ସମୀକ୍ଷା ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରୁଛନ୍ତି।

# ଭର୍ତ୍ତୃହରି ଅର୍ଥ କମିଟି ମୁଖ୍ୟ, ପ୍ରତିରକ୍ଷା ପ୍ୟାନେଲରେ ରାହୁଲ

## ସଂସଦୀୟ ସ୍ଥାୟୀ କମିଟି ଗଠିତ





ନୂଆଦିଲ୍ଲୀ,୨୬।୯

ବିଭିନ୍ନ ବିଭାଗ ସମ୍ପର୍କିତ ପାର୍ଲାମେଣ୍ଟର ଷ୍ଟାଣ୍ଡିଂ କମିଟି ଗୁରୁବାର ଗଠନ କରାଯାଇଛି। ଏଥିରେ ପ୍ରାୟ ସବୁ ଦଳକୁ ପ୍ରତିନିଧିତ୍ୱ ମିଳିଛି। ଭାଜପା ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଗୁରୁତ୍ୱପୂର୍ଣ୍ଣ ଅର୍ଥ କମିଟିର ମୁଖ୍ୟ ଭାବେ ନିଯୁକ୍ତ କରାଯାଇଥିବାବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ପ୍ରତିରକ୍ଷା ସମ୍ପର୍କିତ ଷ୍ଟାଣ୍ଡିଂ କମିଟି ସଦସ୍ୟ କରାଯାଇଛି। ସେହିପରି କଂଗ୍ରେସର ଶଶୀ ଥରୁର ବହିର୍ବ୍ୟାପାର କମିଟିର ଅଧ୍ୟକ୍ଷତା କରିବେ ବୋଲି ରାଜ୍ୟ ସଭା ସେକ୍ରେଟାରିଏଟ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

ସୂଚନାନୁସାରେ ପ୍ରତିରକ୍ଷା ସମ୍ପର୍କିତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଧାମୋହନ ସିଂ କରିବାକୁ ଥିବାବେଳେ ଭାଜପାର ରାଧାମୋହନ ଦାସ ଅଗ୍ରୱାଲ ସ୍ୱରାଷ୍ଟ୍ର ବ୍ୟାପାର ପ୍ୟାନେଲର ମୁଖ୍ୟ ଦାୟିତ୍ୱ ତୁଲାଇବେ। ଭାଜପାର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଟିଡିପି ଏବଂ ଜେଡିୟୁ ସମେତ ବିଧାନସଭା ନିର୍ବାଚନ ମୁହାଁ ମହାରାଷ୍ଟ୍ରର ଶିବସେନା ଓ ଏନ୍‌ସିପିକୁ ଗୋଟିଏ ଲେଖାଏ ଷ୍ଟାଣ୍ଡିଂ କମିଟିରେ ଅଧ୍ୟକ୍ଷତା ସୁଯୋଗ ମିଳିଛି। ଲୋକ ସଭାରେ ଏନ୍‌ସିପିର ଏକମାତ୍ର ନେତା ସୁନିଲ ଟଟ୍‌କାରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ପ୍ୟାନେଲରେ ଅଧ୍ୟକ୍ଷତା କରିବେ। ଶିବସେନାର ଶ୍ରୀରଙ୍ଗ ଆପ୍ପା ବର୍ଣ୍ଣେ ଶକ୍ତି କମିଟିର ମୁଖ୍ୟ ରହିବେ। ଜେଡିୟୁର ସଞ୍ଜୀୟ ଝାଙ୍କୁ ପରିବହନ, ପର୍ଯ୍ୟଟନ ଓ ସଂସ୍କୃତି କମିଟିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସେହିପରି ଟିଡିପି ଏମ୍‌ପି ମଗୁନ୍ତା ଶ୍ରୀନିବାସଲୁ ରେଡ୍ଡୀ ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର କମିଟିରେ ଅଧ୍ୟକ୍ଷତା କରିବେ। କଂଗ୍ରେସ ସଦସ୍ୟ ଚରଣଜିତ୍ ସିଂ ଚନ୍ନି ଏବଂ ସପ୍ତଗିରି ଉଲ୍ଲାକାଙ୍କୁ ଯଥାକ୍ରମେ କୃଷି, ପ୍ରାଣୀ ସମ୍ପଦ ଓ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଗ୍ରାମାଞ୍ଚଳ ବିକାଶ ଓ ପଞ୍ଚାୟତିରାଜ ସମ୍ପର୍କିତ ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ କରାଯାଇଛି। ଡିଏମ୍‌କେର ତିରୁଚି ଶିବା ଶିଳ୍ପ ଏବଂ କେ. କାନିମୋଝି ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ସମ୍ପର୍କିତ କମିଟିର ମୁଖ୍ୟ ରହିବେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଓ ରାଜୀବ ପ୍ରତାପ ରୁଡ଼ିଙ୍କୁ ଯଥାକ୍ରମେ କୋଇଲା, ଖଣି ଓ ଶିଳ୍ପ ; ଏବଂ ଜଳସମ୍ପଦ କମିଟି ମୁଖ୍ୟ କରାଯାଇଛି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତି, ପରିବେଶ ଓ ଜଳବାୟୁ ପରିବର୍ତ୍ତନ କମିଟିରେ ସାମିଲ କରାଯାଇଛି। ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସିଙ୍କୁ ବହିର୍ବ୍ୟାପାର ସମ୍ପର୍କିତ ଷ୍ଟାଣ୍ଡିଂ କମିଟିରେ ସଦସ୍ୟତା ମିଳିଛି।

କଂଗ୍ରେସ ନେତା ରାହୁଲଙ୍କୁ ପ୍ରତିରକ୍ଷା କମିଟିର ସଦସ୍ୟ ରଖାଯାଇଥିବାବେଳେ ସଂସଦୀୟ ଦଳ ନେତ୍ରୀ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ କୌଣସି ପ୍ୟାନେଲରେ ସ୍ଥାନ ମିଳି ନାହିଁ। ପ୍ରତ୍ୟେକ ସାଧାରଣ ନିର୍ବାଚନ ପରେ ପୁନର୍ଗଠିତ ହେଉଥିବା ଉକ୍ତ କମିଟି ମିନି ପାର୍ଲାମେଣ୍ଟ ଭାବେ କାର୍ଯ୍ୟ କରିବା ସହ ବିଭିନ୍ନ ମନ୍ତ୍ରଣାଳୟର କାର୍ଯ୍ୟକାରିତା ଉପରେ ନଜର ରଖିଥାଏ।

# ଶ୍ରମିକଙ୍କ ମଜୁରି ବଢ଼ାଇଲା କେନ୍ଦ୍ର

ନୂଆଦିଲ୍ଲୀ,୨୬।୯

କେନ୍ଦ୍ର ସରକାର ଗୁରୁବାର ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ମଜୁରି ବୃଦ୍ଧି କରିଛନ୍ତି। ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ଭେରିଆବଲ୍ ଡିଅରନେସ୍ ଆଲାଓ୍ୱେନ୍ସ (ଭିଡିଏ) ସମୀକ୍ଷା ପରେ ସେମାନଙ୍କ ସର୍ବନିମ୍ନ ପାରିଶ୍ରମିକ ବଢ଼ାଯାଇଛି। ଏହି ପଦକ୍ଷେପ ବିଭିନ୍ନ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି କୁହାଯାଉଛି। ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ, ସର୍ବନିମ୍ନ ମଜୁରି ଦର ଦକ୍ଷତା ଅନୁସାରେ ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଉଚ୍ଚ କୁଶଳୀ ସହ ଭୌଗୋଳିକ ଅଞ୍ଚଳ ଏ, ବି ଏବଂ ସି ରୂପେ ବର୍ଗୀକୃତ ଶ୍ରମିକଙ୍କ ଦକ୍ଷତା ଅନୁସାରେ ସ୍ଥିର କରାଯାଇଛି। ତଦନୁସାରେ 'ଏ' ଏରିଆର ନିର୍ମାଣ, ଝାଡୁ ମାରିବା, ସଫେଇ ଏବଂ ବୋଝେଇ କାର୍ଯ୍ୟରେ ନିୟୋଜିତ ଅଣକୁଶଳୀ ଶ୍ରମିକ ଦୈନିକ ୭୮୩ (ମାସିକ ୨୦,୩୫୮) ଟଙ୍କା ପାଇବେ। ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରି ଦିନକୁ ୮୬୮ (ମାସିକ ୨୨,୫୬୮ ଟଙ୍କା)କୁ ବୃଦ୍ଧି କରାଯାଇଛି। ସେହିପରି କୁଶଳୀ, କ୍ଲରିକାଲ୍ ଓ ଜଗାରଖା କାମରେ ନିୟୋଜିତ ଶ୍ରମିକମାନେ ଦୈନିକ ୯୫୪ ହିସାବରେ ମାସିକ ୨୪,୮୦୪ ଟଙ୍କା ପାଇବେ। ଉଚ୍ଚ କୁଶଳୀ ଶ୍ରମିକଙ୍କୁ ଦିନକୁ ୧,୦୩୫ (ମାସକୁ ୨୬,୯୧୦) ଟଙ୍କା ମିଳିବ। କେନ୍ଦ୍ର ସରକାରଙ୍କ ଅଧୀନରେ କୋଠାବାଡ଼ି ନିର୍ମାଣ, ଲୋଡିଂ ଅନ୍-ଲୋଡିଂ, ୱାଚ୍ ଆଣ୍ଡ ୱାର୍ଡ, ଝାଡୁ ମାରିବା, ସଫେଇ, ଖଣି ଖନନ ଓ କୃଷି ଆଦି କାର୍ଯ୍ୟରେ ନିୟୋଜିତ ଥିବା ଶ୍ରମିକମାନେ ଏଥିରୁ ଲାଭାନ୍ୱିତ ହେବେ। ନୂଆ ମଜୁରି ଦର ଅକ୍ଟୋବର ୧ରୁ ଲାଗୁ ହେବ। ସରକାର ଗତ ଏପ୍ରିଲରେ ଶ୍ରମିକଙ୍କ ମଜୁରି ବୃଦ୍ଧି କରିଥିଲେ।



ଇସ୍ରାଏଲୀ ସେନାର ଏୟାରଷ୍ଟ୍ରାଇକ୍‌ରେ ଧ୍ୱସ୍ତବିଧ୍ୱସ୍ତ ଲେବାନନ୍‌ର ସକ୍ସାକିୟେ।

# 'ଏମର୍ଜେନ୍ସି'ରେ କଇଁଚି ଲଗାଇବ ସେନ୍ସର ବୋର୍ଡ

ମୁମ୍ବାଇ, ୨୬।୯

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଉପରେ ଆଧାରିତ ତଥା କଙ୍ଗନା ରାଣାଓ୍ୱତଙ୍କ ଅଭିନୀତ 'ଏମର୍ଜେନ୍ସି' ଫିଲ୍ମର ରିଲିଜ୍ ତାରିଖ ବିଳମ୍ବିତ ହୋଇପାରେ। ଗୁରୁବାର ବମ୍ବେ ହାଇକୋର୍ଟରେ ଶୁଣାଣି ସମୟରେ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ(ସିବିଏଫ୍‌ସି) କହିଛି, ଫିଲ୍ମର ରିଲିଜ୍ ନେଇ ସେନ୍ସର ବୋର୍ଡର କୌଣସି ଆପତ୍ତି ନାହିଁ। ତେବେ ବୋର୍ଡ ପକ୍ଷରୁ ସୁପାରିସ କରାଯାଇଥିବା କିଛି ଆପତ୍ତିଜନକ ଦୃଶ୍ୟକୁ ଫିଲ୍ମ ନିର୍ମାତାଙ୍କୁ କାଟିବାକୁ ପଡ଼ିବ। ତେବେ ଏନେଇ ନିଷ୍ପତ୍ତି ନେବାକୁ 'ଏମର୍ଜେନ୍ସି'ର ସହ ପ୍ରଯୋଜକ ଜି ଷ୍ଟୁଡିଓ କୋର୍ଟଙ୍କୁ କିଛି ସମୟ ମାଗିଛି। ମାମଲାର ଆଗାମୀ ଶୁଣାଣି ଆସନ୍ତା ୩୦ରେ ହେବ।

# ଗାଜାରେ ଯାହା ଘଟୁଛି ବିଶ୍ୱ ଦାୟୀ: ଅବ୍ବାସ

ନ୍ୟୁୟର୍କ,୨୬।୯

ଗଜା ଷ୍ଟ୍ରିପ୍ ଉପରେ ପ୍ରାୟ ବର୍ଷେ ହେବ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଥିବାବେଳେ ଗୁରୁବାର ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ଏଥିପାଇଁ ବିଶ୍ୱ ସମୁଦାୟକୁ ଦାୟୀ କରିଛନ୍ତି। ଏକ ସ୍ଥାନକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରି ସେଠାକାର ଲୋକଙ୍କ ବିରୋଧରେ 'ଗଣହତ୍ୟା ଯୁଦ୍ଧ' ଚଳାଇବା ନିନ୍ଦନୀୟ ବୋଲି ପାଲେଷ୍ଟାଇନ୍ ନେତା ମହମୁଦ୍ ଅବ୍ବାସ କହିଛନ୍ତି। ପ୍ରକାଶଯୋଗ୍ୟ, ୨୦୦୭ରେ ହମାସ୍ ଅବ୍ବାସଙ୍କ କ୍ଷମତା ଛଡ଼ାଇନେବା ପରଠାରୁ ଗାଜାରେ ତାଙ୍କ ପ୍ରଭାବ ସୀମିତ ହୋଇଯାଇଛି।



ପାଲେଷ୍ଟାଇନ୍ ନେତା ମହମୁଦ୍ ଅବ୍ବାସ

୨୦୨୩ ଅକ୍ଟୋବର ୭ରେ ହମାସ୍ ଇସ୍ରାଏଲ୍ ଉପରେ ଅର୍ତ୍କିତ ଆକ୍ରମଣ କରିବା ପରଠୁ ଇସ୍ରାଏଲୀ ସୈନ୍ୟ ଗାଜାରେ ଯୁଦ୍ଧ ଚଳାଇଛନ୍ତି। ଇତିମଧ୍ୟରେ ହମାସ୍‌ର ସହଯୋଗୀ ହେଜ୍‌ବୁଲ୍ଲାକୁ ମଧ୍ୟ ଇସ୍ରାଏଲ୍ ଟାର୍ଗେଟ କରିଆସିଛି। ବିଶେଷକରି ସରିଏଲ୍ ପେଜର ବିସ୍ଫୋରଣ ପରେ ହେଜ୍‌ବୋଲ୍ଲା ଫାଇଟର୍ସ ଓ ଇସ୍ରାଏଲୀ ସୈନ୍ୟ ମୁହାଁମୁହିଁ ହୋଇଛନ୍ତି। ତେଲ୍‌ଆଭିଭ୍ ଲେବାନନ୍‌ରେ ଥିବା ଏହି ଆତଙ୍କବାଦୀ ସଙ୍ଗଠନର ଆଡ୍ଡାଗୁଡ଼ିକୁ ଆକାଶମାର୍ଗରୁ ଟାର୍ଗେଟ କରୁଛି।

**ଲେବାନନ୍ ଓ ଗାଜାରେ ଆମେରିକାର ଅସ୍ତ୍ରବିରତି ପ୍ରସ୍ତାବକୁ ଅଣଦେଖା କଲେ ନେତାନ୍ୟାହୁ**

ଉଭୟ ଲେବାନନ୍ ଓ ଗାଜାରେ ୨୧ ଦିନ ପାଇଁ ଅସ୍ତ୍ରବିରତି କରିବାକୁ ଆମେରିକା ଓ ଏହାର ସହଯୋଗୀ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏହାକୁ ଅଣଦେଖା କରିବା ସହ ଆକ୍ରମଣ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।


**ZILLA SWASTHYA SAMITI, KHORDHA**
(Department of Health & FW, Govt. of Odisha)

**CORRIGENDUM**

Adv. No. 15009/2024 Date : 26.09.2024

**No.E-360** : In response to this office Advertisement No. 01/2024 Dated 27.02.2024 and Notice No. 14895/2024 Dated 24.09.2024 that the agencies applied for Housekeeping, Security & Laundry services under NIRMAL are requested to go through the district website www.khordha.odisha.gov.in instead of www.khordha.nic.in. All other contains of the said Notice vide the number mentioned above remains the same.

OIPR-10029/11/0003/2425 Sd./- CDM & PHO, Khordha

**OFFICE OF THE DEAN AND PRINCIPAL SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT**
At/Po/Dist.- Koraput-764020 (Odisha)
Telephone No.06852-250101//E-mail:slnmchkoraput.od@gov.in
Website:www.slnmch.nic.in

No.5884/2024 Dated 26.09.2024

**ADVERTISEMENT FOR WALK-IN-INTERVIEW**

**No.E-362:** A walk-in-interview is proposed for filling up the following post on contractual basis in the Viral Research & Diagnosis Laboratory at SLN Medical College & Hospital, Koraput under the project "Setting up of Nation-wide Network of Laboratories for Managing Epidemics & Natural Calamities" by Department of Health Research, MoHFW. Interested candidates possessing requisite qualification & experience may download the application form annexed in this Advertisement (Page 4 to 6) and come for the interview with duly filled in application form and all requisite original documents on scheduled dated-18.10.2024 (Reporting time-10:30 AM to 11:0 AM) at LT-3, SLNMCH, Koraput.

Sd./- Dean & Principal
SLNMCH, Koraput
OIPR-10121/11/0011/2425

**RFP FOR SELECTION OF EVENT MANAGEMENT AGENCY FOR BALIYATRA CUTTACK UTSAV-2024**
Letter No. 687/Culture Dt. 26.09.2024

**No.F-** : Sealed proposals are invited from Event Management Agencies for on-ground Delivery and Event Management of the Historic Baliyatra Cuttack Utsav-2024 to be held from Dt. 15.11.2024 to 22.11.2024 through an open RFP. The detailed information may be downloaded from the Cuttack District website (cuttack.odisha.gov.in).

The bids should be submitted in the prescribed format along with all relevant documents duly signed and sealed. The bid should reach the office of the Collector, Cuttack **on or before dt.07.10.2024 by 3 P.M.** either by Courier/Speed post/Registered Post. **No drop box facility and hand delivery is available**. The Office of the Collector, Cuttack shall not be responsible for delay in postal delivery or similar reason. The District Administration, Cuttack reserves the right to accept or reject any or all bids without assigning any reason thereof.

For any specific queries kindly contact cell No. 9040412545/9437027051

OIPR-24178/11/0006/2425 Sd./- Collector, Cuttack

**ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) ଲିଃ.**
ସହିଦନଗର, ଭୁବନେଶ୍ୱର-୭୫୧୦୦୭, ଦୂରଭାଷ: ୦୬୭୪-୨୫୪୫୫୭୬, ୨୫୪୫୮୫୨
Email: serifedodisha@gmail.com

ପତ୍ର ସଂଖ୍ୟା: III-1(1) Serifed/24/25/ ତା:

**ନୋଟିସ୍**

No. CAD-1211: ଏତଦ୍ୱାରା ରାଜ୍ୟ ଭିତର ଓ ବାହାରର ସମସ୍ତ ଇଚ୍ଛୁକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନଙ୍କୁ ଜଣାଇ ଦିଆଯାଉଛି କି ଯେ, ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) ଲିଃ., ଭୁବନେଶ୍ୱର ଏହାର ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥିତ ଗୋଦାମ ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଟସର ସମବାୟ ସମିତି ଗୋଦାମରେ ଗଚ୍ଛିତ ଥିବା ପ୍ରାୟ ଟ.୧୦୦.୦୦ ଲକ୍ଷ ଟଙ୍କାର ଗୁଟି (Reelable) ଟସର କୋଷା ନିର୍ଦ୍ଧାରିତ ଦର ପ୍ରତି ତୋଳା ପିଛା ୧୬୫୦.୦୦ ଟଙ୍କାରେ ବିକ୍ରୟ କରିବ।

ଏଣୁ ସମସ୍ତ ଇଚ୍ଛୁକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନେ ସମସ୍ତ ସରକାରୀ କାର୍ଯ୍ୟ ଦିବସଗୁଡ଼ିକରେ ସେରିଫେଡ୍‌ର ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥିତ ଗୋଦାମ ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଟସର ସମବାୟ ସମିତି ଗୋଦାମ ପରିଦର୍ଶନ କରି ଗୁଟି (Reelable) ଟସର କୋଷାର ମାନ ଯାଞ୍ଚ କରିପାରିବେ ଏବଂ ସାଦା କାଗଜରେ ଆବଶ୍ୟକତା ଥିବା ଟସର କୋଷାର ପରିମାଣ (ମୂଲ୍ୟରେ) ଓ କେଉଁ ଗୋଦାମରୁ କିଣିବାକୁ ଇଚ୍ଛୁକ (ପ୍ରାଧାନ୍ୟ ଅନୁସାରେ) ଉଲ୍ଲେଖକରି ଶ୍ରୀଯୁକ୍ତ ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) ଲିଃ. ଭୁବନେଶ୍ୱରଙ୍କଠାରେ ଲିଖିତ ଆକାରରେ ଆବେଦନ କରିପାରିବେ। ଆବଶ୍ୟକ କରୁଥିବା ଟସର କୋଷାର ସମ୍ପୂର୍ଣ୍ଣ ମୂଲ୍ୟ ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) ଲିଃ. ଭୁବନେଶ୍ୱରଙ୍କ ବ୍ୟାଙ୍କ ଜମା ଖାତାରେ ଅଗ୍ରିମ ଅର୍ଥ ଆକାରରେ ଜମା ଦେବାକୁ ପଡ଼ିବ। ପ୍ରଥମେ ଆସିଲେ ପାଇବା ଆଧାରରେ ଟସର କୋଷାର ବିକ୍ରି କରାଯିବ। ଟସର କୋଷା ଆବଣ୍ଟିତ ଗୋଦାମରୁ ଆବଣ୍ଟନର ୧୫ଦିନ ମଧ୍ୟରେ ଉଠାଣ କରିବାକୁ ପଡ଼ିବ। ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) ଲିଃ., ଭୁବନେଶ୍ୱର ସେମାନଙ୍କୁ ବିକ୍ରି ରସିଦ୍ ଓ ଗନ୍ତବ୍ୟ ସ୍ଥାନ ପାଇଁ ଟସର ପରିବହନ ପର୍ମିଟ ଯୋଗାଇ ଦେବ। ଏହି ବିଷୟରେ ଅଧିକ ସୂଚନା ପାଇଁ ଶ୍ରୀ ପ୍ରଦୀପ୍ତ କୁମାର ପଟ୍ଟନାୟକ, OSD (ମାର୍କେଟିଙ୍ଗ) (Mob.: 9438295885) କିମ୍ବା ଶ୍ରୀ ସୁକୁମାର ପାଢ଼ୀ, ଭାରପ୍ରାପ୍ତ ଶାଖା ଅଧିକାରୀ, ବାରିପଦା, (Mob.: 9938044674) ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) ଲିଃ.ଙ୍କୁ ତାଙ୍କ ମୋବାଇଲ ଫୋନରେ ସମସ୍ତ ସରକାରୀ କାର୍ଯ୍ୟ ଦିବସଗୁଡ଼ିକରେ ଯୋଗାଯୋଗ କରିପାରିବେ।

OIPR-39036/11/0016/2425 ସ୍ୱା./- ସମ୍ପାଦକ

**OFFICE OF THE GENERAL MANAGER WATCO DIVISION, ROURKELA, ODISHA**
Ph.No.0661-2664791 (O), e-mail-phdrourkela@gmail.com
No.7636/ Date:24.09.2024

**NATIONAL COMPETITIVE BIDDING THROUGH**
**No.C-663: e-Procurement Identification**
**No.GM_WATCORKL-09/2024-25, dt.24.09.2024**

1. Name of the Work : Laying of 350mm dia-400 mtr raising main from 18 MLD WTP to Old Truck Parking, Rourkela under AMRUT 2.0
2. Estimated cost : Rs.43.96 Lakh
3. Period of completion : 2 (Two) Months
4. Date & time of availability of bid document in the portal : From 11.00 A.M. of 05.10.2024 to 5.00 P.M. of 18.10.2024
5. Last date/time of receipt of Bids in the Portal : 5.00 PM of 18.10.2024
6. Date & Time of Opening of Bids : 19.10.2024 at 12.30 P.M.
7. Name & Address of the Officer Inviting Bid : General Manager, WATCO Division Rourkela

The bidders have to participate in ONLINE bidding only. For details can be seen from the Government website www.tendersorissa.gov.in.

(Er. Subrat Kumar Nayak)
General Manager
WATCO Division, Rourkela
OIPR-13211/11/0001/2425

**ODISHA POLICE STATE HEADQUARTERS, CUTTACK**
Buxi Bazar, Cuttack-753001, Tel/Fax No.0671-2304354
www.odishapolice.gov.in, Email:sphqrs.odpol@nic.in

**Odisha Police**
**Office of the D.G. & I.G. of Police, Odisha, Cuttack**
Tel.:0671-2304001, Website:www.odishapolice.gov.in,
Email:oprb@odisha.gov.in

**No.D-**Online Bids through e-Tender Portal https://tendersodisha.gov.in are invited from the eligible bidders for Selection of System Implementation Partner (SIP) for facilitating conduct of OMR based Written Examination, Physical Measurement Test & Physical Efficiency Test for combined recruitment of Group-B posts of Odisha Police Service, Odisha Prison Service and Odisha Fire Service during the current financial year 2024-25 as per the particulars mentioned below.

| Sl.No. | Name of Item | RFP No. |
|---|---|---|
| 1 | Selection of System Implementation Partner (SIP) for facilitating conduct of OMR based Written Examination, Physical Measurement Test & Physical Efficiency Test for combined recruitment of Group-B posts of Odisha Police Service, Odisha Prison Service and Odisha Fire Service | RFP-14-OMR based Writting examination-2024-25 |

| Sl.No. | Particulars | Date and Time |
|---|---|---|
| 1 | Date of Publication of RFP in the Website of Odisha Tenders Portal | 27.09.2024, 17.00 Hrs. |
| 2 | Last date & time to accept pre-bid queries through email-oprb@odisha.gov.in | 04.10.2024, 15.00 Hrs. |
| 3 | *Virtual/Pre-Bid Meeting (is to be communicated to interested bidders) | 05.10.2024, 11.30 Hrs. |
| 4 | Publication of Corrigendum to RFP (if any) in the website of Odisha Police | 08.10.2024, 17.00 Hrs. |
| 5 | Last date & Time of submission of Bid on Odisha Tenders Portal | 23.10.2024, 17.00 Hrs. |
| 6 | Date of Opening of General & Technical Bid | 24.10.2024, 17.00 Hrs. |
| 7 | Technical Presentation by the Bidders | To be informed to the participated Bidders |
| 8 | Date of Opening of Commercial/Financial Bid | To be informed to the participated Bidders |
| 9 | Venue | State Police Headquarters, Cuttack, Buxi Bazar, Odisha |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: https://tendersodisha.gov.in. The authority reserves the right to accept/reject any part thereof or all the bids without assigning any reason thereof.**

Sd./- A.I.G. of Police (Provisioning)
Odisha, Cuttack
(Tender Calling Authority)
OIPR-12029/11/0024/2425

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Engineer-in-Chief, Water Resources, Secha Sadan, Bhubaneswar**
Email Address:cemech.eicwr.od@gmail.com

No.A-332 **e-Procurement Notice**
**Bid Identification No.CEM/MDC-03/2024-25**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/MSME for Irrigation Shutters/ Hydro mechanical gates
4. Bid Identification No. : CEM/MDC-03/2024-25
5. Estimated Cost : Rs.30,14,230.00
6. Period of Completion : 03 (Three) Calendar Months
7. Date & Time of availability of bid documents in the portal : From dt.27.09.2024 (10.00 AM) to dt.15.10.2024 (5.30 PM)
8. Last date/time for receipt of bid in the portal : dt.15.10.2024 (upto 5.30 PM)
9. Date and Place of Opening of Technical Bid : dt.17.10.2024 (12.00 Noon onwards in the O/o the undersigned)
10. Date and Place of Opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/O the E.I.C.,Water Resources, Odisha Bhubaneswar

Further details can be seen from the e-procurement portal https://tendersodisha.gov.in. Any Further issue of Addenda/Corrigenda/ Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/o. Engineer-in-Chief,
Secha Sadan, Bhubaneswar
OIPR-32520/11/0007/2425

See Career Appointment on every Wednesday & Saturday

SAMS Student Academic Management System — Skilled in ODISHA

**DIRECTORATE OF TECHNICAL EDUCATION & TRAINING, ODISHA**
**KILLAMAIDAN, BUXIBAZAR, CUTTACK-753001**
**Email:ccrdiploma2024@gmail.com, Website:dtetodisha.gov.in**

**No. 13976** **Date:- 26.09.2024**

**DIPLOMA & POST-DIPLOMA SPOT ADMISSION 2024-25**
**FOR ADMISSION INTO DIPLOMA IN ENGINEERING/ NON-ENGINEERING, LATERAL ENTRY, WORKING PROFESSIONALS-LE & POST DIPLOMA COURSES**

**No.KK-182:** This is for information of aspirant candidates for spot admission into vacant seats at various Engineering Schools and Polytechnics (both Government & Private) of the State for the academic session 2024-25. The SAMS portal (https://skill.samsodisha.gov.in/) will be opened from 27th September 2024 for registration spot admission as per the following timeline:

| Course | Tagging & Admission |
|---|---|
| Diploma in Engineering- **Working Professional** | 17th & 18th October 2024 |
| Diploma in Engineering- Lateral Entry | 17th & 18th October 2024 |
| Diploma in Engineering & Non-Engineering **(FRESH)** | 21st to 23rd October 2024 |
| **Post Diploma** Courses | 17th, 18th, 19th, 21st, 22nd and 23rd October 2024 |

The SOP for Round-IV Spot Admission will be available on SAMS portal. The SAMS portal will be enabled for fresh registration for Round-IV Spot Admission wef 27th September 2024. Visit https://skill.samsodisha.gov.in/ for further details.

For any specific query, contact Diploma Admission Call Centre Phone No. 155335/ 1800-345-6770 (Toll Free) (from 9AM to 6PM) or email to ccrdiploma2024@gmail.com or contact / visit nearby Govt. Polytechnic / Engineering School for assistance.

**Sd./- Director**
**Technical Education & Training, Odisha, Cuttack**
**OIPR-44008/11/0023/2425**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସେନ୍‌ସେକ୍ସ ୮୬,୦୦୦ ଅଙ୍କର ନିକଟବର୍ତ୍ତୀ

**ମୁମ୍ବାଇ,୨୬।୯**



ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ଓ ଦରବୃଦ୍ଧି ସମସ୍ୟା ମଧ୍ୟରେ ଭାରତୀୟ ଷ୍ଟକ୍ ମାର୍କେଟ ବେଞ୍ଚମାର୍କ (ଇକ୍ୱିଟି ବଜାର)ର କାରବାର ବେଶ୍ ଉତ୍ସାହଜନକ ରହିଛି। ଏପରିକି ପୁଞ୍ଜିବଜାରର ନିବେଶକମାନେ ଦିନକରେ ପ୍ରାୟ ୨ଲକ୍ଷ କୋଟି ଟଙ୍କାର ନିବେଶ ଯୋଗକରିଛନ୍ତି। ପୂର୍ବ ଦିନର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୪୭୫ ଲକ୍ଷ କୋଟି ଟଙ୍କା ଥିଲାବେଳେ ଗୁରୁବାରର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜିର ପରିମାଣ ପ୍ରାୟ ୪୭୭ ଲକ୍ଷ କୋଟିରେ ପହଞ୍ଚିଛି।

ସେହିଭଳି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସରେ ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର କାରବାର ନିବେଶକଙ୍କ ଉତ୍ସାହ ବୃଦ୍ଧି କରିଛି। ଏପରିକି ୩୦ ଶେୟାର ବିଶିଷ୍ଟ ବିଏସ୍ଇ ସେନ୍‌ସେକ୍ସର କାରବାର ଗୁରୁବାର ସର୍ବକାଳୀନ ଉଚ୍ଚ ୮୬,୦୦୦ ଅଙ୍କ (୮୫,୯୩୦.୪୩ ଅଙ୍କ) ର ନିକଟବର୍ତ୍ତୀ ହୋଇଥିଲା।

**■୨୬,୨୦୦ ଅଙ୍କ ଉପରେ ନିଫ୍ଟି**
**■ଦିନକରେ ୨ଲକ୍ଷ କୋଟି ଯୋଗ**

ଉଲ୍ଲେଖଯୋଗ୍ୟ, ଘରୋଇ ଶେୟାର ବଜାର କାରବାର ପ୍ରାରମ୍ଭରେ ଉଭୟ ସେନ୍‌ସେକ୍ସ ଓ ନିଫ୍ଟି ସବୁଜସ୍ତରୁ ଆରମ୍ଭ ହୋଇ ସେହି ସବୁଜ ସ୍ତରରେ ଶେଷ ହୋଇଥିଲା। ସେହିଭଳି ସେନ୍‌ସେକ୍ସ କାରବାର ପ୍ରାରମ୍ଭରେ ୮୫,୯୩୦.୪୩ ଅଙ୍କରେ ପହଞ୍ଚିଯାଇଥିଲାବେଳେ କାରବାର ଶେଷ ବେଳକୁ ୦.୭୮% ପଏଣ୍ଟ ବୃଦ୍ଧି ସହ ୮୫,୮୩୬.୧୨ ଅଙ୍କରେ ରହିଥିଲା। ଏପରିକି ବିଏସ୍ଇ ମଡ୍‌କ୍ୟାପର କାରବାର ୦.୬% ଏବଂ ସ୍ମଲକ୍ୟାପର କାରବାର ୦.୪% ବୃଦ୍ଧି ଘଟିଛି। ସେହିପରି ନିଫ୍ଟିର କାରବାର ପ୍ରାରମ୍ଭରେ ବୃଦ୍ଧି ଘଟି ୨୬,୨୫୦.୯୦ ଅଙ୍କରେ ପହଞ୍ଚିଯାଇଥିଲାବେଳେ କାର୍ଯ୍ୟ ଦିବସର ଶେଷ ସୁଦ୍ଧା ୦.୮୧% ବଢ଼ି ୨୬,୨୬.୦୫ ଅଙ୍କରେ କାରବାର ବନ୍ଦ କରିଥିଲା। ଏପରିକି ନିଫ୍ଟି ମିଡକ୍ୟାପ ୦.୦୧% ବଢି ୬୦,୪୬୯.୧୫ ଅଙ୍କରେ ରହିଥିଲାବେଳେ ସ୍ମଲକ୍ୟାପର କାରବାର ୦.୪୮% ହ୍ରାସ ଘଟି ୯୨୫୧.୦୫ ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କ ୨୭୪ (୨୭୩.୭୦) ପଏଣ୍ଟ ବୃଦ୍ଧି ଘଟି ୫୪,୩୭୫.୩୫ ଅଙ୍କରେ ରହିଛି।

ଉଲ୍ଲେଖଯୋଗ୍ୟ, ସେକ୍ଟରାଲ କାରବାରରେ ଅଟୋ,ମେଟାଲ ଶିଳ୍ପର ନିବେଶକ ପ୍ରାୟ ୨% ନିବେଶ ବୃଦ୍ଧି କରିଥିଲାବେଳେ ଏଫ୍ଏମ୍‌ସିଜି ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଶେୟାର ୧%ର ନିବେଶ ବୃଦ୍ଧି କରିଛନ୍ତି।

## ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୬୬୬ (୬୬୬.୨୫) ପଏଣ୍ଟ ବଢି ୮୫,୮୩୬ (୮୫,୮୩୬.୧୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୨୧୨ (୨୧୧.୯୦) ପଏଣ୍ଟ ବୃଦ୍ଧି ଘଟି ୨୬,୨୧୬(୨୬,୨୧୬.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ସୁଗମ ଋଣ ପରିଶୋଧ ଯୋଜନାର ଶୁଭାରମ୍ଭ

**ନୂଆଦିଲ୍ଲୀ, ୨୬।୯**

ଆଇଡିବିଆଇ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ତଥା ଏକ ସ୍ୱତନ୍ତ୍ର ସ୍କିମ୍ 'ସୁଗମ ଋଣ ଭୁଗତାନ ଯୋଜନା ବା ସୁଗମ ଋଣ ପରିଶୋଧ ଯୋଜନା'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ୨୦୨୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରିଟେଲ ଏନ୍‌ପିଏର ଏକକାଳୀନ ସମାଧାନ ମାଧ୍ୟମରେ ଏହାର ପୁନରୁଦ୍ଧାର ପ୍ରୟାସକୁ ତ୍ୱରାନ୍ୱିତ କରିବ। ଯେଉଁଥିରେ ଋଣଧାରୀଙ୍କ ୦.୧୦ କୋଟି ଟଙ୍କାରୁ ଅଧିକ ଏବଂ ୧୦କୋଟି ଟଙ୍କା ପର୍ଯ୍ୟନ୍ତ ବକେୟା (ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ) ରିହାତି ସର୍ତ୍ତରେ ରହିଥିବ। ଯେଉଁ ଋଣଦାତାମାନେ ଅସୁବିଧାରେ ଅଛନ୍ତି ଏବଂ ଆଇନଗତ ଜଟିଳତାକୁ ଏଡ଼ାଇବା ପାଇଁ ସେମାନଙ୍କର ପ୍ରାପ୍ୟ ସମାଧାନ କରିବାକୁ ଇଚ୍ଛୁକ ସେମାନଙ୍କୁ ବ୍ୟାଙ୍କ ଏକ ନୂତନ ସୁଯୋଗ ପ୍ରଦାନ କରୁଛି । ଏହି ଯୋଜନାର ସଂକ୍ଷିପ୍ତ ବିବରଣୀ https://www.idbibank.in/idbi-bank-sugam-rinn-bhugtan-yojana.aspxରେ ଉପଲବ୍ଧ ରହିଛି।









# ଆଜିଓ ପ୍ଲାଟ୍‌ଫର୍ମରେ ଏଚ୍ ଆଣ୍ଡ ଏମ୍‌ର ଶୁଭାରମ୍ଭ

**ମୁମ୍ବାଇ,୨୬।୯**




ଭାରତର ପ୍ରିମିୟର ଫ୍ୟାଶନ ଇ-ଟେଲର ଆଜିଓ ପ୍ଲାଟ୍‌ଫର୍ମରେ ଫ୍ୟାଶନ ଏବଂ ଗୁଣବତ୍ତା ପାଇଁ ଜଣାଶୁଣା ପ୍ରିମିୟମ ଗାର୍ମେଣ୍ଟ ବ୍ରାଣ୍ଡ ଏଚ୍ ଆଣ୍ଡ ଏମ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଉଭୟ ସଂସ୍ଥା ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ସାଙ୍ଗକୁ ବ୍ରାଣ୍ଡର ଅନ୍‌ଲାଇନ ଉପସ୍ଥିତି ବଢ଼ାଇବାକୁ ଏଚ୍ ଆଣ୍ଡ ଏମ୍ ଲକ୍ଷ୍ୟ ରଖିଛି। ସେହିଭଳି ବ୍ରାଣ୍ଡର ବିଦ୍ୟମାନ ଓମିନ-ଚ୍ୟାନେଲ ଅଫରିଂକୁ ଆଜିଓ ମାଧ୍ୟମରେ ସୁଲଭ, ଉଚ୍ଚ-ଗୁଣାତ୍ମକ ଫ୍ୟାଶନକୁ ଉପଲବ୍ଧ କରାଇବା ସହ ଆଜିଓର ଦୃଢ଼ ବ୍ରାଣ୍ଡ ପୋର୍ଟଫୋଲିଓରେ ଅନ୍ୟ ଏକ ଶୀର୍ଷ ଅନ୍ତର୍ଜାତୀୟ ବ୍ରାଣ୍ଡକୁ ସାମିଲ କରାଇଛି। ଏହି ସହଯୋଗ ଭାରତୀୟ ଫ୍ୟାଶନ ବଜାର (ଇ-ଖୁଚୁରା ବଜାର)ରେ ସେମାନଙ୍କର ଉପସ୍ଥିତି ଦୃଢ଼ କରିବା ପାଇଁ ଏଚ୍ ଆଣ୍ଡ ଏମ୍ ଏବଂ ଆଜିଓ ପାଇଁ ଏକ ରୋମାଞ୍ଚକର ସୁଯୋଗ ରହିଛି। ସେହିଭଳି ଅନ୍ତର୍ଜାତୀୟ ବ୍ରାଣ୍ଡ ପୋର୍ଟଫୋଲିଓକୁ ଆଜିଓ ମଜଭୁତ କରୁଥିବାବେଳେ ଏଚ୍ ଆଣ୍ଡ ଏମ୍ ଆଜିଓର ଡିଜିଟାଲ ପ୍ଲାଟ୍‌ଫର୍ମ ଏବଂ ବିସ୍ତାରିତ ପହଞ୍ଚିବା ଦ୍ୱାରା ଏହାର ପହଞ୍ଚିବା ଏବଂ ଅନ୍‌ଲାଇନ ବଜାର ଅଂଶକୁ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ଆଜିଓରେ ଏଚ୍ ଆଣ୍ଡ ଏମ୍ ଏକ ଚିତ୍ତାକର୍ଷକ ସଂଗ୍ରହ ଆରମ୍ଭ କରିବାକୁ ଯାଉଛି, ଯେଉଁଥିରେ ମହିଳା, ପୁରୁଷ ଓ ଶିଶୁ ପୋଷାକ ସମେତ ଘର ସଜବାଜ ଉପରେ ୧୦,୦୦୦ରୁ ଅଧିକ ଷ୍ଟାଇଲ ସାମିଲ ରହିଛି। ଏପରିକି ୩୧୯ଟଙ୍କାରୁ ଆରମ୍ଭ ହୋଇଥିବା ଅପୂରଣୀୟ ମୂଲ୍ୟ ସହ ଏଚ୍ ଆଣ୍ଡ ଏମ୍ ଉଚ୍ଚମାନର ଫ୍ୟାଶନକୁ ପୂର୍ବ ଅପେକ୍ଷା ଅଧିକ ସୁଗମ କରିଥାଏ ବୋଲି ବ୍ରାଣ୍ଡ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଉଛି।

ଏ ସମ୍ପର୍କରେ ଆଜିଓର ସିଇଓ ଭିନେଥ୍ ନାୟାର କହିଛନ୍ତି, ଗତ କିଛି ବର୍ଷ ମଧ୍ୟରେ ଆମେ ଅନ୍ତର୍ଜାତୀୟ ବ୍ରାଣ୍ଡର ସର୍ବୋତ୍ତମ ବ୍ରାଣ୍ଡକୁ ଆଜିଓକୁ ଆଣିବା ପାଇଁ ପ୍ରୟାସ କରିଛୁ। ଏପରିକି ଆଜିଓରେ ଏଚ୍ ଆଣ୍ଡ ଏମ୍‌ର ଶୁଭାରମ୍ଭ କେବଳ ପ୍ଲାଟ୍‌ଫର୍ମ ପ୍ରଦାନ କରୁଥିବା ଶୈଳୀର ବିବିଧ ଟେପେଷ୍ଟ୍ରିକୁ ସମୃଦ୍ଧ କରେ ନାହିଁ ବରଂ ଆମର ଗ୍ରାହକମାନଙ୍କୁ ସର୍ବଶେଷ ବିଶ୍ୱ ବ୍ରାଣ୍ଡ ଏବଂ ଟ୍ରେଣ୍ଡ ଯୋଗାଇବା ପାଇଁ ଆମର ପ୍ରତିବଦ୍ଧତାର ପ୍ରତୀକ ପାଲଟିବ। ଏଚ୍ ଆଣ୍ଡ ଏମ୍‌ର ବହୁ ପ୍ରତୀକ୍ଷିତ ଏ/ ଡବ୍ଲ୍ୟୁ ୨୦୨୪ କଲେକ୍ସନ ମଧ୍ୟ ଆଜିଓରେ ପ୍ରଦର୍ଶିତ ହେବ। ଏପରିକି ଋତୁକାଳୀନ ପରିବର୍ତ୍ତନ ଏବଂ ସୂକ୍ଷ୍ମ ଡିଜାଇନ୍‌ର ମିଶ୍ରଣ ପ୍ଲାଟ୍‌ଫର୍ମ ପ୍ରଦର୍ଶନ କରିବ। ସେହିଭଳି ଏଚ୍ ଆଣ୍ଡ ଏମ୍ ଇଣ୍ଡିଆର କଣ୍ଟ୍ରି ସେଲ୍ସ ମ୍ୟାନେଜର ୟାନିରା ରାମିରେଜ କହିଛନ୍ତି, ଆମେ ସମସ୍ତଙ୍କ ପାଇଁ ଫ୍ୟାଶନ ମୁକ୍ତ କରିବା ସହିତ ଆମର ସମସ୍ତ କାର୍ଯ୍ୟର ମୂଳରେ ବ୍ରାଣ୍ଡର ପ୍ରତିବଦ୍ଧତା ରହିଛି। ଏହି ବିଶ୍ୱାସ ସହିତ ଆମେ ଆଜିଓ ସହିତ ଏକ ରଣନୀତିକ ଭାଗିଦାରୀ ଆରମ୍ଭ କରିଛୁ, ଯାହା ଉଚ୍ଚମାନର ଫ୍ୟାଶନକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା ପାଇଁ ଆମର ମିଶନକୁ ବୃଦ୍ଧି କରିଥାଏ।

# ଭୁବନେଶ୍ୱରରେ ହେବ ଟେଷ୍ଟିଂ ସେଣ୍ଟର ଅଫ୍ ଏକ୍ସଲେନ୍ସ

**ଭୁବନେଶ୍ୱର, ୨୬।୯ (ଅଭୟ ଦାଶ)**


ସିଦ୍ଧାର୍ଥ ମହାନ୍ତି

ଭାରତୀୟ ଜୀବନ ବୀମା ନିଗମ (ଲାଇଫ୍ ଇନ୍ସ୍ୟୁରାନ୍ସ କର୍ପୋରଶେନ ଅଫ୍ ଇଣ୍ଡିଆ ବା ଏଲ୍ଆଇସି)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ଏକ ଅତ୍ୟାଧୁନିକ ଟେଷ୍ଟିଂ ସେଣ୍ଟର ଅଫ୍ ଏକ୍ସଲେନ୍ସ (ଟିସିଓଇ)ର ଶୁଭାରମ୍ଭ ଭୁବନେଶ୍ୱରଠାରେ ହେବାକୁ ଯାଉଛି। ଏହି କୌଶଳପୂର୍ଣ୍ଣ ପଦକ୍ଷେପ ବୈଷୟିକ ଉଦ୍ଭାବନ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷ ପ୍ରତି ଏଲ୍ଆଇସିର ପ୍ରତିବଦ୍ଧତାକୁ ସୂଚିତ କରୁଛି। ସେହିଭଳି ଭାରତର ଦ୍ରୁତତମ ବୃଦ୍ଧି ପାଉଥିବା ଆଇଟି ହବ୍ ମଧ୍ୟରୁ ଭୁବନେଶ୍ୱର ଅନ୍ୟତମ ହୋଇଥିଲାବେଳେ ଏହା ଆମର ଉନ୍ନତି ଆଇଟି ସମାଧାନର ବିକାଶ ପାଇଁ ଏକ ଅନୁକୂଳ ପରିବେଶ ପ୍ରଦାନ କରିବ। ଏପରିକି ଏହି ଟିସିଓଇ ସମସ୍ତ ଅତ୍ୟାଧୁନିକ ସ୍ୱୟଂଚାଳିତ ଉପକରଣ ଏବଂ କୁଶଳତାରେ ସଜ୍ଜିତ ହେବ। ଉନ୍ନତ ଜ୍ଞାନକୌଶଳର ନିୟୋଜନ ଏଲ୍ଆଇସିର ପ୍ରକ୍ରିୟାରେ ଏହା ଅଧିକ ଦକ୍ଷତା, ସଠିକତା ଏବଂ ଦ୍ରୁତଗତି ସୁନିଶ୍ଚିତ କରିବ।

ଏ ସମ୍ପର୍କରେ ଏଲ୍ଆଇସିର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କହିଥିଲେ,ଏଲ୍ଆଇସି ଭୁବନେଶ୍ୱର ଅଞ୍ଚଳରେ ସର୍ବବୃହତ୍ ଆଇଟି ହବ୍ ହେବା ପାଇଁ ପ୍ରୟାସ ଜାରି ରଖିଛି। ଏପରିକି ଏହି କେନ୍ଦ୍ରକୁ ନିୟମିତ ଭାବେ ବିସ୍ତାର କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ, ଯାହାକି ବୈଷୟିକ ଜ୍ଞାନକୌଶଳ ତଥା ଉନ୍ନତ ସେବା ପ୍ରଦାନରେ ଆମର ଅଗ୍ରଣୀ ଭୂମିକାକୁ ଆହୁରି ଦୃଢ଼ୀଭୂତ କରିବ। ଏହି ପଦକ୍ଷେପ ଆମର ଗ୍ରାହକଙ୍କୁ ଉନ୍ନତ ସେବା ପ୍ରଦାନ କରିବ ଏବଂ ଏଲ୍ଆଇସିର ଆଧୁନିକ ପ୍ରଯୁକ୍ତିବିଦ୍ୟା ନିବେଶରେ ନିରନ୍ତର ପ୍ରଚେଷ୍ଟାକୁ ପ୍ରତିଫଳିତ କରିବ। ଅପରପକ୍ଷରେ ସରକାରଙ୍କ ଡିଜିଟାଲ ଇଣ୍ଡିଆର ଦୃଷ୍ଟିକୋଣ ସହ ବୀମା ଶିଳ୍ପର କ୍ରମବର୍ଦ୍ଧିଷ୍ଣୁ ଚାହିଦା ପୂରଣ କରିବା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନରେ ବିନିଯୋଗ କରିବାକୁ ଆମର ନିରନ୍ତର ପ୍ରୟାସକୁ ଏହା ପ୍ରତିଫଳିତ କରିବ।

# ଆଜି ମିଶୋର ବାର୍ଷିକ ସେଲ

**ନୂଆଦିଲ୍ଲୀ,୨୬।୯**

ଦେଶର ପ୍ରମୁଖ ଇ-କର୍ମସ ପ୍ଲାଟ୍‌ଫର୍ମ 'ମିଶୋ'ର ବହୁ ପ୍ରତୀକ୍ଷିତ ବାର୍ଷିକ ସେଲ୍ ବା ମିଶୋ ମେଗା ବ୍ଲକ୍ ବ୍ଲଷ୍ଟର ବିକ୍ରୟ ସମ୍ପର୍କରେ ଘୋଷଣା କରାଯାଇଛି। ୨୦୨୪ ସେପ୍ଟେମ୍ବର ୨୭ରୁ ଏହି ସେଲ୍ ଆରମ୍ଭ ହେବ। ସେହିଭଳି ଉତ୍ସବ ଋତୁରେ ପ୍ଲାଟ୍‌ଫର୍ମ ସୁଲଭ ମୂଲ୍ୟର ଭାରତୀୟ ଗ୍ରାହକଙ୍କୁ ସାମଗ୍ରୀ ଯୋଗାଇବ। ଏପରିକି ୩୦ଟି ବର୍ଗରେ ୨୦ଲକ୍ଷରୁ ଅଧିକ ବିକ୍ରେତା ଓ ୧୨କୋଟି ଉତ୍ପାଦ ତାଲିକା ସହ ମିଶୋ ଦେଶରେ ଦୋକାନୀଙ୍କ ଲାଗି ଉତ୍ସବର ଶପିଂକୁ ଅଧିକ ସୁନ୍ଦର ଓ ସୁଗମ କରିବାକୁ ଲକ୍ଷ୍ୟ ରଖିଛି। ମିଶୋର ମହାପ୍ରବନ୍ଧକ (ବ୍ୟବସାୟ) ମେଘା ଅଗ୍ରୱାଲ କହିଛନ୍ତି, ଆଜିଠାରୁ ବହୁ ଲକ୍ଷ ଭାରତୀୟଙ୍କ ଉତ୍ସବରେ ଶପିଂ ଅଭିଜ୍ଞତାକୁ ସମୃଦ୍ଧ କରିବା ଲାଗି ମିଶୋ ତା'ର ମେଗା ବ୍ଲକ୍ ବ୍ଲଷ୍ଟର ଆରମ୍ଭ କରିବାକୁ ଯାଉଛି। ଏହି ଉତ୍ସବରେ ଗ୍ରାହକମାନଙ୍କ ପାଇଁ ଆମେ ବିଶେଷ ଉତ୍ପାଦଗୁଡ଼ିକ ଉପସ୍ଥାପନ କରିବୁ। ଏହି ଶପିଂ ଅଭିଜ୍ଞତାକୁ ସରଳ ଓ ଆକର୍ଷଣୀୟ କରିବା ଲାଗି ଡିଜାଇନ କରିଛୁ। ଅନ୍‌ଲାଇନ ଶପିଂ ପାଇଁ ଗ୍ରାହକମାନଙ୍କୁ ଏହା ସୁଗମ ଅନୁଭୂତି ପ୍ରଦାନ କରିବ। ଏହା ବ୍ୟତୀତ ଗ୍ରାହକଙ୍କ ଅଭିଜ୍ଞତାରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖି ଆମେ ବିଭିନ୍ନ ପଦକ୍ଷେପ ଗ୍ରହଣ ସହ ଆଇଟମ ଉଠାଯିବା ପରେ ତୁରନ୍ତ ରିଟର୍ନ ବ୍ୟବସ୍ଥାକୁ ସୁଗମ କରିଛୁ। ଏହି ପ୍ରକ୍ରିୟା ମିଶୋ ବାଲାନ୍ସ, ୟୁପିଆଇ ଓ ଆଇଏମ୍‌ପିଏସ୍ ବ୍ୟାଙ୍କ ଟ୍ରାନ୍ସଫର ଦ୍ୱାରା ସମର୍ଥିତ ରହିଛି। ମିଶୋ ମଲ୍ ସହ କମ୍ପାନୀ ତା'ର ଉତ୍ସବ ଋତୁରେ ୧୦୦୦ ଜାତୀୟ, ଡି୨ସି ଓ ଆଞ୍ଚଳିକ ବ୍ରାଣ୍ଡଗୁଡ଼ିକୁ ରଖିବ। କେବଳ ଗତ ୨ମାସ ମଧ୍ୟରେ ମିଶୋ ଲିବର୍ଟି, ବାଟା, ରେଡ୍ ଟେପ୍, ଗୋ କଲର୍ସ ଭଳି ପ୍ରମୁଖ ବ୍ରାଣ୍ଡକୁ ସ୍ୱାଗତ କରିଛି, ଯାହା ଏହାର ପ୍ଲାଟ୍‌ଫର୍ମରେ ଉପଲବ୍ଧ ହୋଇପାରିବ। ମିଶୋ ମଲ୍‌ଠାରୁ ଅର୍ଡରଗୁଡ଼ିକର ୭୫% ଅର୍ଡର ଟାୟାର ୨+ ମର୍ଚ୍ଚାଣ୍ଟଙ୍କ ଠାରୁ ଆସିଥାଏ। ବ୍ରାଣ୍ଡକୁ ବ୍ୟାପକ କରିବା ପାଇଁ ପ୍ରତିବଦ୍ଧତା ସହ ମିଶୋ ଏହି ଉତ୍ସବ ଋତୁରେ ଗ୍ରାହକମାନଙ୍କୁ ଶପିଂର ଏକ ଅସାଧାରଣ ଅନୁଭୂତି ପ୍ରଦାନ ଲାଗି ପ୍ରସ୍ତୁତ।


# Classified Everyday

**0674-2580101, 2549949**



REAL ESTATE

**SALE**

**Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226.** D-1469

Plots Acharyavihar, Jayadevbihar, Nayapalli, Patia, Pahala, Chhatabar, Balakati. Contact: 7742796328. D-1448

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965.** D-1471

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

**କଟକ-ଭୁବନେଶ୍ୱର ମଧ୍ୟଭାଗରେ** Sum Hospital-2 **ନିକଟସ୍ଥ** Grand Bazar (NH-16) **ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତାଥାଇ ଘରବାରି ପ୍ଲଟ୍ କିଣନ୍ତୁ- 6371200121.** D-75994

Duplex sale at Bhubaneswar 65,00,000/- and apartment sqft.-4200/- near Kalinganagar, DAV School, Bhubaneswar. 9777433701. D-75992

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75786

**Plot for sale at Puri Konark Marine Drive (850/-per Sqft.). Contact- 6371703010.** D-1463

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱରର ଯେକୌଣସି ଏରିଆରେ ଘରବାଡ଼ି ପ୍ଲଟ୍ କିଣିବାକୁ କିମ୍ବା ବିକିବାକୁ ଚାହୁଁଥିଲେ। 9439493164. D-75993

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-1470




1BHK Spacious and Elegant House with 2 Toilets and Covered Car Parking in Sector-9, CDA, Cuttack, available on rent. Contact- +91 96586 80071. D-1475

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75790

Newly open health benefits SPA special offer @ 799 Bapujinagar. 8018429809. D-76156

## AFFIDAVIT

By virtue of affidavit I Rajashree Nandini Sahani, W/o- Saroj Kumar Sahani states that in Birth Certificate of my daughter Ayesha Sahani mother's name is by mistake recorded as Rajshree Sahani in stead of Rajashree Nandini Sahani. Rajshree Sahani and Rajashree Nandini Sahani is one & same person. D-1473

By virtue of an affidavit sworn before Executive Magistrate, Bhubaneswar on dt 23.09.2024 declare that I have changed my name from Amela Sardar to Shyamala Sardar. Henceforth, I shall be known as Shyamala Sardar for all purposes.
Shyamala Sardar D-1454

Sworn before Executive Magistrate, Kantabanji bearing No.-450(1) on 26.9.2024, I Sri Aman Soni, S/o- Shankarlal Soni of Village/P.O./P.S.- Kantabanji, Dist.- Balangir, declare that in my Educational Certificate, Aadhaar Card, PAN, Driving License my name spells as "Aman Kumar Soni and my father's name spells as "Shankarlal Soni but in my Birth Certificate my name Spells as "Aman Soni and my father's name spells as "Sankar Soni" where as "Aman Soni @ Aman Kumar Soni S/o Shankarlal Soni @ Sankar Soni is same and one person. D-1476

## ସଂସ୍କୃତରେ ପି.ଏଚ୍‌ଡି. ଲାଭ



ସମ୍ବଲପୁର ସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ବଳଭଦ୍ର କର୍ଣ୍ଣଙ୍କୁ ସଂସ୍କୃତରେ ପି.ଏଚ୍‌ଡି. ଉପାଧି ପ୍ରଦାନ କରାଯାଇଛି । ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସଚ୍ଚିଦାନନ୍ଦ ମହାପାତ୍ର ଓ ସଂସ୍କୃତ ବିଭାଗ ମୁଖ୍ୟ ଡଃ ସୁନେଲୀ ଦେଈ ତାଙ୍କର ମାର୍ଗଦର୍ଶକ ଥିଲେ। "ପାଣିନୀୟଶିକ୍ଷାଶୌନକଶିକ୍ଷାଗ୍ରନ୍ଥୟୋଃ ତୁଳନାତ୍ମକମଧ୍ୟୟନମ" ଉକ୍ତ ସନ୍ଦର୍ଭଟି ଲାଲ ବାହାଦୁର ଶାସ୍ତ୍ରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ବେଦ ବିଭାଗର ମୁଖ୍ୟ ପ୍ରଫେସର ରାମାନୁଜ ଉପାଧ୍ୟାୟ ତଥା କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିର ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଛି। ଶ୍ରୀ କର୍ଣ୍ଣ ଏହାର ସମ୍ପୂର୍ଣ୍ଣ ଶ୍ରେୟ ତାଙ୍କର ମାର୍ଗଦର୍ଶକ ପ୍ରଫେସର ମହାପାତ୍ର ଓ ଡଃ ଦେଈ, ଗୁରୁ ଡଃ ରାକେଶ କୁମାର ମିଶ୍ର, ଡଃ ଧର୍ମରାଜ ବାଗ ଓ ଶ୍ରୀକାନ୍ତ ପଧାନ ଏବଂ ତାଙ୍କ ମାତାପିତା ସୁଲୋଚନା ଓ ବିଷ୍ଣୁଚରଣ କର୍ଣ୍ଣ, ଜେଜେମାଆ ଧୁବନି ଓ ଜେଜେବାପା ଭୁବନ କର୍ଣ୍ଣଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ଧ-୧୪୭୪


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାରତ ପାଇଁ ସୁଯୋଗ



ନିର୍ମଳ କୁମାର ମିଶ୍ର

**ବାଂଲାଦେଶରେ ରାଜନୈତିକ ଅସ୍ଥିରତା ପାଇଁ ମହିଳା ଟି୨୦ କ୍ରିକେଟ ବିଶ୍ୱକପ ଶେଷ ମୁହୂର୍ତ୍ତରେ ୟୁଏଇକୁ ସ୍ଥାନାନ୍ତରିତ ହୋଇଛି। ଅକ୍ଟୋବର ୩ରୁ ୨୦ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଆୟୋଜନ ହେବ । ଏଥିରେ ୧୦ଟି ଟିମ୍ ଭାଗ ନେବେ।**

ଅକ୍ଟୋବର ୩ ତାରିଖରୁ ମହିଳା ଟି୨୦ ବିଶ୍ୱକପ୍ ଆରମ୍ଭ ହେଉଛି। ଆଇସିସି ଦ୍ୱାରା ଆୟୋଜିତ ଏହାର ୯ମ ସଂସ୍କରଣ ବାଂଲାଦେଶ ଆୟୋଜନ କରିବା କଥା। ମାତ୍ର ବାଂଲାଦେଶରେ ରାଜନୈତିକ ଅସ୍ଥିରତା ପାଇଁ ଏହା ଶେଷ ମୁହୂର୍ତ୍ତରେ ୟୁଏଇକୁ ସ୍ଥାନାନ୍ତରିତ ହୋଇଛି। ଅକ୍ଟୋବର ୩ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ ହେବ। ଗ୍ରୁପ୍ ଓ ନକ୍ଆଉଟ୍ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୨୩ଟି ମ୍ୟାଚ ଖେଳାଯିବାକୁ ରହିଛି। ଏଥିରେ ୧୦ଟି ଟିମ୍ ଭାଗନେବାକୁ ଥିବା ବେଳେ ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ୮ମ ସଂସ୍କରଣ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହୋଇଥିବା ବେଳେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଆୟୋଜକ ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ପ୍ରତି ଦୁଇ ବର୍ଷରେ ଅନୁଷ୍ଠିତ ହେଉଥିବା ଏହି ଟୁର୍ନାମେଣ୍ଟ ୨୦୦୯ ମସିହାରେ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିବା ବେଳେ ବେଶ୍ ଲୋକପ୍ରିୟତା ହାସଲ କରିଛି। ୱାର୍ମ ଅପ୍ ମ୍ୟାଚଗୁଡ଼ିକ ସେପ୍ଟେମ୍ବର ୨୯ ତାରିଖରୁ ଅକ୍ଟୋବର ୧ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ବାଂଲାଦେଶ ଆୟୋଜକ ଦେଶ ଭାବରେ ଏହି ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିଥିବା ବେଳେ ସ୍କଟ୍‌ଲାଣ୍ଡ ପ୍ରଥମ ଥର ପାଇଁ ଏହି ଟୁର୍ନାମେଣ୍ଟ ଖେଳିବ। ଦ୍ୱିତୀୟ ଟିମ୍ ଭାବେ ୟୁଏଇ ଯୋଗ୍ୟତା ଅର୍ଜନ କରିଛି। ୧୦ଟି ଦଳକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ-ଏ'ରେ ଭାରତ, ଅଷ୍ଟ୍ରେଲିଆ, ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ସ୍ଥାନ ପାଇଥିବା ବେଳେ ଗ୍ରୁପ-ବି'ରେ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ, ବାଂଲାଦେଶ ଓ ସ୍କଟ୍‌ଲାଣ୍ଡ ସ୍ଥାନ ପାଇଛନ୍ତି। ଏଥି ମଧ୍ୟରେ ଏହି ଟୁର୍ନାମେଣ୍ଟରେ ଭାଗ ନେଉଥିବା ସମସ୍ତ ଦଳ ସେମାନଙ୍କର ୧୬ ଜଣିଆ ଦଳ ଘୋଷଣା କରିସାରିଛନ୍ତି। ଅକ୍ଟୋବର ୩ ତାରିଖରେ ବାଂଲାଦେଶ ଓ ସ୍କଟ୍‌ଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବାକୁ ଥିବା ବେଳେ ଭାରତୀୟ ଦଳ ତା'ର ପ୍ରଥମ ମ୍ୟାଚ ଅକ୍ଟୋବର ୪ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଅକ୍ଟୋବର ୬ ତାରିଖରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଦୁବାଇରେ ଅନୁଷ୍ଠିତ ହେବ। ସେହିପରି ୬ଥର ଚାମ୍ପିୟନ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚରେ ଶ୍ରୀଲଙ୍କାକୁ ଭେଟିବ।

ସବୁଠାରୁ ସଫଳ ଦଳ ଅଷ୍ଟ୍ରେଲିଆର ଅଧିନାୟକ ଦାୟିତ୍ୱରେ ଅଛନ୍ତି ଆଲିସା ହିଲି। ବାଂଲାଦେଶର ନିଗାର ସୁଲତାନ, ଇଂଲଣ୍ଡର ହିଥର ନାଇଟ୍, ଭାରତର ହରମନପ୍ରୀତ କୌର, ନ୍ୟୁଜିଲାଣ୍ଡର ଶୋଫି ଡିଭାଇନ ଅଧିନାୟିକା ରହିବେ। ସେହିପରି ପାକିସ୍ତାନ ପକ୍ଷରୁ ଫାତିମା ସାନା, ସ୍କଟ୍‌ଲାଣ୍ଡର କାଥରିନ୍ ବ୍ରାଇସ୍, ଦକ୍ଷିଣ ଆଫ୍ରିକାର ଲଉରା ଓଲ୍ଭାର୍ଡ୍ଟ, ୱେଷ୍ଟଇଣ୍ଡିଜର ହିଲି ମାଥ୍ୟୁସ୍ ଓ ଶ୍ରୀଲଙ୍କାର ନେତୃତ୍ୱ ନେବେ ଅଭିଜ୍ଞ ଚାମରୀ ଆଟ୍ଟାପାଟୁ। ପ୍ରଥମ ସଂସ୍କରଣରେ ଆୟେଜକ ଇଂଲଣ୍ଡ ଚାମ୍ପିୟନ ହୋଇଥିବା ବେଳେ ଅଷ୍ଟ୍ରେଲିଆ ୨୦୧୦, ୨୦୧୨, ୨୦୧୪, ୨୦୧୮, ୨୦୨୦, ୨୦୨୨ରେ ଚାମ୍ପିୟନ ହୋଇଛି। ଅନ୍ୟ ପକ୍ଷରେ ୨୦୧୬ରେ ଭାରତରେ ଆୟୋଜିତ ବିଶ୍ୱକପରେ ୱେଷ୍ଟଇଣ୍ଡିଜ ଚାମ୍ପିୟନ ହୋଇଥିଲା। ଭାରତ ୨ଥର ଟାଇଟଲ ହାସଲ ପାଇଁ ସୁଯୋଗ ପାଇଥିଲେ ମଧ୍ୟ ଏ ଯାଏ ଚାମ୍ପିୟନ ହୋଇପାରିନାହିଁ। ଭାରତ ୨୦୨୦ରେ ଫାଇନାଲ ଖେଳିବାର ସୁଯୋଗ ପାଇଥିଲା। ମାତ୍ର ଅଷ୍ଟ୍ରେଲିଆଠାରୁ ୮୫ ରନ୍ ବ୍ୟବଧାନରେ ହାରିଥିଲା। ପୁନର୍ବାର ୨୦୨୩-୨୪ରେ ଭାରତୀୟ ଟିମ୍ ପାଇଁ ଫାଇନାଲ ଖେଳିବାର ଏକ ବଡ଼ ସୁଯୋଗ ଥିଲା, ମାତ୍ର ସେମିଫାଇନାଲରେ ପରାସ୍ତ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ପାକିସ୍ତାନ ବିପକ୍ଷରେ ୨୦୨୨-୨୩ରେ ଇଂଲଣ୍ଡ କରିଥିବା ୨୧୩ ରନ୍ ସର୍ବାଧିକ ଦଳଗତ ସ୍କୋର ରହିଛି। ଅନ୍ୟ ପକ୍ଷରେ ୨୦୧୮ରେ ଭାରତ ଏହାର ସର୍ବାଧିକ ସ୍କୋର ୧୯୪ ରନ୍ ନ୍ୟୁଜିଲାଣ୍ଡ ବିପକ୍ଷରେ କରିଥିଲା। ସେହିପରି ଟି୨୦ ବିଶ୍ୱକପରେ ସର୍ବନିମ୍ନ ସ୍କୋର ୪୬ର ରେକର୍ଡ ବାଂଲାଦେଶ ନାମରେ ରହିଛି। ସେହିପରି ବାଂଲାଦେଶର ୪୬ ରନ୍ ଟୁର୍ନାମେଣ୍ଟର ସର୍ବନିମ୍ନ ସ୍କୋର ରହିଛି। ବିଶ୍ୱକପର ୮ ସଂସ୍କରଣରେ ସର୍ବମୋଟ ୫ଟି ଶତକ ହୋଇଥିବା ବେଳେ ଆୟର୍ଲାଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆର ମେଗ୍ ଲାନିଙ୍ଗ ୧୨୬ ରନ୍ ସର୍ବାଧିକ ବ୍ୟକ୍ତିଗତ ସ୍କୋର ରହିଛି। ଭାରତ ପକ୍ଷରୁ ଅଧିନାୟିକା ହରମନପ୍ରୀତ କୌରଙ୍କ ନାମରେ ୧୦୩ ରନ୍‌ର ସର୍ବୋଚ୍ଚ ସ୍କୋର ରହିଛି। ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏହି ଇନିଂସ ଖେଳିଥିଲେ। ବୋଲିଂରେ ୪ଜଣ ବୋଲର ଗୋଟିଏ ଇନିଂସରେ ୫ଟି ଉଇକେଟ ନେଇଛନ୍ତି। ଭାରତ ପକ୍ଷରୁ ମିଡିୟମ ପେସ୍‌ବୋଲର ରେଣୁକା ସିଂ ଠାକୁର ଇଂଲଣ୍ଡ ବିପକ୍ଷରେ ଭାରତ ପକ୍ଷରୁ ଶ୍ରେଷ୍ଠ ବୋଲିଂ ସଫଳତା ପାଇଛନ୍ତି। ୨୦୨୩ରେ ଦକ୍ଷିଣ ଆଫ୍ରିକାର ଲଉରା ଓଲ୍ଭାର୍ଡ୍ଟ ସର୍ବାଧିକ ୨୩୦ ରନ୍ ସ୍କୋର କରିଥିବା ବେଳେ ଇଂଲଣ୍ଡ ବୋଲର ସୋଫି ଏକେଲଷ୍ଟୋନ୍ ସର୍ବାଧିକ ୧୧ଟି ଉଇକେଟ ନେଇଥିଲେ।



ହରମନ୍‌ପ୍ରୀତ୍ କୌର୍



ଭାରତୀୟ ମହିଳା କ୍ରିକେଟ୍ ଦଳ।

ଗତ କିଛିଦିନ ହେବ ଭାରତ ମହିଳା କ୍ରିକେଟରେ ଭଲ ପ୍ରଦର୍ଶନ କରୁଥିବାର ଦେଖାଯାଉଛି। ଆଇସିସି ମଧ୍ୟ ମହିଳା କ୍ରିକେଟକୁ ଗୁରୁତ୍ୱ ଦେବା ସହିତ ଏକଦିବସୀୟ ଏବଂ ଟି୨୦ ବିଶ୍ୱକପ ଆୟୋଜନ କରୁଛି। ଭାରତ ଏହି ଟୁର୍ନାମେଣ୍ଟ ପାଇଁ ୧୫ ଜଣିଆ ଦଳ ଘୋଷଣା କରିଛି। ଦଳରେ ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ୍, ରିଚା ଘୋଷ, ହରମନପ୍ରୀତ କୌର, ରେଣୁକା ସିଂ ଠାକୁର, ରାଧା ଯାଦବ, ପୂଜା ବସ୍ତ୍ରକାର, ଶ୍ରେୟଙ୍କା ପାଟିଲଙ୍କ ପରି ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ଗତ ୮ମ ସଂସ୍କରଣରେ ଭାରତ ପାକିସ୍ତାନକୁ ୭ ଉଇକେଟରେ ପରାସ୍ତ କରିଥିବା ବେଳେ ୱେଷ୍ଟଇଣ୍ଡିଜକୁ ୬ ଉଇକେଟରେ ପରାସ୍ତ କରିଥିଲା। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ୧୧ରନରେ ପରାସ୍ତ ହୋଇଥିବା ବେଳେ ଡିଏଲ୍‌ଏସ୍ ମେଥଡରେ ଆୟର୍ଲାଣ୍ଡକୁ ୫ରନ୍‌ରେ ପରାସ୍ତ କରି ସେମିଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ସେମିଫାଇନାଲରେ ଶକ୍ତିଶାଳୀ ଅଷ୍ଟ୍ରେଲିଆଠାରୁ ମାତ୍ର ୫ରନ୍‌ରେ ହାରି ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲା। ବର୍ତ୍ତମାନ ଆଇସିସି ଟି୨୦ ର୍ୟାଙ୍କିଙ୍ଗରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଭାରତ ଯଥାକ୍ରମେ ପ୍ରଥମ ୩ ସ୍ଥାନରେ ରହିଛନ୍ତି। ଖେଳାଳି ର୍ୟାଙ୍କିଙ୍ଗରେ ସ୍ମୃତି ମନ୍ଧାନା ୪ର୍ଥ, ଶେଫାଳି ବର୍ମା ୧୧, ହରମନପ୍ରୀତ କୌର ୧୫ ଓ ଜେମିମା ରୋଡ୍ରିଗୁଏଜ୍ ୧୮ତମ ସ୍ଥାନରେ ରହିଛନ୍ତି। ସେହିପରି ବୋଲିଂରେ ଦୀପ୍ତି ଶର୍ମା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ରେଣୁକା ସିଂ ଠାକୁର ୫ମ ଓ ରାଧା ଯାଦବ ୧୨ତମ ସ୍ଥାନରେ ରହିଛନ୍ତି। ୭ଥର ଏସିଆ କପ୍ ଚାମ୍ପିୟନ ଭାରତକୁ ଚଳିତ ବିଶ୍ୱକପର ଅନ୍ୟତମ ଦାବିଦାର ଭାବେ ମଧ୍ୟ ବିବେଚନା କରାଯାଉଛି।

ରେକର୍ଡ ଦୃଷ୍ଟିକୋଣରୁ ଦେଖିଲେ ଭାରତୀୟ ମହିଳା ଦଳ ଏପର୍ଯ୍ୟନ୍ତ ୧୨ଟି ଦେଶ ସହ ମୋଟ ୧୯୧ ଟି୨୦ ମ୍ୟାଚ ଖେଳି ୧୦୪ଟି ବିଜୟ ଓ ୮୦ ପରାଜୟ ହାସଲ କରିଛି। ଏହା ବ୍ୟତୀତ ଗୋଟିଏ ମ୍ୟାଚ୍ ଟାଇରେ ଶେଷ ହୋଇଛି ଓ ୬ଟି ମ୍ୟାଚ ବର୍ଷାରେ ଧୋଇ ଯାଇଛି। ପ୍ରଦର୍ଶନ ଦୃଷ୍ଟିକୋଣରୁ ଦେଖିଲେ ୨୦୨୪ ଭାରତୀୟ ସିନିୟର ମହିଳା ଦଳ ପାଇଁ ସୁଖଦ ଅନୁଭୂତି ନାହିଁ। ମାତ୍ର ଦଳରେ ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ବର୍ତ୍ତମାନ ଭଲ ପ୍ରଦର୍ଶନ ମାଧ୍ୟମରେ ଇତିହାସ ସୃଷ୍ଟି କରିବାର ସମୟ ଆସିଛି। ଆଶାଠାରୁ ଅଧିକ ପ୍ରଦର୍ଶନ କଲେ ସଫଳତା ନିଶ୍ଚୟ ମିଳିବାର ସମ୍ଭାବନା ରହିଛି।

---

# ଜାଭେଲିନ୍‌ରେ ନୂଆ ସମ୍ଭାବନା ଅର୍ପିତା ଅର୍ଚ୍ଚନା




**ଅଜୟ କୁମାର ସାହୁ ଓ ପଦ୍ମିନୀ ସାହୁଙ୍କ ଝିଅ ଅର୍ପିତା ବର୍ତ୍ତମାନ କିଟ୍ ବିଶ୍ୱବିଦ୍ୟାଳୟରେ ଇଂଲିଶରେ ସ୍ନାତକ ଡିଗ୍ରୀ କୋର୍ସ କରୁଥିବା ବେଳେ କଳିଙ୍ଗ ଷ୍ଟାଡିୟମରେ ଜାରି ରହିଛି ଅଭ୍ୟାସ। ଷ୍ଟେଟ୍ ରେକର୍ଡଧାରୀ କୋଚ୍ ଚିନ୍ମୟ ରଞ୍ଜନ ବେହେରାଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି ।**

ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ଜାଭେଲିନ୍ ଥ୍ରୋରେ ଓଡ଼ିଶା ପାଇଁ ନୂତନ ସମ୍ଭାବନା ପାଲଟିଛନ୍ତି ପି. ଅର୍ପିତା ଅର୍ଚ୍ଚନା ସାହୁ। ୧୯ ବର୍ଷୀୟା ଅର୍ପିତା ନିକଟରେ ଶେଷ ହୋଇଥିବା ୭୦ ତମ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପରେ ମିଟ୍ ରେକର୍ଡ ନିଜ ନାମରେ କରିଛନ୍ତି। କଟକ ଜିଲାର ଆଠଗଡ଼ ଅନ୍ତର୍ଗତ ଗୋପୀନାଥପୁର ଅଞ୍ଚଳର ଅଜୟ କୁମାର ସାହୁ ଓ ପଦ୍ମିନୀ ସାହୁଙ୍କ ଝିଅ ଅର୍ପିତା ବର୍ତ୍ତମାନ୍ କିଟ୍ ବିଶ୍ୱବିଦ୍ୟାଳୟରେ ଇଂଲିଶରେ ସ୍ନାତକ ଡିଗ୍ରୀ କୋର୍ସ କରୁଥିବା ବେଳେ କଳିଙ୍ଗ ଷ୍ଟାଡିୟମରେ ଜାରି ରହିଛି ଅଭ୍ୟାସ। ଷ୍ଟେଟ୍ ରେକର୍ଡଧାରୀ କୋଚ୍ ଚିନ୍ମୟ ରଞ୍ଜନ ଜେନାଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ସ୍କୁଲ ସମୟରୁ ଏକାଧିକ ଖେଳ ପ୍ରତି ଅର୍ପିତାଙ୍କ ଆଗ୍ରହ ରହିଥିଲା। ୧୦୦ ମି., ୨୦୦ ମି., ଟ୍ରିପଲ ଜମ୍ପ, ଶଟ୍ ପୁଟ୍ ସହ ଖୋ ଖୋ ପରି ଖେଳରେ ରୁଚି ରଖୁଥିଲେ ଅର୍ପିତା। ତେବେ ହାର୍ମଷ୍ଟ୍ରିଙ୍ଗ ଇଞ୍ଜୁରି କାରଣରୁ କୋଚ୍ ଓ ପିତାଙ୍କ ପରାମର୍ଶ କ୍ରମେ ନିଜର ସମସ୍ତ ଧ୍ୟାନ ଜାଭେଲିନ୍‌ରେ ନିବେଶ କରିଥିଲେ। ସମାନ ସମୟରେ ନୀରଜ ଚୋପ୍ରାଙ୍କ ଟୋକିଓରେ ଜାଭେଲିନ୍ ପଦକ ମଧ୍ୟ ଏଥିରେ କ୍ୟାରିୟର କରିବା ପାଇଁ ତାଙ୍କୁ ଉତ୍ସାହିତ କରିଥିବା କୁହନ୍ତି ଅର୍ପିତା। ୨୦୨୨ରୁ ଜାଭେଲିନ୍ ଥ୍ରୋ ଅଭ୍ୟାସ କରୁଥିବା ବେଳେ ଜାତୀୟ ସ୍ତରର ଇଭେଣ୍ଟରେ ଏକାଧିକ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି।

ଜାଭେଲିନ୍ ଅଭ୍ୟାସ ଆରମ୍ଭ କରିଥିବା ବେଳେ ମାତ୍ର ୨ ବର୍ଷ ଭିତରେ ଅର୍ପିତାଙ୍କୁ ମିଳିଛି ଅପାର ସଫଳତା। ୨୦୨୩ରେ କିଟ୍‌ରେ ଅନୁଷ୍ଠିତ ଅଲ୍ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ୪୪.୪୦ ମିଟରର ଥ୍ରୋ ସହ ପ୍ରଥମ ସ୍ଥାନ ହାସଲ କରିଥିଲେ। ଖେଲୋ ଇଣ୍ଡିଆ ୟୁନିଭର୍ସିଟି ପାଇଁ ଯୋଗ୍ୟତା ହାସଲ କରିବା ସହ ଗୁଆହାଟୀରେ ଅନୁଷ୍ଠିତ ଇଭେଣ୍ଟରେ ୪୩.୯୧ ମିଟରର ଥ୍ରୋ ସହ ଚତୁର୍ଥ ସ୍ଥାନ ହାସଲ କରିଥିଲେ। ସମାନ ବର୍ଷରେ ପଶ୍ଚିମବଙ୍ଗରେ ଅନୁଷ୍ଠିତ ଇଷ୍ଟଜୋନ୍ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ୪୩.୯୧ ମିଟର ଥ୍ରୋ କରି ପ୍ରଥମ ସ୍ଥାନରେ ରହିଥିଲେ। ପରେ ତାମିଲନାଡୁର କୋଏମ୍ବାଟୁରରେ ଅନୁଷ୍ଠିତ ଜୁନିୟର ନ୍ୟାଶନାଲ ଚାମ୍ପିୟନଶିପରେ ୪୪.୨୦ ମିଟରର ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାତେଇଥିଲେ।

ଚଳିତ ମାସରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୭୦ ତମ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପରେ ଅର୍ପିତା ୨୦ ବର୍ଷରୁ କମ୍ ଇଭେଣ୍ଟରେ ୪୨.୯୮ ମିଟରର ଥ୍ରୋ କରି ମିଟ୍ ରେକର୍ଡ ସ୍ଥାପନ କରିଛନ୍ତି। ଆଗକୁ ଇଷ୍ଟଜୋନ୍ ନ୍ୟାଶନାଲ ଚାମ୍ପିୟନଶିପ ଓ ଜୁନିୟର ଚାମ୍ପିୟନଶିପ ରହିଥିବା ବେଳେ ଏଥିରେ ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସୋମବାର ବିଶ୍ରାମ ଦିବସ ରହିଥିବା ବେଳେ ଦୈନିକ ସକାଳେ ୪ ଘଣ୍ଟା ଓ ସନ୍ଧ୍ୟାରେ ୪ ଘଣ୍ଟା ପରିଶ୍ରମ କରିଥାନ୍ତି ଅର୍ପିତା। ସେହିପରି ସପ୍ତାହରେ ୩ଟି ଥ୍ରୋ ସେସନ୍ ରହୁଥିବା ବେଳେ ଥରକରେ ୩ଟିକୁ ମିଶାଇ ସପ୍ତାହରେ ୯୦ଟି ଥ୍ରୋ ଅଭ୍ୟାସ କରିଥାନ୍ତି। ଆସନ୍ତା ଜୁନିୟର ନ୍ୟାଶନାଲରେ ୫୦ ମିଟର ମାର୍କ ଅତିକ୍ରମ କରିବା ତାଙ୍କର ଲକ୍ଷ୍ୟ ରହିଥିବା କୁହନ୍ତି ଅର୍ପିତା। ସେହିପରି ଜାତୀୟ ଚାମ୍ପିୟନ ଅନୁ ରାଣୀଙ୍କୁ ନିଜର ଆଦର୍ଶ ମାନୁଥିବା ଅର୍ପିତା ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିବାର ଲକ୍ଷ୍ୟ ରଖିଛନ୍ତି।

-ପ୍ରସ୍ତୁତି : ସରୋଜ ଜେନା

---

## ଓମେନ୍ ପାୱାର

ୟୁଏଇ ମହିଳା ଟି୨୦ ବିଶ୍ୱକପ
ମ୍ୟାନେଜ କରିବେ ଲେଡି
ଦଶ ଅମ୍ପାୟର ଦଶ ଦଳ ଖେଳ
ତନଖିବେ ଘଡି ଘଡି
ଦୁବାଇକୁ ଯା ଉଡି
ସାନ୍ଦ୍ରେ, ଫ୍ରିଜ୍, ଲକ୍ଷ୍ମୀ
ମିଚେଲ ପେରେଇରା
ରେଫରି ହେଲେଣି ରେଡି।

ବେଷ୍ଟ ସନ୍ତରଣକାରୀ ପ୍ରତ୍ୟାଶା ପାଇବ
ଏକଲବ୍ୟ ପୁରସ୍କାର
ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପ୍ରତିଭାଙ୍କୁ
ଇମ୍ପାକ୍ଟର ଉପହାର
ଗୋଲ୍ଡେନ ଏ ଓଡ଼ିଶାର
ନିଜ ନାଁ ସହ ରାଇଜର ନାଁ
ମହକଇ ଘର ଘର।



ପ୍ରତ୍ୟାଶା ରାୟ

ମହାକାଶ ନୀଳ ସମୁଦ୍ର ଅଥବା
ପର୍ବତ ଝରଣା ବନ
ସବୁଠି ଓମେନ୍ ପାୱାର କରିସ୍ମା
ହଉ ଉପଗ୍ରହ ଜନ୍ମ
ଏକଜାମ୍ପୁଲ ଲେଖ ଘନ
ହରମନ୍‌ପ୍ରୀତ୍ କୌର ଏଣ୍ଡ କୋଃ
ବେଷ୍ଟ ଅଫ୍ ଲକ୍ ଘେନ।

-ସୁବାସ ଚନ୍ଦ୍ର ପ୍ରଧାନ

---

# ଟପ୍ ବୋର୍ଡର କିଙ୍ଗ୍ ଗୁକେଶ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସ୍ୱର୍ଣ୍ଣ ପଦକ ବିଜୟୀ ଡି. ଗୁକେଶ।

ହଙ୍ଗେରୀର ବୁଦାପେଷ୍ଟରେ ଅନୁଷ୍ଠିତ ଚେସ୍ ଅଲିମ୍ପିଆଡ୍‌ରେ ଭାରତୀୟ ମହିଳା ଓ ପୁରୁଷ ଦଳ ପ୍ରଥମଥର ପାଇଁ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ଚ୍ୟାଲେଞ୍ଜ ଦେବାକୁ ଯାଉଥିବା ଡି. ଗୁକେଶ ଭାରତୀୟ ପୁରୁଷ ଦଳର ନେତୃତ୍ୱ ନେଇ ଅତି ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ଅପରାଜେୟ ରହି ଦଳଗତ ସ୍ୱର୍ଣ୍ଣ ସହ ବ୍ୟକ୍ତିଗତ ଟପ୍ ବୋର୍ଡରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଟପ୍ ବୋର୍ଡରେ ୧୦ ମ୍ୟାଚ୍‌ରୁ ୮ ବିଜୟ ଓ ୨ ଡ୍ର ସହ ସେ ୯ ପଏଣ୍ଟ ହାସଲ କରି ନିଜକୁ ଟପ୍ ବୋର୍ଡର କିଙ୍ଗ ଭାବରେ ପ୍ରତିପାଦିତ କରିଥିଲେ। ୨୯ ମେ ୨୦୦୬ରେ ଚେନ୍ନାଇ ସହରରେ ଗୁଶେଙ୍କ ଜନ୍ମ। ଉଭୟ ପିତା ରଜନୀକାନ୍ତ ଓ ମା' ପଦ୍ମା ଡାକ୍ତର ଅଟନ୍ତି। ପିତା ମାତା ଡାକ୍ତର ଥିବା ବେଳେ ସ୍କୁଲରେ ଚେସ୍ ପ୍ରତି ଗୁକେଶଙ୍କ ଆଗ୍ରହ ଜନ୍ମିଥିଲା। ସ୍କୁଲ କୋଚ୍ ଭାସ୍କର ଏହା ଲକ୍ଷ୍ୟ କରିବା ସହ ଗୁକେଶଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ। ମାତ୍ର ୬ ମାସର ପ୍ରଶିକ୍ଷଣରେ ଗୁକେଶଙ୍କ ଫିଡେ ର୍ୟାଙ୍କିଙ୍ଗ ୧୨୯୧ରେ ପହଞ୍ଚିଥିଲା। ଗୁକେଶଙ୍କ ଖେଳକୁ ଠିକ୍ ଦିଶା ଦେଖାଇବା ପାଇଁ ପିତା ରଜନୀକାନ୍ତ ଚାକିରିରୁ ଅବସର ନେଇଥିଲେ। ଚାକିରି ଛାଡି ସେ ଗୁକେଶଙ୍କ ପ୍ରତି ଟୁର୍ନାମେଣ୍ଟକୁ ଯାଆନ୍ତି ଓ ତାଙ୍କ ସୋସିଆଲ ମିଡିଆ ପରିଚାଳନା କରିଥାନ୍ତି।

୨୦୧୫ରୁ ଖେଳିବା ଆରମ୍ଭ କରିଥିବା ଗୁକେଶ ୨୦୧୭ରେ ଚାପେଲ ଲା ଗ୍ରାଣ୍ଡେ ଟୁର୍ନାମେଣ୍ଟରେ ଆଇଏମ୍ ମାନ୍ୟତା ହାସଲ କରିଥିଲେ। ଗ୍ରାଣ୍ଡ ମାଷ୍ଟର ବିଷ୍ଣୁ ପ୍ରସନ୍ନାଙ୍କ ଅଧୀନରେ ପ୍ରଶିକ୍ଷଣ ଆରମ୍ଭ କରି ମାଲେସିଆରେ ପ୍ରଥମ ଟାଇଟଲ ଜିତିଥିଲେ। ୨୦୧୮ରେ ଏସିଆନ୍ ୟୁଥ୍ ଚାମ୍ପିୟନଶିପ୍‌ରେ ୫ ସ୍ୱର୍ଣ୍ଣ ସହ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। କୋଭିଡ କାରଣରୁ ୨ ବର୍ଷ ଚେସ୍ ବୋର୍ଡରୁ ଦୂରେଇ ରହିବା ପରେ ୨୦୨୨ରେ ୨୭୦୦ ରେଟିଂ ପଏଣ୍ଟ ଅତିକ୍ରମ କରିଥିଲେ। ବିଶ୍ୱର ତୃତୀୟ ସର୍ବକନିଷ୍ଠ ଖେଳାଳି ଭାବରେ ସେ ଏହି ସଫଳତା ହାସଲ କରିଥିଲେ।

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

**କାନପୁର, ୨୬।୯ (ପି.ଟି.)**

ଭ୍ରମଣକାରୀ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ଏଠାରେ ଶୁକ୍ରବାରଠାରୁ ଆରମ୍ଭ ହେବ। ସିରିଜ କ୍ଲିନ୍ ସୁଇପ୍ କରିବାକୁ ହେଲେ ଭାରତ ଏହାର ଦୁଇ ଷ୍ଟାର ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କଠାରୁ ପ୍ରଭାବୀ ବ୍ୟାଟିଂ ଆଶା କରୁଛି। ଚେନ୍ନାଇରେ ଅନୁଷ୍ଠିତ ପ୍ରଥମ ଟେଷ୍ଟର ପ୍ରଥମ ଦିବସରେ ବାଂଲାଦେଶ ପେସ୍ ବୋଲରଙ୍କ ଚମତ୍କାର ବୋଲିଂ ସତ୍ତ୍ୱେ ରବିଚନ୍ଦ୍ରନ ଅଶ୍ୱିନଙ୍କ ଅଲରାଉଣ୍ଡ ପ୍ରଦର୍ଶନ, ଶୁବମନ ଗିଲ୍‌ଙ୍କ ଉପଯୋଗୀ ଶତକ ଏବଂ ରିଷଭ ପନ୍ତଙ୍କ ଦୃଢ଼ ପ୍ରତ୍ୟାବର୍ତ୍ତନ ଯୋଗୁ ଭାରତ ସହଜ

## ଆଜିଠାରୁ ଦ୍ୱିତୀୟ ଟେଷ୍ଟ

ବିଜୟ ହାସଲ କରିପାରିଥିଲା। ବିଶେଷ କରି ଘରୋଇ ଗ୍ରାଉଣ୍ଡରେ ପ୍ରତ୍ୟାବର୍ତ୍ତନ କରି ଭାରତ ଯେପରି ଟେଷ୍ଟ କ୍ରିକେଟରେ ଏହାର ଆଧିପତ୍ୟ ଜାହିର କଲା ଏଥିରୁ ମନେହେଉଛି ଦଳ ନିଜ ଦେଶରେ କ୍ରମାଗତ ୧୮ ସିରିଜ ବିଜୟ ସହ ଏହାର ରେକର୍ଡ ସଂଖ୍ୟାକୁ ବୃଦ୍ଧି କରିବା ପଥରେ ଅଗ୍ରସର ହେଉଛି। ହ୍ୱାଇଟବଲ୍ କ୍ରିକେଟକୁ ପ୍ରତ୍ୟାବର୍ତ୍ତନରେ ସଫଳ ହୋଇଥିବା ପନ୍ତ ପୁଣି ପ୍ରମାଣ କରି ଦେଖାଇବାକୁ ହେବ ଯେ, ଟେଷ୍ଟ କ୍ରିକେଟରେ ସେ କେ ଧୁରନ୍ଧର। ସିରିଜ ଓପନରରେ ବାଂଲାଦେଶ ପେସ୍ ବୋଲର ହସନ ମେହମୁଦ ଓ ତସ୍କିନ ଅହମଦଙ୍କ ଲାଇନ୍ ଲେନ୍ଥ ବୋଲିଂ ଆଗରେ ଉଭୟ ରୋହିତ ଓ ବିରାଟଙ୍କ ବ୍ୟାଟ୍ ନୀରବ ରହିଥିଲା। ଆଗକୁ ଏକ ଲମ୍ବା ଟେଷ୍ଟ ସିଜନ ରହିଥିବା ବେଳେ ଦଳର ଏହି ଦୁଇ ପ୍ରମୁଖ ବ୍ୟାଟରୁ


ଅଧିନାୟକ ରୋହିତ ଶର୍ମା ଓ କୋଚ୍ ଗୌତମ ଗମ୍ଭୀର ପିଚ୍ ନୀରିକ୍ଷଣ କରୁଛନ୍ତି।

ରନ୍‌କୁ ଅପେକ୍ଷା କରାଯାଇଛି। ଗ୍ରୀନ୍‌ପାର୍କ ଉଇକେଟ ହେଉଛି ପାରମ୍ପରିକ ଏକ ନିଚା ଆଣ୍ଡ ଧିମା ଟ୍ରାକ୍ ପ୍ରଥମାବସ୍ଥାରେ ଏହା କିଛି ପରିମାଣରେ ଫାଷ୍ଟ ବୋଲରଙ୍କୁ ଏବଂ ପରେ ଏହା ସ୍ପିନ ବୋଲରଙ୍କୁ ସୁହାଇବ। ଏପରି ସ୍ଥଳେ ଭାରତ ହୁଏତ ୩ ପେସରଙ୍କ ସ୍ଥାନରେ ୩ ସ୍ପିନରଙ୍କୁ ନେଇପାରେ। ଆକାଶ ଦୀପ୍‌ଙ୍କ ସ୍ଥାନରେ କୁଲଦୀପଙ୍କୁ ଦଳରେ ସ୍ଥାନ ମିଳିପାରେ। ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଯଦି ବ୍ୟାଟିଂକୁ ଅଧିକ ଗୁରୁତ୍ୱ ଦିଏ ତେବେ ଘରୋଇ ପିଚ୍‌ର ହିରୋ ବୋଲି କୁହାଯାଉଥିବା କୁଲଦୀପଙ୍କ ସ୍ଥାନରେ ଅକ୍ଷର ପଟେଲଙ୍କୁ ଦଳରେ ନିଆଯାଇପାରେ। ଗତ ୧୮ମାସ ହେଲା ଅକ୍ଷରଙ୍କ ପ୍ରଦର୍ଶନ ଜବରଦସ୍ତ ରହିଛି। ଗ୍ରୀନ୍‌ପାର୍କରେ ଶେଷ ଥର ପାଇଁ ଏକ ଟେଷ୍ଟ ମ୍ୟାଚ ୨୦୨୧ରେ ଖେଳାଯାଇଥିଲା। ସେଥର ଭାରତ ୩ଜଣ ସ୍ପିନର ଅଶ୍ୱିନ, ଜାଡେଜା ଓ ଅକ୍ଷରଙ୍କୁ ଖେଳାଇଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ଏହି ମ୍ୟାଚ ରୋମାଞ୍ଚକ ଡ୍ର ଭାବେ ଶେଷ ହୋଇଥିଲା।

# ଓଡ଼ିଶାରୁ ଭାଗନେବେ ୧୦ ଆଥ୍‌ଲେଟ

**ଭୁବନେଶ୍ୱର, ୨୬।୯ (ତପନ ସ୍ୱାଇଁ)**

ଚଳିତ ମାସ ୨୮ରୁ ୩୦ ପର୍ଯ୍ୟନ୍ତ ବିହାରର ପାଟନାଠାରେ ୪ର୍ଥ ଇଣ୍ଡିଆନ୍ ଓପନ୍ ୨୩ ବର୍ଷରୁ କମ୍ ଆଥ୍‌ଲେଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶାରୁ ୧୦ ଆଥ୍‌ଲେଟ ଏଥିରେ ଅଂଶଗ୍ରହଣ କରିବେ। ଅନିମେଶ କୁଜୁର ଏବଂ ରେୟାନ୍ ବାଶା ୧୦୦ ମିଟର ଓ ୨୦୦ ମିଟର ଦୌଡରେ ଅଂଶଗ୍ରହଣ କରୁଥିବାବେଳେ ଅଭିଷେକ ଦଳବେହେରା ଓ ସୁଖୀ ବାସ୍କେ ୧୦୦ମିଟରରେ ଭାଗନେବେ। ସେହିପରି ଆସ୍ତିକ ପ୍ରଧାନ ୪୦୦ ମିଟର ଦୌଡ, ଯଶବୀର୍ ନାୟକ ଡେକାଥଲନ୍, ଲକ୍ଷ୍ମୀପ୍ରିୟା କିଶାନ ଓ ଦୟାନିଧି ମୁଣ୍ଡା ୮୦୦ମିଟର ଦୌଡ, ନିଖିଲ କୁମାର ଦାସ ହାଇଜମ୍ପ ଏବଂ ସୁସ୍ମିତା ଟିଗା ଷ୍ଟିପଲଚେଜ୍‌ରେ ଅଂଶଗ୍ରହଣ କରିବେ। ଓଡ଼ିଶାରୁ ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ୍ ଆଥ୍‌ଲେଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ସବୁ ଆଥ୍‌ଲେଟ ଇଣ୍ଡିଆନ୍ ଓପନ୍‌ରେ ଭଲ ପ୍ରଦର୍ଶନ କରିବେ ବୋଲି ହାଇପରଫର୍ମାନ୍ସ ସେଣ୍ଟରର ପ୍ରଶିକ୍ଷକ ମାର୍ଟିନ୍ ଓୱେନ୍ସ ଆଶାବ୍ୟକ୍ତ କରିଛନ୍ତି। ପ୍ରତିଯୋଗିତା ପାଇଁ ଓଡ଼ିଶାର ସମସ୍ତ ପ୍ରତିଯୋଗୀ କଠିନ ପରିଶ୍ରମ କରିଛନ୍ତି ଏବଂ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ସେମାନେ ପଦକ ଜିତିବାନେଇ ଆମର ଆଶା ରହିଛି ବୋଲି ମାର୍ଟିନ୍ ପ୍ରକାଶ କରିଛନ୍ତି।

# ଶୁଭେନ୍ଦୁଙ୍କ ପାଇଁ ବଡ଼ ସୁଯୋଗ

## ଏଏଫ୍‌ସି ପ୍ରୋ-ଲାଇସେନ୍ସର ପଞ୍ଚମ ମଡ୍ୟୁଲ କୋର୍ସ ପାଇଁ ସାଉଦି ଆରବ ଗଲେ

**ଭୁବନେଶ୍ୱର, ୨୬।୯ (ତପନ ସ୍ୱାଇଁ)**


ଶୁଭେନ୍ଦୁ ପଣ୍ଡା

ଭାରତୀୟ ଜୁନିୟର ଫୁଟ୍‌ବଲ ଦଳର ପୂର୍ବତନ ମୁଖ୍ୟ କୋଚ (୧୯ ବର୍ଷରୁ କମ୍ ସାଫ୍) ଶୁଭେନ୍ଦୁ ପଣ୍ଡା ଏଏଫ୍‌ସି ପ୍ରୋ-ଲାଇସେନ୍ସର ପଞ୍ଚମ ମଡ୍ୟୁଲ (ଇଣ୍ଟରନ୍ୟାଶନାଲ ଏକ୍ସପୋଜର) କୋର୍ସ କରିବା ପାଇଁ ସାଉଦି ଆରବ ଯାତ୍ରା କରିଛନ୍ତି। ୫ ବର୍ଷ ଧରି ବିଭିନ୍ନ ବର୍ଗ ଯଥା ୧୫, ୧୭, ୧୯ ବର୍ଷରୁ କମ୍ ଭାରତୀୟ ଦଳର ଫୁଟବଲ ଖେଳାଳିଙ୍କୁ ତାଲିମ ପ୍ରଦାନ କରିଥିବା ଏହି ପ୍ରତିଷ୍ଠିତ କୋଚ୍ ଗୁରୁବାରଠାରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ସୌଦୀ ଆରବରେ ଏହି କୋର୍ସ କରୁଛନ୍ତି। ସେ ଏହା ପୂର୍ବରୁ ଏଏଫ୍‌ସି-ପ୍ରୋ ଲାଇସେନ୍ସର ଚାରୋଟି ମଡ୍ୟୁଲ ଚଣ୍ଡିଗଡ଼, ଭୁବନେଶ୍ୱର, ଗୋଆ ଏବଂ ଗୋଟିଏ ଅନ୍‌ଲାଇନରେ ସଫଳତାର ସହ ଶେଷ କରିଛନ୍ତି। ଏହି ଲାଇସେନ୍ସ କୋର୍ସ କରିବା ପାଇଁ ଶୁଭେନ୍ଦୁ ହେଉଛନ୍ତି ଓଡ଼ିଶାର ପ୍ରଥମ ଓ ଏକମାତ୍ର କୋଚ୍, ଯିଏକି ଏଭଳି ଏକ ନିଆରା ସୁଯୋଗ ପାଇଛନ୍ତି। ପ୍ରକାଶଯୋଗ୍ୟ, ଏହି କୋର୍ସ କରିବା ପାଇଁ ଜଣେ କୋଚ୍‌ଙ୍କୁ ଏଏଫ୍‌ସି ଏ-ଲାଇସେନ୍ସ କରିଥିବା ବାଧ୍ୟତାମୂଳକ। କେବଳ ସେତିକି ନୁହେଁ କୌଣସି ଜାତୀୟ ଦଳର କୋଚ ଭାବେ ଅଭିଜ୍ଞତା ଥିବା ବା ଆଇଏସ୍‌ଏଲ୍ କିମ୍ବା ଆଇ-ଲିଗ୍ କ୍ଲବରେ କୋଚ ଭାବେ ଅଭିଜ୍ଞତା ଥିବା ବାଧ୍ୟତାମୂଳକ। ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ କୋଚିଂ କ୍ଷେତ୍ରରେ ପର୍ଯ୍ୟାପ୍ତ ଅଭିଜ୍ଞତା ଥିବାରୁ ଶୁଭେନ୍ଦୁ ଏହି କୋର୍ସ ପାଇଁ ମନୋନୀତ ହୋଇଛନ୍ତି।

ଜାତୀୟ ଦଳର କୋଚ୍‌ଭାବେ ଶୁଭେନ୍ଦୁ ଓଡ଼ିଶା ପାଇଁ ବହୁ ସୁନାମ ଅର୍ଜନ କରିଛନ୍ତି। ଭାରତୀୟ ଦଳରେ ୫ ବର୍ଷ କୋଚିଂ କାର୍ଯ୍ୟକାଳ ମଧ୍ୟରେ ୧୫ ବର୍ଷରୁ କମ୍ ସାଫ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳକୁ ବ୍ରୋଞ୍ଜ ପଦକ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ସେହିପରି ୧୯ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ଭାରତ ପାଇଁ ଗୌରବ ଅର୍ଜନ କରିଛନ୍ତି। ଶୁଭେନ୍ଦୁ ହେଉଛନ୍ତି ଓଡ଼ିଶାର ପ୍ରଥମ ଏ-ଲାଇସେନ୍ସ କୋଚ୍। ସେ ବର୍ତ୍ତମାନ ଓଡ଼ିଶା ସରକାରଙ୍କ ସ୍ପୋର୍ଟ୍ସ ଓଡ଼ିଶା ଟିମ୍‌ର ଟେକ୍ନିକାଲ ଡାଇରେକ୍ଟର ତଥା ହେଡ୍ ଅଫ ୟୁଥ ଡେଭେଲେପମେଣ୍ଟ ଭାବେ କାର୍ଯ୍ୟରତ। ୨୦୧୭ରୁ ୨୦୨୩ ମଧ୍ୟରେ ଓଡ଼ିଶାର ଫୁଟ୍‌ବଲ ଭିତ୍ତିଭୂମି ରୂପାନ୍ତରଣରେ ଶୁଭେନ୍ଦୁଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତାଙ୍କ ଅଧୀନରେ ପ୍ରଶିକ୍ଷଣ ନେଇ ଓଡ଼ିଶାର ୫ ଖେଳାଳି ବିଭିନ୍ନ ବର୍ଗରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରି ସାରିଛନ୍ତି। ଏବଂ ଡଜନରୁ ଊର୍ଦ୍ଧ୍ୱ ଖେଳାଳି ଏବେ ଆଇଏସ୍‌ଏଲ୍‌ର ବିଭିନ୍ନ ଦଳରେ ପ୍ରତିନିଧିତ୍ୱ କରୁଛନ୍ତି। ଏହା ପୂର୍ବରୁ ଶୁଭେନ୍ଦୁ ବିଦେଶରେ ୬ରୁ ଅଧିକ ନାମୀ କ୍ଲବକୁ ଯାଇ ସ୍ପେଶିଆଲାଇଜେଶନ କୋର୍ସ କରିଛନ୍ତି। ଏବେ ଏଏଫ୍‌ସି ପ୍ରୋ-ଲାଇସେନ୍ସର ପଞ୍ଚମ ମଡ୍ୟୁଲ କୋର୍ସ କରୁଥିବାରୁ ଶୁଭେନ୍ଦୁଙ୍କୁ ବହୁ ଖ୍ୟାତନାମା ଫୁଟ୍‌ବଲ ଖେଳାଳି ଶୁଭେଚ୍ଛା ଜଣାଇଛନ୍ତି।

# ଓଡ଼ିଶା ସେକ୍ରେଟାରିଏଟ, ଆରଏସ୍‌ପି ଚାମ୍ପିୟନ

**ଭୁବନେଶ୍ୱର, ୨୬।୯ (ତପନ ସ୍ୱାଇଁ):** ହକି ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ରାଉରକେଲାରେ ସିନିୟର ମହିଳା ଓ ଜୁନିୟର ପୁରୁଷ ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସିନିୟର ମହିଳାରେ ଓଡ଼ିଶା ସେକ୍ରେଟାରିଏଟ୍ ଓ ଜୁନିୟର ପୁରୁଷରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସ୍‌ପି) ଚାମ୍ପିୟନ ହୋଇଛି। ସିନିୟର ମହିଳା ଫାଇନାଲରେ ଓଡ଼ିଶା ସେକ୍ରେଟାରିଏଟ୍ ପେନାଲ୍ଟି ଶୁଟ୍‌ଆଉଟ ୩-୨ ଗୋଲରେ ସୁନ୍ଦରଗଡ଼କୁ ହରାଇଥିବାବେଳେ ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲ ଶୁଟ୍‌ଆଉଟ ୪-୨ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଜୁନିୟର ପୁରୁଷ ବର୍ଗ ଫାଇନାଲରେ ଆରଏସ୍‌ପି ୨-୦ ଗୋଲରେ ସୁନ୍ଦରଗଡ଼କୁ ହରାଇ ଦେଇଛି। ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର ୩-୦ରେ ଗାଙ୍ଗପୁର ହକିକୁ ହରାଇ ତୃତୀୟ ସ୍ଥାନ ହାସଲ କରିଛି। ସିନିୟର ମହିଳାରେ ଜିଓ୍ୱନ କିଶୋରୀ ଟପ୍ପୋ ଏବଂ ଜୁନିୟର ପୁରୁଷରେ ଅନମୋଲ ଏକ୍କା ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଏହା ବ୍ୟତୀତ ମହିଳା ବର୍ଗରେ ସୁନୀତା ଖାଖା ଶ୍ରେଷ୍ଠ ଡିଫେଣ୍ଡର, କମଳା ସିଂ ଶ୍ରେଷ୍ଠ ଫରଓ୍ୱାର୍ଡ, ପ୍ରେମିତ୍ରା ବଡ଼ା ଶ୍ରେଷ୍ଠ ମିଡ୍‌ଫିଲ୍ଡର, ଆରତୀ ରେଶମା ଟପ୍ପୋ ଶ୍ରେଷ୍ଠ ଗୋଲକିପର ପୁରସ୍କାର ପାଇଥିଲେ।

# ଶକିବଙ୍କ ଅବସର ଘୋଷଣା

**କାନପୁର, ୨୬।୯ (ପି.ଟି.)**


ଶକିବ ଅଲ୍ ହସନ

ବାଂଲାଦେଶ ଅଲରାଉଣ୍ଡର ଶକିବ ଅଲ୍ ହସନ ଗୁରୁବାର ଅନ୍ତର୍ଜାତୀୟ ଟି୨୦ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଦେଶର କ୍ରିକେଟ ବୋର୍ଡ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତାଙ୍କୁ ଫେୟାରୱେଲ ମ୍ୟାଚ ଭାବେ ଖେଳିବା ଲାଗି ସୁଯୋଗ ନ ଦିଏ ତେବେ କାନପୁରଠାରେ ଶୁକ୍ରବାର ଭାରତ ବିପକ୍ଷରେ ଖେଳାଯିବାକୁଥିବା ଦ୍ୱିତୀୟ ଟେଷ୍ଟ ତାଙ୍କର ଅନ୍ତିମ ଟେଷ୍ଟ ମ୍ୟାଚ ହେବ। ପାକିସ୍ତାନ ଓ ୟୁଏଇରେ ଖେଳାଯିବାକୁଥିବା ଚାମ୍ପିୟନ୍ସ ଟ୍ରଫିରେ ସେ ବାଂଲାଦେଶ ପାଇଁ ତାଙ୍କର ଶେଷ ଅନ୍ତର୍ଜାତୀୟ ଗେମ୍ ଖେଳିବେ। ଏହି ୩୭ବର୍ଷୀୟ ମହାନ୍ ଖେଳାଳି ବାଂଲାଦେଶ ପାଇଁ ୧୨୯ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସେ କିନ୍ତୁ ଫ୍ରାଞ୍ଚାଇଜ୍ ଲିଗ୍ ଖେଳିବା ଜାରି ରଖିବେ। ସେ ତାଙ୍କ ଶେଷ ଟି୨୦ ମ୍ୟାଚ ଟି୨୦ ବିଶ୍ୱକପ୍‌ରେ ଖେଳିସାରିଛନ୍ତି। ସେ ଚୟନକର୍ତ୍ତାଙ୍କ ସହ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରିସାରିଛନ୍ତି। ୨୦୨୬ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ନୂଆ ଖେଳାଳିଙ୍କୁ ସୁଯୋଗ ଦେବା ଅଭିପ୍ରାୟ ରଖି ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ଶକିବ ଇତିମଧ୍ୟରେ ୭୦ ଟେଷ୍ଟ ମ୍ୟାଚ ଖେଳି ୪୬୦୦ ରନ ସଂଗ୍ରହ କରିବା ସହ ୨୪୨ ଉଇକେଟ ଅକ୍ତିଆର କରିଛନ୍ତି। ସୂଚନାଯୋଗ୍ୟ, ଶକିବ ହେଉଛନ୍ତି ବାଂଲାଦେଶର ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ ହସିନା ଆଓ୍ୱାମୀ ଲିଗ୍‌ର ଜଣେ ପାର୍ଲାମେଣ୍ଟ ସଦସ୍ୟ ଥିଲେ। ଗତ ଅଗଷ୍ଟରେ ବାଂଲାଦେଶରେ ହୋଇଥିବା ନାଗରିକ ବିରୋଧ ସହ ଜଡ଼ିତ ଏକ ହତ୍ୟା ମାମଲାରେ ଶକିବଙ୍କ ନାମରେ ଥାନାରେ ଏଫ୍‌ଆଇଆର୍ ଦାଏର ହୋଇଛି। ନିହତ ବ୍ୟକ୍ତି ଜଣକ ହେଉଛନ୍ତି ପୋଷାକପତ୍ର ତିଆରି କାରଖାନାର ଜଣେ କର୍ମଚାରୀ ମହମ୍ମଦ ରୁବେଲ। ତାଙ୍କ ପିତା ରଫିକୁଲ ଇସ୍‌ଲାମ ଅଗଷ୍ଟ ୭ରେ ଶକିବଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ଶକିବ କହିଛନ୍ତି, ତାଙ୍କର ସୁରକ୍ଷା ନେଇ ଯଦି ନିର୍ଭର ପ୍ରତିଶ୍ରୁତି ନ ମିଳେ ଭାରତ ବିପକ୍ଷ ଚଳିତ ସିରିଜ ଶେଷ ହେବା ପରେ ସେ ବାଂଲାଦେଶକୁ ଫେରି ନ ପାରନ୍ତି।

# ଓଡିଏମ୍ ଗ୍ଲୋବାଲ ସେମିରେ

**ଭୁବନେଶ୍ୱର, ୨୬।୯ (ବିଜୟ ରଣା):** ଭେଟେରାନ ଫୁଟ୍‌ବଲ ପ୍ଲେୟର୍ସ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୧ ଖେଳପଡ଼ିଆରେ ଚାଲିଥିବା ୟୁନି ଲାଇଟ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି ଓଡିଏମ୍ ଗ୍ଲୋବାଲ ସ୍କୁଲ। ଗୁରୁବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ କ୍ୱାର୍ଟରଫାଇନାଲ ମ୍ୟାଚରେ ଦଳ ଟାଇବ୍ରେକରରେ କ୍ୟାପିଟାଲ ହାଇସ୍କୁଲକୁ ପରାସ୍ତ କରିଛି। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଖେଳ ୩-୩ରେ ଅମୀମାଂସିତ ରହିବାରୁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ନିର୍ଦ୍ଧାରିତ ସମୟ ଖେଳରେ କ୍ୟାପିଟାଲ ହାଇସ୍କୁଲ ତରଫରୁ ବାଜମ ଟୁଡୁ ଗୋଟିଏ ଏବଂ ସୁରେଶ ମୁର୍ମୁ ଦୁଇଟି ଗୋଲ ଦେଇଥିଲେ। ଓଡିଏମ୍ ଗ୍ଲୋବାଲ ସ୍କୁଲ ପକ୍ଷରୁ ଉସାସ୍ ପାଙ୍ଗି, ଆଶିଷ କୁମାର ଓ ଶ୍ରୀଜଲ କିସ୍କୁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଦେବାଂଶୁ ପ୍ରଧାନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ଆଥ୍‌ଲେଟ ପ୍ରଣତୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଆସୋସିଏଶନର ସଭାପତି ନବରଞ୍ଜନ ପଟ୍ଟନାୟକ, ପ୍ରଦୀପ କୁମାର ବଳିୟାର ସିଂ, ବିରଞ୍ଚି ମହାନ୍ତି, ଅଶୋକ ପଟ୍ଟନାୟକ, ପ୍ରଦୀପ ଦାସ ଓ ଶ୍ରୀମନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଦଳକୁ ବ୍ରୋଞ୍ଜ ପଦକ


ପଦକ ଓ ପୁରସ୍କାର ସହ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୬।୯ (ତପନ ସ୍ୱାଇଁ)**

## ସର୍ବଭାରତୀୟ ପୋଷ୍ଟାଲ ଚେସ୍

ଗୋଆର ପଣଜିଠାରେ ଅନୁଷ୍ଠିତ ୩୭ତମ ସର୍ବଭାରତୀୟ ପୋଷ୍ଟାଲ ଚେସ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଏଥିରେ ଚମତ୍କାର ପ୍ରଦର୍ଶନ କରି ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ତାମିଲନାଡୁ ସର୍କଲ ସ୍ୱର୍ଣ୍ଣ ଓ ବିହାର ରୌପ୍ୟ ପଦକ ପାଇଛି। ଦଳଗତ ବ୍ରୋଞ୍ଜ ବ୍ୟତୀତ ଓଡ଼ିଶା ଖେଳାଳିମାନେ ବ୍ୟକ୍ତିଗତ ସ୍ତରରେ ପ୍ରଭାବୀ ପ୍ରଦର୍ଶନ କରି ପଦକ ଲାଭ କରିଛନ୍ତି। ମନୋଜ କୁମାର ପାଣିଗ୍ରାହୀ ଓ ଉତ୍କଳ ରଞ୍ଜନ ସାହୁ ବୋର୍ଡ ପ୍ରାଇଜ୍ ବିଜେତା ହୋଇଛନ୍ତି। ଉତ୍କଳ ରଞ୍ଜନ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ବ୍ୟକ୍ତିଗତ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କାର୍ତ୍ତିକ ତନସନା ଓ ଅମରେଶ କୁମାର ହନୁମାନ ଓଡ଼ିଶା ଦଳର ଅନ୍ୟ ଦୁଇ ସଦସ୍ୟ ଥିଲେ। ଗତ ୨୩ ତାରିଖରୁ ପ୍ରତିଯୋଗିତା ଆରମ୍ଭ ହୋଇଥିଲା।

# କଳାହାଣ୍ଡି ବିଜୟୀ, ଦ୍ୱିତୀୟ ମ୍ୟାଚ୍‌ରେ ବର୍ଷା ବାଧା


ଅତିଥିମାନେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି ।

**ବରଗଡ଼, ୨୬।୯(ପ୍ରେମାନନ୍ଦ ଖମାରୀ)**

## ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ

ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଏବଂ ବରଗଡ଼ ଜିଲା କ୍ରୀଡ଼ା ସଂସଦର ମିଳିତ ଆୟୋଜନରେ ଅନୁଷ୍ଠିତ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାରେ ଗୁରୁବାର କଳାହାଣ୍ଡି ଓ ନୂଆପଡ଼ା ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କଳାହାଣ୍ଡି ଦଳ ବିଜୟୀ ହୋଇଥିଲା। ସେହିପରି କନ୍ଧମାଳ ଓ ବଲାଙ୍ଗୀର ମଧ୍ୟରେ ଖେଳାଯାଉଥିବା ଦ୍ୱିତୀୟ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭର ୪ ମିନିଟ ପରେ ବର୍ଷା ଯୋଗୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ଅସମାପ୍ତ ଖେଳ ଶୁକ୍ରବାର ସକାଳ ୭ଟା ୩୦ ମିନିଟରେ ଅନୁଷ୍ଠିତ ହେବ। କଳାହାଣ୍ଡି ଓ ନୂଆପଡା ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ପ୍ରଥମ ମ୍ୟାଚ୍‌ରେ କଳାହାଣ୍ଡି ଦଳ ୪-୨ ଗୋଲରେ ବିଜୟୀ ହୋଇଥିଲା। କଳାହାଣ୍ଡି ପକ୍ଷରୁ ଗଜେନ ମୁର୍ମୁ ୨ଟି ଗୋଲ ଦେଇଥିବାବେଳେ ଦେବାନନ୍ଦ ବୁଦୁଲିଆ, ସୁଜିତ ବାର୍ଲା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ନୂଆପଡା ପକ୍ଷରୁ ତରୁଣ ମାଝୀ ୨ଟି ଗୋଲ ସ୍କୋର କରିଥିଲେ ।

ସେହିପରି ଦ୍ୱିତୀୟ ମ୍ୟାଚ୍ କନ୍ଧମାଳ ଓ ବଲାଙ୍ଗୀର ମଧ୍ୟରେ ହୋଇଥିଲା। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା କନ୍ଧମାଳ ଦଳ ୩-୧ ଗୋଲ ବ୍ୟବଧାନରେ ଆଗୁଆ ଥିଲା। ଦ୍ୱିତୀୟାର୍ଦ୍ଧର ୪ ମିନିଟ୍ ପରେ ପ୍ରବଳ ବର୍ଷା ଯୋଗୁ ମ୍ୟାଚ୍‌କୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ଶୁକ୍ରବାର ସକାଳ ସାଢ଼େ ୭ଟାରେ ଏହି ଅସମାପ୍ତ ଖେଳର ଆୟୋଜନ ହେବ। ଜିଲା କ୍ରୀଡ଼ା ସଂସଦର ଉପସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପ୍ରାକ୍ତନ ଖେଳାଳି ଅତିଶ ପଣ୍ଡା, ଜ୍ଞାନରଞ୍ଜନ ପୂଜାରୀ ଓ ମନୋରଞ୍ଜନ କୁମାର ଅତିଥି ଭାବେ ଯୋଗଦେଇ କଳାହାଣ୍ଡି ଦଳର ୧୦ ନମ୍ବର ଖେଳାଳି ସୁଜିତ ବାର୍ଲାଙ୍କୁ ପ୍ରଥମ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ।

## ଯାଜପୁରକୁ ହରାଇଲା ଢେଙ୍କାନାଳ

**ବାରିପଦା, ୨୬।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ଷ୍ଟାଡିୟମ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟବଲ ଚାମ୍ପିୟନସିପ୍‌ର ୨ୟ ଦିନ ଖେଳର ପ୍ରଥମ ମ୍ୟାଚରେ ଢେଙ୍କାନାଳ ଦଳ ଯାଜପୁରକୁ ୨-୧ ଗୋଲରେ ପରାସ୍ତ କରିଛି। ଶେଖବତ ଖାନ, ଲକ୍ଷ୍ମଣ ସେଠ, ଶିବ ସାମନ୍ତ ରାୟ ଓ ବାପୁନ ମହାନ୍ତ ଖେଳ ପରିଚାଳନା କରିଥିଲେ। ମଧୁ ଯାନୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ମ୍ୟାଚ ବାଲେଶ୍ୱର ଓ ଦେବଗଡ଼ ମଧ୍ୟରେ ହୋଇଥିବା ବେଳେ ୧-୧ ଗୋଲ ବ୍ୟବଧାନରେ ଅମୀମାଂସିତ ରହିଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ସାହିର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଫାଓ ଉପ ସଭାପତି ଅସିତ ପତି, ମୟୂରଭଞ୍ଜ କ୍ରୀଡ଼ା ସଂସଦର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠି ଓ ସମସ୍ତ କାଉନସିଲ ସଦସ୍ୟ ଉପସ୍ଥିତ ଥିଲେ।

# କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଫୁଟବଲ ଦଳକୁ ଫେୟାର ପ୍ଲେ ପୁରସ୍କାର

**ଭୁବନେଶ୍ୱର, ୨୬।୯ (ତପନ ସ୍ୱାଇଁ)**

ଏସିଆନ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଏୟୁଏସଏଫ୍) ଆନୁକୂଲ୍ୟରେ ଚାଇନାର ୟାନବିନଠାରେ ଅନୁଷ୍ଠିତ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଇଣ୍ଡିଆନ ୟୁନିଭର୍ସିଟି ଦଳ ୪ର୍ଥ ସ୍ଥାନ ହାସଲ କରିବା ସହ ଫେୟାର ପ୍ଲେ ପୁରସ୍କାର ଲାଭ କରିଛି। କିଟ୍ ବିଶ୍ୱବିଦ୍ୟାଳୟ ଦଳ ଏହି ପ୍ରତିଯୋଗିତାରେ ଇଣ୍ଡିଆନ ୟୁନିଭର୍ସିଟି ପକ୍ଷରୁ ପ୍ରତିନିଧିତ୍ୱ କରିଥିଲା ଏବଂ ଏହି ଦଳରେ କିସ୍ ବିଶ୍ୱବିଦ୍ୟାଳୟର ସମସ୍ତ ଖେଳାଳି ଖେଳିଥିଲେ। ଇଣ୍ଡିଆନ ୟୁନିଭର୍ସିଟିର ଅଂଶଗ୍ରହଣ ପାଇଁ କିଟ୍ ପକ୍ଷରୁ ୫୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍‌ର ଯୁଗ୍ମ ସମ୍ପାଦକ (ୱାଇଏ ଆଣ୍ଡ ସ୍ପୋର୍ଟ୍ସ) ବଲଜିତ ସିଂ ଶେଖୋଁ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ଆଶୀର୍ବାଦ ବେହେରା, ଏଆଇଏଫଏଫ ପ୍ଲେୟର୍ସ ଡେଭ୍‌ଲପ୍‌ମେଣ୍ଟ କମିଟି ଅଧ୍ୟକ୍ଷ ଅଭିଜିତ ପାଲ, ବୈଷୟିକ ନିର୍ଦ୍ଦେଶକ ସୟଦ ସବିର ପାଶା ପ୍ରମୁଖ ଖେଳାଳି ଓ ଅଫିସିଆଲମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ଫେୟାର ପ୍ଲେ ପୁରସ୍କାର ବିଜୟୀ କିଟ୍ ବିଶ୍ୱବିଦ୍ୟାଳୟ ଦଳ।

# କ୍ୱାର୍ଟରରେ ଶ୍ରୀକାନ୍ତ, ତ୍ରିସା-ଗାୟତ୍ରୀ

**ମାକାଉ, ୨୬।୯ (ପି.ଟି.):** ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି କିଦାମ୍ବି ଶ୍ରୀକାନ୍ତ ମାକାଉ ଓପନ ସୁପର ୩୦୦ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଦ୍ୱିତୀୟ ରାଉଣ୍ଡରେ ସେ ନିଜ ଦେଶର ତଥା ୨୦୧୩ ଓଡ଼ିଶା ମାଷ୍ଟର୍ସ ରନରଅପ୍ ଆୟୁଷ ଶେଟ୍ଟିଙ୍କୁ ୨୧-୧୩, ୨୧-୧୮ ସିଧାସଳଖ ଗେମ୍‌ରେ ହରାଇ ଦେଇଛନ୍ତି। ମହିଳା ଡବଲ୍ସ ଯୋଡ଼ି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ମଧ୍ୟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ୨୨-୨୦, ୨୧-୧୧ରେ ଚାଇନିଜ ତାଇପେ ଯୋଡ଼ି ଲିନ୍ ଚି-ଚୁନ୍ ଓ ତେନଙ୍ଗ୍ ଚୁନ୍ ହୁନ୍‌ଙ୍କୁ ହରାଇଛନ୍ତି।

ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୭/୨୦୨୪ Bhubaneswar, Friday, September 27/ 2024

# ଟାଇଗର୍ସଙ୍କୁ ଆଜି ଭେଟିବ କୋଣାର୍କ ସୂର୍ଯ୍ୟସ

ଭୁବନେଶ୍ୱର, ୨୬।୯ (ତପନ ସ୍ୱାଇଁ)

ସୁରଟର ଲାଲାଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ଶୁକ୍ରବାର କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଓ ମଣିପାଲ ଟାଇଗର୍ସ ମଧ୍ୟରେ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଚଳିତ ବର୍ଷ ଏହି ଲିଗ୍‌ରେ ପଦାର୍ପଣ କରିଥିବା ଓଡ଼ିଶା ଭିତ୍ତିକ ଦଳର ଏହା ହେବ ଦ୍ୱିତୀୟ ମ୍ୟାଚ। କୋଣାର୍କ ସୂର୍ଯ୍ୟସ ନିଜର ପ୍ରଥମ ତଥା ଉଦ୍‌ଘାଟନୀ ମ୍ୟାଚ ଯୋଧପୁରର

## ଲିଜେଣ୍ଡ୍ସ ଲିଗ୍ କ୍ରିକେଟ
## ମ୍ୟାଚ୍‌ରେ ବର୍ଷା ସମ୍ଭାବନା

ମର୍କତୁଲ୍ଲା ଖାଁ ଷ୍ଟାଡିୟମରେ ଖେଳିଥିଲା। ଏଥିରେ ମଧ୍ୟ ସମାନ ପ୍ରତିଦ୍ୱନ୍ଦ୍ୱୀ ମଣିପାଲ ଟାଇଗର୍ସ ସହିତ କଡ଼ା ଟକ୍କର ହୋଇଥିଲା। ମାତ୍ର ଶେଷ ଓଭରର ନାଟକୀୟ ଘଟଣାକ୍ରମ ପରେ କୋଣାର୍କ ସୂର୍ଯ୍ୟସ ୨ ରନରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଥିଲା। ଗତ କିଛିଦିନ ଧରି ସୁରଟରେ ବର୍ଷା ହେଉଥିବାରୁ ଆସନ୍ତା ମ୍ୟାଚ ବାଧାପ୍ରାପ୍ତ ହେବାର ଯଥେଷ୍ଟ




ସମ୍ଭାବନା ରହିଛି। ପିଚ୍‌କୁ କଭର କରି ରଖାଯାଇଛି। ଯଦିବା ମ୍ୟାଚ ହୁଏ ତେବେ ଆଉଟଫିଲ୍ଡ ସ୍ଲୋ ରହିବ। ଏ କ୍ଷେତ୍ରରେ ଇରଫାନ ପଠାନଙ୍କ ନେତୃତ୍ୱାଧୀନ ଦଳକୁ ସତର୍କତାର ସହ ମଣିପାଲ ଟାଇଗର୍ସର ମୁକାବିଲା କରିବାକୁ ହେବ।

ଯୋଧପୁରରେ ପ୍ରଥମେ ବ୍ୟାଟିଂ କରିଥିବା କୋଣାର୍କ ସୂର୍ଯ୍ୟସ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୦୪ ରନ କରିବାକୁ ସକ୍ଷମ ହୋଇଥିଲା। କୌଣସି ଖେଳାଳି ଅଧିକ ସମୟ କ୍ରିଜରେ ତିଷ୍ଠିପାରି ନ ଥିବାବେଳେ ନିଜେ ଇରଫାନ ସର୍ବାଧିକ ୧୮ ରନ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ଅନୁରିତ ସିଂ ଓ ଓବୁସ ପିନାର ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଟପ୍ ଓ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ମଣିପାଲ ଟାଇଗର୍ସ ଶେଷ ଭାଗରେ ଡାନିଏଲ ଖ୍ରୀଷ୍ଟିଆନ (୩୦ ରନ) ଓ ଓବୁସ ପିନାର(୩୪)ଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ବିଜୟ ଦ୍ୱାରରେ ପହଞ୍ଚି ଯାଇଥିଲା। ମାତ୍ର ଶେଷ ଓଭରର ଚାପକୁ ହାତେଇ ନ ପାରି ଦଳ ଲକ୍ଷ୍ୟଠାରୁ ୨ ରନ ଦୂରରେ ରହି ଯାଇଥିଲା। କୋଣାର୍କ ସୂର୍ଯ୍ୟସ ପକ୍ଷରୁ ଶାହାବାଜ ନଦୀମ, ବିନୟ କୁମାର ଓ ଦିଲସାନ ମୁନାୱିରା ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ସୁରଟରେ ନୂଆ ପିଚ୍ ଓ ଭିନ୍ନ ପରିବେଶ ହୋଇଥିବାରୁ ଏବଂ ବର୍ଷା ସମ୍ଭାବନା ଥିବାରୁ ଉଭୟ ଦଳ ପାଇଁ ଏହି ମ୍ୟାଚ ଚ୍ୟାଲେଞ୍ଜି ସୃଷ୍ଟି କରିବା ସମ୍ଭାବନା ରହିଛି।

# ବିଜୟରେ ସଦର୍ନ ସୁପରଷ୍ଟାର୍ସର ହ୍ୟାଟ୍ରିକ

ଯୋଧପୁର, ୨୬।୯

ଲିଜେଣ୍ଡ୍ସ ଲିଗ୍ କ୍ରିକେଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ସଦର୍ନ ସୁପରଷ୍ଟାର୍ସ ୮ ଉଇକେଟରେ ଗୁଜରାଟ ଗ୍ରେଟ୍‌ସ୍କୁ ପରାସ୍ତ କରିଛି। ଗୁଜରାଟ ଗ୍ରେଟ୍‌ସ ୨୦ ଓଭରରେ ୭ ଉଇକେଟ ହରାଇ ୧୨୩ ରନ କରିଥିଲା। ଜବାବରେ ସଦର୍ନ ସୁପରଷ୍ଟାର୍ସ ୧୪.୩ ଓଭରରେ ୨ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରି ନେଇଥିଲା। ମାର୍ଟିନ ଗୁପଟିଲ ୧୪ ଓ ହାମିଲଟନ ମାସାକାଜା ୪୧ (୨୭ ବଲ, ୪ ଚୌକା, ୨ ଛକା) ରନକରି ଆଉଟ ହୋଇଥିବାବେଳେ ଗୋସ୍ୱାମୀ ୩୮ ବଲ୍‌ରୁ ୪୮ ଓ ପୱନ ନେଗି ୧୯ ରନକରି ଅପରାଜିତ ରହିଥିଲେ। ଗୁଜରାଟ ପକ୍ଷରୁ ମନନ ଶର୍ମା ଓ ସମର କାଦ୍ରି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। କ୍ରମାଗତ ୩ ମ୍ୟାଚ ଜିତି ବିଜୟରେ ହ୍ୟାଟ୍ରିକ କରିଛି ସୁପରଷ୍ଟାର୍ସ। ୩ ମ୍ୟାଚରୁ ୬ ପଏଣ୍ଟ ସହିତ ଟେବୁଲର ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଗୁଜରାଟ ଗ୍ରେଟ୍‌ସ ୩ ମ୍ୟାଚରୁ ଦ୍ୱିତୀୟ ପରାଜୟ ବରଣ କରିଛି। ପୂର୍ବ ମ୍ୟାଚରେ ମଧ୍ୟ ଏହି ଦଳ ସୁପରଷ୍ଟାର୍ସ ନିକଟରୁ ପରାଜିତ ହୋଇଥିଲା।

ଟସ୍ ଜିତି ଗୁଜରାଟ ଗ୍ରେଟ୍‌ସ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମାତ୍ର ଅଧିନାୟକ ଶିଖର ଧାୱନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ବିପକ୍ଷ ଦଳର ବୋଲରଙ୍କୁ ଅଧିକ ସମୟ ସାମ୍ନା କରିପାରି ନ ଥିଲା। ଧାୱନ ସର୍ବାଧିକ ୩୮ ରନ କରିଥିବାବେଳେ ଦ୍ୱିତୀୟ ସର୍ବାଧିକଭାବେ ସଦର୍ନ ସୁପରଷ୍ଟାର୍ସ ବୋଲରମାନେ ୧୯ ରନ ଅତିରିକ୍ତଭାବେ ବ୍ୟୟ କରିଥିଲେ। ସୁପରଷ୍ଟାର୍ସ ବୋଲରଙ୍କ ମଧ୍ୟରେ ସୁବୋଥ ଭାଟି ୨ଟି ଏବଂ ହମିଦ ହାସନ, ଅବଦୁର ରଜାକ, ପୱନ ନେଗି ଓ ଜେସାଲ କରିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଗ୍ରେଟ୍‌ସ ୨୦ ଓଭରରେ ୧୨୩/୭ (ଶିଖର ଧାୱନ-୩୮, ସୁବୋଥ ଭାଟି-୨/୨୪, ହମିଦ ହାସନ-୧/୧୫, ଅବଦୁର ରଜାକ-୧/୨୧, ପୱନ ନେଗି-୧/୧୭, ଜେସାଲ କରିଆ-୧/୨୦)। ସଦର୍ନ ସୁପରଷ୍ଟାର୍ସ ୧୪.୩ ଓଭରରେ ୧୨୯/୨ (ଶ୍ରୀବତ୍ସ ଗୋସ୍ୱାମୀ-୪୮*, ହାମିଲଟନ ମାସାକାଜା-୪୧, ପୱନ ନେଗି-୧୯, ମନନ ଶର୍ମା-୨/୩୬, ସମର କାଦ୍ରି-୧/୧୮)।

# ‘୨୦୦୭ ଟି୨୦ ବିଶ୍ୱକପ୍ ବିଜୟ ଦେଶରେ କ୍ରିକେଟର ଛବି ବଦଳାଇ ଦେଇଥିଲା’

“ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ସର୍ବଦା ଯୁବ ଖେଳାଳିଙ୍କୁ ପ୍ରୋତ୍ସାହିତ କରି ଆସୁଛି। କ୍ରିକେଟକୁ ଅନୁସରଣ କରୁଥିବା ଏବଂ ଏଥିରେ କ୍ୟାରିୟର କରିବାକୁ ଇଚ୍ଛୁକ ଯୁବକଙ୍କୁ ଆମେ ବ୍ୟକ୍ତିଗତଭାବେ ମଧ୍ୟ ସର୍ବଦା ଉତ୍ସାହିତ କରିବାକୁ ଚେଷ୍ଟା କରିଥାଉ। ଏଲ୍‌ଏଲ୍‌ସିର ଅଂଶ ଥିବା ଅଧିକାଂଶ ଅବସରପ୍ରାପ୍ତ ଖେଳାଳି ଅନ୍ତର୍ଜାତୀୟ ସ୍ତରରେ ନିଜ ଦେଶକୁ ପ୍ରତିନିଧିତ୍ୱ କରିଛନ୍ତି। ତେଣୁ ଅଭ୍ୟାସ ପାଇଁ ଦଳରେ ଯୋଗଦେଇଥିବା ଯୁବ ଖେଳାଳିମାନେ ସେମାନଙ୍କଠାରୁ ଅନେକ କିଛି ଶିଖିବାକୁ ପାଉଛନ୍ତି” ବୋଲି ପ୍ରକାଶ କରିଛନ୍ତି ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଲ୍‌ରାଉଣ୍ଡର ୟୁସୁଫ ପଠାନ। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାପରେ ସେ ବିଭିନ୍ନ ଫ୍ରାଞ୍ଚାଇଜିଭିତ୍ତିକ ଲିଗରେ ଖେଳୁଛନ୍ତି। ଚଳିତବର୍ଷ ଲିଜେଣ୍ଡ୍ସ ଲିଗ କ୍ରିକେଟ (ଏଲଏଲସି)ରେ ସେ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ପକ୍ଷରୁ ପ୍ରତିନିଧି କରୁଛନ୍ତି। ଏହା ଓଡ଼ିଶାର ପ୍ରଥମ ଲିଗଭିତ୍ତିକ କ୍ରିକେଟ ଦଳ ହୋଇଥିବାରୁ ରାଜ୍ୟବାସୀଙ୍କ ଲାଗି ନିଶ୍ଚିତ ଖୁସିର ବିଷୟ। ଜଣେ କ୍ରିକେଟର ଭାବେ ଆମେ ଏକ ରାଜ୍ୟ ତଥା ଆମ ଦେଶର ପ୍ରତିନିଧିତ୍ୱ କରିବାରେ ସର୍ବଦା ଗର୍ବିତ ଅନୁଭବ କରୁ। ପରବର୍ତ୍ତୀ ପିଢି କ୍ରିକେଟରଙ୍କୁ ଉତ୍ସାହିତ କରୁ ଥିବାରୁ ଆମେ ଖୁବ୍ ଆନନ୍ଦିତ ବୋଲି ୟୁସୁଫ କହିଛନ୍ତି।

୨୦୦୭ ଟି୨୦ ବିଶ୍ୱକପ ସମ୍ପର୍କରେ ୟୁସୁଫ କହିଛନ୍ତି ଯେ, ଇତିମଧ୍ୟରେ ୧୭ ବର୍ଷ ବିତିଗଲାଣି। ସେବେଠାରୁ କ୍ରିକେଟରେ ଅନେକ କିଛି ପରିବର୍ତ୍ତନ ଆସିଛି। ଆମେ ଯେତେବେଳେ ବିଶ୍ୱକପ ଜିତିଥିଲୁ କାହାକୁ ଏହି ଫର୍ମାଟରେ କେଉଁ ଭଳି ଖେଳାଯାଏ ଜଣା ନ ଥିଲା। ଆମେ


ସୁରଟରେ ଅଭ୍ୟାସ ଅବସରରେ ୟୁସୁଫ ପଠାନ।

ସମସ୍ତେ ଦିନିକିଆ ଓ ଟେଷ୍ଟ ଫର୍ମାଟ ସହ ପରିଚିତ ଥିଲୁ। ତେବେ ବ୍ୟାଟର ହୁଅନ୍ତୁ କି ବୋଲର ସଭିଙ୍କୁ ସେମାନଙ୍କ ଭୂମିକା ଜଣାଥିଲା। ମାତ୍ର ୨୦୦୭ ଟି୨୦ ବିଶ୍ୱକପ ବିଜୟ ଭାରତୀୟ କ୍ରିକେଟର ଛବି ବଦଳାଇ ଦେଇଥିଲା। ଭାରତର ୧୯୮୩ ବିଶ୍ୱକପ ସଫଳତା କ୍ରିକେଟକୁ ଦେଖିବାରେ ଲୋକଙ୍କର ଦୃଷ୍ଟିଭଙ୍ଗି ବଦଳାଇଥିଲା। ୨୦୦୭ରେ ଆମେ ପରବର୍ତ୍ତୀ ପିଢ଼ି ପାଇଁ ନୂଆ ବେଞ୍ଚମାର୍କ ସ୍ଥାପନ କରିଥିଲୁ। ଆମେ ଯୁବପିଢ଼ିଙ୍କୁ କ୍ରିକେଟ ଖେଳିବାକୁ ମୋଟିଭେଟ କରିଥିଲୁ।

ଓଡ଼ିଶାରେ ଏକ ଦଳ ଗଠନ କରିବା ଓ ଏହି ଦିନକୁ ଅପେକ୍ଷା କରିଥିବା ପ୍ରଶଂସକଙ୍କୁ ଉତ୍ସାହିତ କରିବା ପାଇଁ ୟୁସୁଫ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଦଳର ମ୍ୟାନେଜମେଣ୍ଟକୁ ପ୍ରଶଂସା କରିଛନ୍ତି। କୋଣାର୍କ ସୂର୍ଯ୍ୟସ ଓଡ଼ିଶା ମ୍ୟାନେଜମେଣ୍ଟ ଓଡ଼ିଶାରୁ ଏକ ଜାତୀୟ ସ୍ତରୀୟ ଦଳ ଗଠନ କରିବା ପ୍ରଶଂସନୀୟ ପଦକ୍ଷେପ। ଏହା ରାଜ୍ୟର ଯୁବ ଖେଳାଳିଙ୍କୁ ଉତ୍ସାହିତ କରିବ ଏବଂ ସେମାନେ ଅନେକ କିଛି ମଧ୍ୟ ଶିଖିବେ। ମୁଁ ଏହି ଦଳର ଅଂଶ ହୋଇଥିବାରୁ ବହୁତ ଖୁସି। ଆମେ ପ୍ରତ୍ୟେକ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରୁଛୁ ବୋଲି ୟୁସୁଫ କହିଛନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ